## ଗୁଜରାଟରେ ଅନର କିଲିଂ: ପ୍ରେମୀଯୁଗଳଙ୍କୁ ହତ୍ୟା

ଗୁଜରାଟର କଚ୍ଛ ଜିଲାରେ ପ୍ରେମୀଯୁଗଳଙ୍କ ରହସ୍ୟମୟ ଅନ୍ତର୍ଦ୍ଧାନର ପର୍ଦାଫାଶ ହୋଇଛି। ସେମାନଙ୍କ ବିବାହକୁ ବିରୋଧ କରୁଥିବା ୧୯ ବର୍ଷୀୟା ପ୍ରେମିକାଙ୍କ ବାପା ଉଭୟଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ପୋଲିସ ନବୀନ ରାବରି(୨୪) ଏବଂ ନାତି ଓରଫ୍ ସୋନୁ ରାବରିଙ୍କ ମୃତଦେହ ଏକ କୂଅରୁ ଠାବ କରିଥିଲା। ଗତ ଫେବୃଆରୀ ୩ରୁ ସେମାନେ ନିଖୋଜ ଥିଲେ। ପୋଲିସ ସୋନୁଙ୍କ ବାପା ଭାଙ୍କା ଓରଫ ରାଜା ରାବରି ଏବଂ ତାଙ୍କ ପୁତୁରା ସୋମାଙ୍କୁ ଗିରଫ କରିଥିବାବେଳେ ମା'ଙ୍କ ବିରୋଧରେ ମଧ ମାମଲା ରୁଜୁ ହୋଇଛି।



ଆମେରିକା-ଇସ୍ରାଏଲ୍‌ର ମିଳିତ ଆକ୍ରମଣରେ ବିଧ୍ୱସ୍ତ ତେହରାନ୍‌ର ଏକ କୋଠା ଭଗ୍ନାବଶେଷରେ ରବିବାର ସଫେଇ କରାଯାଉଛି।

# ଆଜି ୩୭ ରାଜ୍ୟ ସଭା ଆସନ ପାଇଁ ଭୋଟ

ନୂଆଦିଲ୍ଲୀ,୧୫।୩

୧୦ ରାଜ୍ୟରେ ଖାଲି ହେବାକୁ ଥିବା ୩୭ ରାଜ୍ୟ ସଭା ଆସନ ପାଇଁ ସୋମବାର ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଅପରାହ୍ନ ୫ଟାରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ମହାରାଷ୍ଟ୍ର, ଓଡ଼ିଶା, ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ, ବିହାର, ଛତିଶଗଡ଼, ହରିୟାଣା, ହିମାଚଳପ୍ରଦେଶ ଓ ତେଲଙ୍ଗାନାରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବା ୩୭ ସଦସ୍ୟଙ୍କ କାର୍ଯ୍ୟକାଳ ଏପ୍ରିଲରେ ଶେଷ ହେବାକୁ ଥିବାରୁ ମାର୍ଚ୍ଚ ୧୬ରେ ଉକ୍ତ ଆସନଗୁଡ଼ିକ ପାଇଁ ନିର୍ବାଚନ କରିବାକୁ ଗତ ମାସରେ ନିର୍ବାଚନ କମିଶନ ଘୋଷଣା କରିଥିଲେ। ତଦନୁଯାୟୀ ସୋମବାର ମହାରାଷ୍ଟ୍ରର ୭ ଆସନ, ତାମିଲନାଡୁର ୬, ବିହାର ଏବଂ ପଶ୍ଚିମବଙ୍ଗର ୫ଟି ଲେଖାଏ, ଓଡ଼ିଶାର ୪, ଆସାମର ୩, ତେଲଙ୍ଗାନା, ଛତିଶଗଡ଼ ଓ ହରିୟାଣାର ୨ଟି ଲେଖାଏ ଏବଂ ହିମାଚଳପ୍ରଦେଶର ଗୋଟିଏ ଆସନ ପାଇଁ ସମ୍ପୃକ୍ତ ରାଜ୍ୟ ବିଧାନସଭାରେ ଭୋଟଗ୍ରହଣ ହେବ।

ବାଲଟ୍ ପେପରରେ ମନୋନୀତ ପ୍ରାର୍ଥୀଙ୍କୁ ଚିହ୍ନଟ କରିବା ପାଇଁ ବିଧାୟକମାନେ କେବଳ ପୂର୍ବ ନିର୍ଦ୍ଧାରିତ ନିର୍ଦ୍ଦିଷ୍ଟ ଭାଓଲେଟ୍ ରଙ୍ଗର ସ୍କେଚ୍ ପେନ୍ ବ୍ୟବହାର କରିବେ। ରିଟର୍ନିଂ ଅଫିସର ଏହି ପେନ୍ ଯୋଗାଇଦେବେ। ଏହା ବ୍ୟତୀତ ଅନ୍ୟ କୌଣସି କଲମ ବ୍ୟବହାର କରାଯିବ ନାହିଁ। ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ରହି ଭୋଟ ପ୍ରକ୍ରିୟା ଉପରେ ନଜର ରଖିବେ। ଏପ୍ରିଲରେ କାର୍ଯ୍ୟକାଳ ଶେଷ ହେଉଥିବା ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ରାମନାଥ ଠାକୁର, ରାମଦାସ ଅଠାୱାଲେ, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ଏନ୍‌ସିପି(ଏସ୍‌ପି) ନେତା ଶରଦ ପାୱାର, ଆର୍‌ଏଲ୍‌ଏମ୍ ନେତା ଉପେନ୍ଦ୍ର କୁଶୱାହା, କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି, ଏଆଇଏଡିଏମ୍‌କେ ନେତା ଏମ୍. ଥାମ୍ବିଦୁରାଇ ଏବଂ ଡିଏମ୍‌କେ ନେତା ତିରୁଚି ଶିବା ପ୍ରମୁଖ।

## ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣ: ୨ ଶିଶୁ ମୃତ, ୭ ଆହତ

ଚେନ୍ନାଇ,୧୫।୩

ଚେନ୍ନାଇର ନାଭାଲୁର ଅଞ୍ଚଳରେ ରବିବାର ସକାଳେ ଏକ ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣ ହେବାରୁ ୨ ଶିଶୁଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ୩ ବର୍ଷୀୟ କ୍ରିଥିକା ଏବଂ ବର୍ଷକର ଶିଶୁ ଥୀରନ୍। ଏଲ୍‌ପିଜି ନ ମିଳିବା ଆଶଙ୍କାରେ ଜଣେ ପଡ଼ୋଶୀ ତାଙ୍କ ଘରେ ୩ଟି ସିଲିଣ୍ଡର ଗଚ୍ଛିତ ରଖିଥଲେ। ସେଥିରୁ ଗୋଟିଏ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ଯୋଗୁ ବିସ୍ଫୋରଣ ଘଟିଥିବା କୁହାଯାଉଛି। ବିସ୍ଫୋରଣରେ ବିଲ୍ଡିଂର ୩ଭାଗ କ୍ଷତିଗ୍ରସ୍ତ ହୋଇଛି। ବିଲ୍ଡିଂରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି, ୭ ବର୍ଷର ପିଲା ସମେତ ଏକ ୩ ଜଣିଆ ପରିବାର ଏବଂ ୨ ଶିଶୁ ଥିବା ଏକ ୫ ଜଣିଆ ପରିବାର ରହୁଥିଲେ। ଆହତମାନଙ୍କୁ ଚେଙ୍ଗାଲପଟ୍ଟୁ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ନେତାନ୍ୟାହୁଙ୍କୁ ହତ୍ୟା ଆଇଆର୍‌ଜିସିର ଲକ୍ଷ୍ୟ

ତେହରାନ୍,୧୫।୩

ଇରାନ୍-ଆମେରିକା ଯୁଦ୍ଧ ରବିବାର ୧୬ ଦିନ ଅତିକ୍ରମ କରିଥିଲାବେଳେ ଆମେରିକାର ବିଭିନ୍ନ ଠିକଣା ସମେତ ଇସ୍ରାଏଲ ଉପରେ ଇରାନ୍‌ର ଆକ୍ରମଣ ଜାରି ରହିଛି। ଏହାମଧ୍ୟରେ ଇରାନ୍‌ର ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଟାର୍ଗେଟ କରି ଆକ୍ରମଣକୁ ଆହୁରି ଜୋର୍‌ଦାର କରିଛି। କିଛି ଦିନ ହେଲା ନେତାନ୍ୟାହୁ ସାମ୍ନାକୁ ଆସୁ ନ ଥିବାରୁ ତାଙ୍କର ଅବସ୍ଥିତିକୁ ନେଇ ସୋସିଆଲ ମିଡିଆରେ ପ୍ରଶ୍ନ ଉଠିଥିଲା। ଗତ ଶୁକ୍ରବାର ନେତାନ୍ୟାହୁ ଯୁଦ୍ଧ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିବା ପରେ ଆଉ ସାମ୍ନାକୁ ଆସି ନ ଥିଲେ। ଏହାକୁ ନେଇ ତାଙ୍କ ଅବସ୍ଥିତି ସମ୍ପର୍କରେ ସୋସିଆଲ ମିଡିଆରେ ନାନା ଖବର ପ୍ରଚାରିତ ହୋଇଥିଲା। ଏପରିକି ଇରାନ୍ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇସାରିଥିବା ମଧ୍ୟ କୁହାଯାଇଥିଲା। ହେଲେ ଏଭଳି ଖବରକୁ ଇସ୍ରାଏଲ ଖଣ୍ଡନ କରିବା ପରେ ଆଇଆର୍‌ଜିସି ନେତାନ୍ୟାହୁଙ୍କୁ ହତ୍ୟା କରିବାକୁ ପଣ କରିଛି। ଇରାନ୍‌ରେ ଅନେକ ଶହ ଶିଶୁଙ୍କୁ ହତ୍ୟା କରିଥିବା ନେତାନ୍ୟାହୁଙ୍କୁ ଯେକୌଣସିମତେ ହତ୍ୟା କରାଯିବ ବୋଲି ରବିବାର ଆଇଆର୍‌ଜିସି କହିଛି। ସେ ଯେଉଁଠି ବି ଥାଆନ୍ତୁ , ତାଙ୍କୁ ହତ୍ୟା କରିବାକୁ ଆଇଆର୍‌ଜିସି ସଙ୍କଳ୍ପବଦ୍ଧ ବୋଲି ଏହାର ଜଣେ ବରିଷ୍ଠ ଅଧିକାରୀ ଦୃଢ଼ୋକ୍ତି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହାମଧ୍ୟରେ ଇରାନ୍ ଉପସାଗରୀୟ ଦେଶଗୁଡିକରେ ରହିଥିବା ଆମେରିକାର ସାମରିକ ଘାଟି ଉପରେ ପୂର୍ବ ତୁଳନାରେ ଆକ୍ରମଣକୁ ଆହୁରି ଜୋର୍‌ଦାର କରିବା ସହ ଇସ୍ରାଏଲ ଉପରେ ମଧ୍ୟ ଆକ୍ରମଣକୁ ତୀବ୍ର କରିଛି। ଏପରିକି ନୂଆ ଏବଂ ଅଧିକ ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରୟୋଗ କରାଯାଉଥିବା କୁହାଯାଇଛି।



ବେଞ୍ଜାମିନ୍ ନେତାନ୍ୟାହୁ

ଇରାନ୍ ସେନା ବହୁମୁଖୀ ଲଢ଼େଇ କରିବା ସହିତ ବୈଶ୍ୱିକ ଅର୍ଥନୈତିକ ଧାରାକୁ ବଦଳାଇ ଆମେରିକା ଉପରେ ଚାପ ପକାଇବା ଲାଗି ଯେଉଁ ରଣନୀତି ଆପଣେଇଛି, ତାହା ମଧ୍ୟ ଚିନ୍ତାଜନକ ହୋଇପଡ଼ିଛି। ବିଶେଷକରି ହର୍ମୁଜ୍ ଷ୍ଟ୍ରେଟ୍‌କୁ ଅବରୋଧ କରି ତୈଳ ଯୋଗାଣ ଶୃଙ୍ଖଳ ବ୍ୟାହତ କରିବା ଏବଂ ସାଉଦି ଆରବ, ୟୁଏଇ, କାତାର,କୁଏଟ୍ ଏବଂ ବାହାରିନ୍‌ଭଳି ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶଗୁଡିକ ଉପରେ ଘନ ଘନ ଆକ୍ରମଣ ମଧ୍ୟପ୍ରାଚ୍ୟ ସ୍ଥିତିକୁ ଗମ୍ଭୀର କରିବାରେ ଲାଗିଛି। ସବୁଠୁ ବଡ଼ କଥା ହେଲା, ଇରାନ୍ ଏବେ କୌଣସି ବୁଝାମଣା କରିବାକୁ ପ୍ରସ୍ତୁତ ନାହିଁ। ବର୍ତ୍ତମାନ ସ୍ଥିତିରେ ଇରାନ୍ ବୁଝାମଣା କରିବାକୁ ଚାହୁଁଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପରୋକ୍ଷରେ ଇଙ୍ଗିତ କରିଥିଲେ ହେଁ, ଇରାନ୍ ଏହାକୁ ଅସ୍ୱୀକାର କରିଛି।

## ସୁରକ୍ଷା ପରିଷଦ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଲେ ଗୁଟେରସ୍

ନ୍ୟୁୟର୍କ,୧୫।୩

ଇରାନ୍-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ସୁରକ୍ଷା ପରିଷଦର ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସାମ୍ପ୍ରତିକ ସ୍ଥିତିରେ ବୈଶ୍ୱିକ ଗତି ଧାରା ଯେଭଳି ରହିଛି,ତାହା ବିଚାରକୁ ନେଲେ ଜାତିସଂଘ ସୁରକ୍ଷା ପରିଷଦର କିଛି କର୍ତ୍ତୃତ୍ୱ ନାହିଁ। ଦେଶ ମଧ୍ୟରେ ଲାଗୁଥିବା ବିବାଦର ସମାଧାନ ପାଇଁ କିଛି କରାଯାଇପାରୁ ନ ଥିଲାବେଳେ ସୁରକ୍ଷା ପରିଷଦ ସଦସ୍ୟଙ୍କ ଭିଟୋ କ୍ଷମତା ଏଥିପାଇଁ କାଳ ହେଉଛି। ସୁରକ୍ଷା ପରିଷଦର ଏହି ସମସ୍ୟା ସମ୍ପର୍କରେ ତର୍ଜମା କରିବାକୁ ପଡ଼ିବ ବୋଲି ଗୁଟେରସ୍ କହିଛନ୍ତି। ବେରୁଟ୍‌ରେ ଏକ ସାମ୍ବାଦିକ ସମ୍ମିଳନୀରେ ଗୁଟେରସ୍ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦର କ୍ଷମତାକୁ ନେଇ ଯେଉଁ ସମସ୍ୟା ରହିଛି ତାହା ଆମକୁ ବୁଝିବାକୁ ପଡ଼ିବ। ୧୯୪୫ ପରେ ଜାତିସଂଘ ସୁରକ୍ଷା ପରିଷଦର ସ୍ଥିତି ଯେଭଳି ରହିଥିଲା ତାହା ଏବେ ନାହିଁ। ଏସିଆ ମହାଦେଶରୁ ସୁରକ୍ଷା ପରିଷଦରେ ଜଣେ ସଦସ୍ୟ ରହିଥିଲାବେଳେ ଆଫ୍ରିକା ଏବଂ ଲାଟିନ୍ ଆମେରିକାରୁ ଜଣେ ବି ସଦସ୍ୟ ନାହାନ୍ତି। ଭାରତକୁ ସ୍ଥାୟୀ ସଦସ୍ୟତା ମିଳିବା ଦିଗରେ ଦାବି ଉଠିଥିଲେ ହେଁ ଏହା ହୋଇପାରି ନାହିଁ ବୋଲି ଗୁଟେରସ୍ କହିଛନ୍ତି।

## ଇରାନ୍ ପ୍ରୟୋଗକଲା 'ଡ୍ୟାନ୍ସିଂ ସେଜିଲ୍-୨' ମିଶାଇଲ

ତେହରାନ୍ ,୧୫।୩

ଆମେରିକା-ଇସ୍ରାଏଲ ବିରୋଧରେ ଇରାନ୍ ଆକ୍ରମଣ ଜୋର୍‌ଦାର କରିବା ସହ ରବିବାର ଅତ୍ୟାଧୁନିକ କ୍ଷେପଣାସ୍ତ୍ର ପ୍ରୟୋଗ କରିଛି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବାପରେ ପ୍ରଥମଥର ଲାଗି ଇରାନ୍ ସେଜିଲ୍-୨ ବାଲିଷ୍ଟିକ୍ ମିଶାଇଲ୍ ଛାଡ଼ିଛି। ଏକ ଅତ୍ୟାଧୁନିକ ଏବଂ ଦୂରଗାମୀ କ୍ଷେପଣାସ୍ତ୍ର ଭାବେ ଡ୍ୟାନ୍ସିଂ ମିଶାଇଲ ପରିଚିତ। କଠିନ ଇନ୍ଧନ ଦ୍ୱାରା ଗତିଶୀଳ ଏହି କ୍ଷେପଣାସ୍ତ୍ର ଆକାଶମାର୍ଗରେ ଦୁଇଟି ପର୍ଯ୍ୟାୟରେ ଘୂର୍ଣ୍ଣନ କରିବା କ୍ଷମତା ରଖିଥିବାରୁ ଏହାକୁ ଡ୍ୟାନ୍ସିଂ ମିଶାଇଲ କୁହାଯାଏ। ୧୮ ମିଟର ଲମ୍ବ ଏବଂ ୧.୨୫ ମିଟର ଚଉଡ଼ା ବିଶିଷ୍ଟ କ୍ଷେପଣାସ୍ତ୍ରର ଓଜନ ୨୩,୬୦୦ କେ.ଜି.। ଏହା ପ୍ରାୟ ୭୦୦ କିଲୋ ଓଜନର ଯୁଦ୍ଧାସ୍ତ୍ର ବହନ କରି ୨୦୦୦ କି.ମି. ଦୂର ଗତି କରିପାରିବ। ଆଇରନ୍ ଡ୍ରୋମ୍‌କୁ ଭେଦ କରିବା କ୍ଷମତା ଏହାର ରହିଛି।

## କାନାଡାରେ ପଞ୍ଜାବୀ ଡ୍ରାଇଭରଙ୍କୁ ହତ୍ୟା

ବଠିଣ୍ଡା,୧୫।୩

କାନାଡାର ନର୍ଥ ବ୍ୟାଟେଲ୍‌ଫୋର୍ଡରେ ଜଣେ ୩୦ ବର୍ଷୀୟ ପଞ୍ଜାବୀ କ୍ୟାବ୍ ଡ୍ରାଇଭରଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଦେବିନ୍ଦର ସିଂ ନାମକ ଉକ୍ତ ଡ୍ରାଇଭର ଶୁକ୍ରବାର ଏକ ମୋଟେଲରୁ ଜଣେ ମହିଳା ଯାତ୍ରୀଙ୍କୁ ଆଣିବାକୁ ଯାଇଥିଲେ। ଉକ୍ତ ମହିଳାଙ୍କୁ ଅନୁସରଣ କରୁଥିବା ଜଣେ ବ୍ୟକ୍ତି ଗୁଳି ଚଳାଇବାରୁ ଦେବିନ୍ଦରଙ୍କ ମୃତ୍ୟୁ ଘଟିଥିଲା ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଦେବିନ୍ଦରଙ୍କ ଘର ପଞ୍ଜାବ ମୋଗା ଜିଲାର ଦୌଲତପୁରା ନୀୱାନ ଅଞ୍ଚଳରେ। ସେ ୪ ବର୍ଷ ପୂର୍ବେ କାନାଡା ଯାଇ ତାଙ୍କ ସ୍ତ୍ରୀଙ୍କ ସହ ରହିବା ସହ ଏକ ସ୍ଥାନୀୟ ଟ୍ୟାକ୍ସି କମ୍ପାନୀରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସ୍ତ୍ରୀଙ୍କ ସହ ସେ ସେଠାରେ ଏକ କାଫେ ମଧ୍ୟ ଚଳାଉଥିଲେ। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ରାତିସାରା ଘରେ ଷ୍ଟାର୍ଟରେ ଥିଲା ବାଇକ୍ ଧୂଆଁରେ ପରିବାରର ୪ ମୃତ

ଅମରାବତୀ,୧୫।୩

ଆନ୍ଧ୍ରପ୍ରଦେଶର ଆନ୍ନାମୟା ଜିଲା ଅନ୍ତର୍ଗତ ପୁଙ୍ଗାନୁର ସହରରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ରାତିସାରା ଘରେ ବାଇକ୍ ଷ୍ଟାର୍ଟରେ ଥିବାରୁ ପ୍ରଶ୍ୱାସରେ ଧୂଆଁ ଓ କାର୍ବନ ମନୋକ୍ସାଇଡ୍ ନେଇ ଗୋଟିଏ ପରିବାରର ୪ ଜଣ ସଦସ୍ୟ ଶୋଇଥିବା ଅବସ୍ଥାରେ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଜେଜେବାପା, ତାଙ୍କ ୨ ନାତୁଣୀ ଓ ଜଣେ ନାତି ଅଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସେଲୁନ୍ ଚଳାଉଥିବା ମୁରଲୀ ଶନିବାର ତାଙ୍କ ବାଇକ୍‌କୁ ଜଣେ ମେକାନିକ୍ ପାଖରେ ସର୍ଭିସ୍ କରାଇଥିଲେ। ଇଞ୍ଜିନ୍‌ରେ ସମସ୍ୟା ଥିବାରୁ ମେକାନିକ୍ ବୋର୍ ପିଷ୍ଟନ୍ ବଦଳାଇଥିଲେ ଓ ରାତିସାରା ଇଞ୍ଜିନ୍‌କୁ ଚଳାଇ ରଖିବାକୁ ମୁରଲୀଙ୍କୁ ପରାମର୍ଶ ଦେଇଥିଲେ। ମୁରଲୀ ଘର ଭିତରେ ବାଇକ୍‌କୁ ଷ୍ଟାର୍ଟରେ ରଖିବା ସହ କବାଟ ଓ ସବୁ ଝରକା ବନ୍ଦ କରିଦେଇଥିଲେ। ସେ ଓ ତାଙ୍କ ସ୍ତ୍ରୀ ରେବତୀ ଛାତ ଉପରକୁ ଶୋଇବାକୁ ଯାଇଥିବାବେଳେ ଘର ଭିତରେ ତାଙ୍କ ବାପା ରାମଚନ୍ଦ୍ରିଆ, ପୁଅ କାର୍ତ୍ତିକ ଓ ଯାଆଁଳା ଝିଅ ଚରିତା ଓ ଚନ୍ଦନା ଶୋଇଥିଲେ। ଘର ଭିତରେ ଧୂଆଁ ଭରିଯିବାରୁ ରାମଚନ୍ଦ୍ରିଆ(୭୦)ଙ୍କ ସମେତ ୪ ଜଣ ପ୍ରାଣ ହରାଇଥିଲେ।

# ଆରାବଳୀ ସଂଜ୍ଞା ନିର୍ଦ୍ଧାରଣ ପାଇଁ ୧୦ ଜଣିଆ ବିଶେଷଜ୍ଞ କମିଟି

ନୂଆଦିଲ୍ଲୀ,୧୫।୩(ପି.ଟି.)

ଆରାବଳୀ ପର୍ବତମାଳାର ସାର୍ବଜନିକ ସଂଜ୍ଞା ନିର୍ଦ୍ଧାରଣ ପାଇଁ ୧୦ ଜଣିଆ ଉଚ୍ଚ କ୍ଷମତାସମ୍ପନ୍ନ ବିଶେଷଜ୍ଞ କମିଟି ଗଠନ ନିମନ୍ତେ କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି ଦେଇଥିବା ପ୍ରସ୍ତାବ ଉପରେ କୌଣସି ଆପତ୍ତି ନାହିଁ ବୋଲି କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସୁପ୍ରିମକୋର୍ଟଙ୍କୁ ଜଣାଇଛି। ଉକ୍ତ କମିଟି ପାଇଁ ପ୍ରସ୍ତାବିତ ନାମକୁ ପରିବେଶ ମନ୍ତ୍ରଣାଳୟ ସମର୍ଥନ କରୁଥିବା ସର୍ବୋଚ୍ଚ ଅଦାଲତଙ୍କୁ ସତ୍ୟପାଠ ଜରିଆରେ ଜଣାଇଛି। କମିଟିରେ ଭାରତର ବନ ସେବା, ଭୂତାତ୍ତ୍ୱିକ ସର୍ବେକ୍ଷଣ ଏବଂ ସର୍ଭେ ଅଫ୍ ଇଣ୍ଡିଆର କାର୍ଯ୍ୟରତ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଏବଂ ଶିକ୍ଷାବିତ୍‌ଙ୍କୁ ନିଆଯିବ। କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି ପ୍ରସ୍ତାବିତ ଉକ୍ତ ନାମ ବ୍ୟତୀତ ଅନ୍ୟ କାହା ନାମକୁ ସାମିଲ କରାଯାଇ ନ ଥିବା ମନ୍ତ୍ରଣାଳୟ କହିଛି। ଭାରତୀୟ ବନ ଗବେଷଣା ଓ ଶିକ୍ଷା ପରିଷଦର ବର୍ତ୍ତମାନର ମହାସଚିବ କାଞ୍ଚନ ଦେବୀଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯିବ। ଆରାବଳୀ ପାର୍ବତମାଳାର ବିସ୍ତୃତ ତଥା ବିଶ୍ଳେଷଣାତ୍ମକ ଅନୁଧ୍ୟାନ, ଷ୍ଟେକ୍‌ହୋଲ୍ଡରଙ୍କ ପରାମର୍ଶ ସମେତ ସମସ୍ତ ଦିଗକୁ ବିଶେଷଜ୍ଞମାନେ ବିଚାରକୁ ନେବେ ବୋଲି ସତ୍ୟପାଠରେ କୁହାଯାଇଛି। ୧୯୯୧ ବ୍ୟାଚ୍‌ର ଭାରତୀୟ ବନ ସେବା ମଧ୍ୟପ୍ରଦେଶ କ୍ୟାଡରର ଅଫିସର କାଞ୍ଚନ ଦେବୀଙ୍କର ଜଙ୍ଗଲ ଶିକ୍ଷା ଓ ଗବେଷଣା, ବନ୍ୟପ୍ରାଣୀ ଓ ଜଙ୍ଗଲ ନୀତି ଉପରେ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ଏଫ୍‌ଏସ୍‌ଆଇର ପୂର୍ବତନ ମହାନିର୍ଦ୍ଦେଶକ ସୁଭାଷ ଆଶୁତୋଷ, ଜିଏସ୍‌ଆଇର ପୂର୍ବତନ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ଶର୍ମା, ଜଳବାୟୁ ଓ ଶକ୍ତି ନୀତି ବିଶେଷଜ୍ଞ ତେଜଲ କାନିଟ୍କାର, ବରିଷ୍ଠ ଶିକ୍ଷାବିତ୍ ଜୟପ୍ରକାଶ ଯାଦବ, ବରିଷ୍ଠ ଭୂଗୋଳବିତ୍ ତେଜବୀର ସିଂ ରାଣା, ପୂର୍ବତନ ଅତିରିକ୍ତ ସର୍ଭେୟର ଜେନେରାଲ ଏସ୍.ଭି. ସିଂ, ଗୁଜରାଟର ପୂର୍ବତନ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ସି.ଏନ୍. ପାଣ୍ଡେ ଏବଂ ନାଗାଲାଣ୍ଡର ପୂର୍ବତନ ପିସିସିଏଫ୍ ଧର୍ମେନ୍ଦ୍ର ପ୍ରକାଶ କମିଟିର ସଦସ୍ୟ ଅଛନ୍ତି।



## ସେନା ଗୁଳିରେ ପାକ୍ ଆତଙ୍କବାଦୀ ନିହତ

### ଅନୁପ୍ରବେଶ ଉଦ୍ୟମ ପଣ୍ଡ

ଶ୍ରୀନଗର,୧୫।୩

ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ଅନ୍ତର୍ଗତ ଉରି ସେକ୍ଟର ଦେଇ ଯାଇଥିବା ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ସେନା ଯବାନମାନେ ପଣ୍ଡ କରିଦେଇଛନ୍ତି। ଯବାନଙ୍କ ଗୁଳିରେ ଜଣେ ଆତଙ୍କବାଦୀ ନିହତ ହୋଇଥିବା ରବିବାର ସେନା ପକ୍ଷରୁ କୁହାଯାଇଛି। ଅନୁପ୍ରବେଶ ଉଦ୍ୟମ ସମ୍ପର୍କରେ ଜମ୍ମୁ-କଶ୍ମୀର ପୋଲିସଠାରୁ ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ଗତ ୧୪ ତାରିଖ ବିଳମ୍ବିତ ରାତିରେ ସେନା ଓ ପୋଲିସ ପକ୍ଷରୁ ଉରି ସେକ୍ଟରରେ ମିଳିତ ଅଭିଯାନ ଆରମ୍ଭ ହୋଇଥିଲା। ଅନ୍ଧକାର ମଧ୍ୟରେ ଆତଙ୍କବାଦୀଙ୍କ ଗତିବିଧି ସୁରକ୍ଷା ବଳ ନଜରରେ ପଡ଼ିଥିଲା। ସୁରକ୍ଷ ବଳ ପୂର୍ବ ସ୍ଥାନ ବଦଳାଇ ଆତଙ୍କବାଦୀଙ୍କୁ ଚ୍ୟାଲେଞ୍ଜ ଦେବାରୁ ସେମାନେ ଆଖିବୁଜା ଗୁଳି ଚଳାଇଥିଲେ। ଫଳରେ ଆତଙ୍କବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ଜଣେ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଥିବା ସେନା କହିଛି। ଏନ୍‌କାଉଣ୍ଟର ସ୍ଥଳରୁ ଗୋଟିଏ ଏକେ ରାଇଫଲ, ପିସ୍ତଲ ଏବଂ ବିପୁଳ ପରିମାଣର ଗୁଳିଗୋଳା ଜବତ ହୋଇଛି। ଉକ୍ତ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି। ଆକାଶମାର୍ଗରୁ ଉକ୍ତ ଅଞ୍ଚଳ ଉପରେ ନଜର ରଖିବା ପାଇଁ ସେନା ଡ୍ରୋନ୍ ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରୁଛି।

# ଅସ୍ୱାଭାବିକ ଋତୁ ପରିବର୍ତ୍ତନ ଜୀବଜଗତର ଆଚରଣ ବଦଳାଉଛି

ୱାଶିଂଟନ୍ ,୧୫।୩

ଜଳବାୟୁ ପରିବର୍ତ୍ତନ ଏବେ ବିଶ୍ୱ ସମାଜ ପାଇଁ ସବୁଠୁ ଚିନ୍ତାଜନକ ହୋଇପଡ଼ିଛି। ଜଳବାୟୁ ପରିବର୍ତ୍ତନର ଦୀର୍ଘସୂତ୍ରୀ ପ୍ରଭାବ ମାନବ ସମାଜ ପାଇଁ କେତେ ଅନିଷ୍ଟକର, ତାହା ସମସ୍ତେ ହୃଦୟଙ୍ଗମ କରୁଥିଲେ ହେଁ ବାସ୍ତବ ଭାବେ ପ୍ରକୃତି ଓ ପରିବେଶର ସନ୍ତୁଳନ ରକ୍ଷା କରିବା ଦିଗରେ ଖୁବ୍ କମ୍ କାର୍ଯ୍ୟ କରାଯାଉଛି। ଅସନ୍ତୁଳିତ ପରିବେଶ ଏବଂ ଅସମୟରେ ଋତୁ ପରିବର୍ତ୍ତନ କେବଳ ମାନବସମାଜ ପାଇଁ ନୁହେଁ, ବୃକ୍ଷ ଏବଂ ଉଦ୍ଭିଦ ଜଗତ ପାଇଁ ମଧ୍ୟ ପ୍ରତିକୂଳ ସ୍ଥିତି ଉତ୍ପନ୍ନ କରୁଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଭାରତରେ ଶୀତଋତୁର ଶେଷଭାଗ ଏବଂ ବସନ୍ତର ପ୍ରାରମ୍ଭରେ ଅସ୍ୱାଭାବିକ ଗରମ ପଡ଼ିବା ହେତୁ ଏହା ପ୍ରାଣୀ ଏବଂ ଉଦ୍ଭିଦ ଜଗତର ଆଚରଣଗତ ଢାଞ୍ଚାରେ ପରିବର୍ତ୍ତନ ଆଣୁଛି ବୋଲି ଏ ସମ୍ପର୍କରେ ଗବେଷଣା ଜାରି ରଖିଥିବା ବୈଜ୍ଞାନିକମାନେ କହିଛନ୍ତି। ବିଶ୍ୱସ୍ତରରେ ଚଳିତ ବର୍ଷ ଫେବୃଆରୀ ମାସରେ ସର୍ବାଧିକ ଗରମ ଅନୁଭୂତ ହେବା ସହ ପଞ୍ଚମଥର ପାଇଁ ଏହି ମାସକୁ ସର୍ବାଧିକ ଗ୍ରୀଷ୍ମ ମାସ ଭାବେ ରେକର୍ଡ କରାଯାଇଥିଲା। ଫେବୃଆରୀ ଏବଂ ମାର୍ଚ୍ଚ ମାସର ପ୍ରାରମ୍ଭରେ ଦେଶର ବିଭିନ୍ନ ଭାଗରେ ଅସ୍ୱାଭାବିକ ଗରମ ଅନୁଭୂତ ହୋଇଥିବା ରେକର୍ଡ କରାଯାଇଥିଲା। ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ମାର୍ଚ୍ଚ ପ୍ରାରମ୍ଭରେ ଯେଭଳି ଗରମ ରେକର୍ଡ କରାଯାଇଥିଲା ତାହା ଗତ ୫୦ ବର୍ଷ ମଧ୍ୟରେ ସର୍ବାଧିକ। ଅନ୍ୟପକ୍ଷରେ ଏହି ସମୟରେ ହିମାଳୟ ଅଞ୍ଚଳରେ ଯେଭଳି ଶୀତ ଲହରି ଦେଖାଯିବା କଥା ତାହା ଅନୁଭୂତ ହୋଇ ନ ଥିଲା। ଏଭଳି ସ୍ଥିତି ବନ୍ୟପ୍ରାଣୀ ଏବଂ ଉଦ୍ଭିଦ ଜଗତ ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିବା ସହିତ ସେମାନେ ଅତ୍ୟନ୍ତ କଠୋର ସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ଏହାଦ୍ୱାରା ସେମାନଙ୍କ ଆଚରଣଗତ ଢାଞ୍ଚାରେ ଯଥେଷ୍ଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିବା ବୈଜ୍ଞାନିକମାନେ କହିଛନ୍ତି। ଏହି ସମୟରେ ବିଭିନ୍ନ ସ୍ଥାନରେ ସ୍ୱାଭାବିକଠାରୁ ୫ରୁ ୧୨ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଥିବାରୁ ଫୁଲ ଫୁଟିବା, ପ୍ରଜନନ ଏବଂ ପ୍ରବାସନର ପ୍ରାକୃତିକ ଧାରାକୁ ପ୍ରଭାବିତ କରିଛି। ଅସମୟରେ ଋତୁ ପରିବର୍ତ୍ତନର ପ୍ରଭାବକୁ ନେଇ ଗବେଷକମାନେ କଶ୍ମୀର ଉପତ୍ୟକାରେ ଉଦ୍ଭିଦ ଜଗତରେ ଦେଖାଯାଇଥିବା ପରିବର୍ତ୍ତନକୁ ସାମ୍ନାକୁ ଆଣିଛନ୍ତି। ଫେବୃଆରୀରେ କଶ୍ମୀର ଉପତ୍ୟକାର ତାପମାତ୍ରା ଯେତିକି ଅଧିକ ରହିଥିଲା ତାହା ୩୫ ବର୍ଷର ରେକର୍ଡ ଅତିକ୍ରମ କରିଛି। ଏହାଦ୍ୱାରା ଏହି ଅଞ୍ଚଳର ପ୍ରାୟ ୨୦୦ ପ୍ରଜାତିର ଫୁଲ ଆଗରୁ ଫୁଟିଥିଲା। ମହୁମାଛିଙ୍କଠାରୁ ଆରମ୍ଭ କରି ଅନ୍ୟ ପରାଗ ସଙ୍ଗମ ଏହି ସମୟରେ ସକ୍ରିୟ ନ ଥିବାରୁ ପରିବେଶ ସନ୍ତୁଳନ ବ୍ୟାହତ ହେବା ସହିତ ମହୁମାଛିଙ୍କ ବଂଶ ବୃଦ୍ଧି ପାଇଁ ପ୍ରତିକୂଳ ସ୍ଥିତି ସୃଷ୍ଟି ହୋଇଛି। ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଭିନ୍ନ ପ୍ରଜାତିର ପକ୍ଷୀ ଅଣ୍ଡା ଦେଇଥାଆନ୍ତି। କିନ୍ତୁ ଅସମୟରେ ଋତୁ ପରିବର୍ତ୍ତନ ସେମାନଙ୍କ ସ୍ୱାଭାବିକ ପ୍ରକ୍ରିୟାରେ ପରିବର୍ତ୍ତନ ଆଣିଛି।



# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୬/୨୦୨୬ | Bhubaneswar, Monday, March 16/2026 | ପୃଷ୍ଠା-୧




## ଆଣ୍ଟୋନେଲିଙ୍କ ପ୍ରଥମ ଫର୍ମୁଲା ୱାନ୍ ବିଜୟ

ଚାଇନିଜ୍ ଗ୍ରାଁ ପ୍ରିରେ ତାଙ୍କର ପ୍ରଥମ ଫର୍ମୁଲା ୱାନ୍ ରେସ୍ ଜିତିଛନ୍ତି ମର୍ସିଡିଜ୍ ଟିମ୍‌ର ଇଟାଲିଆନ୍ ଡ୍ରାଇଭର କିମି ଆଣ୍ଟୋନେଲି।

୧୨

୦୨

## ୟୋ ୟୋ ହନି ସିଂଙ୍କ ସଙ୍ଗୀତ କାର୍ଯ୍ୟକ୍ରମରେ ଗଣ୍ଡଗୋଳ

ରାପର ୟୋ ୟୋ ହନି ସିଂ ଶନିବାର ଦିଲ୍ଲୀରେ ସଙ୍ଗୀତ ପରିବେଷଣ କରୁଥିବାବେଳେ ଦର୍ଶକଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ହୋଇଥିଲା।






# ଦିଲ୍ଲୀ ଘର ଠିକଣା

**ଭୁବନେଶ୍ୱର, ୧୫।୩ (ସୁନିତ୍ ମିଶ୍ର)**

ରାଜ୍ୟ ସଭା ନିର୍ବାଚନ ଲାଗି ସବୁ ଦଳ ନିଜ ବିଧାୟକମାନଙ୍କୁ ଗୋଠକରି ରଖିବାକୁ ସମସ୍ତ ଉଦ୍ୟମ ଚଳାଇଛନ୍ତି। ମାତ୍ର ବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସର କେତେଜଣ ବିଧାୟକ ସେମାନଙ୍କ ଗୋଠରେ ନ ରହି ଗତ ୩ ଦିନ ହେଲା ଦେଖାଦେଉ ନ ଥିବା ଜଣାପଡ଼ିଛି। ଉଭୟ ବିଜେଡି ଏବଂ କଂଗ୍ରେସ ପକ୍ଷରୁ ଏହି ଅଭିଯୋଗ କରାଯାଇଛି। ତେବେ ବିଜେଡି ପ୍ରାର୍ଥୀ ହୋଇଥିବା ସନ୍ତୃପ୍ତ ମିଶ୍ର ଏବଂ ମିଳିତ ବିରୋଧୀ ଦଳ ସମର୍ଥନରେ କମନ୍ ପ୍ରାର୍ଥୀ ହୋଇଥିବା ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଦଳର ସବୁ ବିଧାୟକ କିପରି ଭୋଟ ଦେବେ ସେଥିନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ଦଳ ଉପରେ ଅସନ୍ତୁଷ୍ଟ ଥିବା ସମସ୍ତଙ୍କୁ ବୁଝାଇବା ପାଇଁ ବିଜେଡି ପକ୍ଷରୁ ଚେଷ୍ଟା ଚାଲିଛି। ଗତ ୨ ଦିନ ତଳେ ବିଜେଡିର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ବୁଝାଇବା ପାଇଁ ୧୪ ଜଣ ବିଧାୟକ ତାଙ୍କ ଘରକୁ ଯାଇଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଭାତଙ୍କ ପୁତ୍ର ସୌଭିକ ବିଶ୍ୱାଳ ଏବେ କଟକ-ଚୌଦ୍ୱାର ଆସନରୁ ବିଜେଡି ବିଧାୟକ ଅଛନ୍ତି। ଯେଉଁମାନେ ପ୍ରଭାତଙ୍କୁ ବୁଝାଇବା ଲାଗି କଟକ ଯାଇଥିଲେ, ସେହି ବିଧାୟକମାନଙ୍କୁ ଶନିବାର ନବୀନ ନିବାସ ଡକାଇ ନବୀନ ପଟ୍ଟନାୟକ ପଚାରିଥିଲେ, ପ୍ରଭାତଙ୍କୁ ବୁଝାଇବା ପାଇଁ ଯାଇଥିଲ, ସେଠାରେ କ'ଣ ହେଲା। ବିଧାୟକମାନେ ଉତ୍ତରରେ କହିଥିଲେ, ଦିଲ୍ଲୀରେ ଗୋଟିଏ ଟ୍ରଷ୍ଟ ଖୋଲି ଦଳୀୟ ଟଙ୍କା ହଡ଼ପ କରାଯାଇଥିବା କଥା ପ୍ରଭାତ କହୁଛନ୍ତି। ଏହାପରେ ☞ପୃଷ୍ଠା-୨

# କଂଗ୍ରେସ ବିଧାୟକଙ୍କୁ ଟଙ୍କା ଯାଚି ୨ ଗିରଫ

## ଅପହଞ୍ଚ ରହିଲାନି ବେଙ୍ଗାଲୁରୁ ହୋଟେଲ

**ରାଜ୍ୟ ସଭା ନିର୍ବାଚନ ଏବେ ସବୁଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ୪ର୍ଥ ଆସନକୁ ହାତେଇବା ପାଇଁ ଶାସକ ଏବଂ ବିରୋଧୀ ସମସ୍ତେ ପ୍ରାଣପଣେ ଚେଷ୍ଟା ଚଳାଇଛନ୍ତି। ସୋମବାର ଭୋଟ ହେବା ସହ ସନ୍ଧ୍ୟାରେ ଫଳ ଜଣାପଡ଼ିବ। ତେବେ ଦଳୀୟ ଭୋଟ ଯେପରି ଏପଟ ସେପଟ ନ ହୁଏ, ସେଥିପାଇଁ ସବୁ ଦଳ ରଣନୀତି ଆପଣାଇଛନ୍ତି। କଂଗ୍ରେସ ଘୋଡ଼ାବେପାରରୁ ବର୍ତ୍ତିବା ପାଇଁ ନିଜ ୧୪ ବିଧାୟକଙ୍କ ମଧ୍ୟରୁ ୮ଜଣଙ୍କୁ ନେଇ ବେଙ୍ଗାଲୁରୁର ଏକ ହୋଟେଲରେ ରଖିଥିବାବେଳେ, ସେଠାରେ ସେହି ବିଧାୟକମାନଙ୍କୁ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କ ପକ୍ଷରୁ ୪ଜଣ ବ୍ୟକ୍ତି ୫ କୋଟି ଟଙ୍କା ଲେଖାଏ ଯାଚିଥିବା କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ଲିଖିତ ଅଭିଯୋଗ କରିଛନ୍ତି। ଟଙ୍କା ଯାଚିବା ଅଭିଯୋଗରେ ବିଦାଦି ପୋଲିସ ୪ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଆଉ ୨ ଜଣଙ୍କୁ ପୋଲିସ ଖୋଜୁଛି। ଗିରଫଙ୍କ ମଧ୍ୟରୁ ଜଣଙ୍କ ନାଁ ସୁରେଶ। ଫେରାର ଥିବା ଜଣେ ବ୍ୟକ୍ତି ଲୋକ ସଭା ନିର୍ବାଚନ ଲଢ଼ି ପରାଜିତ ହୋଇଥିବା ଜଣାପଡ଼ିଛି। ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ନିକଟରେ ବିଜୟ ପାଇଁ ଆବଶ୍ୟକ ସଂଖ୍ୟା ନ ଥିବାରୁ ବିରୋଧୀ ଶିବିରର ବିଧାୟକଙ୍କୁ ଟଙ୍କା ଯାଚି ସମର୍ଥନ ହାସଲ କରିବାର ଚର୍ଚ୍ଚା ପୂର୍ବରୁ ହେଉଥିବାବେଳେ ନିର୍ବାଚନର ଦିନକ ପୂର୍ବରୁ ବେଙ୍ଗାଲୁରୁରେ ଏଭଳି ଘଟଣା ରାଜ୍ୟ ରାଜନୀତିକୁ ସରଗରମ କରିଛି।**

**ଭୁବନେଶ୍ୱର,୧୫।୩ (ରବିନାରାୟଣ ଜେନା/ପି.ଟି.)**

ରାଜ୍ୟ ସଭା ନିର୍ବାଚନ ପାଇଁ ସୋମବାର ପୂର୍ବାହ୍ନ ୯ଟାରେ ଭୋଟ ଗ୍ରହଣ ଆରମ୍ଭ ହେବ। ଏହାପୂର୍ବରୁ ରବିବାର ଏକ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। କଂଗ୍ରେସ ବିଧାୟକଙ୍କୁ କିଣିବା ତଥା ଅପହରଣ ଉଦ୍ୟମକୁ ନେଇ କଂଗ୍ରେସ କର୍ଣ୍ଣାଟକସ୍ଥିତ ରାମନଗର ଜିଲାର ବିଦାଦି ଥାନାରେ କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ସ୍ଥାନୀୟ ପୋଲିସ ୨ ଜଣଙ୍କୁ ଗିରଫ କରିଥିବାବେଳେ ଆଉ ୨ ଜଣଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଛି। ଏହି ଘଟଣାକୁ ନେଇ କଂଗ୍ରେସ ଏମ୍‌ପି ☞ପୃଷ୍ଠା-୨

## ଆଜି ରାଜ୍ୟ ସଭା ଭୋଟ, ମଇଦାନରେ ୫ ପ୍ରାର୍ଥୀ

**ଭୁବନେଶ୍ୱର, ୧୫।୩ (ସୁନିତ୍ ମିଶ୍ର)**

ଓଡ଼ିଶାର ୪ ରାଜ୍ୟ ସଭା ଆସନ ଲାଗି ସୋମବାର ଭୋଟ ହେବ। ଏପ୍ରିଲ ୨ ତାରିଖରେ ରାଜ୍ୟ ସଭାରୁ ସୁଜିତ୍ କୁମାର, ମମତା ମହନ୍ତ, ମୁଜିବୁଲ୍ଲା ଖାନ(ମୁନା) ଏବଂ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଶେଷ ହେବ। ଖାଲି ହେବାକୁ ଥିବା ଏହି ଆସନଗୁଡ଼ିକରେ ୪ ଜଣ ରାଜ୍ୟ ସଭାକୁ ଯିବେ। ଏଥିଲାଗି ୫ ଜଣ ପୁରୁଷ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଛି। ଭାଜପା ପକ୍ଷରୁ ସୁଜିତ କୁମାର ଏବଂ ମନମୋହନ ସାମଲଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଭାଜପା ସମର୍ଥନରେ ସ୍ୱାଧୀନ ଭାବେ ଦିଲୀପ ରାୟ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ସନ୍ତୃପ୍ତ ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ଅନ୍ୟପଟେ ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ପକ୍ଷରୁ ମିଳିତ ଭାବେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ କମନ୍ ପ୍ରାର୍ଥୀ କରାଯାଇଛି। ୩ ଦଳର ସମର୍ଥନରେ ଦତ୍ତେଶ୍ୱର ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ୪ ଆସନ ଲାଗି ୫ ଜଣ ପ୍ରାର୍ଥୀ ଥିବାରୁ ରାଜ୍ୟ ସଭା ପାଇଁ ନିର୍ବାଚନ ହେବ। ସୋମବାର ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଧାନସଭାର ୫୪ ନମ୍ବର ରୁମ୍‌ରେ ନିର୍ବାଚନ ଅନୁଷ୍ଠିତ ହେବ। ଏହା ଭିତରେ ବିଧାୟକମାନେ ଆସି ନିଜର ଭୋଟଦାନ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଲୁଚାଇବା ଅନାବଶ୍ୟକ


KISS

KALINGA INSTITUTE OF SOCIAL SCIENCES

Organisation in Special Consultative Status with the United Nations Economic & Social Council (UN-ECOSOC)

# KALINGA INSTITUTE OF SOCIAL SCIENCES (KISS)

Bhubaneswar, Odisha, India

**A home for 80,000 Tribal children**



# KISS HUMANITARIAN AWARD 2025

16th March 2026

## PAST RECIPIENTS

- **Mr. Bill Gates**
  Co-chair of the Bill & Melinda Gates Foundation, and Co-Founder & former CEO of Microsoft **(2023)**
- **Her Excellency Mama Rachel Ruto, EGH**
  First Lady of the Republic of **Kenya (2022)**
- **Mr. Ratan Naval Tata,**
  Chairman Emeritus, Tata Sons **(2021)**
- **Dr. Ary S Graça**
  President-International Volleyball Federation (FIVB) **(2020)**
- **Dr. Dansa KOUROUMA**
  President, National Transition Council of Guinea, **Guinea (2019)**
- **Professor Muhammad Yunus**
  (Nobel Laureate)
  Founder, Grameen Bank, **Bangladesh (2018)**
- **His Holiness The 14th Dalai Lama**
  Nobel Laureate, 2005 and Spiritual Leader **(2017)**
- **Ms. Ashley Judd,**
  Hollywood Actor, Activist & Global Goodwill Ambassador, **UNFPA (2016)**
- **His Excellency Dr Alejandro Toledo,**
  Former President of **Peru (2015)**
- **Ms. Anne F. Stenhammer**
  Former Regional Programme Director, UN Women, **South Asia Regional Office (2014)**
- **Madam Albina Du Boisrouvray**
  Founder, Association François-Xavier Bagnoud (FXB International), **Switzerland (2013)**
- **His Excellency Lyonchhen Jigmi Y. Thinley**
  Hon'ble Prime Minister, The Royal Government of **Bhutan (2012)**
- **Rt Hon. Lord Nicholas Addison Phillips**
  President (Chief Justice) of the Supreme Court of the **United Kingdom (2011)**
- **Rt. Hon. Sir Anerood Jugnauth**
  Eminent Social Worker & His Excellency the President of **Mauritius (2010)**
- **Dr. Ham Kee-Sun**
  Eminent Educationist & Physician and Hon'ble President & Founder, Hanseo University, **South Korea (2009)**
- **Ms. Edna Bomo Molewa**
  Noted Social Worker & Hon'ble Cabinet Minister, Social Development, South Africa National Assembly, **South Africa (2008)**



**Smt. Nita M. Ambani**, Founder and Chairperson, Reliance Foundation receiving the prestigious **KISS Humanitarian Award 2025**

AWARDEES ARE FROM

**5** Continents | **13** Countries | **2** Nobel Laureates *among the awardees*

**Chief Guest: Prof. Mohan Munasinghe**, Nobel Laureate from Sri Lanka

- **KISS Humanitarian Award**
  Founded by Dr. Achyuta Samanta, Founder, KIIT-KISS-KIMS
- **Watch Live** on **Kalinga TV** from **5.00 p.m.** onwards

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT, KISS & KIMS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଶିଷ୍ଟ ଚିତ୍ରଶିଳ୍ପୀ ଡ. ବୀନା ଉନ୍ନିକ୍ରିଷ୍ଣନ୍‌ଙ୍କ ଜାତୀୟ ଭ୍ରାମ୍ୟମାଣ କଳା ପ୍ରଦର୍ଶନୀ 'ଏକା–ଦି ୱାନ୍', ସ୍ଥାନ: ବୁଦ୍ଧ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ
- ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ ଗୁଣ୍ଡିଚା ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଯୁବ ମହିଳା ସମ୍ମେଳନ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା୩୦।
- ସାମୂହିକ ମାଗଣା ବ୍ରତୋପନୟନ, ସ୍ଥାନ: ଥାନପତି ଆଶ୍ରମ, ଲୋକନାଥ ରୋଡ୍, ସମୟ: ଅପରାହ୍ନ ୧ଟା।
- ମାସିକ ସାହିତ୍ୟ ଆଲୋଚନା ଓ କବିତା ପାଠ, ସ୍ଥାନ: ସଙ୍ଗୀତ ପରିଷଦ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ ( ମହିଳା)ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଏଫଏମ ବିଶ୍ୱବିଦ୍ୟାଳୟ ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ବ୍ଲକ୍ କାର୍ଯ୍ୟାଳୟ, ସୋର, ସମୟ : ପୂର୍ବାହ୍ନ ୧୦ ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ : କମର୍ଦ୍ଦା ଜଗନ୍ନାଥ ସରକାରୀ ହାଇ ସ୍କୁଲ, ଭୋଗରାଇ, ସମୟ : ପୂର୍ବାହ୍ନ ୧୦ ଟା।
- ଶ୍ରୀରାମଚରିତ ମାନସ ପ୍ରବଚନର ପଞ୍ଚମ ସନ୍ଧ୍ୟା, ସ୍ଥାନ : ଚିନ୍ମୟ ମିଶନ ଆଶ୍ରମ, କୁରୁଡ଼ା, ବାଲେଶ୍ୱର, ସମୟ : ସନ୍ଧ୍ୟା ୬ ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ନାଲଗୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ସିରିଡ଼ି ସାଇବାବାଙ୍କ ଚରଣ ପାଦୁକା ଦର୍ଶନ ସମାରୋହ, ସ୍ଥାନ: ବାଁପାର, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଭୋଗ ମଣ୍ଡପ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିସର, ପୁରୁଣା ସହର, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀ ଆବାସ ଅଗ୍ରଗତି ନେଇ ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ, ସମୟ : ଅପରାହ୍ନ ୩ ଟା।

## ମୟୂରଭଞ୍ଜ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା।
- ବାହାବଙ୍ଗା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନାଗପାଳ ଖେଳ ପଡ଼ିଆ, ଉଦଳା,ସମୟ:ଅପରାହ୍ନ ୩ଟା।

## ବ୍ରହ୍ମପୁର
- ମହାଦେବଙ୍କ ଜୀର୍ଣ୍ଣୋଦ୍ଧାର ସମାରୋହ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର,ସମୟ: ସକାଳ ୮ଟା ୩୦।
- ଜାତୀୟ କର୍ମଶାଳା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।
- ଜନଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଇଁଛ ସୁରକ୍ଷା ଉପରେ ବୈଠକ, ସ୍ଥାନ: ବନବିଭାଗ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।
- ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ , ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଆସିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ସିଦ୍ଧେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ,ଦିଗପହଣ୍ଡି ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କିଶୋରନଗର ବ୍ଲକ ସଭାଗୃହ, ସମୟ: ସକାଳ ୧୦ଟା।

## କେନ୍ଦ୍ରାପଡ଼ା
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ସାଢେ ୧୦ଟା।

## ନୟାଗଡ଼
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୧୩ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଭୋର ୫ଟା।
- ଅଷ୍ଟପ୍ରହର ଓ ନାମଯଜ୍ଞ ଆରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବାଲୁଗାଁ ଗଡିଆସାହି ପଞ୍ଚାୟତ ରାକେସିଆ ଭାଗବତ ଗୃହ, ସମୟ: ସକାଳ ୭ଟା।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଆକାଂକ୍ଷା କାର୍ଯ୍ୟ କରନ୍ତୁ ଓ ସଫଳତା ହାସଲ କରନ୍ତୁ, ପରିବର୍ତ୍ତନର ନେତା ହୁଅନ୍ତୁ ସମ୍ପର୍କୀୟ ତାଲିମ ଶିବିର, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟ ସ୍ଥିତ ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- ଅଲେଖ ମହିମା ଆଶ୍ରମ ପ୍ରତିଷ୍ଠା, ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: ବତାଶନା ପଞ୍ଚାୟତ କୋଟ୍ରିପଦର, କୋଟପାଡ଼, ସମୟ: ପ୍ରାତଃ ୫ଟା।
- ଜିଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ନାରାୟଣପାଟଣା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ମସ୍ତିପୁଟ ପଞ୍ଚାୟତ, କୋରାପୁଟ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଶ୍ରୀରାମ ବାଟିକା କମିଟି ପକ୍ଷରୁ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ : କେନଘାଟି ସ୍ଥିତ ଶ୍ରୀରାମ ବାଟିକା, ସମୟ : ସକାଳ ୮ଟା।

## ବଲାଙ୍ଗୀର
- ବ୍ଲକସ୍ତରୀୟ ସମୂହ ଜଙ୍ଗଲ ଅଧିକାର କମିଟି ପକ୍ଷରୁ ଚିନ୍ତନ ବୈଠକ, ସ୍ଥାନ: ରତାଖଣ୍ଡି, ଲୋଇସିଂହା ବ୍ଲକ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଟଣାଗଡ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ଗ୍ରୀଷ୍ମକାଳୀନ ଶିବିରର ୨ୟ ଦିବସ, ସ୍ଥାନ: ସେକ୍ଟର–୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା।
- ସଚେତନ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର–୩ ଜଗନ୍ନାଥ ମନ୍ଦିର ଖଡ୍‌ଗ ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ,ସ୍ଥାନ:ସୁନ୍ଦରଗଡ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ,ସମୟ:ସକାଳ୯ଟା।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର,ସ୍ଥାନ:ବଡଗାଁ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ୧୦ଟା୩୦।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଅମ୍ବାଭୋନା,ସମୟ: ୧୦ଟା।
- ନିଷ୍ଠା ପ୍ରଶିକ୍ଷଣ ଶିବିର,ସ୍ଥାନ: ଗୋଷ୍ଠୀ ଶିକ୍ଷାକେନ୍ଦ୍ର ସମ୍ମିଳନୀ କକ୍ଷ, ପାଇକମାଳ,ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଦଶମ ରାଜ୍ୟସ୍ତରୀୟ କନ୍ଧମାଳ ଲୋକ ମହୋତ୍ସବ ଉଦ୍‌ଘାଟନ ଉତ୍ସବ ଅବସରରେ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ରୂପ କଳା ମଣ୍ଡପ, କନ୍ଧମାଳ, ସମୟ: ଅପରାହ୍ନ ୪ଟା।

## ଦେବଗଡ଼
- ପୋଲିସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କୁଣ୍ଢେଇଗୋଳା ଥାନା ଅଧୀନ ଖଇରପାଳି ଆଉଟପୋଷ୍ଟ, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିନିକା ବ୍ଲକ ବାଉଁଶୁଣି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ସଂକୀର୍ତ୍ତନ ମଣ୍ଡଳୀ କୁମ୍ଭ ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ବୋଡେନ ବ୍ଲକ ବୋଇରଗାଁ ପଞ୍ଚାୟତ ଜାମଗାଁ, ସମୟ: ସକାଳ ୭ଟା।

## ଝାରସୁଗୁଡ଼ା
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲଇକେରା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

# ୟୋ ୟୋ ହନି ସିଂଙ୍କ ସଙ୍ଗୀତ କାର୍ଯ୍ୟକ୍ରମରେ ଗଣ୍ଡଗୋଳ



ନୂଆଦିଲ୍ଲୀ,୧୫।୩: ଗ୍ରାମୀ ପୁରସ୍କାର ପାଇଁ ମନୋନୀତ ରାପର ୟୋ ୟୋ ହନି ସିଂ ଶନିବାର ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ସଙ୍ଗୀତ ପରିବେଷଣ କରୁଥିବାବେଳେ ତାଙ୍କୁ ଦେଖିବା ପାଇଁ ପ୍ରଶଂସକ ଓ ଦର୍ଶକଙ୍କ ପ୍ରବଳ ଗହଳି ଲାଗିଥିଲା। ଦର୍ଶକଙ୍କ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ବଚସାରୁ ଗଣ୍ଡଗୋଳ ହୋଇଥିଲା। ଶୋ' ଦେଖିବା ପାଇଁ ଉପସ୍ଥିତ ଲୋକମାନେ ପରସ୍ପରକୁ ଆକ୍ରମଣ କରୁଥିବା ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ ହୋଇଥିବା ଏକ ଭିଡିଓରୁ ଦେଖିବାକୁ ମିଳିଛି। ହନି ସିଂ ଏହା ଜାଣି ନ ପାରି ସଙ୍ଗୀତ କାର୍ଯ୍ୟକ୍ରମ ଜାରି ରଖିଥିବାବେଳେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଦିଲ୍ଲୀ ପୋଲିସ ହସ୍ତକ୍ଷେପ କରିଥିଲା। ହନି ସିଂ ତାଙ୍କର 'ୱାର୍ଲ୍ଡ ଟୁର୍, ମାଇଁ ଷ୍ଟୋରି' ଅଭିଯାନର ଅଂଶସ୍ୱରୂପ ଦିଲ୍ଲୀରେ ସଙ୍ଗୀତ ପରିବେଷଣ କରୁଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇଅଁର ପୋଖରୀ ଉଅଁର ଗଣ୍ଡରେ**
**ଫୁଟିଅଛି ପଦ୍ମଫୁଲ**
**ଏବେ ତ କରୁଛୁ କେତେ ମଉଜ**
**କେ ଜାଣେ ପୀରତି ମୂଲ ?**

ସମୟ ସହ ତାଳ ଦେଇ ମଣିଷ ହାବ ଭାବରେ ଅନେକ ପରିବର୍ତ୍ତନ ଘଟିଥାଏ। ଆଜି ଯେ ଏକାନ୍ତ ନିଜର, ଆପଣାର ଲାଗିଥାଏ କାଲିକୁ ହୁଏତ ସାତପର ହୋଇଯାଇଥାଏ। ଏପରିସ୍ଥଳେ ନିଜ ଭଲ ପାଇବା ପ୍ରତିବଦଳରେ ପ୍ରେମୀ ପାଖରୁ ସେପରି ଆପଣାର ଭାବ ମିଳିପାରିବ କି ନାହିଁ ସେନେଇ ମନରେ ଆଶଙ୍କା ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଇସ୍ ମିସ୍, କରମ ଠିସ୍**
**ଠାରୁ ଠୁର, ଉଣେଇଶି ବିଶ୍।**

ଠାରରେ କଥାବାର୍ତ୍ତା। ଠରାଠରିରେ ଲୋକେ ପ୍ରାୟ ବହୁ କଥା ବୁଝିପାରନ୍ତି। ଆଖିର ଇଶାରାରେ ଅନେକ ଗୋପନୀୟ କଥା ପ୍ରକାଶ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଝଡ଼ବର୍ଷା ନେଇ ସତର୍କକଲା ପାଣିପାଗ କେନ୍ଦ୍ର

## ମୟୂରଭଞ୍ଜ ଜିଲାକୁ ଅରେଞ୍ଜ ୱାର୍ନିଂ

**ଭୁବନେଶ୍ୱର, ୧୫।୩ (ବନ୍ଦନା ସେଠୀ)**

ରାଜ୍ୟରେ କିଛିଦିନ ହେବ ଜାରି ରହିଥିବା ଖରା ଓ ଗରମରେ ବ୍ରେକ୍ ଲାଗିଛି। ଝଡ଼ବର୍ଷା ଯୋଗୁ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି। ରବିବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କୋରାପୁଟ ଆଦି ଜିଲାର ବିଭିନ୍ନ ସ୍ଥାନରେ ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଛି। ସୋମବାର ମଧ୍ୟ ରାଜ୍ୟର ବିଭିନ୍ନ ଜିଲାକୁ ଝଡ଼ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ବିଶେଷକରି ମୟୂରଭଞ୍ଜ ଜିଲାକୁ ଘଡ଼ଘଡ଼ି ବିଜୁଳି ସହିତ ପ୍ରବଳ ଝଡ଼ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିପରି ବର୍ଷା ସମୟରେ ୫୦ରୁ ୬୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ଆବଶ୍ୟକ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଏହାବାଦ୍ ସୁନ୍ଦରଗଡ଼, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ରାୟଗଡ଼ା, କୋରାପୁଟ, ମାଲକାନାଗିରି, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ହେବା ନେଇ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରବିବାର ନୂଆପଡ଼ାରେ ସର୍ବାଧିକ ତାପମାତ୍ରା ୩୮.୨ ଡିଗ୍ରୀ ରେକର୍ଡ ହୋଇଥିଲା। ସେହିପରି ବରଗଡ଼ରେ ୩୮ ଡିଗ୍ରୀ, ବଲାଙ୍ଗୀର ୩୮ ଡିଗ୍ରୀ, ଝାରସୁଗୁଡା ୩୭.୭ ଡିଗ୍ରୀ, ଭବାନୀପାଟଣା ୩୭.୫ ଡିଗ୍ରୀ, ଟିଟିଲାଗଡ଼ ୩୭.୫ ଡିଗ୍ରୀ ଏବଂ ସୁନ୍ଦରଗଡ଼ରେ ୩୭ ଡିଗ୍ରୀକୁ ଖସି ଆସିଥିଲା ତାପମାତ୍ରା। ଆସନ୍ତା ୫ଦିନ ମଧ୍ୟରେ ତାପମାତ୍ରା ଆହୁରି ୩ରୁ ୫ ଡିଗ୍ରୀ ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ଅବଶିଷ୍ଟାଂଶ

### ଆଜି ରାଜ୍ୟ ସଭା ଭୋଟ...

କରିବେ। ଭୋଟିଂ ସରିଯିବା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନଙ୍କ ନିକଟକୁ ନିର୍ବାଚନ କିପରି ହେଲା, କିଛି ଘଟଣା ଏବଂ ଅଘଟଣ ସବୁ କଥାର ରିପୋର୍ଟ ଯିବ। ସେଠାରୁ ଯେତେବେଳେ ନିର୍ଦ୍ଦେଶ ଦିଆଯିବ ତା'ପରେ ଗଣତି କରାଯିବ ବୋଲି ଜଣାପଡ଼ିଛି। ପ୍ରାୟତଃ ଅପରାହ୍ନ ୫ଟା ସମୟରେ ଗଣତି କରାଯାଇପାରେ। ଗଣତି ହେବାର କିଛି ସମୟ ପରେ ରାଜ୍ୟ ସଭା ପାଇଁ କେଉଁ ୪ ଜଣ ବିଜୟୀ ହେବେ ସେକଥା ଜଣାପଡିଯିବ।

ସୂଚନାଯୋଗ୍ୟ, ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ୩୦ ଖଣ୍ଡ ଭୋଟ୍‌ର ଆବଶ୍ୟକତା ରହିଛି। ସଂଖ୍ୟା ଦୃଷ୍ଟିରୁ ବିଧାନସଭାରେ ଭାଜପାର ୭୯ ଜଣ ବିଧାୟକ ଥିବାବେଳେ ୩ ଜଣ ସ୍ୱାଧୀନ ସଦସ୍ୟଙ୍କ ସମର୍ଥନ ଶାସକ ଦଳ ପ୍ରତି ରହିଛି। ଏହିପରି ବିଧାନସଭାରେ ଶାସକ ଦଳର ସଂଖ୍ୟା ୮୨ ରହିଛି। ବିଜେଡିର ୪୮ ଜଣ ବିଧାୟକ ଅଛନ୍ତି। କଂଗ୍ରେସର ୧୪ ଏବଂ ସିପିଆଇ(ଏମ୍)ର ଜଣେ ବିଧାୟକ ରହିଛନ୍ତି। ବିଜେଡିରୁ ନିଲମ୍ବିତ ହୋଇଥିବା ୨ ଜଣ ବିଧାୟକ ଏବେ ସ୍ୱାଧୀନ ଅଛନ୍ତି। ଏହି ସଂଖ୍ୟାକୁ ଦେଖିଲେ ଭାଜପାର ୨ ଜଣ ପ୍ରାର୍ଥୀ ଜିତିବା ସମ୍ଭାବନା ଅଧିକ। ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ୨୨ ଖଣ୍ଡ ଭୋଟ ରହିଛି। ସେହିପରି ବିଜେଡିର ଜଣେ ପ୍ରାର୍ଥୀ ବିଜୟୀ ହେବା ସମ୍ଭାବନା ରହିଛି। ଅନ୍ୟପଟେ ବିଜେଡିର ଜଣେ ପ୍ରାର୍ଥୀଙ୍କୁ ୩୦ ଖଣ୍ଡ ଭୋଟ ଯିବା ପରେ ବଳକା ୧୮ ଖଣ୍ଡ, କଂଗ୍ରେସ ଓ ସିପିଆଇ(ଏମ୍)ର ୧୫ଟି ଭୋଟ ମିଶାଇଲେ କମନ୍ ପ୍ରାର୍ଥୀଙ୍କୁ ୩୩ଖଣ୍ଡ ଭୋଟ୍ ମିଳିବା କଥା। ହେଲେ ଭୋଟ ହେବାପରେ ଏହି ସଂଖ୍ୟା ଖେଳ କେଉଁଆଡ଼େ ଯାଉଛି ସେକଥା ସ୍ପଷ୍ଟ ହେବ। ଏଠାରେ ଆହୁରି ଉଲ୍ଲେଖଯୋଗ୍ୟ, ରାଜ୍ୟ ସଭା ନିର୍ବାଚନ ଲାଗି ବିଧାନସଭାରେ ସବୁ କଡ଼ାକଡ଼ା କରାଯାଇଛି। ୫୪ ନମ୍ବର ପ୍ରକୋଷ୍ଠ ଯେଉଁଠାରେ ଭୋଟିଂ ହେବ ସେଠାକୁ ବିଧାୟକମାନେ ନିଜର ପରିଚୟ ପତ୍ର ଆଣି ଆସିବାକୁବାଧ। ସେମାନେ ଭୋଟ ଦେବା ସମୟରେ ସାଙ୍ଗରେ ଆଉ କିଛି ନେଇଯାଇପାରିବେ ନାହିଁ। ସବୁ ଦଳ ନିଜର ସ୍ୱୀକୃତିପ୍ରାପ୍ତ ଏଜେଣ୍ଟଙ୍କୁ ବାଛିସାରିଛନ୍ତି । ଭାଜପା ପକ୍ଷରୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେଡିରୁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ପ୍ରତାପ ଦେବ, କଂଗ୍ରେସର ପିସିସି ସଭାପତି ଭକ୍ତ ଚରଣ ଦାସ, ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ସିପିଆଇ(ଏମ୍)ରୁ ସୁରେଶ ପାଣିଗ୍ରାହୀ ସ୍ୱୀକୃତିପ୍ରାପ୍ତ ଦଳୀୟ ଏଜେଣ୍ଟ ଭାବେ ରହିବେ। ସବୁ ଦଳରୁ ଜଣେ ଲେଖାଏ ଏଜେଣ୍ଟ ନିର୍ବାଚନ ସ୍ଥାନରେ ରହିପାରିବେ। ସେହିପରି ସବୁ ପ୍ରାର୍ଥୀଙ୍କ ତରଫରୁ ଜଣେ ଲେଖାଏ ପୋଲିଂ ଏଜେଣ୍ଟଙ୍କ ନାମ ଦିଆଯାଇଛି। ଏହାସହ ପ୍ରାର୍ଥୀମାନେ ନିଜର କାଉଣ୍ଟିଂ ଏଜେଣ୍ଟ ମଧ୍ୟ ଦେଇଛନ୍ତି। ଏହାସହ ସବୁ ପ୍ରାର୍ଥୀ ଭୋଟିଂ ଏବଂ ଗଣତି ସମୟରେ ସେଠାରେ ଉପସ୍ଥିତ ରହିବେ।

### କଂଗ୍ରେସ ବିଧାୟକଙ୍କୁ ...

ସପ୍ତଗିରି ଉଲ୍ଲାକା କହିଛନ୍ତି ଯେ, କଂଗ୍ରେସ ଏବଂ ସିପିଆଇଏମ୍ ବିଧାୟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆମେ ସେମାନଙ୍କୁ ବେଙ୍ଗାଲୁରୁ ଆଣି ବିଦାଦି ନିକଟସ୍ଥ ୱଣ୍ଡର୍ଲା ରିସର୍ଟରେ ରଖିଥିଲୁ। ମାତ୍ର ଦୁଃଖର କଥା, ଶନିବାର ସନ୍ଧ୍ୟାରେ ୪ଜଣ ବ୍ୟକ୍ତି ବୀରେନ୍ଦ୍ର ପ୍ରସାଦ, ସୁରେଶ, ଅଜିତ୍ ସାହୁ ଏବଂ ସୀମାଞ୍ଚଳ ମହାକୁଡ଼ ଆମ ବିଧାୟକଙ୍କ ଗତିବିଧି ଅନୁସରଣ କରୁଥିଲେ। ଏନେଇ ଆମର ସନ୍ଦେହ ହେବାରୁ କର୍ଣ୍ଣାଟକ ପୋଲିସକୁ ଖବର ଦେବା ସହିତ ସେମାନଙ୍କୁ ହସ୍ତାନ୍ତର କରିଛୁ। ଏମାନେ ସବୁ ରାଉରକେଲାରୁ ଆସିଥିଲେ। ଆମ ବିଧାୟକମାନଙ୍କୁ ୫ କୋଟି ଟଙ୍କା ଯାଚିଥିଲେ। ଏପରିକି ବ୍ଲାଙ୍କ୍ ଚେକ୍(ଅଙ୍କ ଉଲ୍ଲେଖ ନ ଥିବା ଚେକ୍) ସାଙ୍ଗରେ ଆଣିଥିବା ଜଣାପଡ଼ିଛି। ପୋଲିସ ପାଖରେ ଯେତେବେଳେ ଏସବୁର ଯାଞ୍ଚ କରାଯାଇଥିଲା, ସେତେବେଳେ ରାଜ୍ୟ ସଭା ପ୍ରାର୍ଥୀ ଦିଲୀପ ରାୟଙ୍କ ନାମ ସାମ୍ନାକୁ ଆସିଥିଲା। ଏନେଇ ଏତଲା ଦେବାପରେ ବିଦାଦି ପୋଲିସ ୪ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିବାବେଳେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସେ କହିଛନ୍ତି, ରାଜନୀତିରେ ଘୋଡ଼ାବେପାରର ସ୍ଥାନ ନାହିଁ। କଂଗ୍ରେସ ବିଧାୟକଙ୍କୁ ଟଙ୍କା ଦେଇ କିଣିବା ଲାଗି ଚେଷ୍ଟା କରାଯାଉଛି। ଏପରିକି କଂଗ୍ରେସ ବିଧାୟକମାନଙ୍କୁ ଧମକ ଦିଆଯାଉଛି। ଓଡ଼ିଶା ଆସିବାକୁ ଦେବୁନାହିଁ ବୋଲି କେତେଜଣ ଦଲାଲ୍ ଧମକ ମଧ୍ୟ ଦେଉଛନ୍ତି। ଗଣତନ୍ତ୍ରରେ ଏହା ଶୁଭଙ୍କର ନୁହେଁ। ଆମ ବିଧାୟକଙ୍କ ସୁରକ୍ଷା ସହ ଯିଏ ଖେଳିବ କଂଗ୍ରେସ ତା'ର ଉଚିତ୍ ଜବାବ ଦେବ ବୋଲି ଉଲ୍ଲାକା କହିଛନ୍ତି। ଅନ୍ୟପକ୍ଷରେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର କହିଛନ୍ତି, ଆମ ବିଧାୟକମାନଙ୍କୁ ଅପହରଣ କରିନେବା ପାଇଁ ୪ଜଣ ଲୋକ ଓଡ଼ିଶାରୁ ଆସିଛନ୍ତି। ସେମାନେ ସ୍ଥାନୀୟ ଭାଜପା କର୍ମୀଙ୍କ ସହାୟତାରେ ଅନ୍‌ଲାଇନ୍‌ରେ ରୁମ୍ ବୁକ୍ କରିଥିଲେ ଏବଂ ସାଙ୍ଗରେ ଖାଲି ଚେକ୍ ନେଇ ମଧ୍ୟ ଆସିଛନ୍ତି। ପରେ ସେମାନେ ରିସର୍ଟକୁଆସି ଆମ ବିଧାୟକମାନଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ। ବିଧାୟକମାନେ ଏହା ଜଣାଇବା ପରେ ଆମ କର୍ମୀମାନେ ସଂପୃକ୍ତ ବ୍ୟକ୍ତିଙ୍କୁ ଖାଲି ଚେକ୍ ସହ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି ବୋଲି ଶିବକୁମାର କହିଛନ୍ତି।

### ଦିଲ୍ଲୀ ଘର ...

ନବୀନ ପଚାରିଲେ, କେଉଁ ଆକାଉଣ୍ଟ କାହା ନାଁରେ ଖୋଲାଯାଇଛି ବୋଲି ସେ କହୁଛନ୍ତି। ପୁଣିଥରେ ବିଧାୟକମାନେ କହିଥିଲେ, ଆପଣଙ୍କ ନାଁରେ ସେହି ଆକାଉଣ୍ଟ ଖୋଲାଯାଇଛି। ଗୋଟିଏ ଟ୍ରଷ୍ଟ ଜରିଆରେ ଏସବୁ ହେଉଛି, ଯେଉଁଥିରେ ପାଣ୍ଡିଆନ୍ ଅଧ୍ୟକ୍ଷ ଏବଂ ସନ୍ତୃପ୍ତ ମିଶ୍ର ସମ୍ପାଦକ ଅଛନ୍ତି। ଏସବୁ ଶୁଣିବା ପରେ ନବୀନ ତାଙ୍କ ବ୍ୟକ୍ତିଗତ ସହାୟକଙ୍କୁ କହିଥିଲେ, ସନ୍ତୃପ୍ତଙ୍କୁ ଏଠାକୁ ଡାକ। ସନ୍ତୃପ୍ତ ସେଠାରେ ପହଞ୍ଚିବା ପରେ ନବୀନ କୁଆଡ଼େ ପଚାରିଥିଲେ, ପ୍ରଭାତ କ'ଣ କହୁଛନ୍ତି, ତାଙ୍କ ସାଙ୍ଗରେ ଟେଲିଫୋନ ଯୋଗେ କାହିଁକି କଥା ହଉନ। ପ୍ରଭାତ ଯେଉଁ ଦିଲ୍ଲୀ ଆକାଉଣ୍ଟ କଥା କହୁଛନ୍ତି, ସେକଥାର ସତ୍ୟତା କ'ଣ ବୋଲି ନବୀନ ପଚାରିବାରକୁ ସନ୍ତୃପ୍ତ ସେହି କଥାକୁ ଖଣ୍ଡନକରି କୁଆଡ଼େ ଉତ୍ତର ଦେଲେ, ଏଭଳି କୌଣସି ଆକାଉଣ୍ଟ ନାହିଁ। ତେବେ ସାଧାରଣରେ ପ୍ରଶ୍ନ କରାଯାଇପାରେ, ଯଦି ନବୀନ ପଟ୍ଟନାୟକ ଏ ସମ୍ପର୍କରେ ଅବଗତ ନ ଥିଲେ ତେବେ ତାଙ୍କର ବିନା ଅନୁମତିରେ ଟ୍ରଷ୍ଟ ରେଜିଷ୍ଟ୍ରେଶନର ଠିକଣା ଭାବେ ନବୀନଙ୍କ ଦିଲ୍ଲୀ ଘର ଉଲ୍ଲେଖ କରାଗଲା କେମିତି। ଏସବୁ ଆଲୋଚନା ପରେ ସନ୍ତୃପ୍ତଙ୍କ ହାବଭାବ ଦେଖି ନବୀନ ନିବାସରୁ ବାହାରି ବିଧାୟକମାନେ ପ୍ରଭାତ ଉଠାଇଥିବା କଥା ସତ ବୋଲି କହିବା ଆରମ୍ଭ କରିଛନ୍ତି। ଏଥିସହ ସେମାନଙ୍କ ମଧ୍ୟରେ ଆଲୋଚନା ହେଉଛି, ଦଳରେ ଶୃଙ୍ଖଳିତ ବିଧାୟକ ଭାବେ ରହି ଦଣ୍ଡେଶ୍ୱର ହୋତାଙ୍କୁ ପ୍ରଥମ ପସନ୍ଦ ଭୋଟ ଅଧିକ କରିଦେବା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅନୁକୂଳ ଗ୍ରହସ୍ଥିତିରୁ ଯେଉଁ କାମରେ ହାତଦେବେ ସଫଳତା ନିଶ୍ଚିତ। ବିବାଦୀୟ ସ୍ଥିତି ସୁଧୁରିବ ଏବଂ ଦୂରେଇ ଯାଇଥିବା ବନ୍ଧୁ ପାଖେଇ ଆସିବେ। ପରିବାରରେ ମତାନ୍ତର ଘଟିପାରେ। ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଦୂରସ୍ଥାନକୁ ଯିବାକୁ ପଡିବ। ଅବଶ୍ୟ ଫେରନ୍ତା ରାସ୍ତାରେ ନିଜ ମନ ପସନ୍ଦର ଜିନିଷ ପାଇ ଖୁସି ହୋଇପାରନ୍ତି।

**ବୃଷ** ବିଭିନ୍ନ ବାଧାବିଘ୍ନ ଓ ପ୍ରତିବନ୍ଧକ ମଧ୍ୟରେ କାର୍ଯ୍ୟ ସାଧନ କରିବେ। କେତୁଙ୍କ କୁପ୍ରଭାବରୁ ପାରିବାରିକ ସମସ୍ୟା ଓ ଆର୍ଥିକ ସଙ୍କଟ ପ୍ରତିରୋଧର ମଧ୍ୟ ଅନ୍ୟ ଏକ କାରଣ ହେବ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ସାଙ୍ଗକୁ ସହକର୍ମୀଙ୍କ ସୌଜନ୍ୟରୁ ଖୁସି ହେବେ। ବନ୍ଧୁଙ୍କ ପ୍ରତ୍ୟେକ କଥାକୁ ଆଉଥରେ ଆଲୋଚନା କରିବା ଭଲ ହେବ।

**ମିଥୁନ** ଧନାଧିପ ଚନ୍ଦ୍ରଙ୍କ ସୁପ୍ରଭାବରୁ ଅର୍ଥନୈତିକ ସମସ୍ୟାର ସମାଧାନ କରିବାରେ ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ବନ୍ଧୁ ସମ୍ପର୍କ କ୍ଷେତ୍ର ଭଲ ରହିବ। କର୍ମକ୍ଷେତ୍ରରେ, ସାହିତ୍ୟ, ସାମ୍ବାଦିକତା ଓ ସାଙ୍ଗଠନିକ ସ୍ତରରେ ପଦସ୍ଥବ୍ୟକ୍ତିଙ୍କ ଚାପର ସମ୍ମୁଖୀନ ହେବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହେବାର ସୁଯୋଗ ପାଇବେ।

**କର୍କଟ** ରାଶ୍ୟାଧିପତି ରାଶିକୁ ଅବଲୋକନ କରୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇବେ, ଦୂରଯାତ୍ରା କରିପାରନ୍ତି, ଆର୍ଥିକ ସ୍ଥିତି ମଧ୍ୟ ବଦଳିଯିବ। ବାଣିଜ୍ୟ, ବ୍ୟବସାୟ, ଯୋଗାଣ କାରବାର ଏବଂ ପରିବହନରେ ଉନ୍ନତି କରିବେ। କିନ୍ତୁ ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ଦୁଷ୍ଟସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ସିଂହ** ରବିଙ୍କ ସହ ଶନିଙ୍କ ସଂଯୋଗରୁ ସ୍ୱାସ୍ଥ୍ୟପ୍ରତି ସଚେତନ ରହିବା ଅତି ଜରୁରୀ ହୋଇପଡିବ। କୌଣସି ବିଜାତୀୟ ବ୍ୟକ୍ତିଙ୍କ ପରୋକ୍ଷ ଶତ୍ରୁତା କାରଣରୁ ସରକାରୀ ସ୍ତରରୁ କୌଣସି ସମସ୍ୟା ଆସିପାରେ। ପରିବାରର ଦୁଃସ୍ଥିତି ବଦଳିବାକୁ ଆରମ୍ଭ କରିଥିଲେ ମଧ୍ୟ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ।

**କନ୍ୟା** କର୍ମଭାବସ୍ଥ ବୃହସ୍ପତିଙ୍କ ପ୍ରଭାବରେ ପାରିବାରିକ ସଦ୍‌ଭାବ ସାଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସନ୍ତୋଷଜନକ ରହିବ। ମଙ୍ଗଳଙ୍କ କୁପ୍ରଭାବରେ ଜମିଜମା କିମ୍ବା ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଶିଳ୍ପ, ନୂତନ ପ୍ରକଳ୍ପ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା** ସପ୍ତମାଧିପତି ମଙ୍ଗଳ ଲକ୍ଷ୍ମୀଯୋଗ ସୃଷ୍ଟି କରୁଥିବାରୁ ବୈଷୟିକ ଉନ୍ନତି ସାଙ୍ଗକୁ ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ। ବନ୍ଧୁ ପରିଜନମାନଙ୍କ ସାହାଯ୍ୟରେ ଦର୍ଶନୀୟସ୍ଥାନ ଭ୍ରମଣ ପାଇଁ ମନ ବଳାଇ ପାରନ୍ତି। ଭାଗ୍ୟଭାବରେ ବୃହସ୍ପତି ଯୋଗୁ ଦୃଢ ମନୋବଳ ସମସ୍ୟା ସମାଧାନରେ ସହାୟକ ହୋଇପାରେ।

**ବିଛା** ଗ୍ରହସ୍ଥିତିର ବୈଷମ୍ୟ ଯୋଗୁ ଶାରୀରିକ ସ୍ୱାସ୍ଥ୍ୟ ବିଗିଡିବା ସହ ବନ୍ଧୁମାନଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। ଅବଶ୍ୟ ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରି ସମସ୍ୟା ସମାଧାନ କରିପାରିବେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ସମସ୍ୟା ସୁଧୁରିଯିବ। ପ୍ରିୟଜନଙ୍କ ସହ ସମ୍ପର୍କହାନି କାରଣରୁ ବିଶେଷ ଚିନ୍ତା ପ୍ରକଟ କରିପାରନ୍ତି।

**ଧନୁ** ଦ୍ୱିତୀୟ ସ୍ଥାନରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ମିଠା କଥାରେ ଅନ୍ୟମାନଙ୍କୁ ମନେଇନେବେ। କର୍ମକ୍ଷେତ୍ର ଓ ବ୍ୟବସାୟିକ ସ୍ଥିତିରେ ପ୍ରତିବନ୍ଧକ ପରିଲକ୍ଷିତ ହେବ। ଲେଖାପଢ଼ା, ପ୍ରକାଶନ, ଯୋଗାଯୋଗ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରାରେ ଟେନ୍ସନ, ଅମୀମାଂସିତ ବିବାଦ ଏବଂ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହୋଇ ନ ପାରେ।

**ମକର** ଦୁଃସ୍ଥାନସ୍ଥ ତୃତୀୟାଧିପତି ହେତୁ ପ୍ରିୟଜନଙ୍କ ଅଭାବ ମାନସିକ ଅଶାନ୍ତି ସୃଷ୍ଟି କରିବ। ଆଜିର ଯାତ୍ରା, ବାଣିଜ୍ୟ,ବ୍ୟବସାୟ,ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହେବ। କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବେ। ପାରିବାରିକ ଭୁଲ୍ ବୁଝାମଣା ଦୂରେଇବାରେ ପଡୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**କୁମ୍ଭ** ରାଶିରେ ରାହୁ, ମଙ୍ଗଳଙ୍କ ସଂଯୋଗରୁ କର୍ମକ୍ଷେତ୍ରରେ ଯଶ, ସମ୍ମାନର ଅଧିକାରୀ ହେବେ। ବାଣିଜ୍ୟ ଓ ପରିବହନ ପାଇଁ ସାମାନ୍ୟ ଝଟକା ଲାଗିପାରେ। କଚେରି ମାମଲା, ଜମିଜମା କ୍ରୟବିକ୍ରୟ ଏବଂ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ। ଅନ୍ୟମାନଙ୍କ ପରାମର୍ଶକୁ ଭାବିଚିନ୍ତି ଗ୍ରହଣ କରିବା ଭଲ ହେବ।

**ମୀନ** ସ୍ୱସ୍ଥାନହନ୍ତା ବୃହସ୍ପତିଙ୍କ ପ୍ରଭାବରେ ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମତାନ୍ତରର ଆଶଙ୍କା ରହିଛି। ପୂର୍ବ ନିର୍ଦ୍ଧାରିତ ଆନୁଷ୍ଠାନିକ କାମରେ ବନ୍ଧୁମିଳନଜନିତ ଖୁସି ହେବେ। ରାଜନୈତିକ ସ୍ତରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସମ୍ପର୍କୀୟଙ୍କ ଆହ୍ୱାନରେ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ମାର୍ଚ୍ଚ ୧୬ ତାରିଖ, ରାଷ୍ଟ୍ରୀୟ ଟିକାକରଣ ଦିବସ, ଚୈତ୍ର କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ସୋମବାର। ରାଶିନକ୍ଷତ୍ର–ଧନିଷ୍ଠା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସର୍ବବେଦୀ ବ୍ରତୋପନୟନ, ସକାଳ ଘ. ୦୫।୫୮ ଗତେ, ଘ.୦୭।୨୭ ମଧ୍ୟେ, ଘ. ୧୦।୪୩ ଗତେ, ଘ. ୦୧।୦୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୨୭ ଗତେ, ଘ.୦୮।/୫୬ ମଧ୍ୟେ ରାହୁ କାଳ।



ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ଅଧୀନ କିଆପାଣପୋଷି ଗାଁରେ ରବିବାର ଘୂର୍ଣ୍ଣିଝଡ଼ ପ୍ରଭାବରେ ଘର ଛପର ଉଡ଼ିବା ସହ ଗଛ ଭାଙ୍ଗି ପଡ଼ିଛି। (ଫଟୋ: ତାରାକାନ୍ତ ପଟ୍ଟନାୟକ)

# ପଶ୍ଚିମବଙ୍ଗ: ଏପ୍ରିଲ ୨୩, ୨୯ରେ ନିର୍ବାଚନ

■ ଆସାମ, କେରଳ, ପଣ୍ଡିଚେରୀରେ ୯ ■ ତାମିଲନାଡୁରେ ୨୩ରେ ବିଧାନସଭା ଭୋଟ

| ପଶ୍ଚିମବଙ୍ଗ | ତାମିଲନାଡୁ | ଆସାମ | କେରଳ | ପଣ୍ଡିଚେରୀ |
|---|---|---|---|---|
| ଆସନ ୨୯୪ | ଆସନ ୨୩୪ | ଆସନ ୧୨୬ | ଆସନ ୧୪୦ | ଆସନ ୩୦ |
| ନିର୍ବାଚନ ତାରିଖ ଏପ୍ରିଲ ୨୩,୨୯ | ନିର୍ବାଚନ ତାରିଖ ଏପ୍ରିଲ ୨୩ | ନିର୍ବାଚନ ତାରିଖ ଏପ୍ରିଲ ୯ | ନିର୍ବାଚନ ତାରିଖ ଏପ୍ରିଲ ୯ | ନିର୍ବାଚନ ତାରିଖ ଏପ୍ରିଲ ୯ |

ନିର୍ବାଚନ କମିଶନ (ଇସି) ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ରବିବାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଏପ୍ରିଲ ୨୩ ଓ ୨୯ରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବାବେଳେ ତାମିଲନାଡୁରେ କେବଳ ଏପ୍ରିଲ ୨୩ରେ ଭୋଟ ଗ୍ରହଣ କରାଯିବ। ସେହିପରି ଆସାମ, କେରଳ ଓ ପଣ୍ଡିଚେରୀରେ କେବଳ ଏପ୍ରିଲ ୯ରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ମୋଟ ୮୨୪ ଆସନରେ ହେବାକୁ ଥିବା ନିର୍ବାଚନର ଭୋଟ ଗଣତି ମେ' ୪ରେ ହେବା ସହ ସେହିଦିନ ଫଳାଫଳ ପ୍ରକାଶ ପାଇବ। ଉକ୍ତ ଘୋଷଣା ସହ ଏହି ସବୁ ଅଞ୍ଚଳରେ ନିର୍ବାଚନୀ ବିଗୁଲ ବାଜିବା ସଙ୍ଗେ ସଙ୍ଗେ ତତ୍କାଳ ନିର୍ବାଚନ ଆଚରଣ ବିଧି (ଏମ୍‌ସିସି) ଲାଗୁ ହୋଇଛି। ପଶ୍ଚିମବଙ୍ଗରେ ୨୦୧୧ରୁ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଆସିଥିବା ମମତା ବାନାର୍ଜୀ ଚତୁର୍ଥ ଥର ପାଇଁ ବିଜୟ ଆଶା ବାନ୍ଧିଥିବାବେଳେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ହାତରୁ କ୍ଷମତା ଛଡ଼ାଇ ନେବା ପାଇଁ ବିରୋଧୀ ଭାଜପା ଜୋର୍‌ଦାର ଉଦ୍ୟମ ଚଳାଇଛି। ସେହିପରି ଦ୍ରାବିଡ଼ ମୁନେତ୍ରା କାଝାଗାମ୍ (ଡିଏମ୍‌କେ) ନେତୃତ୍ୱାଧୀନ ମେଣ୍ଟ ସରକାର ଚାଲିଥିବା ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପୁନର୍ବାର କ୍ଷମତା ଦଖଲ ପାଇଁ ଅଣ୍ଟା ଭିଡ଼ିଥିବାବେଳେ ବିରୋଧୀ ଅଲ୍ ଇଣ୍ଡିଆ ଦ୍ରାବିଡ଼ ମୁନେତ୍ରା କାଝାଗାମ୍ (ଏଆଇଏଡିଏମ୍‌କେ) ଏବଂ ଭାଜପା ପକ୍ଷରୁ ମେଣ୍ଟ କରାଯାଇଛି। ତେଣୁ ପଶ୍ଚିମବଙ୍ଗ ଓ ତାମିଲନାଡୁର ରାଜନୈତିକ ଉଠାପକା ଉପରେ ସମସ୍ତଙ୍କ ନଜର ରହିବ। ବିଶେଷକରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ବିବାଦ ମଧ୍ୟରେ ବିଧାନସଭା ନିର୍ବାଚନ ହେଉଥିବାରୁ ଏହା ଫଳାଫଳକୁ କିପରି ପ୍ରଭାବିତ କରୁଛି ତାହା ମେ' ୪ରେ ସ୍ପଷ୍ଟ ହେବ।

ନୂଆଦିଲ୍ଲୀ,୧୫।୩(ପି.ଟି./ଏଜେନ୍ସି)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଲାଗୁ ସହ ବିହାର ପରେ ଦେଶର ୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀରେ ପ୍ରଥମ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ନୂଆଦିଲ୍ଲୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସିଇସି ଜ୍ଞାନେଶ କୁମାରଙ୍କ ସହ ୨ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଓ ବିବେକ ଜୋଷୀ ରବିବାର ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳ ଓ ପଣ୍ଡିଚେରୀ ବିଧାନସଭା ଭୋଟ ତାରିଖ ଘୋଷଣା କରିବା ପରେ ☞ପୃଷ୍ଠା-୫

# ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼

■ ୨ ମୃତ, ୮ ଗୁରୁତର
■ ୧୦୦ରୁ ଅଧିକ ଘରର ଛପର ଉଡ଼ିଲା

ବାରିପଦା/କରଞ୍ଜିଆ/ଠାକୁରମୁଣ୍ଡା, ୧୫।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ କବିତା ମହାନ୍ତ/ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ଅଧୀନ ପୁରୁଣାପାଣି, କଙ୍କଡ଼ା ଓ କିଆପାଣପୋଷି ଗ୍ରାମରେ ରବିବାର ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଛି। ଏହାର ପ୍ରଭାବରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ହୋଇଛନ୍ତି। ୧୦୦ରୁ ଅଧିକ ଘରର ଛପର ଉଡ଼ିଯାଇଥିବାବେଳେ ବ୍ୟାପକ କ୍ଷୟକ୍ଷତି ହୋଇଛି।

ସୂଚନା ଅନୁଯାୟୀ, ଅପରାହ୍ଣ ୪ଟା ୩୦ରେ ହଠାତ୍ କୁଆପଥର ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ବହିଥିଲା। ବଡ଼ ବଡ଼ ଗଛ ସାଙ୍ଗକୁ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଭାଙ୍ଗି ପଡ଼ିଥିଲା। ପବନ ଯୋଗୁ ଏକ ଯାତ୍ରୀବାହୀ ଅଟୋ ☞ପୃଷ୍ଠା-୫

# ନିଜକୁ ସାପ କାମୁଡ଼ାଇ ଆତ୍ମହତ୍ୟା ଉଦ୍ୟମ

ସୁନାବେଡ଼ା,୧୫।୩(କୃତ୍ତିବାସ ପ୍ରଧାନ)

ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ଯୁବକ ଭିନ୍ନ ଉପାୟରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଭଳି ଏକ ଘଟଣା କୋରାପୁଟ ଜିଲା ସୁନାବେଡ଼ା ପିଏଚ୍‌ଡି କଲୋନିରେ ଘଟିଛି। ସ୍ତ୍ରୀଙ୍କ ସହ ଝଗଡ଼ା ପରେ ମାଲିଗୁଡ଼ା ଗାଁର ନବୀନ ମାଲି(୩୨) ନିଜକୁ ସାପ କାମୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହାର ଏକ ଭିଡିଓ କରି ନବୀନ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଉକ୍ତ ଭିଡିଓ ଏବେ ଭାଇରାଲ ହେଉଥିବାବେଳେ ନବୀନ ଗୁରୁତର ହୋଇ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁଯାୟୀ, ଶନିବାର ଅପରାହ୍ଣରେ ☞ପୃଷ୍ଠା-୫






ଯେଉଁମାନେ ଯୋଗ ସାଧନା କରନ୍ତି– ସେମାନଙ୍କ ପାଇଁ ଜାତକର କିଛି ଗୁରୁତ୍ୱ ନାହିଁ। କାରଣ, ଯୋଗ ସାଧନାର ଯେଉଁ ପ୍ରଭାବ ଜୀବନ ଉପରେ ପଡେ, ତାହା ଗ୍ରହମାନଙ୍କ ପ୍ରଭାବ ଅପେକ୍ଷା ଅଧିକ ଶକ୍ତିଶାଳୀ।–ଶ୍ରୀମା

# ଲୁଚାଇବା ଅନାବଶ୍ୟକ

ସୁପ୍ରିମକୋର୍ଟ ୧୩ ମାର୍ଚ୍ଚ ୨୦୨୬ରେ ମହିଳାଙ୍କ ଋତୁସ୍ରାବକାଳୀନ ଛୁଟି ସଂକ୍ରାନ୍ତ ଆବେଦନକୁ ଖାରଜ କରିଦେବା ସହ ଦେଇଥିବା ମତକୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ସର୍ବୋଚ୍ଚ ଅଦାଲତ କହିଛନ୍ତି, ବାଧ୍ୟତାମୂଳକ ଋତୁସ୍ରାବ ଛୁଟି ଦିଆଗଲେ ତାହା ମହିଳାଙ୍କ ନିଯୁକ୍ତି ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଯଦି ଏ ସଂକ୍ରାନ୍ତରେ ଆଇନ କରିଦିଆଯିବ, ତାହା ହେଲେ ନିଯୁକ୍ତିଦାତାମାନେ ମହିଳାଙ୍କୁ ଚାକିରି ଦେବେ ନାହିଁ। ଏ ସମ୍ବନ୍ଧୀୟ ଏକ ଜନସ୍ୱାର୍ଥ ମାମଲା(ପିଆଇଏଲ୍)ର ଶୁଣାଣି କରି ଶୀର୍ଷ ଅଦାଲତ ଆହୁରି କହିଛନ୍ତି, ଏହା ମହିଳାଙ୍କୁ ପୁରୁଷଙ୍କଠାରୁ କମ୍ ଯୋଗ୍ୟ ବୋଲି ବିବେଚନା କରିବ ଏବଂ ସେମାନଙ୍କ କ୍ୟାରିୟର ବୃଦ୍ଧିରେ ବାଧା ସୃଷ୍ଟି ହେବ। ମହିଳାଙ୍କୁ ଋତୁସ୍ରାବଜନିତ ଛୁଟି ଦେବା ଲାଗି କର୍ଣ୍ଣାଟକ ସରକାର ନୀତି ପ୍ରସ୍ତୁତ କରିବା, କେରଳ ସରକାର ସବୁ ସରକାରୀ ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଏହି ସୁବିଧା ରଖିଥିବା ବେଳେ କେତେକ ଘରୋଇ ସଂସ୍ଥା ଛୁଟି ଦେଉଛନ୍ତି ବୋଲି ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଯୁକ୍ତି ବାଢ଼ିଥିଲେ। କିନ୍ତୁ ସୁପ୍ରିମକୋର୍ଟ ଖଣ୍ଡପୀଠ କହିଥିଲେ, ସ୍ୱେଚ୍ଛାକୃତ ଭାବେ ସେମାନେ ଯଦି ଦେଉଛନ୍ତି, ତେବେ ତାହା ଭଲ କଥା। କିନ୍ତୁ ଆଇନରେ ବାଧ୍ୟତାମୂଳକ କରାଗଲେ ତାହା କାର୍ଯ୍ୟରତ ମହିଳାଙ୍କ ପ୍ରତି କ୍ଷତି ପହଞ୍ଚିବ।

ଏଭଳି ଏକ ପିଆଇଏଲ୍ ଓ ତାହା ଯୋଗୁ ସୁପ୍ରିମ୍‌କୋର୍ଟଙ୍କ ମତ ସର୍ବସାଧାରଣରେ ଜଣାପଡ଼ିବା ହେତୁ ଏକ ସକାରାତ୍ମକ ଆଲୋଚନା ଭାରତୀୟ ସମାଜରେ ହେବାର ସୁଯୋଗ ସୃଷ୍ଟି କରିଛି। ଆମ ଦେଶରେ ପରିବାରର ବରିଷ୍ଠମାନେ କନ୍ୟାମାନଙ୍କୁ ଏ ବିଷୟରେ ସଚେତନ କରିବାକୁ ପଛଘୁଞ୍ଚା ଦେଇଥାନ୍ତି। ପୁରୁଣା ଚିନ୍ତାଧାରା ଆଧାରରେ ଏହା ଏକ ଖୋଲାଖୋଲି ଆଲୋଚନାର ବିଷୟ ହେବା ପରିବର୍ତ୍ତେ ଏକ ଅସ୍ୱାସ୍ଥ୍ୟକର ଏବଂ ଲୁକ୍କାୟିତ ରଖିବାଯୋଗ୍ୟ କଥା ବୋଲି ଧରାହୋଇ ଆସୁଛି। ଅନେକ ସ୍ତରରେ ସେହି ସମୟରେ ଝିଅପିଲାଙ୍କୁ ମନ୍ଦିର ଓ ରୋଷେଇ ଘରକୁ ପ୍ରବେଶ ମନାକରିବା ସହିତ ଲେମ୍ବୁ ତୋଳିବା ଭଳି କାର୍ଯ୍ୟରୁ ବାରଣ କରାଯାଉଛି। ଆଧ୍ୟାତ୍ମିକ ଚିନ୍ତାଧାରାରେ ନିଜକୁ ଆଗୁଆ କହୁଥିବା ଭାରତୀୟ ଏଭଳି ପୁରୁଣା ଚିନ୍ତାଧାରା ଯୋଗୁ ପଛକୁ ଟାଣିହୋଇ ରହୁଛି। ଏହା ପରିବର୍ତ୍ତେ ସୁପ୍ରିମ୍‌କୋର୍ଟଙ୍କ ଏହି ମତକୁ ନେଇ ଆଲୋଚନା ଆରମ୍ଭ କରାଯାଇପାରିଲେ ବିଦ୍ୟାଳୟଠାରୁ କାର୍ଯ୍ୟସ୍ଥଳୀ ପର୍ଯ୍ୟନ୍ତ ଝିଅମାନଙ୍କୁ ଗ୍ରହଣୀୟ ଓ ସୁରକ୍ଷିତ ବାତାବରଣରେ ବଢ଼ିବା ଲାଗି ସୁଯୋଗ ମିଳିପାରନ୍ତା।

> **ସ୍ୱାସ୍ଥ୍ୟ ବାହାନାରେ ମହିଳାଙ୍କୁ କ୍ୟାରିୟରଠାରୁ ଦୂରେଇ ରଖାଯିବା ଯଥାର୍ଥ ନୁହେଁ। ସବୁ କଥାରେ ଆଇନ କରିଦେଲେ ତାହା ଲୋକଙ୍କୁ ଆଇନ ଭାଙ୍ଗିବା ପାଇଁ ବାଧ୍ୟ କରିଥାଏ। କେବଳ ଝିଅପିଲା ନୁହେଁ, ଋତୁସ୍ରାବ ଭଳି ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟକୁ ପୁଅପିଲାମାନେ ମଧ୍ୟ ସ୍କୁଲ ସ୍ତରରୁ ଜାଣିବା ଦରକାର। ଭାରତୀୟ ସମାଜରେ ଏଭଳି ସଚେତନତା ବୃଦ୍ଧି ପାଇଲେ ମହିଳାଙ୍କ ଜୀବନ ସହଜ ହେବା ସହିତ ଏହି ଦେଶରେ ଶ୍ରମଶକ୍ତିର ମାନ ବୃଦ୍ଧି ପାଇବ।**

ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ଯୁକ୍ତି ବାସ୍ତବବାଦୀ ମନେହେଉଛି। ଭାରତ ଜନସଂଖ୍ୟାର ପ୍ରାୟ ଅଧା ହୋଇଥିଲେ ମଧ୍ୟ ଶ୍ରମଶକ୍ତିରେ ମହିଳାଙ୍କ ଯୋଗଦାନ ହାର ପୁରୁଷଙ୍କ ତୁଳନାରେ ଯଥେଷ୍ଟ କମ୍ ରହୁଛି। ପୃଥିବୀର କୌଣସି ସଫଳ ଅର୍ଥନୀତି ସୃଷ୍ଟି କରିଥିବା ଦେଶରେ ଏଭଳି ତାରତମ୍ୟ ଦେଖାଯାଏ ନାହିଁ। ଅବଶ୍ୟ, ଏହା ମଧ୍ୟ ସ୍ୱୀକାରଯୋଗ୍ୟ ଯେ ଭାରତରେ ଗୃହିଣୀମାନେ ଯେଉଁ ପ୍ରକାରର ଓ ଯେତେ ପରିମାଣରେ କାର୍ଯ୍ୟ କରନ୍ତି, ତାହାର କୌଣସି ବିଧିବଦ୍ଧ ଆକଳନ କରାଯାଏ ନାହିଁ। ସେଥିପାଇଁ ଗୃହିଣୀଙ୍କ ଅର୍ଥନୈତିକ ଅବଦାନର ପରିମାଣ ଏବେ ମଧ୍ୟ ଅଜଣା। ଏଭଳି ସ୍ଥଳେ ମହିଳାଙ୍କୁ ପ୍ରତ୍ୟେକ ମାସ ଛୁଟି ଦେବାର ଆଇନ ସୃଷ୍ଟି କରାଯାଇଥିଲେ ତାହା ଘରୋଇ ନିଯୁକ୍ତିଦାତାଙ୍କୁ ଅମଙ୍ଗ ହେବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଥାନ୍ତା। ବାସ୍ତବରେ ଦେଖିବାକୁ ଗଲେ ମାଲିକ ବା ନିଯୁକ୍ତିଦାତା ନିଜର କର୍ମଚାରୀଙ୍କୁ ଦରମା ଦେବା ପରେ ସ୍ୱଳ୍ପଦିନର କାର୍ଯ୍ୟ ଚାହେଁନାହିଁ।

ସ୍ୱାସ୍ଥ୍ୟ ବାହାନାରେ ମହିଳାଙ୍କୁ କ୍ୟାରିୟରଠାରୁ ଦୂରେଇ ରଖାଯିବା ଯଥାର୍ଥ ନୁହେଁ। ସବୁକଥାରେ ଆଇନ କରିଦେଲେ ତାହା ଲୋକଙ୍କୁ ଆଇନ ଭାଙ୍ଗିବା ପାଇଁ ବାଧ୍ୟ କରିଥାଏ। କେବଳ ଝିଅପିଲା ନୁହେଁ, ଋତୁସ୍ରାବ ଭଳି ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟକୁ ପୁଅପିଲାମାନେ ମଧ୍ୟ ସ୍କୁଲ ସ୍ତରରୁ ଜାଣିବା ଦରକାର। ଭାରତୀୟ ସମାଜରେ ଏଭଳି ସଚେତନତା ବୃଦ୍ଧିପାଇଲେ ମହିଳାଙ୍କ ଜୀବନ ସହଜ ହେବା ସହିତ ଏହି ଦେଶରେ ଶ୍ରମଶକ୍ତିର ମାନ ବୃଦ୍ଧି ପାଇବ।

# କୃଷକ ବଜାର ଓ ଆର୍ଥିକ ସୁରକ୍ଷା



ଡ. ପ୍ରମୋଦ କୁମାର ପଣ୍ଡା

ଓଡ଼ିଶା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ। ପ୍ରଚୁର କଞ୍ଚାମାଲ ଓ ଭିତ୍ତିଭୂମି ଥିବା ସତ୍ତ୍ୱେ ଆବଶ୍ୟକ ଶିଳ୍ପାୟନ ଅଭାବରୁ ଓଡ଼ିଶାରେ ଏବେ ବି ପ୍ରାୟ ୬୦–୭୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ଦେଶର ହାରାହାରି ବାର୍ଷିକ ବୃଷ୍ଟିପାତ ପ୍ରାୟ ୧୨୦୦ ମିଲିମିଟର ହୋଇଥିବା ବେଳେ ଆମ ରାଜ୍ୟର ଏହା ୧୫୦୦ ମିଲିମିଟର। ସମଗ୍ର ଦେଶରେ ଥିବା ଆଠ ପ୍ରକାର ମୃତ୍ତିକା ଆମ ପାଖରେ ଉପଲବ୍ଧ। ବିଭିନ୍ନ ଜଳବାୟୁ ମଧ୍ୟ ଦେଖିବାକୁ ମିଳେ । ଓଡ଼ିଶାର କଶ୍ମୀର ଭାବେ ଜଣାଶୁଣା ଦାରିଙ୍ଗବାଡିରେ ବରଫ ପଡିବାର ନଜିର ରହିଛି। ସମୁଦ୍ର ପତନଠାରୁ ଦେଓମାଳୀର ଉଚ୍ଚତମ ଶୃଙ୍ଗ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଭୂମିରୂପ ମଧ୍ୟ ଆମ ରାଜ୍ୟରେ ଅବସ୍ଥିତ । ସବୁଠୁ ବଡ ସମ୍ପଦ ହେଉଛି ରାଜ୍ୟରେ ବାସ କରୁଥିବା ପାଖାପାଖି ୫ କୋଟି ଶାକାହାରୀ ଓ ମାଂସାହାରୀ ଖାଉଟି ବା ଗ୍ରାହକ। ଭିନ୍ନ ଭିନ୍ନ ମୃତ୍ତିକା, ଜଳବାୟୁ, ଭୂମିରୂପ ଏବଂ ବୃହତ୍ ଖାଉଟି ଉପସ୍ଥିତି ଯୋଗୁ କେଉଁ ଅନାଦି କାଳରୁ ଓଡ଼ିଶାରେ ଶହ ଶହ ପ୍ରକାର ଫସଲ ଚାଷ ହୋଇ ଆସୁଛି। ଏପରିକି ଏବେ ଓଡ଼ିଶାରେ ଥଣ୍ଡା ଅଞ୍ଚଳରେ ସେଓ ଫଳିବାର ଦୃଷ୍ଟାନ୍ତ ମିଳିଲାଣି।

୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷର ଭୟାବହତା ସମୟରେ ଧାନ ଉତ୍ପାଦନ ହୋଇପାରି ନ ଥିଲେ ମଧ୍ୟ ଓଡ଼ିଶାରୁ ୩୩୦୦୦ ହଜାର ଟନ ଚାଉଳ ଅନ୍ୟ ରାଜ୍ୟ ଓ ବିଦେଶକୁ ରପ୍ତାନି ହୋଇଥିଲା, ଯାହାକି ଆମର ଦୁର୍ଭିକ୍ଷ ସ୍ଥିତିକୁ ଆହୁରି ଜଟିଳ କରିଦେଇଥିଲା। ସେତେବେଳେ ଆମେ ଅନ୍ୟ ରାଜ୍ୟଗୁଡିକର ସୀମାବର୍ତ୍ତୀ ଅଞ୍ଚଳ ଭାବେ ପରିଗଣିତ ହେଉଥିବାରୁ କୃଷି କ୍ଷେତ୍ରରେ ସ୍ୱତନ୍ତ୍ର ଓ ଆବଶ୍ୟକ ପଦକ୍ଷେପ ନେଇପାରୁ ନ ଥିଲୁ। ୧୯୩୬ ମସିହାରେ ସ୍ୱତନ୍ତ୍ର ରାଜ୍ୟ ଓଡ଼ିଶା ପାଇଲୁ। ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶାର ଶତାବ୍ଦୀ ପାଳିବାକୁ ଯାଉଛୁ। ହେଲେ ଆଶ୍ଚର୍ଯ୍ୟର ବିଷୟ , ଆଜି ମଧ୍ୟ ଓଡ଼ିଶା ୧୦ ଲକ୍ଷ ଟନ ଚାଉଳ ବାହାର ରାଜ୍ୟରୁ ଆମଦାନୀ କରି ବଞ୍ଚୁଛି। ସରୁ ଚାଉଳ ଓ ଲମ୍ବା ଚାଉଳ (ବିରିୟାନୀ ପାଇଁ) ଚାଷ ହେଉ ନ ଥିବାରୁ ଖାଉଟିଙ୍କ ପସନ୍ଦ ଅନୁସାରେ ବ୍ୟବସାୟୀ ବାହାର ରାଜ୍ୟରୁ ଆଣି ଆମକୁ ବିକୁଛନ୍ତି। ଦୁଃଖର କଥା, କୃଷି ଉତ୍ପାଦନର ସମସ୍ତ ସୁବିଧା ସୁଯୋଗ ଥିବା ସତ୍ତ୍ୱେ ଆମେ କୃଷି ଆୟରେ ଦେଶର ରାଜ୍ୟମାନଙ୍କ ତାଲିକାରେ ତଳଆଡୁ ଦ୍ୱିତୀୟରେ ଅଛୁ। ଆମର କୃଷି ଆୟ ପ୍ରତି ପରିବାର ପିଛା ମାସକୁ ୫୧୧୨ ଟଙ୍କା। ଝାଡଖଣ୍ଡ ୪୮୯୫ଟଙ୍କାରେ ରହି ତଳ ଆଡୁ ପ୍ରଥମ ସ୍ଥାନ ଅଧିକାର କରିଛି। ଦେଶର ପ୍ରତି କୃଷି ପରିବାରର ହାରାହାରି ମାସିକ କୃଷି ଆୟ ୧୦,୨୧୮ ଟଙ୍କା ଥିବାବେଳେ ବଣପାହାଡ ଘେରା ମେଘାଳୟର ଏହା ୨୯,୩୪୮ ଟଙ୍କା, ଯାହା ଦେଶର ସର୍ବୋଚ୍ଚ ସ୍ଥାନ ନେଇଛି।



ଅପରପେଟ ମରୁଭୂମିପୂର୍ଣ୍ଣ ତଥା ମରୁଡି ପ୍ରପୀଡିତ ରାଜସ୍ଥାନର କୃଷି ଆୟ ୧୨୫୨୦ ଟଙ୍କା ଥିବା ବେଳେ ବନ୍ୟା ପ୍ରପୀଡିତ ଆସାମରଏହା ୧୦୬୭୫ ଟଙ୍କା, ଯାହା ବିକାଶ ଖସଡାକୁ ଆଖିଠାର ମାରୁଛି।

ଆମ ରାଜ୍ୟରେ କୃଷି ଆୟ କମ୍ ଥିବାରୁ ଚାଷୀ ଚାଷ ଛାଡି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ରାଜ୍ୟରେ ପରିସଂଖ୍ୟାନ ଯାହା କହୁନା କାହିଁକି ବାସ୍ତବ ଚିତ୍ର ହେଉଛି ଅଧିକାଂଶ ଚାଷଜମି ପଡିଆ। ଏହା ମଧ୍ୟ ବିଗତ ଦିନର ରିମୋଟ ସେନ୍ସିଂ ଡାଟାରୁ ସ୍ପଷ୍ଟ ହୋଇଛି। ପ୍ରଶ୍ନ ଉଠେ ଓଡ଼ିଶାରେ ଚାଷୀ ଆୟ ବୃଦ୍ଧି କାହିଁକି ହୋଇପାରୁ ନାହିଁ ? ଜଣେ ବୈଜ୍ଞାନିକ ହିସାବରେ ତର୍ଜମା କଲେ ଜଣାଯାଏ ଯେ, ଏହାର ଅନେକ କାରଣ ରହିଛି। ସେଥିମଧ୍ୟରୁ ମୁଖ୍ୟ କାରଣ ହେଉଛି ଆମ ବ୍ୟବସ୍ଥା କୃଷକଙ୍କୁ କୃଷି ଉତ୍ପାଦରେ ଖାଉଟି ଦେୟର ସିଂହଭାଗ ଦେଇପାରୁ ନାହିଁ। ଅର୍ଥାତ୍ ଓଡ଼ିଶାରେ ଖାଉଟି ମୂଲ୍ୟରେ କୃଷକମାନଙ୍କ ଭାଗ କମ୍ ରହୁଛି। ଯେହେତୁ ଚାଷୀ କମ୍ ପଇସା ପାଏ, ତା'ର ଦୁର୍ବଳ ଆର୍ଥିକ ଯୋଗୁ ଆଧୁନିକ କୃଷି ପାଇଁ ଆବଶ୍ୟକ ପୁଞ୍ଜି ନିବେଶ କରି ନ ପାରି ପାରମ୍ପରିକ ବା ପୁରାତନ ଢଙ୍ଗରେ ଚାଷ କରେ, ଯାହାର ଉତ୍ପାଦନ ଖର୍ଚ୍ଚ ଅଧିକ ହୋଇଥାଏ। ତେବେ ପନିପରିବା ଏକ ଅର୍ଥକରୀ ଫସଲ ହୋଇଥିବାରୁ ଆମେ ଏହାର ବଜାର ବିଶ୍ଳେଷଣ ମାଧ୍ୟମରେ ସମସ୍ୟାକୁ ବୁଝିପାରିବା। ସର୍ବେକ୍ଷଣରୁ ଜଣାଯାଏ, ଯେତେବେଳେ ଭୁବନେଶ୍ୱରର ଖାଉଟି ବାଇଗଣକୁ କିଲୋପିଛା ୫୦ ଟଙ୍କାରେ କିଣେ ସେତେବେଳେ ଚାଷୀ ବିହନ, ସାର, କୀଟନାଶକ, ପାଣି, ଶ୍ରମିକ ସବୁକିଛି ଲଗାଇ ମାତ୍ର ୧୬ରୁ ୨୦ ଟଙ୍କା ପାଏ। ଅର୍ଥାତ୍ ମାର୍କେଟିଂ ଚାନେଲ କିଛି ନ କରି ୩୦ରୁ ୩୪ ଟଙ୍କା ପାଏ। କୃଷି ଉତ୍ପାଦ ମୁଖ୍ୟତଃ ଅର୍ଥକରୀ ଫସଲରେ ଅତ୍ୟଧିକ ମିଡଲମ୍ୟାନ ବା ମଧ୍ୟସ୍ଥ ରହୁଥିବାରୁ ଚାଷୀଙ୍କୁ ଅଧିକ ପଇସା ମିଳେ ନାହିଁ। ଚାଷୀଙ୍କଠୁ ଛୋଟ ସଂଗ୍ରାହକ ଫସଲ ସଂଗ୍ରହ କରେ। ସେ ବଡ ସଂଗ୍ରାହକକୁ ଦିଏ। ବଡ ସଂଗ୍ରାହକ ଭୁବନେଶ୍ୱର ହୋଲ୍‌ସେଲରକୁ ଦିଏ। ହୋଲ୍‌ସେଲର ରିଟେଲରକୁ ଦିଏ। ରିଟେଲର ଗ୍ରାହକୁ ବିକେ। ଆଜିକାଲି ହୋଲ୍‌ସେଲରଙ୍କଠୁ ସବ୍‌ହୋଲ୍‌ସେଲର ନେଲେଣି। ଦୋକାନୀ ଦୋକାନରେ ବସୁଛନ୍ତି, ସବ୍‌ହୋଲ୍‌ସେଲର ଦୋକାନୀକୁ ନେଇ ଦେଉଛନ୍ତି। ଦୋକାନୀ ଗ୍ରାହକଙ୍କୁ ବିକୁଛନ୍ତି। ସମସ୍ତେ କିଛି କିଛି ଲାଭ ରଖୁଛନ୍ତି। ସେମାନେ ସବୁ ଚେଷ୍ଟା କରନ୍ତି କିପରି ସବୁଠୁ କମ୍ ଦାମରେ ଚାଷୀଠୁ କିଣିବେ ଓ ଅଧିକ ଲାଭ କରିବେ। କାରଣ ଚାଷୀ ଅର୍ଥାଭାବରେ ଥାଏ ଏବଂ ଶୀତଳ ଭଣ୍ଡାର ଅଭାବରୁ ଶାଗମାଛ ଦାମରେ ଉତ୍ପାଦ ବିକିବାକୁ ବାଧ୍ୟ ହୁଏ।

ଆମେ ଯଦି କୃଷକଙ୍କୁ ଖାଉଟିଙ୍କ ସହିତ ସିଧାସଳଖ ଯୋଡିବା ତା'ହେଲେ ଖାଉଟି ଦେୟର ସିଂହଭାଗ ଉତ୍ପାଦକ ବା କୃଷକଙ୍କ ନିକଟକୁ ଯିବ। ପୂର୍ବରୁ କିଛି ସହରରେ କୃଷକ ବଜାର ସ୍ଥାପନ କରାଯାଇଥିବା ନଜିର ରହିଛି। ମାତ୍ର ବାହୁବଳ ହେଉ କିମ୍ବା ଅନ୍ୟାନ୍ୟ ପ୍ରଭାବ ପ୍ରୟୋଗ କରି ବେପାରୀମାନେ ତାକୁ ମାଡିବସିଲେ। ଚାଷୀଙ୍କୁ ସେଠି ବସି ବିକିବାକୁ ଦେଲେ ନାହିଁ। ଚାଷୀଙ୍କଠୁ ସିଧାସଳଖ ହୋଲ୍‌ସେଲର କିଣିବାର ବ୍ୟବସ୍ଥା ବି ନାହିଁ। ଏ ଅବ୍ୟବସ୍ଥା ଦୂର କରିବା ପାଇଁ ଆମକୁ ରାଜ୍ୟର ସବୁ ସହରରେ ଏକାଧିକ ଚାଷୀ ବଜାର ସ୍ଥାପନ କରିବାକୁ ପଡିବ। ସେଠାରେ କୌଣସି ବେପାରି ଯେମିତି ପଶିପାରିବେ ନାହିଁ, ସେଥିପାଇଁ କଡା ଆଇନ ଆଣିବାକୁ ହେବ। କୃଷି ବିଭାଗ କେବଳ ଚାଷୀମାନଙ୍କୁ ପରିଚୟପତ୍ର ଦେବ ଏବଂ କେବଳ ସେମାନେ ହିଁ କୃଷକ ବଜାରରେ ସିଧା ସଳଖ ଖାଉଟିଙ୍କୁ ଉତ୍ପାଦ ବିକ୍ରି କରିବେ। ଖାଉଟିଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରହିବ। ତା'ପରେ ବେପାରୀମାନେ ପଶି ସେଠାରୁ ଉତ୍ପାଦ କିଣି ବାହାରକୁ ନେଇପାରିବେ, ମାତ୍ର ସେଠାରେ ବିକ୍ରି କରିପାରିବେ ନାହିଁ। ବେପାରୀମାନେ ଅନ୍ୟତ୍ର କିମ୍ବା ବର୍ତ୍ତମାନର ବଜାରରେ ବସି ବିକ୍ରି କରିପାରିବେ। ଚାଷୀମାନଙ୍କୁ ସେମାନଙ୍କ ଫସଲ ଦେଖି ପ୍ରମାଣପତ୍ର ଦିଆଯିବ। ସୁରକ୍ଷା ଦୃଷ୍ଟିରୁ କୃଷକ ବଜାରରେ ବାଉଣ୍ଡରୀ ହେବା ଆବଶ୍ୟକ ଏବଂ ଶୌଚାଳୟର ବ୍ୟବସ୍ଥା ରହିବା ଦରକାର। ଦୂରରୁ ଯେଉଁ ଚାଷୀମାନେ ଆସିବେ ସେମାନଙ୍କ ରହଣି ପାଇଁ କୃଷକ ବଜାରରେ ସ୍ୱଳ୍ପ ମୂଲ୍ୟରେ ବେଡ୍ ଓ ଖାଇବା ଉପଲବ୍ଧ ହେବା ବାଞ୍ଛନୀୟ। କହିବାକୁ ଗଲେ କୃଷିଜାତ ଦ୍ରବ୍ୟ ବିକ୍ରିବଟାରୁ ମଧ୍ୟସ୍ଥଙ୍କୁ ଦୂରେଇ ପାରିଲେ ଯାଇ ଆମେ ଚାଷୀକୁ ଦି'ପଇସା ଅଧିକ ଦେଇପାରିବା। ସହରର ବିଭିନ୍ନ ଭାଗରେ ଉପରୋକ୍ତ କୃଷକ ବଜାର ସ୍ଥାପନ କରି କୃଷକଙ୍କୁ ସିଧାସଳଖ ଖାଉଟିଙ୍କ ସହିତ ଯୋଡିପାରିଲେ ଚାଷୀଙ୍କ ଆୟ ବୃଦ୍ଧି କରିବାରେ ସକ୍ଷମ ହେବା।

**ପ୍ରଧାନ ବୈଜ୍ଞାନିକ**
**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ , ଭୁବନେଶ୍ୱର**
**ମୋ: ୮୯୧୭୪୨୬୪୪୦**

# ମଧ୍ୟପ୍ରାଚ୍ୟ ଯୁଦ୍ଧ



ସୁଧାଂଶୁ ରଞ୍ଜନ ଦାସ

ମଧ୍ୟପ୍ରାଚ୍ୟ ଯୁଦ୍ଧର ତାଣ୍ଡବଲୀଳା ବଢିଚାଲିଛି। ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଏବଂ ଇରାନର ଭୀଷଣ ପ୍ରତିଆକ୍ରମଣ ଯୁଦ୍ଧର ବିଭୀଷିକାକୁ ଆହୁରି ଗମ୍ଭୀର କରି ଦେଇଛି। ଇରାନ ବିଭିନ୍ନ କ୍ଷେପଣାସ୍ତ୍ର ଓ ଡ୍ରୋନ ଦ୍ୱାରା ଇସ୍ରାଏଲ ଏବଂ ଆରବ ଦେଶମାନଙ୍କରେ ଥିବା ଆମେରିକୀୟ କମ୍ପାନୀ ଓ ମିଲିଟାରୀ ବେସ୍‌ଗୁଡିକ ଉପରେ ଚଢ଼ାଉ କରିଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନରେ ଥିବା ଅସୁର ଶକ୍ତିର ସମ୍ପୂର୍ଣ୍ଣ ବିନାଶ ନ ହେଲେ ଏହା ମଧ୍ୟପ୍ରାଚ୍ୟର ସମସ୍ତ ଦେଶ ତଥା ସାରା ବିଶ୍ୱ ପାଇଁ ବିପଦ ସୃଷ୍ଟି କରିବ। ଏଥିପାଇଁ ଟ୍ରମ୍ପ ଇରାନର ପରମାଣୁ ପରୀକ୍ଷାକୁ ସବୁଦିନ ପାଇଁ ବନ୍ଦ କରିଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଟ୍ରମ୍ପଙ୍କ ପ୍ରଶାସନ ଇରାନକୁ ଆତଙ୍କବାଦର ଗଡ ବୋଲି ଦର୍ଶାଇଛି । ଇସ୍ରାଏଲ ଓ ଆମେରିକା ଯଦିଓ ଆଧୁନିକ ଅସ୍ତ୍ରଶସ୍ତ୍ର ତଥା ରଣକୌଶଳରେ ଅତ୍ୟନ୍ତ ନିପୁଣ, ତଥାପି ଇରାନର କ୍ଷେପଣାସ୍ତ୍ରର ବିବିଧତା ବିଶେଷକରି ମିଶାଇଲ ସହିତ ସଂଯୋଗ ହୋଇଥିବା କ୍ଲଷ୍ଟର ବୋମା ସେମାନଙ୍କୁ ଚିନ୍ତାରେ ପକାଇଛି। କାରଣ ମିଶାଇଲ ସାଙ୍ଗରେ ଆସୁଥିବା ଛୋଟ ଛୋଟ ଅସଂଖ୍ୟ କ୍ଲଷ୍ଟର ବୋମାକୁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ଶକ୍ତିହୀନ କରିବା ଅତ୍ୟନ୍ତ କଷ୍ଟକର। ରୁଷିଆ ସହାୟତାରେ ଇରାନ ବର୍ଷ ବର୍ଷ ଧରି ନିଜର ପରମାଣୁ ଅସ୍ତ୍ର ଉପରେ ପରୀକ୍ଷା କରିବା ସହ ବିଭିନ୍ନ ଦୂରତ୍ୱର କ୍ଷେପଣାସ୍ତ୍ର ତିଆରି କରି ଏହାକୁ ଅଧିକ ମାତ୍ରାରେ ଗଚ୍ଛିତ କରିପାରିଛି। ଜଣାପଡୁଛି ଇରାନ ଅନେକ ବର୍ଷ ହେଲା ଆମେରିକା ଓ ଇସ୍ରାଏଲ ଆକ୍ରମଣର ଆଶଙ୍କାରେ ନିଜକୁ ପ୍ରସ୍ତୁତ କରୁଥିଲା । ପରମାଣୁ ବୋମା ତିଆରି କରିବା ପାଇଁ ଇରାନ ବହୁ ଅଧିକ ମାତ୍ରାରେ ୟୁରାନିୟମ ଏକତ୍ରିତ କରିପାରିଛି। ଇରାନ ଏକ ପରମାଣୁ ଶକ୍ତି ହେବାରେ ଅଧିକ ବିଳମ୍ବ ନାହିଁ ବୋଲି ଆମେରିକା ଓ ଇସ୍ରାଏଲ ଅବଗତ ହେଲେଣି । ଯଦି ଇରାନ ପରମାଣୁ ବୋମା ପ୍ରସ୍ତୁତ କରି ମୁସ୍‌ଲିମ ଦେଶମାନଙ୍କୁ ହସ୍ତାନ୍ତର କରିଦେବ ତେବେ ଏହା ଆମେରିକା ,ଇସ୍ରାଏଲ ଏବଂ ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କ ଉପରେ ବିପଦ ସୃଷ୍ଟି କରିବ। ଏହି ଭୟ ଆମେରିକା ଓ ଇସ୍ରାଏଲକୁ ଇରାନ ଉପରେ ମିଳିତ ଆକ୍ରମଣ 'ଅପରେଶନ ଏପିକ୍ ଫ୍ୟୁରି' ପାଇଁ ବାଧ୍ୟ କରିଛି।

ଏହି ଯୁଦ୍ଧ ଯଦି ଲମ୍ବା ସମୟ ପାଇଁ ଚାଲେ ଏହା ଇରାନକୁ ମୁସ୍‌ଲିମ ରାଷ୍ଟ୍ରମାନଙ୍କ ସହଯୋଗ ପ୍ରାପ୍ତ କରିବାରେ ସହାୟକ ହୋଇପାରେ। ମଧ୍ୟପ୍ରାଚ୍ୟରେ ଥିବା ମୁସ୍‌ଲିମ ରାଷ୍ଟ୍ରମାନଙ୍କ ଉପରେ ଇରାନ ଆକ୍ରମଣ ଜାରି ରଖିଛି ଏବଂ ସେମାନେ କହିଲେଣି ଆମେରିକୀୟ କମ୍ପାନୀ ଓ ସେନା ଶିବିର ତାଙ୍କ ଦେଶରେ ଥିବାରୁ ଇରାନ ସେମାନଙ୍କୁ ଆକ୍ରମଣ କଲା। ଯଦି ଏହା ଜନମତରେ ପରିବର୍ତ୍ତନ ହେବ



ଆମେରିକା ଆଉ ଇରାନ ବିରୋଧୀ ମୁସ୍‌ଲିମ ରାଷ୍ଟ୍ରମାନଙ୍କର ସହଯୋଗ ପାଇବ ନାହିଁ। ନିକଟରେ ଆୟତୋଲ୍ଲା ଖାମେନେଇଙ୍କ ଦମନଲୀଳା, ଦରଦାମ ବୃଦ୍ଧି, ଅରାଜକତା ଓ ବେରୋଜଗାରି ଇରାନରେ ଜେନ–ଜି ଆନ୍ଦୋଳନ ସୃଷ୍ଟି କରିଥିଲା। ଏହାକୁ ବର୍ବରତା ପୂର୍ବକ ଦମନ କରି ଦିଆଗଲା। ଏହି ଦମନଲୀଳାରେ ଇରାନର ବହୁ ଯୁବକଙ୍କର ମୃତ୍ୟୁ ହୋଇଥିଲା। ଲୋକମାନେ 'ଆୟତୋଲ୍ଲା ଖାମେନେଇଙ୍କୁ ମୃତ୍ୟୁ ଦିଆଯାଉ' ପୋଷ୍ଟର ଧରି ବୁଲୁଥିଲେ। ଆଜିସେମାନେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ପରେ ଖାମେନେଇଙ୍କ ପୋଷ୍ଟର ଛାତିରେ ମାରି 'ଖାମେନେଇ ଜିନ୍ଦାବାଦ' କହି ବୁଲୁଛନ୍ତି। 'ଅପରେଶନ ଏପିକ୍ ଫ୍ୟୁରି' ଇରାନବାସୀଙ୍କୁ ଏକାଠି କରିଦେଇଛି। ଯୁଦ୍ଧ ଯଦି ବେଶିଦିନ ଚାଲେ ତେବେ ଏହା ଆମେରିକା ଓ ଇସ୍ରାଏଲ ପାଇଁ ଜଟିଳ ସମସ୍ୟା ସୃଷ୍ଟି କରିବ। ଇରାନର ଜନସାଧାରଣ ଖାମେନେଇ ସରକାରଙ୍କ ପ୍ରତି ଯେତେ ଅସନ୍ତୋଷ ବ୍ୟକ୍ତ କଲେ ମଧ୍ୟ ନିଜ ଦେଶରେ ଆମେରିକାର ହସ୍ତକ୍ଷେପକୁ ପସନ୍ଦ କରିବେନି। ଏ ପରିସ୍ଥିତି ଆମେରିକା ଓ ଇସ୍ରାଏଲର ନେତାମାନଙ୍କୁ ଜଣାଥିଲା। ତେଣୁ ସେମାନେ କମ୍ ସମୟ ଭିତରେ ଇରାନର ପରମାଣୁ ପରୀକ୍ଷା କେନ୍ଦ୍ରକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବାକୁ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ଇରାନରେ ନେତୃତ୍ୱ ପରିବର୍ତ୍ତନ ପାଇଁ ସମସ୍ତ ପଦକ୍ଷେପ ନେବାକୁ ଚେଷ୍ଟା କରିବେ। ଇରାନରେ ନେତୃତ୍ୱ ପରିବର୍ତ୍ତନ ଆମେରିକା ଓ ଇସ୍ରାଏଲର ବାୟୁ ସେନା ଆକ୍ରମଣ ଦ୍ୱାରା ସମ୍ଭବ ହେଲାପରି ଲାଗୁନାହିଁ। ସେଥିପାଇଁ ଆମେରିକା ଏବେ ଇରାନ ବିରୋଧୀ କୁର୍ଦ୍ଦିସ ସୈନିକମାନଙ୍କୁ ଉପଯୋଗ କରିବା ପାଇଁ ଚେଷ୍ଟା କରୁଛି। ଇରାନରେ ଥିବା କୁର୍ଦ୍ଦିସମାନେ ଦୀର୍ଘ ଦିନ ଧରି କୁର୍ଦ୍ଦିସ୍ତାନ( ଇରାନର ଉତ୍ତରପଶ୍ଚିମାଞ୍ଚଳରେ ପୂର୍ବ କୁର୍ଦ୍ଦିସ୍ତାନ) ପାଇଁ ସଂଗ୍ରାମ କରୁଛନ୍ତି। ଇରାନ ସରକାର ସଂଖ୍ୟାଲଘୁ କୁର୍ଦ୍ଦିସଙ୍କୁ ବର୍ଷ ବର୍ଷ ଧରି ଅକଥନୀୟ ଅତ୍ୟାଚାର କରିଛି। ତେବେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ କୁର୍ଦ୍ଦିସ୍ତାନ ଗଠନ ପାଇଁ ସୁଯୋଗ ଆଣିଛି। ହେଲେ ଯୁଦ୍ଧ ପରିସ୍ଥିତିରେ ଇରାନ ଭିତରେ କୁର୍ଦ୍ଦିସ୍ତାନ ଗଠନ କରାଯିବା ଏତେ ସହଜ ନୁହେଁ। ଏପଟେ ଜର୍ମାନୀ ଆମେରିକାକୁ ଯୁଦ୍ଧରେ ସହଯୋଗ କରିବାକୁ ମନା କରିଦେଇଛି। ଏଥିପାଇଁ ଆମେରିକା ଓ ଇସ୍ରାଏଲ ଆଗାମୀ ଦିନରେ ଇରାନର ପରମାଣୁ ପରୀକ୍ଷା କେନ୍ଦ୍ର ଏବଂ କ୍ଷେପଣାସ୍ତ୍ର ସେଣ୍ଟରଗୁଡିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବାକୁ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ସଂଖ୍ୟାଲଘୁ କୁର୍ଦ୍ଦିସମାନଙ୍କୁ ନେଇ କୁର୍ଦ୍ଦିସ୍ତାନ ଗଠନ ପାଇଁ ପ୍ରୟାସ କରିବେ। ଇରାନରେ ନେତୃତ୍ୱ ପରିବର୍ତ୍ତନ ନ ହେଲେ ମଧ୍ୟ ଆମେରିକା ଓ ଇସ୍ରାଏଲ କୁର୍ଦ୍ଦିସ୍ତାନରୁ ଇରାନ ଉପରେ ନିୟନ୍ତ୍ରଣ ରଖିପାରିବେ ବୋଲି ମନେ କରୁଛନ୍ତି।। ଯଦିଓ କୁର୍ଦ୍ଦିସ୍ତାନ ଗଠନ କଷ୍ଟକର, ତଥାପି ଆମେରିକା ଓ ଇସ୍ରାଏଲ ନିଜର ଅସ୍ତିତ୍ୱକୁ ସୁରକ୍ଷିତ ରଖିବା ପାଇଁ କୁର୍ଦ୍ଦିସ୍ତାନ ଗଠନ ସେମାନଙ୍କ ପାଇଁ ଆବଶ୍ୟକ ହୋଇଛି। ଆମେରିକା–ଇସ୍ରାଏଲ–ଇରାନ ଯୁଦ୍ଧର ଶୀଘ୍ର ପରିସମାପ୍ତି ହେବା ଦରକାର। ଏହି ଯୁଦ୍ଧ ଲମ୍ବା ସମୟ ଚାଲିଲେ ଏହା ବିଶ୍ୱର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ପରିବେଶକୁ ନଷ୍ଟ କରିଦେବ।

**ମୋ:୭୭୦୨୩୮୩୮୦**

## ଏଇ ଭାରତରେ

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିଥିବାରୁ ଏବେ ବିଶ୍ୱରେ ତୈଳ ଓ ଜାଳେଣି ଗ୍ୟାସ୍ ଅଭାବ ଧୀରେ ଧୀରେ ଗମ୍ଭୀର ହେବାରେ ଲାଗିଛି। ସାମ୍ପ୍ରତିକ ସ୍ଥିତିରେ ଗ୍ୟାସ୍ ବ୍ୟବହାର ସୀମିତ କରିବା ଏବଂ ତୈଳ ଅପଚୟ ବନ୍ଦ କରିବା ଜରୁରୀ ହୋଇଗଲାଣି। ଅନ୍ୟପକ୍ଷରେ ଜଳ ଏବଂ ବିଦ୍ୟୁତ୍ ସଙ୍କଟ ମଧ୍ୟ ଲାଗି ରହିଛି। ଏହି ପରିପ୍ରେକ୍ଷୀରେ ଏଭଳି ସଙ୍କଟକୁ ମୁକାବିଲା କରି ଜୀବନ ନିର୍ବାହ କରିବା ଏକ ଚ୍ୟାଲେଞ୍ଜ ହୋଇପଡ଼ିଛି। ତେବେ ସଙ୍କଟପୂର୍ଣ୍ଣ ସ୍ଥିତିରେ ସହଜରେ ଏକ ସବୁଜ ଜୀବନ ନିର୍ବାହ କରିବାର ଉପାୟ ସାମ୍ନାକୁ ଆଣିଛନ୍ତି ବେଙ୍ଗାଲୁରୁର ଏକ ଦମ୍ପତି। ରିଭା ଓ ରଞ୍ଜନ ମଲିକ ବିନା ଗ୍ୟାସ୍ ସିଲିଣ୍ଡର ଓ ମ୍ୟୁନିସିପାଲ ପାଣି ନ ନେଇ ଜୀବନ ଜିଉଛନ୍ତି। ଏପରି କି ସେ ରହୁଥିବା ଚାଳଛପର ଘରେ ବିଦ୍ୟୁତ୍ ନାହିଁ। ସେମାନେ ବର୍ଷକୁ ୫୦,୦୦୦ ଲିଟର ବର୍ଷାଜଳ ସଂରକ୍ଷଣ କରି ତାହାକୁ ବିଶୋଧନ କରି ବ୍ୟବହାର କରୁଛନ୍ତି। ସୌର ବିଦ୍ୟୁତ୍ ଉତ୍ପାଦନ କରିବା ସହ ସୋଲାର କୁକର୍ ଓ ଧୂଆଁବିହୀନ ଚୁଲିରେ ରୋଷେଇ କରୁଛନ୍ତି। ଅକ୍ଷୟଶକ୍ତିରେ ଜୀବନ ଧାରଣ ସହଜ ହୋଇପାରେ ବୋଲି ଏହି ଦମ୍ପତି ଏକ ବାର୍ତ୍ତା ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୬ ମାର୍ଚ୍ଚ ୧୯୭୭

- କଂଗ୍ରେସରେ ଯୋଗଦେଇଥିବା କେରଳ କଂଗ୍ରେସର ସବୁ ସଭ୍ୟ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି।
- ବିଶାଖାପାଟଣା ଜିଲାର ପ୍ରାୟ ୩୦ ହଜାର ହରିଜନ କଂଗ୍ରେସ କର୍ମୀ କଂଗ୍ରେସରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସରେ ଯୋଗ ଦେଇଛନ୍ତି।
- ଇଟାଲିର ଜଣେ ସଶସ୍ତ୍ର ବ୍ୟକ୍ତି ସ୍ପେନର ଏକ ବିମାନକୁ ଅପହରଣ କରି ଆବିଦବାନକୁ ନେଇଯାଇଥିବା ସ୍ପେନ ଏୟାର ଲାଇନ୍ସ ପକ୍ଷରୁ ଘୋଷଣା କରାଯାଇଛି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | 2 | | | | | |
| | | 4 | 1 | | | 3 | | 8 |
| | | | 4 | 7 | | | 1 | |
| | 5 | | | | | | 3 | 7 |
| 4 | | | 7 | 5 | | | | |
| 7 | 8 | | | 6 | | | 4 | 9 |
| | | 3 | | | 1 | | | |
| 5 | | | | | | | 2 | |
| 9 | 1 | | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 1 | 7 | 5 | 2 | 6 | 8 | 4 |
| 4 | 2 | 6 | 9 | 8 | 3 | 7 | 1 | 5 |
| 5 | 7 | 8 | 1 | 6 | 4 | 3 | 2 | 9 |
| 6 | 4 | 7 | 3 | 1 | 5 | 2 | 9 | 8 |
| 2 | 1 | 9 | 8 | 4 | 7 | 5 | 3 | 6 |
| 8 | 5 | 3 | 2 | 9 | 6 | 1 | 4 | 7 |
| 3 | 6 | 2 | 4 | 7 | 8 | 9 | 5 | 1 |
| 7 | 9 | 4 | 5 | 3 | 1 | 8 | 6 | 2 |
| 1 | 8 | 5 | 6 | 2 | 9 | 4 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାହିଯାତକୁ ଐତିହ୍ୟ ମାନ୍ୟତା ଦିଆଯାଉ

ମହାଶୟ,

ପୁରୀର ସାହିଯାତ ଶ୍ରୀଜଗନ୍ନାଥଙ୍କ ରାମାବତାର ଲୀଳାଖେଳାର ଏକ ପାରମ୍ପରିକ ନୀତି । ଆଧ୍ୟାତ୍ମିକ ସଂସ୍କୃତି ଶାସ୍ତ୍ରୀୟ ପରମ୍ପରାରେ ବାରମାସରେ ତେରଯାତ ମଧ୍ୟରୁ ଏହା ଏକ ଆକର୍ଷଣୀୟ ଯାତ୍ରା। ପୁରୀର ବିଭିନ୍ନ ସାହି ଆଖଡ଼ାର କଳାକାରଙ୍କ କଳା ପ୍ରଦର୍ଶନ ମାଧ୍ୟମରେ ଦୀର୍ଘ ୧୬ ଦିନ ଶ୍ରୀରାମଙ୍କ ଜନ୍ମଠାରୁ ଶ୍ରୀରାମାଭିଷେକ ପର୍ଯ୍ୟନ୍ତ ଏହି ଯାତ୍ରା ଚାଲେ। ଏଣୁ ପୁରୀ ସାହିଯାତକୁ ଜାତୀୟସ୍ତରରେ ଐତିହ୍ୟ ମାନ୍ୟତା ପ୍ରଦାନ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଗଲେ ପୁରୀ ପର୍ଯ୍ୟଟନର ବିକାଶ ହୋଇପାରିବ। ସରକାର ଓ ପ୍ରଶାସନ ପକ୍ଷରୁ ସାହିଯାତକୁ ପ୍ରୋତ୍ସାହିତ କରିବା ଦିଗରେ ଆର୍ଥିକ ଅନୁଦାନ ଦିଆଯାଉ। ସାହି ଆଖଡ଼ା କଳାକାରଙ୍କୁ ଠିକ୍ ସମୟରେ ଏହା ପ୍ରଦାନ କରାଗଲେ ବିଭିନ୍ନ ସାହି ଦ୍ୱାରା ପ୍ରଦର୍ଶନ କରାଯାଉଥିବା ସାହିଯାତ୍ରାର କଳାକୌଶଳ ପଟୁଆର ଆକର୍ଷଣୀୟ ହୋଇପାରିବ। ପ୍ରସିଦ୍ଧ ପର୍ବପର୍ବାଣି ପାଳନ ଯେପରି ଭାବେ ଲୁକ୍କାୟିତ ରହି ନ ଯାଇ ଜାତୀୟସ୍ତରରେ ଲୋକଲୋଚନକୁ ଆସିପାରିବ, ସେଥିପ୍ରତି ସରକାର ଓ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦିଅନ୍ତୁ। ଏହାଛଡ଼ା ସେଗୁଡ଼ିକୁ ଜାତୀୟସ୍ତରରେ ମାନ୍ୟତା ପ୍ରଦାନ ତଥା ଉତ୍କଳୀୟ ସାଂସ୍କୃତିକ ପରମ୍ପରାକୁ ଉଜ୍ଜୀବିତ ରଖିବା ନିମନ୍ତେ ମିଳିତ ଉଦ୍ୟମ ଆବଶ୍ୟକ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁଃଖ ତା'ର ତାରାରାଜି ଲଭି ମହା ଦୁଃଖ
ମଳିନ ତୁଷାରେ ପରା ଆବରିଛି ମୁଖ
ଭେଦି ସିନ୍ଧୁ ଗରଜନ କାତର ତା'ର କ୍ରନ୍ଦନ
ସଞ୍ଚରି ପରାଣ ମନ କରେ ମୋତେ ମୂକ
ତାରାରାଜି ଲଭେ ମହା ଦୁଃଖ ।
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# 'ପାରାଦୀପ ହେବ ଦେଶର ଏକ ବୃହତ୍ ଅର୍ଥନୈତିକ ହବ୍'

## ପାରାଦୀପରେ ପ୍ରତିଷ୍ଠା ହେବାକୁଥିବା ବିଭିନ୍ନ ଶିଳ୍ପ ସମ୍ବନ୍ଧରେ ସମୀକ୍ଷା

ପାରାଦୀପ,୧୫।୩(ଶରତ ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ପାରାଦୀପ ଗସ୍ତ କରିବା ସହ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବୃହତ୍ ଶିଳ୍ପ ପ୍ରତିଷ୍ଠା ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ଆଗାମୀ ଦିନରେ ପାରାଦୀପ ଭାରତର ଏକ ବୃହତ୍ ଅର୍ଥନୈତିକ ହବ୍ ହେବାକୁ ଯାଉଛି ବୋଲି ସେ ମତ ଦେଇଥିଲେ। ଏନେଇ ଅଞ୍ଚଳରେ ସ୍ଥାପିତ ହେବାକୁ ଥିବା ସମସ୍ତ ଭିତ୍ତିଭୂମି ଓ ଶିଳ୍ପ ପ୍ରକଳ୍ପଗୁଡ଼ିକ ଯେପରି ତୁରନ୍ତ ଆରମ୍ଭ ହେବ, ସେଥିପାଇଁ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ପାରାଦୀପ ପୋର୍ଟର ସମ୍ପ୍ରସାରଣ, ଜାହାଜ ନିର୍ମାଣ ଓ ମରାମତି କାରଖାନା,ବନ୍ଦର ବିକାଶ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ, ଇଣ୍ଡିଆନ ଅଏଲ ଏବଂ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ବିକଶିତ ହେବାକୁଥିବା ଶିଳ୍ପାନୁଷ୍ଠାନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ଭୁବନେଶ୍ୱର–କଟକ–ପୁରୀ–ପାରାଦୀପ ଅର୍ଥନୈତିକ କରିଡୋର, ଏଏମ୍‌ଏନ୍‌ଏସ୍ କମ୍ପାନୀ ପକ୍ଷରୁ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦୀପ ପେଟ୍ରୋ କେମିକାଲ ପ୍ରକଳ୍ପ, ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ରୋଜେକ୍ଟ ପ୍ରତିଷ୍ଠା ସହ ଏସବୁ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣଠାରୁ ଆରମ୍ଭ କରି ବିଭିନ୍ନ ଅନୁମୋଦନ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ କିପରି ସୁଚାରୁ ରୂପେ ହେବ ସେ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ପଡ଼ିରହିଥିବା କାର୍ଯ୍ୟକୁ ଯଥାଶିଘ୍ର ସମାଧାନ କରି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କାମକୁ ତ୍ୱରାନ୍ୱିତ କରିବା ପାଇଁ ଜିଲା ପ୍ରଶାସନ ଓ ଶିଳ୍ପାନୁଷ୍ଠାନର ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ମାଝୀ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶିଳ୍ପାନୁଷ୍ଠାନରେ ଓଡ଼ିଶାର ଯୁବପିଢ଼ି ବିଶେଷ କରି ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେବାପାଇଁ ସେ ପ୍ରାଧାନ୍ୟ ଦେଇଥିଲେ।

ବୈଠକରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତ୍‌ସିଂପୁର ଜିଲାପାଳ ଜେ.ସୋନାଲ, ଏସ୍‌ପି ଅଙ୍କିତ କୁମାର ବର୍ମା, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଆଇଓସିଏଲ୍, ଜେଏସ୍‌ଡବ୍ଲ୍ୟୁ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ସମୀକ୍ଷା ବୈଠକରେ ଶିଳ୍ପ ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀ ଓ କମ୍ପାନୀ ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରୁଛନ୍ତି।

# ରାଜ୍ୟରେ ୩,୧୧,୬୯୦ ମାମଲା ଫଇସଲା

**୧ମ ରାଷ୍ଟ୍ରୀୟ ଲୋକ ଅଦାଲତ** ୧୬୬,୨୩,୧୩,୯୨୫ ଟଙ୍କା ଜରିମାନା, କ୍ଷତିପୂରଣ ରାଶି

କଟକ,୧୫।୩(କାର୍ତ୍ତିକ ସାହୁ)

ନ୍ୟାଶନାଲ ଲିଗାଲ ସର୍ଭିସ ଅଥରିଟି (ନାଲ୍‌ସା) ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟର ୩୦ ଜିଲାରେ ଥିବା ବିଭିନ୍ନ ଜିଲାସ୍ତରୀୟ ଅଦାଲତ ସମେତ କଟକସ୍ଥିତ ଋଣ ଆଦାୟ ଟ୍ରିବ୍ୟୁନାଲ, ଖାଉଟି ଅଦାଲତ, ଭୁବନେଶ୍ୱରସ୍ଥିତ ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ଓ ଷ୍ଟେଟ ଏଜୁକେଶନ ଟ୍ରିବ୍ୟୁନାଲରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ପାଟ୍ରୋନ–ଇନ୍–ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି।

ବିଭିନ୍ନ ଅଦାଲତରେ ପଡ଼ିରହିଥିବା ୧୯,୮୦୧ଟି ମାମଲା, ୨,୮୧,୬୧୨ଟି ରାଜସ୍ୱ ମାମଲା ଏବଂ ୧୦,୨୭୭ଟି ପ୍ରି–ଲିଟିଗେଶନ ମାମଲା ମିଶି ମୋଟ ୩,୧୧,୬୯୦ଟି ମାମଲା ଫଇସଲା କରାଯାଇଛି। ଏଥିସହ ମୋଟ ୧୬୬,୨୩,୧୩,୯୨୫ ଟଙ୍କା ଜରିମାନା ଏବଂ କ୍ଷତିପୂରଣ ରାଶି ବାବଦରେ ସ୍ଥିରୀକୃତ ହୋଇଛି। ବିଭିନ୍ନ ଅଦାଲତରେ ପଡ଼ିରହି ସମାଧାନ ହୋଇଥିବା ମାମଲାଗୁଡ଼ିକ ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ ଅଫେନ୍ସ ୩୦୬, ପ୍ଲିଆ ବାର୍ଗେନିଂ ୨୦, ଏନ୍‌ଆଇ ଆକ୍ଟ ୧,୭୯୯, ମନିରିକଭରି ୪୭୧, ମୋଟରଯାନ ଦୁର୍ଘଟଣାଜନିତ ୯୨୮, ଶ୍ରମ ବିବାଦ ୪୮, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୬, ବୈବାହିକ ତଥା ପାରିବାରିକ ବିବାଦ ୪୬୭, ଜମି ଅଧିଗ୍ରହଣ ୨, ଚାକିରି ଓ ପେନ୍‌ସନ ୮, ରାଜସ୍ୱ ଓ ଅନ୍ୟାନ୍ୟ ବିବାଦ ୨,୮୧,୬୧୨, ଖାଉଟି ବିବାଦ ଆଦି ୧୭, ଅନ୍ୟାନ୍ୟ ସିଭିଲ ବିବାଦ ୧,୫୬୬, ଅନ୍ୟାନ୍ୟ ଫୌଜଦାରି ୧୩,୧୬୭, ଋଣ ଆଦାୟ ଟ୍ରିବ୍ୟୁନାଲ ୦୭, ରାଜ୍ୟ ଖାଉଟି ଅଦାଲତରେ ୬, ଶ୍ରମ ଅଦାଲତରେ ୩ ଏବଂ ଭୁବନେଶ୍ୱର ଶିଳ୍ପ ଟ୍ରିବ୍ୟୁନାଲରେ ୧୨ଟି ମାମଲା ଫଇସଲା ହୋଇଥିବା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ଋଷିକୁଲ୍ୟା ମୁହାଣରେ ଅଲିଭ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ଆରମ୍ଭ

ଗଞ୍ଜାମ,୧୫।୩(ଅନାଥ ତରାଇ)

**ପ୍ରଥମ ଦିନରେ ୧୦ ହଜାରରୁ ଅଧିକ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ**

ଗଞ୍ଜାମ ଜିଲା ଋଷିକୁଲ୍ୟା ମୁହାଣର ସୁନେଲି ବାଲୁକା ଶଯ୍ୟାରେ ଏବେ ଅଲିଭ ରିଡ୍‌ଲେ (ସାମୁଦ୍ରିକ କଇଁଛ)ଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତବର୍ଷ ହଜାର ହଜାର ସଂଖ୍ୟାରେ ବିରଳ ଅଲିଭ ରିଡ୍‌ଲେ ଗଣ ଅଣ୍ଡାଦାନ ପାଇଁ ଋଷିକୁଲ୍ୟା ବେଳାଭୂମିରେ ପହଞ୍ଚିଛନ୍ତି। ଶନିବାର ରାତିରୁ ଅଲିଭ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ବା 'ଅରିବାଡା' ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୦,୨୨୦ ମାଈ ଅଲିଭ ରିଡ୍‌ଲେ ବଙ୍ଗୋପସାଗରରୁ କୂଳକୁ ଆସି ଅଣ୍ଡା ଦେଇଛନ୍ତି। ଏହା ପୂର୍ବରୁ ପ୍ରାୟ ୫,୭୦୦ ଅଲିଭ ରିଡ୍‌ଲେ ଛୋଟ ଛୋଟ ସମୂହରେ ଅଣ୍ଡାଦାନ କରିସାରିଥିଲେ, ଯାହା ୨୦୨୬ ପ୍ରଜନନ ଋତୁ ପାଇଁ ଏକ ଶୁଭ ସଙ୍କେତ ବୋଲି ବନ ବିଭାଗ କହିଛି। ପୁରୁଣାବନ୍ଧଠାରୁ ପ୍ରୟାଗି ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ବେଳାଭୂମିରେ ଏବେ ବନ ବିଭାଗ ଓ ସ୍ଥାନୀୟ ମତ୍ସ୍ୟଜୀବୀ ସମୁଦାୟ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ଦିନରାତି ପହରା ଦେଉଛନ୍ତି। ସେମାନଙ୍କ ନିରାପତ୍ତା ପାଇଁ ସମୁଦ୍ରରେ ଟ୍ରଲିଂ ବନ୍ଦ କରାଯିବା ସହ ସମଗ୍ର ଅଞ୍ଚଳରେ ୨୪ ଘଣ୍ଟିଆ ନଜର ରଖାଯାଇଛି। ପାଟ୍ରୋଲିଂ ସମୟରେ ହରିପୁର ବେଳାଭୂମିରେ ୩୦ଟି ଅଲିଭ ରିଡ୍‌ଲେଙ୍କ ମୃତ୍ୟୁ ଘଟିଥିବା ଖବରକୁ ବନ ବିଭାଗ ଖଣ୍ଡନ କରି ପ୍ରକୃତରେ ୧୧ଟି ଅଲିଭ ରିଡ୍‌ଲେଙ୍କ ମୃତଦେହ ଉଦ୍ଧାର ହୋଇଥିବା କହିଛି। ବନ ବିଭାଗ କ୍ଷେତ୍ର କର୍ମଚାରୀ ସରକାରୀ ନିୟମ ଅନୁଯାୟୀ ମୃତ ଅଲିଭ ରିଡ୍‌ଲେଙ୍କୁ ପୋତି ଦେଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଗଞ୍ଜାମ ନିକଟସ୍ଥ ପୋଡ଼ମପେଟା ବେଳାଭୂମିରେ ପ୍ରାୟ ୯ ଲକ୍ଷରୁ ଅଧିକ ଅଲିଭ ରିଡ୍‌ଲେ ଅଣ୍ଡା ଦେଇ ରେକର୍ଡ କରିଥିଲେ।



ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ତାଙ୍କ ସରକାରୀ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭେଟି ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରୁଛନ୍ତି।

# ସୁସ୍ଥ ହୋଇ ଫେରିଲେ ମନ୍ତ୍ରୀ ସୁରେଶ ପୂଜାରୀ

ଭୁବନେଶ୍ୱର,୧୫।୩(ରବିନାରାୟଣ ଜେନା)

**ବାସଭବନରେ ମୁଖ୍ୟମନ୍ତ୍ରୀ ଯାଇ ଭେଟିଲେ**

ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ନୂଆଦିଲ୍ଲୀ ଏମ୍‌ସ ହସ୍ପିଟାଲ ଚିକିତ୍ସା ଲାଗି ଯାଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରବିବାର ସୁସ୍ଥ ହୋଇ ଫେରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ବିମାନବନ୍ଦରଠାରେ ପୂଜାରୀଙ୍କୁ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯିବା ସହିତ ଦୀର୍ଘାୟୁ କାମନା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାତିରେ ସୁରେଶଙ୍କ ସରକାରୀ ବାସଭବନକୁ ଯାଇ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ସହିତ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ସୂଚନାଯୋଗ୍ୟ, ମାର୍ଚ୍ଚ ୩ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ମନ୍ତ୍ରୀ ପୂଜାରୀଙ୍କୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଥିଲେ। ମାତ୍ର ପରେ ତାଙ୍କୁ ଅଧିକ ଚିକିତ୍ସା ଲାଗି ମାର୍ଚ୍ଚ ୫ରେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା।

# ତାରସିଂ ରେଞ୍ଜରେ ମାଈହାତୀ ମୃତ

ଭଞ୍ଜନଗର,୧୫।୩(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ତାରସିଂ ରେଞ୍ଜ ନାରାୟଣପ୍ରସାଦ ରାମ୍ପାକଡ଼ ଜଙ୍ଗଲରେ ଶନିବାର ରାତିରେ ଏକ ମାଈହାତୀର ମୃତଦେହ ଠାବ ହୋଇଛି। ବନ ବିଭାଗ କର୍ମଚାରୀ ରବିବାର ସକାଳେ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହାତୀଟିର ବୟସ ପ୍ରାୟ ୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଭୁବନେଶ୍ୱରରୁ ଜେଟିଏଫ୍ ଟିମ୍ ଆସି ପହଞ୍ଚିବା ପରେ ପ୍ରାଣୀ ବିଶେଷଜ୍ଞ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ନେହା, ଟାଟା ପାୱାର, ପଞ୍ଚାୟତ ଜନ ପ୍ରତିନିଧି ପ୍ରମୁଖଙ୍କ ଉପସ୍ଥିତିରେ ହାତୀର ବ୍ୟବଚ୍ଛେଦ ହୋଇଥିଲା। ୪/୫ ଦିନ ପୂର୍ବେ ତାହାର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କିଭଳି ହେଲା ଜଣାପଡିବ ବୋଲି ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି। ହାତୀ ଶରୀରର ବିଭିନ୍ନ ଅଂଶକୁ ଅଧିକ ପରୀକ୍ଷା ପାଇଁ ଭୁବନେଶ୍ୱର ଓୟୁଏଟିକୁ ପଠାଯାଇଛି। ବଳକା ଅଂଶକୁ ସେଠାରେ ପୋତି ଦିଆଯାଇଛି। ଜେଟିଏଫ୍ ଏସ୍‌ପି ବଟକୃଷ୍ଣ ମିଶ୍ର, ଡିଏଫଓ ମହାନ୍ତି, ଏସିଏଫ ବିବେକ ଦାସ, ବିମଳ ପ୍ରସାଦ ପ୍ରଧାନ, ମୁଜାଗଡ ରେଞ୍ଜର ବିମ୍ବାଧର ସାହୁ, ତାରସିଂ ରେଞ୍ଜର ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ସେଠାରେ ଉପସ୍ଥିତ ଥିଲେ।

# ବିକାଶ ସାଥୀ ପକ୍ଷରୁ ସିଲେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ବୈଠକରେ ଉପସ୍ଥିତ ବିକାଶ ସାଥୀ ସଂଗଠନର ସଦସ୍ୟା ଓ ମହିଳାମାନେ।

କରଞ୍ଜିଆ,୧୫।୩(କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ଅଧୀନ ବଡ଼ଦେଉଳି ଗ୍ରାମରେ ହାତୀ ଉପଦ୍ରବରେ ପ୍ରଭାବିତ ଜନଜାତି ପରିବାରର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ବିକାଶ ସାଥୀ ସଂଗଠନ ପକ୍ଷରୁ ମହିଳା ସିଲାଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧରିତ୍ରୀ, ଓଡ଼ିଶା ପୋଷ୍ଟ, ଜାଭେରୀ ଗ୍ରୁପ ଏବଂ ଓରମାସ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ସିଆର୍‌ପି ସଦସ୍ୟା ସୁକାନ୍ତି ଲୋହରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ହାତୀ ଉପଦ୍ରବରେ ପ୍ରଭାବିତ ପରିବାରଗୁଡ଼ିକର ମହିଳାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସିଲାଇ ପ୍ରଶିକ୍ଷଣ ମାଧ୍ୟମରେ ବିକଳ୍ପ ଜୀବିକା ସୁଯୋଗ ଦେବା ବିଷୟରେ ଆଲୋଚନା ହୋଇଥିଲା। ଏହି ପ୍ରଶିକ୍ଷଣ ମାଧ୍ୟମରେ ମହିଳାମାନେ ଦକ୍ଷତା ଅର୍ଜନ କରି ଆୟବୃଦ୍ଧି କରିପାରିବେ ଏବଂ ପରିବାର ଆର୍ଥିକ ଭାବେ ସଶକ୍ତ ହେବେ ବୋଲି ଆଶା ପ୍ରକାଶ କରାଯାଇଥିଲା। ଗାଁର ଅନୁ ନାଏକ, ଶକୁନ୍ତଳା ନାଏକ, ସୁଦେବୀ ନାଏକ, ତପସ୍ୱିନୀ ନାଏକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ବିକାଶ ସାଥୀ ପକ୍ଷରୁ ଶୁଭସ୍ମିତା ପଣ୍ଡା ଓ ମାନସ ପଣ୍ଡା ବୈଠକ ପରିଚାଳନା କରିଥିଲେ। ଗ୍ରାମର ମହିଳାମାନେ ଏହି ପଦକ୍ଷେପକୁ ସ୍ୱାଗତ କରି ସଫଳ କରିବା ପାଇଁ ସହଯୋଗ କରିବେ ବୋଲି କହିଥିଲେ।

**୩ୟ ପୃଷ୍ଠାର ଅବଶିଷ୍ଟାଂଶ**

## ପଶ୍ଚିମବଙ୍ଗ: ଏପ୍ରିଲ ୨୩...

ରାଜନୈତିକ ମହଲ ଚଳଚଞ୍ଚଳ ହୋଇଉଠିଛି। ସିଇସିଙ୍କ ସୂଚନାନୁଯାୟୀ ୪ ରାଜ୍ୟ ଓ ପଣ୍ଡିଚେରୀର ମୋଟ ୧୭.୪ କୋଟି ଯୋଗ୍ୟ ଭୋଟର ଆଗାମୀ ବିଧାନସଭା ନିର୍ବାଚନମଣ୍ଡଳୀର ୮୨୪ ବିଧାୟକଙ୍କୁ ନିର୍ବାଚିତ କରିବେ। ସୁରୁଖୁରୁରେ ଭୋଟ ଗ୍ରହଣ ପାଇଁ ୨.୧୯ ଲକ୍ଷ ପୋଲିଂ ଷ୍ଟେଶନ ପ୍ରତିଷ୍ଠା କରାଯିବ। ସେଗୁଡ଼ିକରେ ମୁକ୍ତ ଓ ଅବାଧ ମତଦାନ ପାଇଁ ୨୫ ଲକ୍ଷ ନିର୍ବାଚନ ଅଧିକାରୀଙ୍କୁ ନିୟୋଜିତ କରାଯିବ। ଏହି ନିର୍ବାଚନରେ ସାମିଲ ହେବାକୁ ଥିବା ଭୋଟରଙ୍କ ସଂଖ୍ୟା ଅଷ୍ଟ୍ରେଲିଆ, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା, ଜର୍ମାନୀ ଓ କାନାଡା ଜନସଂଖ୍ୟା ସହ ସମାନ। ଏସ୍‌ଆଇଆର୍ ବେଳେ ଉପଯୁକ୍ତ ଦାୟିତ୍ୱ ତୁଲାଇଥିବା ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନଙ୍କ କାର୍ଯ୍ୟକୁ ପ୍ରଶଂସା କରି ସିଇସି କହିଛନ୍ତି, ଭାରତୀୟ ଗଣତନ୍ତ୍ରର ଏହି ପର୍ବର ଅନୁଭୂତି ନେବା ପାଇଁ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକୁ ୨୦ ଦେଶର ପ୍ରତିନିଧି ପରିଦର୍ଶନରେ ଆସିବେ।

ରାଜନୈତିକ ଦୃଷ୍ଟିରୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ଆସନ୍ତା ମେ' ୭ରେ ଶେଷ ହେବାକୁ ଯାଉଛି। ବିଧାନସଭାର ୨୯୪ ଆସନରେ ୨ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ଏପ୍ରିଲ ୨୩ରେ ୧୫୨ ଏବଂ ୨୯ରେ ୧୪୨ ଆସନ ପାଇଁ ପଶ୍ଚିମବଙ୍ଗ ଭୋଟର ମତଦାନ କରିବେ। ପ୍ରଥମ ପର୍ଯ୍ୟାୟ ପାଇଁ ମାର୍ଚ୍ଚ ୩୦ରେ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ଏପ୍ରିଲ ୬ ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ତାରିଖ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ଏପ୍ରିଲ ୯ ହେଉଛି ନାମାଙ୍କନର ଶେଷ ଦିନ। ଏହି ନିର୍ବାଚନରେ ରାଜ୍ୟର ମୋଟ ୭୦,୪୫୯,୨୮୪ ଭୋଟ ଦେବେ, ଯାହାଙ୍କ ମଧ୍ୟରୁ ୩୬,୦୨୨,୬୪୨ ପୁରୁଷ, ୩୪,୪୩୫,୨୬୦ ମହିଳା ଓ ୧,୩୮୨ କିନ୍ନର ବୋଲି ଇସିଙ୍କ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି। ୭୧ ବର୍ଷୀୟା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଚତୁର୍ଥ ଥର ବିଜୟ ଆଶା ରଖି ନିର୍ବାଚନ ପୂର୍ବରୁ ଅନେକ ଜନକଲ୍ୟାଣକାରୀ ଯୋଜନା ଘୋଷଣା କରିଛନ୍ତି। କ୍ଷମତା ବିରୋଧୀ ପବନକୁ ପ୍ରତିହତ କରିବାରେ ସେଗୁଡ଼ିକ କେତେ ସହାୟକ ହେଉଛି ତାହା ଫଳାଫଳ ଆସିବା ପରେ ଜଣାପଡ଼ିବ।

ବିଧାନସଭା ନିର୍ବାଚନ ହେବାକୁ ଥିବା ଦ୍ୱିତୀୟ ବଡ଼ ରାଜ୍ୟ ହେଉଛି ତାମିଲନାଡୁ। ଏହି ଦକ୍ଷିଣ ଭାରତୀୟ ରାଜ୍ୟର ସପ୍ତଦଶ ବିଧାନସଭାର ୨୩୪ ଆସନରେ ଏପ୍ରିଲ ୨୩ରେ ଭୋଟ ଗ୍ରହଣ କରାଯିବ। ରାଜ୍ୟର ୫୬,୭୦୭,୩୮୦ ଭୋଟର ଏହିଦିନ ଭୋଟ ଦେଇପାରିବେ। ୨୦୨୧ ମେ' ୭ରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଥିବା ଡିଏମ୍‌କେ ସୁପ୍ରିମୋ ଏମ୍.କେ. ଷ୍ଟାଲିନ୍ ସହଯୋଗୀ କଂଗ୍ରେସ ସହ ମିଶି ପୁଣି ସରକାର ଗଢ଼ିବା ପାଇଁ ଉଦ୍ୟମ ଚଳାଇଛନ୍ତି। ପୂର୍ବ ଏଆଇଏଡିଏମ୍‌କେ ସରକାରରେ ଉପମୁଖ୍ୟମନ୍ତ୍ରୀ ଥିବା ଓ. ପନ୍ନିରସେଲଭମ୍ ଦଳର ସାଧାରଣ ସମ୍ପାଦକ ଇ.କେ. ପାଲାନିସ୍ୱାମୀଙ୍କ ସହ ମତଭେଦ ଯୋଗୁ ନିକଟରେ ଡିଏମ୍‌କେରେ ଯୋଗଦେଇଛନ୍ତି। ତେଣୁ ଡିଏମ୍‌କେ ଯେପରି ଆଉ ଥରେ କ୍ଷମତାକୁ ନ ଆସିବ ସେଥିଲାଗି ଭାଜପା ପକ୍ଷରୁ ଗୋଟିଚାଳନା ଆରମ୍ଭ ହୋଇଛି। ଏହି କ୍ରମେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ୨୦୨୫ ଏପ୍ରିଲରେ ଏଆଇଏଡିଏମ୍‌କେ ଏବଂ ଭାଜପା ମେଣ୍ଟ କରାଯିବା ନେଇ ଘୋଷଣା ହୋଇଥିଲା। ଭାଜପା ସେଠାରେ ବଡ଼ ଭୂମିକା ଚାହୁଁଥିବାରୁ ବିଭିନ୍ନ ବିକଳ୍ପ ଉପରେ ବିଚାର କରୁଛି। ଏହିକ୍ରମେ ଅଭିନେତାରୁ ରାଜନେତା ସାଜିଥିବା ବିଜୟଙ୍କୁ ରବିବାର ଭାଜପା ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପଦ ଓ ତାଙ୍କ ନବଗଠିତ ଦଳ ତାମିଲିଗା ଭେଟ୍ରି କାଝାଗାମ୍ (ଟିଭିକେ)କୁ ୮୦ ଆସନରେ ଲଢ଼ିବା ପାଇଁ ଅଫର୍ ଦିଆଯାଇଛି।

ଅନ୍ୟତମ ଦକ୍ଷିଣ ଭାରତୀୟ ରାଜ୍ୟ କେରଳର ୧୪୦ ଆସନ ପାଇଁ ଏପ୍ରିଲ ୯ରେ ବିଧାନସଭା ନିର୍ବାଚନ ହେବ। ୨୦୧୬ରୁ କ୍ଷମତାରେ ଥିବା ମୁଖ୍ୟମନ୍ତ୍ରୀ ପି. ବିଜୟନ୍ ଏଥର ପୁଣି ସରକାର ଗଢ଼ିବାକୁ ଉଦ୍ୟମ ଚଳାଇଛନ୍ତି। ତେଣୁ ବିଜୟନ୍‌ଙ୍କ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଏବଂ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ମଧ୍ୟରେ କଡ଼ା ଟକ୍କର ହୋଇପାରେ। ଇତିମଧ୍ୟରେ କେରଳରେ ଭାଜପାର ଶକ୍ତିବୃଦ୍ଧି ଘଟିଥିବାରୁ ଅନେକ ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାର ସମ୍ଭାବନା ରହିଛି।

ସେହିପରି ଉତ୍ତର–ପୂର୍ବାଞ୍ଚଳର ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଆସାମର ରାଜନୈତିକ ପାଣିପାଗ ଉପରେ ମଧ୍ୟ ବିଶ୍ଳେଷକଙ୍କ ନଜର ରହିଛି। ରାଜ୍ୟ ବିଧାନସଭାର ୧୨୬ ଆସନ ପାଇଁ ଏପ୍ରିଲ ୯ରେ ଭୋଟ ଗ୍ରହଣ କରାଯିବ। ଆସାମରେ ଭାଜପା ୨୦୧୬ରୁ କ୍ଷମତାରେ ଥିବାବେଳେ ୨୦୨୧ରୁ ହିମନ୍ତ ବିଶ୍ୱଶର୍ମା ମୁଖ୍ୟମନ୍ତ୍ରୀ ଅଛନ୍ତି। କଂଗ୍ରେସରୁ ଆସି ଭାଜପାର ପୋଷ୍ଟର ବୟ ପାଲଟିଥିବା ହିମନ୍ତ ତାଙ୍କ ପୂର୍ବ ଦଳର ରଣନୀତିକୁ ଭଣ୍ଡୁର କରି ପୁଣି ଥରେ ସରକାର ଗଢ଼ିବାକୁ ଆଶାବାଦୀ। କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ୩୩ ଆସନ ପାଇଁ ମଧ୍ୟ ଏପ୍ରିଲ ୯ରେ ନିର୍ବାଚନ ଅନୁଷ୍ଠିତ ହେବ। ଏଠାରେ ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀଙ୍କ ସରକାର କ୍ଷମତାରେ ରହିଛି। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପଣ୍ଡିଚେରୀରେ ମଧ୍ୟ ସଫଳତା ଦୋହରାଇବାକୁ ଉଦ୍ୟମ ଚଳାଇଛି।



ଭାଇରାଲ ଭିଡିଓର ଦୃଶ୍ୟ।

## ନିଜକୁ ସାପ...

ନବୀନ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ପାରିବାରିକ କଳହରୁ ନବୀନ ଉତ୍କ୍ଷିପ୍ତ ହୋଇ ସେ ନିଜେ ରଖିଥିବା ଏକ ବିଷଧର ସାପର ପାଟିକୁ ହାତ ପାଖରେ ଲଗାଇ ଦେହକୁ ବିଷ ନେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହାର ଭିଡିଓ କରି ସୋସିଆଲ ମିଡିଆରେ ନିଜେ ପୋଷ୍ଟ କରିଥିଲେ। ପରେ ସାପଟିକୁ ସେ ଛାଡ଼ିଦେଇଥିଲେ। ଏହି ପୋଷ୍ଟ ଦେଖି ନବୀନଙ୍କ କେତେଜଣ ସାଙ୍ଗ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ସେଠାରେ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ପରିବାର ଲୋକ ଓ ସମ୍ପର୍କୀୟମାନେ ନବୀନଙ୍କୁ ଜୟପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇଥିବା ଜଣାପଡ଼ିଛି।

## ତାଣ୍ଡବ ରଚିଲା...

ଭାରସାମ୍ୟ ହରାଇ ପୋଖରୀ ମଧ୍ୟକୁ ପଶିଯିବାରୁ ଏହାର ଚାଳକ ହଳଦୀବଟା ଗ୍ରାମର ପୋଲିସ ନାଏକଙ୍କ ମୃତ୍ୟୁ ଘଟିଛି। ସେହିପରି ଟାଟୋ ଅଞ୍ଚଳର ମାଳତୀ ମହାନ୍ତ(୫୫) ପବନ ପ୍ରଭାବରେ ଏକ ଗଛରେ ପିଟି ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଗୁରୁତରଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିବା ଗୁରୁତରମାନେ ହେଲେ ରଞ୍ଜନ ବିଶ୍ୱାଳ(୩୨), ଟିଙ୍କିନା ହେମ୍ବ୍ରମ(୧୮), ସୁଶ୍ରୀ ମୁଣ୍ଡା(୧୮), କୁନ୍ତଳା ବିଶ୍ୱାଳ(୧୮), ସରକାର ମୁର୍ମୁ(୪୫), ରାଜେନ୍ଦ୍ର ବିଶ୍ୱାଳ(୨୮)। ଅନ୍ୟ ୧୦ରୁ ଅଧିକ ଆହତ କରଞ୍ଜିଆ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବିପନ୍ନ ଗ୍ରାମରେ ପ୍ରଶାସନ ପକ୍ଷରୁ ଏକ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି।

# ମାଟ୍ରିକ୍ ଖାତା ଦେଖିବାକୁ ମୃତ, ଇସ୍ତଫା ଦେଇଥିବା ଶିକ୍ଷକଙ୍କ ନାମରେ ଚିଠି

ନବରଙ୍ଗପୁର,୧୫।୩(ସଦାଶିବ ପ୍ରହରାଜ)

**ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରଣ ବିଭାଗ ପକ୍ଷରୁ ଜାରି ଚିଠିରେ ତ୍ରୁଟି**

ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରଣ ବିଭାଗର ଅଜବ ଚିଠି। ନବରଙ୍ଗପୁର ଜିଲାରେ ମାଟ୍ରିକ୍ ଖାତା ଦେଖିବାକୁ ଥିବା ଶିକ୍ଷକଙ୍କ ନାମ ତାଲିକାରେ ଜଣେ ମୃତ ଶିକ୍ଷକ ଓ ଜିଲାରୁ ଚାକିରି ଛାଡ଼ିଥିବା ଅନ୍ୟ ଜଣେ ଶିକ୍ଷକଙ୍କ ନାମ ରହିଛି। ଏହାକୁ ନେଇ ଜିଲାରେ ଏବେ ଚର୍ଚ୍ଚା ଜୋର ଧରିଛି। ଭୂତ ମାଟ୍ରିକ୍ ପରୀକ୍ଷା ଖାତା ଦେଖିବ କି ବୋଲି ଲୋକେ କୁହାକୁହି ହେଉଛନ୍ତି।

ନବରଙ୍ଗପୁର ଜିଲାରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାଙ୍କନ କେନ୍ଦ୍ର ନବରଙ୍ଗପୁର ପିଏମ୍‌ଶ୍ରୀ ନୋଡାଲ ଆର୍‌ସିଡି ହାଇସ୍କୁଲ ଓ ଉମରକୋଟ ପିଏମ୍ ଶ୍ରୀ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟରେ କରାଯାଇଛି। ପୂର୍ବରୁ ନବରଙ୍ଗପୁରର ଗୋଟିଏ ସ୍ଥାନରେ ମୂଲ୍ୟାଙ୍କନ କେନ୍ଦ୍ର ରହିଥିଲା। ଚଳିତ ବର୍ଷ ଦୁଇଟି ସ୍ଥାନରେ ମୂଲ୍ୟାଙ୍କନ କେନ୍ଦ୍ର କରାଗଲା। ଆସନ୍ତା ୧୮ ତାରିଖରେ ପରୀକ୍ଷା ଖାତା ଦେଖିବା ପାଇଁ ନିୟୋଜିତ ଶିକ୍ଷକମାନେ ଯୋଗଦେବେ। ୧୯ ତାରିଖରୁ ଦୀର୍ଘ ୧୪ ଦିନ ଧରି ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାଙ୍କନ କରାଯିବ। ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ଯେଉଁ ସ୍କୁଲର ଶିକ୍ଷକଙ୍କୁ ଚୟନ କରାଯାଇଛି ଉକ୍ତ ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ଚିଠି କରାଯାଇଛି। ଗତ ୧୧ ତାରିଖରେ ମାଧ୍ୟମିକ ଶିକ୍ଷା ପରିଷଦର(ପରୀକ୍ଷା ନିୟନ୍ତ୍ରକ) ଚିଠି ନମ୍ବର ୭୪୧(୪୯୯୩)/ (exam conf.) ମାଧ୍ୟମରେ ବିକ୍ରମପୁର ମହାଦେବ ହାଇସ୍କୁଲ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ହୋଇଥିବା ଚିଠିରେ ଶିକ୍ଷକ ଶଙ୍କର ଲାଲ ଭୂଷଣଙ୍କ ନାମ ରହିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଶଙ୍କରଙ୍କର ୩ ବର୍ଷ ତଳୁ ମୃତ୍ୟୁ ହୋଇସାରିଲାଣି। ସେ ଦୀର୍ଘ ୨୫ ବର୍ଷ ଧରି ବିଜ୍ଞାନ ଶିକ୍ଷକଭାବେ କାର୍ଯ୍ୟ କରିଥିଲେ। ସେହିଭଳି ପିଏମ୍‌ଶ୍ରୀ ବଡ଼କୁମୁଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରଦୀପ କୁମାର ଦାଶଙ୍କ ନାମ ମଧ୍ୟ ଖାତା ଦେଖିବାକୁ ଥିବା ଶିକ୍ଷକଙ୍କ ତାଲିକାରେ ରହିଛି। କିନ୍ତୁ ସେ ଦେଢ଼ ବର୍ଷ ହେବ ଉକ୍ତ ସ୍କୁଲରୁ ଇସ୍ତଫା ଦେଇ ଚାଲିଯାଇଛନ୍ତି। ସେ ଏବେ ମୟୂରଭଞ୍ଜ ଜିଲାରେ ହିନ୍ଦୀ ଶିକ୍ଷକଭାବେ ଚାକିରି କରୁଛନ୍ତି। ଏହି ତ୍ରୁଟି ସମ୍ପର୍କରେ ନବରଙ୍ଗପୁର ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କୁ ପଚାରିବାରୁ ତାଲିକାରେ କିଛି ଭୁଲ୍ ରିପୋର୍ଟ ଆସିଛି। ବିଦ୍ୟାଳୟଗୁଡ଼ିକରୁ ଶିକ୍ଷକମାନଙ୍କ ନାମ ଦେବା ସମୟରେ ସିଷ୍ଟମରୁ କେତେଜଣଙ୍କ ପୁରୁଣା ନାମ କଟିନାହିଁ। ଏଭଳି ସ୍ଥିତିରେ ମାନୁଆଲଭାବେ ସେମାନଙ୍କ ସ୍ଥାନରେ ଅନ୍ୟ ଶିକ୍ଷକଙ୍କୁ ନିୟୋଜନ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଉତ୍ପାଦ କମ୍ପାନୀକୁ ଠକି କର୍ମଚାରୀ ଗିରଫ

ଭୁବନେଶ୍ୱର,୧୫।୩(ତ୍ରିନାଥ ମହାନ୍ତି): ବିଦ୍ୟୁତ୍ ଉତ୍ପାଦ କମ୍ପାନୀକୁ ଠକିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣେ କର୍ମଚାରୀଙ୍କୁ ଗିରଫ କରିଛି। ସେ ହେଲେ ସାଲିଆସାହିର ସୁବ୍ରତ ବେହେରା। ଜିଏସ୍ ଡିଷ୍ଟ୍ରିବ୍ୟୁଟରର ମାଲିକ ଓ ପରିଚାଳନା ନିର୍ଦ୍ଦେଶକ ନୟାପଲ୍ଲୀର ଭିଆଇପି କଲୋନୀରେ ରହୁଥିବା ରୋହିତ ସଦାନୀଙ୍କ ଲିଖିତ ରିପୋର୍ଟ ଆଧାରରେ ପୋଲିସ ମାମଲା ରୁଜୁ କରି ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଜିଏସ୍ ଡିଷ୍ଟ୍ରିବ୍ୟୁଟର ଭୁବନେଶ୍ୱରର ବିଭିନ୍ନ ଖୁଚୁରା ଦୋକାନକୁ ହାଭେଲ୍ସ ଏବଂ ବିପିଏଲ ବ୍ରାଣ୍ଡର ବିଦ୍ୟୁତିକ ଉତ୍ପାଦ ସାମଗ୍ରୀ ଯୋଗାଇଥାଏ। ଅଭିଯୁକ୍ତ ସୁବ୍ରତ ୨୦୨୪ ମେ ୯ରୁ କମ୍ପାନୀରେ ସେଲ୍ସ ଏକ୍ଜିକ୍ୟୁଟିଭ୍, କଲେକ୍ସନ ମ୍ୟାନେଜର ଓ ଫିଲ୍ଡ ସର୍ଭେୟର ଭାବେ କାମ କରୁଥିଲେ। ଫେବୃଆରୀରେ ସେ ଦୋକାନୀଙ୍କଠାରୁ ବକେୟା ଆଦାୟ ବାବଦ ୨ଲକ୍ଷ ୨୮ ହଜାର ଟଙ୍କା ହରିଲୁଟ୍ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ ରୋହିତ।

### ନିଶା ବେପାରୀ ରଞ୍ଜିତ ଗିରଫ, ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୧୫।୩(ତ୍ରିନାଥ ମହାନ୍ତି): କୁଖ୍ୟାତ ନିଶା ବେପାରୀ ରଞ୍ଜିତ୍‌କୁ ଗିରଫ କରିଛି ଏସ୍‌ଟିଏଫ। ତାଙ୍କ ନିକଟରୁ ୨୭୧ ଗ୍ରାମର ବ୍ରାଉନ୍‌ସୁଗାର, ନଗଦ ୧୦ ହଜାର ଟଙ୍କା ଜବତ ହୋଇଛି। ତାଙ୍କ ନାମରେ ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ, ରଞ୍ଜିତ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ଭୁବନେଶ୍ୱର ଓ ଏହାର ଆଖ ପାଖରେ ବ୍ୟବସାୟ କରନ୍ତି। ସେ ବ୍ରାଉନ୍‌ସୁଗାର ଧରି ବାଲିଅନ୍ତାରୁ ଟଙ୍କପାଣି ରାସ୍ତାରେ ବୁଲେଟ୍‌ରେ ଛିଡ଼ା ହୋଇଥିଲେ। ଖବରପାଇ ଏସ୍‌ଟିଏଫ ଚଢାଉ କରି ତାଙ୍କୁ କାବୁ କରିଥିଲେ।

### ଉଲ୍ଲାସ କାର୍ଯ୍ୟକ୍ରମ

ବାଲିପାଟଣା,୧୫।୩(ଅଭିମନ୍ୟୁ ନାୟକ): ବାଲିପାଟଣା ବ୍ଲକର ବିଭିନ୍ନ କେନ୍ଦ୍ରରେ ରବିବାର ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୫୦୦ଜଣ ପରୀକ୍ଷା ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ ଏବଂ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଯଶୋଦା ସାହୁ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ବ୍ୟବସ୍ଥାର ତଦାରଖ କରିଥିଲେ। ଧାନହରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବଳରାମ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସିଆର୍‌ସିସି ଝୁନାରାଣୀ ସାହୁ, ବରିଷ୍ଠ ଶିକ୍ଷୟିତ୍ରୀ ରାଧାରାଣୀ ମିଶ୍ର, ରୋଜାଲିନ ସାହୁ ଏବଂ ୱାର୍ଡସଭ୍ୟ ତାରିଣୀ ଚୌଧୁରୀ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଗାରେଡ଼ିପାଞ୍ଚଣ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଜ୍ଞା ପରମିତା ଜେନା, ଓସେପା ଯୁଗ୍ମ ନିର୍ଦ୍ଦେଶିକା ମନୋରମା ଦାସ ପରୀକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ସହିତ ସରକାରଙ୍କର ଏହି ଯୋଜନା ସମ୍ପର୍କରେ ବୁଝାଇଥିଲେ। ସାକ୍ଷରତା ପରୀକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୧୮ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନିରକ୍ଷର ଲୋକଙ୍କୁ ପଢ଼ିବା, ଲେଖିବା ଓ ମୌଳିକ ଗଣିତ ଜ୍ଞାନ ଦେଇ ସେମାନଙ୍କୁ ସାକ୍ଷର କରିବା।

**ସପ୍ତମ ଦିନରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ**

# ଆଜି ଡାକ୍ତରଖାନାରେ ଦେଢ଼ଘଣ୍ଟା କାର୍ଯ୍ୟ ବନ୍ଦ

ଭୁବନେଶ୍ୱର,୧୫।୩(ସୁଚିସ୍ମିତା ସାହୁ)

ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଆଉଟ୍‌ସୋର୍ସିଂ କର୍ମଚାରୀମାନେ ସୋମବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଚାଲିଥିବା ଆନ୍ଦୋଳନରେ ଯୋଗଦେବେ। ଯେଉଁମାନେ ଡାକ୍ତରଖାନାରେ ରହିବେ ସେମାନେ ସକାଳ ୯ଟାରୁ ୧୧ଟା ୩୦ ଯାଏ କାର୍ଯ୍ୟ ବନ୍ଦ ରଖିବେ ବୋଲି ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୋମବାର ଥିବାରୁ ଡାକ୍ତରଖାନାରେ ରୋଗୀ ସଂଖ୍ୟା ଅଧିକ ରହିବ। ଆଉଟ୍‌ସୋର୍ସିଂ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କଲେ ଦେଢ଼ଘଣ୍ଟା ଧରି ଚିକିତ୍ସା ସେବା ବାଧାପ୍ରାପ୍ତ ହେବ। ଟିକେଟ କରିବାଠାରୁ ଆରମ୍ଭ କରି ରିପୋର୍ଟ, ରକ୍ତ ପରୀକ୍ଷା ଆଦି କ୍ଷେତ୍ରରେ ରୋଗୀଙ୍କୁ ହଇରାଣ ହେବାକୁ ପଡିବ ବୋଲି ଆଶଙ୍କା କରାଯାଉଛି।

ମହାସଂଘର ଉପଦେଷ୍ଟା ବିଜୟ ମଲ୍ଲଙ୍କ କହିବାନୁସାରେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ବର୍ଷ ବର୍ଷ ଧରି ଲୋକଙ୍କ ସେବା କରିଆସୁଛନ୍ତି। ଏହି କର୍ମଚାରୀମାନେ ରାଜ୍ୟ ସରକାରଙ୍କୁ ସ୍ଥାୟୀ ନିଯୁକ୍ତି ସହ ୩ ଦଫା ଦାବି ପୂରଣ ପାଇଁ ନିବେଦନ କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ରାଜ୍ୟ ସରକାରଙ୍କ ଏଭଳି ଜନବିରୋଧୀ ଶୋଷଣ ପାଇଁ ସଂଘର କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଛନ୍ତି। ସୋମବାର ଏହି ଆନ୍ଦୋଳନ ସପ୍ତମ ଦିନରେ ପହଞ୍ଚିବ ଓ ଡାକ୍ତରଖାନାରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଦେଢ଼ଘଣ୍ଟା ସେବାକାର୍ଯ୍ୟ ବନ୍ଦ କରିବେ। ତିନି ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ରାଜରାସ୍ତାରୁ ଓହରିବୁ ନାହିଁ ବୋଲି ଓଡିଶାର କୋଣ ଅନୁକୋଣରୁ ଆସିଥିବା ଆନ୍ଦୋଳନକାରୀମାନେ ସଂକଳ୍ପ ନେଇଛନ୍ତି। ଆନ୍ଦୋଳନକୁ ମହାସଂଘ ସଭାପତି ସଞ୍ଜୟ ପଟ୍ଟନାୟକ, ମହାସଚିବ ହେମନ୍ତ ବସ୍ତିଆ, ଉପସଭାପତି ଗୌତମ ମହାରଣ୍ୟ ଓ ପୂର୍ଣ୍ଣ ମିଶ୍ର, ସାଧାରଣ ସମ୍ପାଦକ ମାନସ ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।



ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଆନ୍ଦୋଳନରତ ଆଉଟ୍‌ସୋର୍ସିଂ କର୍ମଚାରୀ।

# ୬ବର୍ଷ ପରେ ୨ ଅଭିଯୁକ୍ତ ଗିରଫ

**ନୟାପଲ୍ଲୀ ଡକାୟତି ମାମଲା**

ଭୁବନେଶ୍ୱର,୧୫।୩(ତ୍ରିନାଥ ମହାନ୍ତି)

ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ରବୀନ୍ଦ୍ରନାଥ ମିଶ୍ରଙ୍କ ଘରେ ଗତ ୬ବର୍ଷ ତଳେ ଘଟିଥିବା ଡକାୟତି ମାମଲାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଞ୍ଜୟ କୁମାର ଏବଂ ଦେବେନ୍ଦ୍ର ଚୌଧୁରୀ ଓରଫ ଲିପୁ। ଅଭିଯୁକ୍ତ ସଞ୍ଜୟଙ୍କ ନାମରେ ପୂର୍ବରୁ କନ୍ଦରପୁର, ପାଟକୁରା, ରାଇକିଆ ଏବଂ ସୁଲିଆପଡ଼ା ଥାନାରେ ମାମଲା ରହିଥିବା ଜଣାପଡିଛି। ମାମଲାରେ ସମ୍ପୃକ୍ତ ଅନ୍ୟ ସହଯୋଗୀମାନଙ୍କୁ ଗିରଫ ପାଇଁ ଉଦ୍ୟମ ଚାଲିଥିବା ପୋଲିସ କହିଛି। ପୋଲିସ ସୂଚନାନୁସାରେ, ୨୦୧୯ ନଭେମ୍ବର ୭ ଅପରାହ୍ଣରେ ଅଭିଯୁକ୍ତମାନେ ରବୀନ୍ଦ୍ରଙ୍କ ଘରେ ପଶି ତାଙ୍କୁ ଆକ୍ରମଣ କରି ପ୍ରାୟ ୯୦ ଗ୍ରାମ ଓଜନର ସୁନା ଅଳଙ୍କାର, ୨ହଜାର ଟଙ୍କା ନଗଦ ଓ ଗୋଟିଏ ମୋବାଇଲ ଫୋନ୍ ନେଇଯାଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂର୍ବ ବିବାଦରୁ ଏହି ଡକାୟତି ହୋଇଥିବା ଜଣାପଡିଥିଲା। ଗତ କିଛିଦିନ ସ୍ଥାନୀୟ ପୋଲିସ ସହାୟତାରେ ନେମାଳ ଅଞ୍ଚଳରୁ ଦେବେନ୍ଦ୍ରଙ୍କୁ ନୟାପଲ୍ଲୀ ପୋଲିସ ଗିରଫ କରିଥିଲା। ତାଙ୍କୁ ପଚରାଉଚରାବେଳେ ରବୀନ୍ଦ୍ରଙ୍କ ଘରେ ଡକାୟତି ପାଇଁ ସଞ୍ଜୟ କୁମାର ହାତୀ ତାଙ୍କୁ ସୁପାରି ଦେଇଥିଲେ ଏବଂ ନିଜ ଗାଡ଼ିରେ ନେଇ ଘର ଦେଖାଇଥିଲେ। ଯୋଜନାକୁ ସଫଳ କରିବା ପାଇଁ ସେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇର ସନ୍ତୋଷ ମଲ୍ଲିକ ଏବଂ ନେମାଳ ଫତେପୁରର ଦୀପକ ସୂତାରଙ୍କୁ ସହଯୋଗୀ ଭାବେ ନିଯୁକ୍ତ କରିଥିଲେ। ଯୋଜନା ଅନୁସାରେ, ସେମାନେ ଲୁଟ୍ ସମ୍ପତ୍ତିକୁ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ ଏବଂ ଦେବେନ୍ଦ୍ର କମିଶନ ଭାବେ ୪ ହଜରେ ଟଙ୍କା ପାଇଥିଲେ। ପରବର୍ତ୍ତୀ ସମୟରେ ପୋଲିସ ଚଢାଉ କରି ଅଭିଯୁକ୍ତ ସଞ୍ଜୟଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଅଭିଯୁକ୍ତଙ୍କଠାରୁ ହଳେ ସୁନା କାନଫୁଲ ଜବତ କରିଛି ପୋଲିସ।



ଓଡ଼ିଶା ୱିମେନ ଇନ୍ ମିଡିଆର ୩ୟ ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ବରିଷ୍ଠ ସାମ୍ବାଦିକା ପାମେଲା ଫିଲିପୋଜ୍, ବେଦାନ୍ତ ଆଲୁମିନିୟମର ସିଏସ୍ଆର୍ ମୁଖ୍ୟ ହରମିତ ସେହରା, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇସେନ୍ସ ଆଣ୍ଡ ସମ୍ ହସ୍ପିଟାଲର ଅତିରିକ୍ତ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ତପସୀ ପତି ଯୋଗଦେଇଥିଲେ। 'ବୃତ୍ତିଗତ ଦାୟିତ୍ୱ ଓ ବ୍ୟକ୍ତିଗତ ସୁଖର ସନ୍ତୁଳନ' ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସାମ୍ବାଦିକା ଶାନ୍ତି ମିଶ୍ରଙ୍କୁ ଓଡବ୍ଲ୍ୟୁଏମ୍ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ, ସ୍ମୃତି ଜେନା ଓ ଗାର୍ଗୀ ଶତପଥୀଙ୍କୁ ଓଡବ୍ଲ୍ୟୁଏମ୍ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଥିଲା। ସଙ୍ଗଠନର କାର୍ଯ୍ୟକର୍ତ୍ତା ଓ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଘରେ ପଶି କଳାକନା ବୁଲାଇଲେ ଚୋର

ଭୁବନେଶ୍ୱର,୧୫।୩(ତ୍ରିନାଥ ମହାନ୍ତି)

ଘରେ ପଶି କଳାକନା ବୁଲାଇଲେ ଚୋର। ଏଭଳି ଘଟଣା ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସବରସାହିରେ ଘଟିଛି। ନରୋତ୍ତମ ବେହେରାଙ୍କ ଘରୁ ୧୦ ଲକ୍ଷ ଟଙ୍କାର ସୁନା ଗହଣା ଏବଂ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଉଛି। ଅଭିଯୋଗ ଅନୁସାରେ, ଦୁଇଦିନ ତଳେ ନରୋତ୍ତମ ଏବଂ ତାଙ୍କ ସ୍ତ୍ରୀ ମର୍ଣ୍ଣିଂୱାକ୍ ପାଇଁ ବାହାରକୁ ଯାଇଥିଲେ। ଭୋର ୫ଟାରେ ଅଭିଯୁକ୍ତ ଘର ଭିତରେ ପଶି ଏକ କୋଠରିରେ ଶୋଇଥିବା ପୁଅ ଏବଂ ଅନ୍ୟମାନଙ୍କୁ ବାହାରୁ କବାଟ ଦେବା ପରେ ଅନ୍ୟଏକ କୋଠରିରେ ଥିବା ଆଲମାରୀରୁ ସୁନାଗହଣା ନେଇଯାଇଥିଲେ। ଘରକୁ ଫେରିବା ପରେ ଆଲମାରୀ ଖୋଲା ପଡ଼ିବା ସହ ପୁଅ ଶୋଇଥିବା ଘର ବାହାରୁ କବାଟ ଦିଆଯାଇଥିବା ଦେଖି ନରୋତ୍ତମ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେଠାରେ ଛାନ୍‌ଭିନ୍ କରିଥିଲେ।

# ମହିଳା କାର୍ ରାଲିରେ କ୍ୟାନ୍‌ସର ସଚେତନତା

**କ୍ୟାନ୍‌ସରର ପ୍ରାରମ୍ଭିକ ଚିହ୍ନଟ ଦ୍ୱାରା ସଫଳ ଚିକିତ୍ସା ସମ୍ଭବ**

ଭୁବନେଶ୍ୱର,୧୫।୩
(ସୌମ୍ୟରଞ୍ଜନ ରାଉତ)

ରୋଟାରି ଡିଷ୍ଟ୍ରିକ୍ଟ ୩୨୬୨ ଓ ଇନର୍ ହୁଇଲ୍ ଡିଷ୍ଟ୍ରିକ୍ଟ ୩୨୬ର ମିଳିତ ସହଯୋଗରେ କ୍ୟାନ୍‌ସର ସଚେତନତା ପାଇଁ ଏକ ମହିଳା କାର୍ ରାଲି ରବିବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ରାଲିକୁ ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ନର ରୋଟେରିଆନ୍ ମନୋଜ କୁମାର ତ୍ରିପାଠୀ, ଇନର ହୁଇଲ୍ ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ ଏବଂ ଇଣ୍ଡିଆନ ଅଏଲ ଓଡ଼ିଶାର ଡିଭିଜନାଲ ମ୍ୟାନେଜର (ରିଟେଲ ହେଡ୍) ଗର୍ଗ ଉଦ୍‌ଘାଟନ କରିଥିଲେ। ରାଲି କ୍ଲବ୍ ପଡିଆ ଗ୍ରାଉଣ୍ଡରୁ ଆରମ୍ଭ ହୋଇ କିଟ୍, ଇନ୍‌ଫୋସିଟି ଛକ, ଉତ୍କଳ ହସ୍ପିଟାଲ, ଜାଭିଅର୍ ଛକ ଓ ଡମଣା ଛକ ଦେଇ ପୁନର୍ବାର କ୍ଲବ୍ ପଡିଆ ଗ୍ରାଉଣ୍ଡରେ ଶେଷ ହୋଇଥିଲା। ଅତିଥି ଭାବେ ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଡା. ରୋଜାଲିନ ପଟ୍ଟଶାଣୀ ମିଶ୍ର ଅଂଶଗ୍ରହଣକାରୀଙ୍କୁ ପାର୍ଟିସିପେଶନ ସାର୍ଟିଫିକେଟ ଏବଂ କ୍ୟାନ୍‌ସର ସଚେତନତା ବାର୍ତ୍ତା ପାଇଁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଡା. ସଞ୍ଜୟ ମିଶ୍ର କ୍ୟାନ୍‌ସର ସମ୍ପର୍କିତ ସଚେତନତାକୁ ଗୁରୁତ୍ୱ ଦେଇଥିଲେ। କ୍ୟାନ୍‌ସରର ପ୍ରାରମ୍ଭିକ ଚିହ୍ନଟରେ ସଫଳ ଚିକିତ୍ସା ସମ୍ଭବ ବୋଲି ସେ ମତ ରଖିଥିଲେ। କାର୍ ରାଲିରେ ପ୍ରାୟ ୧୦୦ଟି କାର୍‌ରେ ମହିଳାମାନେ ଅଂଶଗ୍ରହଣକରି ସଚେତନତାର ବାର୍ତ୍ତା ଦେଇଥିଲେ।



କାର୍ ରାଲିରେ ମହିଳାମାନେ କ୍ୟାନ୍‌ସର ସଚେତନତା ବାର୍ତ୍ତା ଦେଉଛନ୍ତି।

### ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ମହାଭିଯାନ ପାଇଁ ପ୍ରସ୍ତୁତି

ତ୍ରିଶୂଳିଆ,୧୫।୩(ତୁଷାରକାନ୍ତ ବେହେରା) ଭାରତୀୟ ଜନତା ପାର୍ଟି ସୋମନାଥ ମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ମହାଅଭିଯାନ ନିମନ୍ତେ ପୂର୍ବତନ ଜିଲା ପରିଷଦ କୁନାଲ ରାଉତଙ୍କ ରଘୁନାଥପୁରସ୍ଥିତ କାର୍ଯ୍ୟାଳୟରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସ୍ନେହାଶିଷ ପତିଙ୍କ ସଭାପତିତ୍ୱରେ ପୂର୍ବତନ ଜିଲା ପରିଷଦ କୁନାଲ ରାଉତ, ଭାଜପା ଜିଲା ସାଙ୍ଗଠନିକ ସାଧାରଣ ସମ୍ପାଦକ ସଞ୍ଜୟ ପତି, ଶ୍ୟାମସୁନ୍ଦର ଚୌଧୁରୀ ପ୍ରମୁଖ ଯୋଗଦେଇ ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ଧରି ହେବାକୁ ଥିବା ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ମହାଅଭିଯାନ–୨୦୨୬ର ପ୍ରଶିକ୍ଷଣ ଶିବିରକୁ ସଫଳ କରିବା ପାଇଁ ବିଭିନ୍ନ ଖସଡ଼ା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ମଣ୍ଡଳର ବରିଷ୍ଠ ମହିଳା ସଭାନେତ୍ରୀ ଲକ୍ଷ୍ମୀ ପଡ଼ିଆରୀ, ପୂର୍ବତନ ସରପଞ୍ଚ ନିର୍ମଳା ବେହେରା, ବେବିଶ୍ରୀ ରାଉତ, ନଳିନୀ ସାହୁ, ମମତା ବେହେରାଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ୧୨ଜଣଙ୍କୁ 'ଅଭିରୁଚି ନାରୀ ପ୍ରତିଭା ସମ୍ମାନ'




ଭୁବନେଶ୍ୱର,୧୫।୩ (ସୌମ୍ୟରଞ୍ଜନ ରାଉତ)

ସତ୍ୟନଗର ଲେଡ଼ିଜ୍ ଫୋରମ୍ ପକ୍ଷରୁ ରବିବାର ବୁଦ୍ଧ ମନ୍ଦିରଠାରେ 'ଆନ୍ତର୍ଜାତିକ ମହିଳା ଦିବସ' ଓ 'ଅଭିରୁଚି ନାରୀ ପ୍ରତିଭା ସମ୍ମାନ' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦିକା ଅନୁରାଧା ଦାଶଙ୍କ ତତ୍ତ୍ୱାବଧାନରେ ଅତିଥି ଭାବେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ, ସମ୍ ହସ୍ପିଟାଲର ପ୍ରଫେସର ଡା. ବନାନୀ ଜେନା ଏବଂ ବିଜୁ ଜନତା ଦଳର ରାଜ୍ୟ ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରବକ୍ତା ସୋନାଲି ସାହୁ, ଜାଭିୟର ହାଇସ୍କୁଲ କେଦାରଗୌରୀ ଭୁବନେଶରର ଅଧ୍ୟକ୍ଷା ଅର୍ଚ୍ଚନା ମିଶ୍ରା ଏବଂ ସାମାଜିକ କର୍ମୀ ମୋନାଲିସା ଗନ୍ତାୟତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୨ଜଣ ନାରୀ ପ୍ରତିଭା ଅନୁସୟା ନାୟକ, ଅରୁନ୍ଧତି ମଲ୍ଲିକ, ଡ଼. ମନିଷା ମହାନ୍ତି, ମନ୍ଦାକିନୀ ଜେନା, ଡ. ଅନୁସୟା ନାଥ, ଦେବଯାନୀ ଦେଘୁରିଆ, ସୁଷମା ନନ୍ଦ, ଅନାମିକା ସ୍ୱାଇଁ ପଟ୍ଟନାୟକ, ଶୀତଳ ବସ୍ତିଆ, ଗୀତାଞ୍ଜଳି ପ୍ରଧାନ, ଅନ୍ନପୂର୍ଣ୍ଣା ଦେହୁରୀ, ଲିନା ଦାସଙ୍କୁ 'ଅଭିରୁଚି ନାରୀ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ପ୍ରତିଯୋଗୀମାନେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ୍ର ବସ୍ତ୍ର ପରିଧାନ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ଫୋରମ୍‌ର କୋଷାଧ୍ୟକ୍ଷା ଶୋଭେଦିତା ରୟ ଓ ଆନି ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଫୋରମ୍‌ର ସଭାନେତ୍ରୀ ଦିପ୍ତିପ୍ରଭା ରଥ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଲଳିତକଳା ଏକାଡେମୀର ୬୬ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୫।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର କଳା, ଭାସ୍କର୍ଯ୍ୟ, ସଂସ୍କୃତିକୁ ସମୃଦ୍ଧ କରିବା ଦିଗରେ ଓଡ଼ିଶା ଲଳିତ କଳା ଏକାଡେମୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ନିକଟ ଅତୀତରେ ଏକାଡେମୀ ପକ୍ଷରୁ ଜାତୀୟ ସ୍ତରୀୟ ଚିତ୍ରକଳା କର୍ମଶାଳାର ଆୟୋଜନ ମଧ୍ୟ କରାଯାଇଛି। ଆମ ରାଜ୍ୟର ବିଭିନ୍ନ ପାରମ୍ପରିକ ଚିତ୍ରକଳାର ସଂରକ୍ଷଣ ସହ ଆଜିର କୃତ୍ରିମ ବୁଦ୍ଧିମତ୍ତାର ଯୁଗରେ ଚିତ୍ରକଳା କ୍ଷେତ୍ରରେ ଯେପରି ବିଭିନ୍ନ କୌଶଳ ଓ ପ୍ରଯୁକ୍ତିବିଦ୍ୟାକୁ ପ୍ରୟୋଗ କରାଯାଇପାରିବ ଏବଂ ଯୁବ ଚିତ୍ରଶିଳ୍ପୀମାନେ ଯେପରି ଚିତ୍ରକଳା କ୍ଷେତ୍ରରେ ସଫଳତା ଅର୍ଜନ କରିପାରିବେ, ସେ ଦିଗରେ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଓଡ଼ିଶା ଲଳିତକଳା ଏକାଡେମୀର ୬୬ତମ ପ୍ରତିଷ୍ଠା ଦିବସ ରବିବାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରିଠାରେ ପାଳିତ ହୋଇଯାଇଛି। ଅତିଥି ଭାବେ ଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ, ପଦ୍ମଶ୍ରୀ ବିନୋଦ ମହାରଣା, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗଦେଇଥିଲେ। ଏକାଡେମୀର ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ଓଡ଼ିଶାର ସଂସ୍କୃତି' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉତ୍ସବରେ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ଏକାଡେମୀ ପକ୍ଷରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏକାଡେମୀ ସଚିବ ଡ. ଦେବଯାନୀ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁନୀଲ କୁମାର ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରତିଷ୍ଠା ଦିବସ ଉତ୍ସବରେ କୃତୀ ପ୍ରତିଭାଙ୍କ ସହ ଅତିଥିମାନେ।

# ଖଣିଜ ସମ୍ପଦ କ୍ଷେତ୍ରରେ ଭାରତ-ଅଷ୍ଟ୍ରେଲିଆ ସହଭାଗିତା ସୁଦୃଢ଼ ହେବ

**ଅଷ୍ଟ୍ରେଲୀୟ ମୁଖ୍ୟ ବାଣିଜ୍ୟ ଦୂତଙ୍କ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ପରିଦର୍ଶନ**

ଭୁବନେଶ୍ୱର,୧୫।୩(ସୁଚିସ୍ମିତା ସାହୁ)

କୋଲକାତାରେ ଅବସ୍ଥାପିତ ଅଷ୍ଟ୍ରେଲୀୟ ମୁଖ୍ୟ ବାଣିଜ୍ୟ ଦୂତ (କନ୍‌ସୁଲ୍ ଜେନେରାଲ) ବର୍ନାଡ୍ ଲିଞ୍ଚ ଏବଂ ଅଷ୍ଟ୍ରେଲୀୟ କନ୍‌ସୁଲେଟ–ଜେନେରାଲର ଅର୍ଥନୈତିକ ଅନୁସନ୍ଧାନ ଅଧିକାରୀ ଅନଘା ଭୁବନେଶ୍ୱରସ୍ଥିତ ସିଏସ୍ଆଇଆର୍–ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସ୍ଆଇଆର୍–ଆଇଏମ୍ଏମ୍‌ଟି) ପରିଦର୍ଶନ କରିଛନ୍ତି। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଏବଂ ବୈଜ୍ଞାନିକଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ଓ ଉନ୍ନତ ଖଣିଜ ପ୍ରକ୍ରିୟାକରଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ–ଅଷ୍ଟ୍ରେଲିଆ ସହଯୋଗକୁ ସୁଦୃଢ଼ କରିବା ବିଷୟରେ ଆଲୋଚନା କରିଥିଲେ। ଏଥିସହ ଲିଞ୍ଚ ପ୍ରତିଷ୍ଠାନର ଖଣିଜ ଏବଂ ପଦାର୍ଥ ଗୁଣ ନିର୍ଦ୍ଧାରଣ ବିଭାଗ, ଖଣିଜ ପ୍ରକ୍ରିୟାକରଣ ବିଭାଗ ଏବଂ ହାଇଡ୍ରୋ, ବାୟୋ ଓ ଇଲେକ୍ଟ୍ରୋମେଟାଲର୍ଜି ବିଭାଗ ଆଦି ବୁଲି ଦେଖିଥିଲେ। ଏଥିସହ ସେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଚାଲିଥିବା ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବ୍ୟବସାୟ ବିକାଶ ଏବଂ ସିଏସ୍ଆଇଆର୍–ଆଇଏମ୍ଏମ୍‌ଟିର ସେଣ୍ଟର ଅଫ୍ ଏକ୍ସିଲେନ୍ସର ମୁଖ୍ୟ ଡ. କାଳୀ ସଞ୍ଜୟ ଅଷ୍ଟ୍ରେଲିଆ–ଭାରତ ଷ୍ଟ୍ରାଟେଜିକ୍ ରିସର୍ଚ୍ଚ ଫଣ୍ଡ୍ ମାଧ୍ୟମରେ ଆଡିଲେଡ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରେଲିଆର କମନୱେଲ୍‌ଥ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ଏଜେନ୍ସି ଭଳି ପ୍ରମୁଖ ଅଷ୍ଟ୍ରେଲୀୟ ଅନୁଷ୍ଠାନଗୁଡ଼ିକ ସହ ଚାଲିଥିବା ସହଯୋଗ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ସେ ସିଏସ୍ଆଇଆର୍–ଆଇଏମ୍ଏମ୍‌ଟିର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଅନ୍ କ୍ରିଟିକାଲ ମିନେରାଲ୍ସ ଅଧୀନରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ମୁଖ୍ୟ ବାଣିଜ୍ୟ ଦୂତଙ୍କୁ ଅବଗତ କରାଇଥିଲେ। ଯୁଗ୍ମ ଗବେଷଣା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ପ୍ରଶିକ୍ଷଣ ଏବଂ ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ ମାଧ୍ୟମରେ ଏହି ୨ ଦେଶର ସମ୍ପର୍କ ଅଧିକ ନିବିଡ଼ ହେବ ବୋଲି ଅଷ୍ଟ୍ରେଲୀୟ ଅଧିକାରୀ ଦ୍ୱୟ କହିଛନ୍ତି।


ସିଏସ୍ଆଇଆର୍–ଆଇଏମ୍ଏମ୍‌ଟି ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ବୈଜ୍ଞାନିକ ଓ ଅନ୍ୟ ଅଧିକାରୀଙ୍କ ସହ ଅଷ୍ଟ୍ରେଲୀୟ ମୁଖ୍ୟ ବାଣିଜ୍ୟ ଦୂତ ବର୍ଣ୍ଣାଡ୍ ଲିଞ୍ଚ ଓ ଅଧିକାରୀ ଅନଘା।

## ବରିଷ୍ଠ ନାଗରିକ ସୁରକ୍ଷା ସଂକ୍ରାନ୍ତ ଆଲୋଚନାଚକ୍ର

କଟକ ସଦର,(ସୁଶାନ୍ତ କୁମାର ଜେନା) ୪୨ମୌଜା ଥାନା ପକ୍ଷରୁ କଲପଡ଼ାସ୍ଥିତ କଲ୍ୟାଣ ମଣ୍ଡପରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ସଂକ୍ରାନ୍ତ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୋନ ନଂ. ୪ର ଏସିପି ଅମିତାଭ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ୪୨ମୌଜା ଥାନା ଅଧିକାରୀ ହେମନ୍ତ କୁମାର ସେଠି ପରିଚାଳନା କରିଥିଲେ। ପ୍ରଦୀପ୍ତ ମହାପାତ୍ର ସଭା ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ୪୨ମୌଜା ଆଞ୍ଚଳିକ ମହାଭୋଇ କୁଳ ସଭାପତି ବାବାଜୀ ଭୋଇ, ସମ୍ମାନିତ ଅତିଥି ଭାବେ ଅନିଲ ଦାସ, ନାରାୟଣ ଭୋଇ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ବରିଷ୍ଠ ନାଗରିକମାନେ ନିଜର ମତ ରଖିଥିଲେ।

### ସଂକ୍ଷେପରେ

## ପାଣି ମୋଟର ଚୋରି

ବାରଙ୍ଗ,୧୫ା୩(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅନ୍ତର୍ଗତ ପଦ୍ମନାଭନଗର ଅଞ୍ଚଳର ଦୁଇଟି ସ୍ଥାନରୁ ପାଣିମୋଟର ଚୋରି ହୋଇଛି। ବ୍ରାହ୍ମଣୀ ଗାଁର ମଦନ ଦାସ ପଦ୍ମନାଭନଗର ଅଞ୍ଚଳରେ ୫ ଏକର ଜମିରେ ପରିବା ଚାଷକରି ପରିବାର ପୋଷଣ କରିଥାନ୍ତି। ଫସଲ ପାଇଁ ବ୍ୟବହୃତ ପାଣିମୋଟରକୁ କେହି ଚୋରିକରି ନେଇଥିବା ରବିବାର ଜଣାପଡ଼ିବା ପରେ ମଦନ ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାର ପଦ୍ମନାଭନଗର ବଜାର ଉପରେ ଥିବା ଏକ ଗାଡ଼ି ସର୍ଭିସିଂ ପଏଣ୍ଟର ଏକ କୂଅ ଭିତରୁ ପାଣିମୋଟର ଚୋରି ହୋଇଛି। ଏ ସଂକ୍ରାନ୍ତରେ ଦୋକାନ ମାଲିକ ରଞ୍ଜିତ ମହାପ୍ରସାଦ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଚୈତନ୍ୟ ଦେବ ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି

ତାଳବସ୍ତ, ୧୫ା୩(ସୁବ୍ରତ କୁମାର ନାୟକ): ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ମଝିସାହିସ୍ଥିତ ଗ୍ରାମର ଆରାଧ୍ୟ ଚୈତନ୍ୟ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ୩୪ତମ ଅଷ୍ଟପ୍ରହର ନାମଯଜ୍ଞର ଶୁଭାଧିବାସ, ନାମଯଜ୍ଞ, ନଗରକୀର୍ତ୍ତନ, ପୂର୍ଣ୍ଣାହୁତି ଓ ପ୍ରସାଦସେବନ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ମଝିସାହି ବାସିନ୍ଦାଙ୍କ ତରଫରୁ ଶାନ୍ତିଶୃଙ୍ଖଳା ସହ ଆଧ୍ୟାତ୍ମିକ ବାତାବରଣ ଭିତରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସ୍ୱେଚ୍ଛାସେବୀ ବାବୁ ମହାନ୍ତି, ଲିପୁନ କୁମାର ସାହୁ, ପ୍ରଦ୍ୟୁମ୍ନ କୁମାର ପାଲ, ସଞ୍ଜୟ କୁମାର ମହାରଣା, ସୁଶାନ୍ତ ମହାରଣା, ବିଶ୍ୱ ରଞ୍ଜନ ସ୍ୱାଇଁ ପ୍ରମୁଖ ତିନିଦିନ ବ୍ୟାପୀ ମହାଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ।

# ତାଳବସ୍ତ: ଚିନ୍ତା ବଢ଼ାଉଛି ପାନୀୟଜଳ ସମସ୍ୟା


କୃଷ୍ଣପଲ୍ଲୀ ଗ୍ରାମର ମହିଳାମାନେ ପାଣି ଆଣିବାକୁ ବାହାରିଛନ୍ତି।

ତାଳବସ୍ତ, ୧୫ା୩ (ସୁବ୍ରତ କୁମାର ନାୟକ)

ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ତରଫରୁ ଗ୍ରାମ୍ୟ ଲୋକଙ୍କୁ ସହରୀ ଢାଞ୍ଚାରେ ଘର ପାଖରେ ପାନୀୟ ଜଳ ଯୋଗାଇବା ପାଇଁ ପ୍ରଥମେ ବସୁଧା ଯୋଜନା ଏବଂ ପରବର୍ତ୍ତୀ ସମୟରେ ମେଗା ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ଏହି ମେଗା ଜଳଯୋଗାଣ ବ୍ୟବସ୍ଥାର ଆନୁଷଙ୍ଗିକ କାମ ଠିକାଦାରମାନେ ୩ ବର୍ଷ ହେବ ସାରି ପାରୁ ନ ଥିବା ବେଳେ ବସୁଧା ଯୋଜନାରେ ଗାଁ ଗହଳିରେ ସମ୍ପୂର୍ଣ୍ଣ ଭାବେ ଜଳ ଯୋଗାଣ ସମର୍ଥ ହୋଇପାରିନାହିଁ। ଏଥିଯୋଗୁ ଡମପଡା ବ୍ଲକ ସର୍ବବୃହତ୍ ପଞ୍ଚାୟତ ତାଳବସ୍ତ ଗ୍ରାମରେ ପାନୀୟ ଜଳ ସମସ୍ୟା ଚିନ୍ତାର କାରଣ ପାଲଟିଛି। ୧୪ଟି ଜାତିଭିତ୍ତିକ ସାହିରେ ପନ୍ଦର ହଜାର ଲୋକଙ୍କୁ ପାନୀୟ ଜଳ ଯୋଗାଇବାରେ ସରକାରୀ କଳ ସମ୍ପୂର୍ଣ୍ଣ ଅସମର୍ଥ ହୋଇଯାଇଛି। ଦିନକୁ ଦିନ ଖରାର ପ୍ରକୋପ ବଢୁଥିବାବେଳେ ଆଗକୁ ଗ୍ରାମରେ ସମସ୍ୟା ବଢ଼ିବାର ଆଶଙ୍କା ରହିଛି। ଆରଡବ୍ଲ୍ୟୁଏସ୍ଏସ୍ ତରଫରୁ ତାଳବସ୍ତ ବିଲିପଡ଼ା ରାସ୍ତାର ରଣନଦୀ ପାଖରେ କୂପ ଖନନ କରାଯାଇ ମେଶିନ ସାହାଯ୍ୟରେ ପାଣି ଉଠାଯାଇ ପାଇପ୍ ଯୋଗେ ତାଳବସ୍ତ ଗ୍ରାମର ବିଭିନ୍ନ ସାହିକୁ ବିତରଣ କରିବା ବ୍ୟବସ୍ଥା କରାଯାଇଛି। ମାତ୍ର ବିଭିନ୍ନ ସମୟରେ ମେଶିନଗୁଡିକ ଅଚଳ ହୋଇଯାଉଛି। ସାହିଗୁଡ଼ିକୁ ସଂଯୋଗ ହୋଇଥିବା ପାଇପ୍ ପ୍ରତି ହାତ ଅନ୍ତରରେ କୃତ୍ରିମ କଣା କରାଯାଇ ଅସାମାଜିକ ବ୍ୟକ୍ତିମାନେ ଜଳ ଅପଚୟ କରି ନିଜ ବିଲବାଡ଼ିରେ ମଡ଼ାଉଛନ୍ତି। ଏହାଛଡ଼ା ପାଣି ଟ୍ୟାପ୍‌ଗୁଡିକ ଚୋରି ହୋଇଯାଉଛି। ଫଳରେ ସାହି ରାସ୍ତାଗୁଡିକ କାଦୁଅରେ ପରିପୂର୍ଣ୍ଣ ହୋଇଯାଉଛି। ଏନେଇ ଗ୍ରାମବାସୀଙ୍କ ତରଫରୁ ବ୍ଲକ ଜଳ ବିଭାଗ କନିଷ୍ଠଯନ୍ତ୍ରୀ ବୈଷ୍ଣବ ଚରଣ ମଲ୍ଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ତାଳବସ୍ତ ପରି ସ୍ମାର୍ଟ ଗ୍ରାମ ଅନ୍ତର୍ଗତ କୃଷ୍ଣପଲ୍ଲୀ, ବିଦ୍ୟାଧରପୁର, ପୁଟାସାହି, ମଠସାହି, ମୁଣ୍ଡାସାହି ଆଦି ଅଞ୍ଚଳରେ ପାନୀୟଜଳ ଏ ପର୍ଯ୍ୟନ୍ତ ଉପଲବ୍ଧ ହୋଇନାହିଁ । ଗ୍ରାମରେ ଥିବା ନଳକୂପଗୁଡିକ ଅଚଳାବସ୍ଥା ସମ୍ପର୍କରେ ବହୁବାର ଅଭିଯୋଗ ପରେ ମଧ ମନ୍ଥର ଗତିରେ ମରାମତି କରାଯାଉଛି ବୋଲି ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ପାଲ କୁହନ୍ତି। ତାଳବସ୍ତର ପ୍ରମୁଖ ବଜାର ଉପରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଦୋକାନ ଏବଂ ତତ୍‌ସଂଲଗ୍ନ ଘର ଗୁଡିକର ଅପରିଷ୍କାର ଜଳ ଯୋଗୁ ଏବେ କିଡ୍‌ନୀ ରୋଗ ବ୍ୟାପିବାରେ ଲାଗିଛି ବୋଲି ବାହାଦୁର ସାହିର ଗୃହିଣୀ ଜୟଶ୍ରୀ ରାଜ କୁହନ୍ତି। ଉକ୍ତ ପାନୀୟ ଜଳର ମାନ ପରୀକ୍ଷା କରି ବିତରଣ କରିବାକୁ ଯୁବ ସଙ୍ଗଠକ ଅକ୍ଷୟ କୁମାର ବେହେରା ଦାବି କରିଛନ୍ତି। ଜଳ ସମସ୍ୟା ପାଇଁ କିଛି ଗାଁ ମହିଳାମାନେ ଦୂରରେ ଥିବା ନଦୀ,ପୋଖରୀରୁ ଗୋଳିଆ ପାଣି ଛାଣି ଭଲ ପାଣି ଆଣି ତାକୁ ଉଷୁମ କରି ପିଉଛନ୍ତି। ପାନୀୟଜଳର ଅବ୍ୟବସ୍ଥା ବିଷୟରେ ଆରଡବ୍ଲ୍ୟୁଏସ୍ଏସ୍ ଅଧିକାରୀ ବୈଷ୍ଣବ ଚରଣ ମଲ୍ଲିକଙ୍କୁ ପଚାରିବାରେ ମାସେ ଭିତରେ ଯେଉଁଠି ଅସୁବିଧା ରହିଛି ତାହାକୁ ତୁରନ୍ତ ସମାଧାନ କରି ଜଳ ବିତରଣ ଯୋଜନାକୁ ଉପଲବ୍ଧ କରିବୁ ବୋଲି କହିଛନ୍ତି।

### ଏମାନେ ଯାହା କୁହନ୍ତି...


“ ତାଳବସ୍ତର ପ୍ରମୁଖ ଜଳ ସମସ୍ୟା ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। କିନ୍ତୁ ପ୍ରଶାସନିକ ସ୍ତରରେ ଅବହେଳା ଏବଂ କାର୍ଯ୍ୟରେ ମନ୍ଥରତା ପାଇଁ ଲୋକ ପାନୀୟଜଳରୁ ବଞ୍ଚିତ ହେଉଛନ୍ତି।

**–ଅକ୍ଷୟ କୁମାର ବେହେରା, ଯୁବ ସାମାଜିକ କର୍ମୀ, ତାଳବସ୍ତ**


“ ତାଳବସ୍ତ ପରି ବଡ଼ ପଞ୍ଚାୟତକୁ କୃଷ୍ଣପଲ୍ଲୀ ଗ୍ରାମରୁ ପୂର୍ବରୁ ୪ ଜଣ ସରପଞ୍ଚ ନିର୍ବାଚିତ ହୋଇଛନ୍ତି, କିନ୍ତୁ ଗାଁକୁ ବସୁଧା ଯୋଜନାରେ ପାଇପ ଖଣ୍ଡେ ପଡିପାରିନାହିଁ। ସରକାର ତୁରନ୍ତ ଏହି ଗାଁକୁ ବସୁଧା ଯୋଜନାରେ ଅନ୍ତର୍ଭୁକ୍ତ କଲେ ପାଣି ଅଭାବରୁ ଲୋକ ମୁକ୍ତି ପାଇବେ।

**–ପୁଷ୍ପଲତା ମହାପାତ୍ର, ଗୃହିଣୀ କୃଷ୍ଣପଲ୍ଲୀ**


“ ତାଳବସ୍ତ ମୁଖ୍ୟ ରାସ୍ତା ଏବଂ ସାହିଗୁଡ଼ିରେ ଡ୍ରେନ୍ ତିଆରି ହେଲେ ଲାଗିଥିବା ଜଳଟ୍ୟାପଗୁଡିକ ସୁରକ୍ଷିତ ହେବା ସହ ଜଳର ଅପବ୍ୟବହାର ହେବ ନାହିଁ । ଖରାପ ପରିବେଶ ପାଇଁ ଜଳଜନିତ କିଡ୍‌ନୀ ରୋଗ ଆଉ ସଂକ୍ରମିତ ହେବ ନାହିଁ ।

**–କବି ଦିବ୍ୟଜ୍ୟୋତି ପ୍ରସାଦ, ମିଲ୍ ଛକ, ତାଳବସ୍ତ**


“ ପଞ୍ଚାୟତ ତରଫରୁ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀମାନେ ଜଳ ଯୋଗାଣକୁ ଠିକ୍ ଢଙ୍ଗରେ କରୁନାହାନ୍ତି। ସରକାରୀ ଧନକୁ ନଷ୍ଟ କରୁଥିବା ଲୋକମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରାଯାଉ। ଏହାଦ୍ୱାରା ଲୋକେ ଭୟଭୀତ ହୋଇ ସଚେତନ ହେବେ ଏବଂ ଜଳ ଯୋଗାଣ ଯନ୍ତ୍ରାଂଶ ସୁରକ୍ଷିତ ରହିପାରିବ।

**–ଜୟଶ୍ରୀ ରାଜ, ଗୃହିଣୀ, ବାହାଦୁର ସାହି, ତାଳବସ୍ତ**

## ଚନ୍ଦନ ମହୋତ୍ସବ ପାଇଁ ପ୍ରସ୍ତୁତି, କର୍ମକର୍ତ୍ତା ନିର୍ବାଚନ

ବଡ଼ମ୍ବା,୧୫ା୩(ମାୟାଧର ମଲ୍ଲିକ)

ଗଡ଼ଜାତ ବଡ଼ମ୍ବାର ଚନ୍ଦନ ଯାତ୍ରା ମହୋତ୍ସବ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବାଗଡ଼ର ଐତିହାସିକ ଟେନିସ୍ ପଡ଼ିଆସ୍ଥିତ କବିଚନ୍ଦ୍ର କାଳିଚରଣ ମଣ୍ଡପରେ ଏହା ଅନୁଷ୍ଠିତ ହୋଇଯାଇଛି। ଏଥିସହ ୨୦୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଛି। ଚନ୍ଦନ ମହୋତ୍ସବର ବରିଷ୍ଠ ସଭ୍ୟ ତଥା ବୈଠକର ସଭାପତି ରାଜକିଶୋର ରଣାଙ୍କ ସଭାପତିତ୍ୱରେ ପୂର୍ବବର୍ଷ ଦାୟିତ୍ୱ ଗ୍ରହଣ କରିଥିବା କାର୍ଯ୍ୟକାରୀ ସଭାପତି ଅନିଲ କୁମାର ରଣା ସମସ୍ତ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ପରେ ଚଳିତ ବର୍ଷ ୨୦୨୬ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ କାର୍ଯ୍ୟକାରୀ ସଭାପତି ଭାବେ ଅନିଲ କୁମାର ରଣା, ଉପସଭାପତି ଚନ୍ଦ୍ରକାନ୍ତ ସ୍ୱାଇଁ, ସମ୍ପାଦକ ରାକେଶ କୁମାର ମହାପାତ୍ର, ସହସମ୍ପାଦକ ସୌମ୍ୟରଞ୍ଜନ ପଢ଼ିଆରୀ ଓ କୋଷାଧକ୍ଷ ଭାବେ ରାଜେନ୍ଦ୍ର ପ୍ରସାଦ ତରସିଆ ନିର୍ବାଚିତ ହୋଇଥିବା ପ୍ରକାଶ ପାଇଛି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ମୁରଲୀଧର ମହାପାତ୍ର, ରାଜକିଶୋର ରଣା, ମହେନ୍ଦ୍ର କୁମାର ମହାପାତ୍ର, ମହେନ୍ଦ୍ର ପଢ଼ିଆରୀ, ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ସ୍ଥାନ ପାଇଛନ୍ତି। ମହୋତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଆଉ ଏକ କମିଟି ଗଠନ କରାଯାଇଛି। ଏଥିରେ ରାକେଶ ଦାସ, ଶକ୍ତିପ୍ରସାଦ ପଟ୍ଟନାୟକ, ଶକ୍ତିଶ୍ୱର ରଣା, ସନକ ମହାପାତ୍ର, ଶକ୍ତିପ୍ରସାଦ ଦାସ ପ୍ରମୁଖ ରହିଛନ୍ତି। ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ମହା ଅଭିଯାନ ପାଇଁ ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଭାଜପା ନେତୃମଣ୍ଡଳି।

ତ୍ରିଶୂଳିଆ,୧୫ା୩(ତୁଷାରକାନ୍ତ ବେହେରା)

ଭାରତୀୟ ଜନତା ପାର୍ଟି ସୋମନାଥ ମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ମହାଅଭିଯାନ ନିମନ୍ତେ ପୂର୍ବତନ ଜିଲା ପରିଷଦ କୁନାଲ ରାଉତଙ୍କ ରଘୁନାଥପୁରସ୍ଥିତ କାର୍ଯ୍ୟାଳୟରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସ୍ନେହାଶିଷ ପତିଙ୍କ ସଭାପତିତ୍ୱରେ ପୂର୍ବତନ ଜିଲା ପରିଷଦ କୁନାଲ ରାଉତ, ଭାଜପା ଜିଲା ସାଙ୍ଗଠନିକ ସାଧାରଣ ସମ୍ପାଦକ ସଞ୍ଜୟ ପତି, ଶ୍ୟାମସୁନ୍ଦର ଚୌଧୁରୀ ପ୍ରମୁଖ ଯୋଗଦେଇ ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ଧରି ହେବାକୁ ଥିବା ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ମହାଅଭିଯାନ-୨୦୨୬ର ପ୍ରଶିକ୍ଷଣ ଶିବିରକୁ ସଫଳ କରିବା ପାଇଁ ବିଭିନ୍ନ ଖସଡ଼ା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ମଣ୍ଡଳର ବରିଷ୍ଠ ମହିଳା ସଭାନେତ୍ରୀ ଲକ୍ଷ୍ମୀ ପଢ଼ିଆରୀ, ପୂର୍ବତନ ସରପଞ୍ଚ ନିର୍ମଳା ବେହେରା, ବେବିଶ୍ରୀ ରାଉତ, ନଳିନୀ ସାହୁ, ମମତା ବେହେରାଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ଆରତୀ ଷ୍ଟିଲ୍ କାରଖାନାରେ ଜାତୀୟ ସୁରକ୍ଷା ସପ୍ତାହ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଖୁଣ୍ଟୁଣୀ,୧୫ା୩(ସଚ୍ଚିଦାନନ୍ଦ ପଣ୍ଡା):

ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲରେ ଥିବା ଆରତୀ ଷ୍ଟିଲ କାରଖାନାରେ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କାରଖାନାରେ ନିରାପତ୍ତା ସଂକ୍ରାନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ କଡାକଡି ଭାବେ ପାଳନ କରିବା ପାଇଁ ଉପସ୍ଥିତ କର୍ମଚାରୀ ଓ ଅଫିସରମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ପୁଷ୍ପମିତ୍ରା ଜେନା ମୁଖ୍ୟଅତିଥି, ଆରତୀ ଷ୍ଟିଲ୍‌ର ଉପସଭାପତି ଅଶୋକ କୁମାର ପଟ୍ଟନାୟକ, ଗୁଣବତ୍ତା ବିଭାଗର ବରିଷ୍ଠ ଅଧିକାରୀ ଅନୁପ କୁମାର ଦାସ, ନିରାପତ୍ତା ଏବଂ ପରିବେଶ ବିଭାଗ ଡିଜିଏମ୍ ଗଣେଶ୍ୱର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। କାରଖାନାରେ ଦୁର୍ଘଟଣାକୁ ରୋକିବା ପାଇଁ ସୁରକ୍ଷାକୁ ଅଗ୍ରାଧିକାର ଦେବା ସହ ସୁରକ୍ଷା ନିୟମାବଳୀ ପାଳନ ଓ ଦୁର୍ଘଟଣାଶୂନ୍ୟ ବାତାବରଣ ସୃଷ୍ଟି ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କାରଖାନାର କର୍ମଚାରୀଙ୍କ ମଧ୍ୟରେ ନିରାପତ୍ତା ଉପରେ କୁଇଜ, ସ୍ଲୋଗାନ, ପ୍ରଚାରପତ୍ର ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ କମ୍ପାନୀର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ହାଟସାହି ଗେମ୍ ଚେଞ୍ଜର ଚାମ୍ପିୟନ

କଟକ ସଦର,୧୫ା୩ (ସୁଶାନ୍ତ କୁମାର ଜେନା):

କଟକ ସଦର ବ୍ଲକ ଅନ୍ତର୍ଗତ ହାଟସାହି ଯୁବକ ସଂଘ ଆନୁକୂଲ୍ୟରେ ହାଟସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଟସାହି ଗେମ୍ ଚେଞ୍ଜର୍ ଚାମ୍ପିୟନ ଏବଂ ହାଟସାହି ଡୋମିନେଟର ରନର୍ସ ଅପ୍ ହୋଇଛି। ମୁନା ପାତ୍ର ମ୍ୟାନ ଅଫ ଦି ମ୍ୟାଚ୍, ଜୀବନ ଦାଶ ଶ୍ରେଷ୍ଠ ବୋଲର, ଟିକୁ ପଣ୍ଡା ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, କାହ୍ନ ଦାଶ ମ୍ୟାନ ଅଫ ଦି ସିରିଜ୍ ହୋଇଥିଲେ। ଉଭୟ ଦଳକୁ ସୂର୍ଯ୍ୟମଣି ବାରିକ୍, ଜିତେନ୍ଦ୍ର ଦାଶ ସମେତ ଯୁବକ ସଂଘର ସଦସ୍ୟମାନେ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟକୁ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଶନିବାର ଉଦ୍‌ଘାଟନ କରିଥିଲେ। ଏଥିରେ ୪ଟି ଦଳ ଭାଗ ନେଇଥିଲେ। ବୁଦ୍ଧେଶ୍ୱର ଦାଶ, ବ୍ରିଜେଶ ଦାଶ, ପ୍ରବୀଣ ଦାଶ ଏବଂ ବେଣୁଧର ସାହୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ

ଟିଗିରିଆ,୧୫ା୩(ଜାଫର ଖାଁ )

ଟିଗିରିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ୩୮ ସଦସ୍ୟଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତ, ସମ୍ପାଦକ ସୁଶୀଲ କୁମାର ନନ୍ଦଙ୍କ ପୌରୋହିତ୍ୟରେ ନିଜିଗଡ଼ସ୍ଥିତ ପବିତ୍ରମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟିଗିରିଆର ରାଜାସାହେବ ରାଜା ଶ୍ରୀ ଶ୍ରୀ ବୀରପ୍ରତାପ କ୍ଷତ୍ରିୟ ବୀରବର ଚମୁପତି ସିଂହ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚ ଉପଦେଷ୍ଟା ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ଉପସଭାପତି ସୁବୋଧ କୁମାର ପଟ୍ଟନାୟକ, ସହସମ୍ପାଦକ ଜୟନ୍ତ କୁମାର ସିଂହ, ସଦସ୍ୟ ଲୁଟୁ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତ ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପସ୍ଥିତ ରାଜାସାହେବ ସର୍ବପ୍ରଥମ କାର୍ଡ ଗ୍ରହଣ କରିବା ସହ ଅନ୍ୟ ସଦସ୍ୟଙ୍କୁ କାର୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୩୮ ଜଣ ବରିଷ୍ଠ ନାଗରିକଙ୍କୁ ଏହି କାର୍ଡ ପ୍ରଦାନ କରାଯାଇଥିଲା।

## ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତିଙ୍କ ସ୍ମୃତିରେ ରକ୍ତଦାନ ଶିବିର

କଟକ,୧୫ା୩(କାର୍ତ୍ତିକ ସାହୁ) ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତିଙ୍କ ସ୍ମୃତିରେ ଡଗରପଡ଼ାସ୍ଥିତ ରାଜକିଶୋର ଭବନରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଶିବିରକୁ ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଜଷ୍ଟିସ୍ ଭି. ନରସିଂହଙ୍କ ସମେତ ୩୦ ଜଣ ବ୍ୟକ୍ତି ରକ୍ତଦାନ କରିଥିଲେ। ପୂର୍ବତନ ଲୋକପାଳ ଜଷ୍ଟିସ୍ ପ୍ରଦୀପ କୁମାର ମହାନ୍ତି, ସିଏମ୍‌ସି ମେୟର ସୁବାସ ସିଂହ, ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଡ. ସତ୍ୟ ରାୟ, ସମ୍ପାଦକ ପ୍ରକାଶ ବାରିକ, ସଞ୍ଜୟ ମହାପାତ୍ର, ଶଶିଭୂଷଣ ଦାସ, ବିଷ୍ଣୁପ୍ରସାଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏସ୍‌ସିବି ମେଡିକାଲ ରକ୍ତଭଣ୍ଡାରର ଡା. ରାଜନାରାୟଣ ସ୍ୱାଇଁ, ଡା. ଆଦିତ୍ୟ ପ୍ରକାଶ ସାହୁ ଓ ସହକର୍ମୀମାନେ ରକ୍ତ ସଂଗ୍ରହ କରିଥିଲେ।

## ସୁଦୀପ୍ତ ଫାଉଣ୍ଡେଶନ ପକ୍ଷରୁ ପରିଚୟ ସମ୍ମାନ ସମାରୋହ



ସମାରୋହରେ ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରାହ୍ମଣଝରିଲୋ:

କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଧା ଗ୍ରାମର ପବିତ୍ର ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ସ୍ୱେଚ୍ଛାସେବୀ ସଂଗଠନ ସୁଦୀପ୍ତ ଫାଉଣ୍ଡେଶନ ଆନୁକୂଲ୍ୟରେ ପରିଚୟ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ପ୍ରତିଷ୍ଠାତା ସ୍ନେହାଶିଷ ରାୟଙ୍କ ତତ୍ତ୍ୱାବଧାନ ଓ ସାମାଜିକକର୍ମୀ ପ୍ରଣୟ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଇତିଶ୍ରୀ ସ୍ୱାଇଁ ଯୋଗଦେଇ ସମାଜରେ ନାରୀମାନଙ୍କ ଭୂମିକା ଓ ଗ୍ରାମ ଉନ୍ନୟନରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ କଟକ ଜିଲା ସାମ୍ବାଦିକ ସଂଘର ସଭାପତି ଲଳିତ କୁମାର ଦାଶ ଯୋଗଦେଇ ସମାଜ ଗଠନରେ ସଚେତନ ମହିଳାମାନଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ମନୋରଞ୍ଜନ ଜେନା, ନାରୀନେତ୍ରୀ ମାମିନା ମହାନ୍ତି, ଶିକ୍ଷୟିତ୍ରୀ ଅନୁସୟା ପଟ୍ଟନାୟକ, ୱାର୍ଡସଭ୍ୟା ଜିନିୟା ସ୍ୱାଇଁ, ଆଶାକର୍ମୀ ମଞ୍ଜୁବାଳା ଦାଶ, ମହିଳା ସଭାନେତ୍ରୀ ସସ୍ମିତା ସେଠୀ, ନାରୀନେତ୍ରୀ ବୀଣାପାଣି ପରିଡ଼ା ଏବଂ ସାମାଜିକ କର୍ମୀ ଆଲୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ପକ୍ଷରୁ ସମାଜସେବା ସହ ନାରୀ ସଶକ୍ତୀକରଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରତିଷ୍ଠାତା ରାୟ କହିଥିଲେ। ଏହି ଅବସରରେ ସମାଜସେବା, ନାରୀ ସଶକ୍ତୀକରଣ ଓ ସାମାଜିକ ଜାଗୃତିରେ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଚଳର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ମିଳୁନି ଗ୍ୟାସ୍, କାଠଚୁଲି ଭରସା

### ପ୍ରଭାବିତ ହୋଇଛନ୍ତି ଷ୍ଟ୍ରିଟ୍ ଫୁଡ୍ ବ୍ୟବସାୟୀ




**କଟକ,୧୫ା୩(ଶିଳ୍ପା ପ୍ରିୟଦର୍ଶିନୀ):** ରନ୍ଧନ ଗ୍ୟାସ୍ ପାଇଁ ସମସ୍ତେ ଏବେ ଚିନ୍ତାରେ। ହାଣ୍ଡିଶାଳଠାରୁ ଷ୍ଟ୍ରିଟ୍‌ଫୁଡ୍ ବ୍ୟବସାୟ ସବୁ ପ୍ରଭାବିତ ହୋଇଛି। ଫଳରେ ଗ୍ୟାସ୍ ବିକଳ୍ପରେ ବ୍ୟବସାୟୀମାନେ କାଠଚୁଲିରେ ଖାଦ୍ୟ ପ୍ରସ୍ତୁତ କରିବା ଆରମ୍ଭ କରିଛନ୍ତି। ଗୋଟିଏ ପଟେ ଗ୍ୟାସ୍ ଦର ବୃଦ୍ଧି, ବୁକିଂ ଓ ଡେଲିଭରି ସମସ୍ୟା ଥିବାବେଳେ ଜାଳେଣି କାଠ ଦର କୁଇଣ୍ଟାଲ ପିଛା ୧୮୦୦ ଟଙ୍କା ରହିଛି। ଚଢ଼ାଦର ଯୋଗୁ ଛୋଟ ସିଲିଣ୍ଡରଟିଏ ଭର୍ତ୍ତିକରିବା ମଧ କଷ୍ଟକର ହୋଇପଡୁଛି। ଏହା ଷ୍ଟ୍ରିଟ୍‌ଫୁଡ୍ ବ୍ୟବସାୟୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏଥିଯୋଗୁ ସହରର ଅନେକ ସ୍ଥାନରେ ଷ୍ଟ୍ରିଟ୍‌ଫୁଡ୍ ଓ ଜଳଖିଆଦୋକାନ ଙ୍କାଁ ଭାଁ ଖୋଲୁଛି। ଏଭଳି ସ୍ଥିତି ଜାରି ରହିଲେ ଆଗକୁ ବ୍ୟବସାୟ କରିବା ସମ୍ଭବପର ହେବ ନାହିଁ ବୋଲି ବ୍ୟବସାୟୀମାନେ କହିଛନ୍ତି।

### ଏମାନେ ଯାହା କୁହନ୍ତି...

#### ଗ୍ୟାସ୍ ସଙ୍କଟ ଯୋଗୁ ବ୍ୟବସାୟ ମାନ୍ଦା


୨୭ ବର୍ଷ ହେବ ବାରବାଟୀ ଷ୍ଟାଡିୟମ ନିକଟରେ ଦହିବରା ବ୍ୟବସାୟ କରୁଛି। କୋଭିଡ୍ ସମୟରେ ବେପାର ଯେପରି ଠପ୍ ହୋଇଥିଲା, ଏବେ କିଛିଦିନରେ ସେଭଳି ସମସ୍ୟା ଉପୁଜିବା ଆଶଙ୍କା କରାଯାଉଛି। ଗ୍ୟାସ୍ ନ ମିଳିଲେ କାଠଚୁଲି ବିକଳ୍ପ ରଖିଛୁ। ତେବେ ଗ୍ରାହକଙ୍କୁ ଗରମାଗରମ ଖାଦ୍ୟ ପରଷିବାକୁ ଗ୍ୟାସ୍ ନିହାତି ଆବଶ୍ୟକ। ଛୋଟ ଟାଙ୍କିଟିଏ ଥିଲେ ମଧ ଚଢ଼ା ଦରରେ ଗ୍ୟାସ୍ କିଣିବାକୁ ପଡୁଛି। ଗ୍ୟାସ୍ ସଂକଟ ବ୍ୟବସାୟକୁ ମାନ୍ଦା କରିଦେବ।

**– ମେଘନାଥ ସାହୁ, ଦହିବରା ବ୍ୟବସାୟୀ**

#### କାଠଚୁଲି ଶେଷ ବିକଳ୍ପ


୨୨ ବର୍ଷ ହେବ ଖୋଲାସାହି ଅଞ୍ଚଳରେ ଚାଟ୍ ବ୍ୟବସାୟ କରିଆସୁଛି । ହେଲେ ଏଭଳି ସ୍ଥିତି କେବେ ଉପୁଜି ନ ଥିଲା। ଚାଟ୍ ପ୍ରସ୍ତୁତ କରିବା ପାଇଁ ଦିନକୁ ୨ରୁ ୩ଟି ଗ୍ୟାସ୍ ଆବଶ୍ୟକ ପଡ଼ିଥାଏ। ବେପାର ବେଳେ ମଧ ଗ୍ୟାସ୍ ଦରକାର ଥାଏ। ଦୁଇଟି ଗ୍ୟାସ୍ ସିଲିଣ୍ଡର ବୁକିଂ କରିଛି, ହେଲେ ମିଳିନାହିଁ। ବଳକା ଗ୍ୟାସ୍ ସରିଗଲେ ଶେଷକୁ କାଠଚୁଲିରେ ଖାଦ୍ୟ ପ୍ରସ୍ତୁତ କରିବୁ। ସବୁ ଦରଦାମ ବୃଦ୍ଧି ହେବାରୁ ବେପାର କରିବାରେ ବହୁ ସମସ୍ୟା ଉପୁଜୁଛି। ଗ୍ୟାସ୍ ନ ମିଳିଲେ ଶେଷରେ ବେପାର ବନ୍ଦ କରିବାକୁ ବାଧ ହେବି।

**– ବିଦେଶୀ ବେହେରା, ଚାଟ୍ ବ୍ୟବସାୟୀ**

#### ଜାଳେଣି କାଠ ଦର ବାଧୁଛି


୨୬ବର୍ଷ ହେବ ଦହିବରା ବିକିଆସୁଛି, ହେଲେ ଗ୍ୟାସ୍ ସମସ୍ୟା ଯୋଗୁ ବେପାରରେ କେବେ ବାଧା ଉପୁଜିନାହିଁ। ପ୍ରଥମକରି ଏଭଳି ସମସ୍ୟା ହୋଇଛି। ଗ୍ୟାସ୍ ନ ମିଳିବାରୁ ବିକଳ୍ପ ଭାବେ କାଠଚୁଲିକୁ ଆପଣାଇ ଖାଦ୍ୟ ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛୁ। ହେଲେ ଜାଳେଣି କାଠ ଦର ବୃଦ୍ଧି ଯୋଗୁ ମଧ ଏହା କିଣିବା କଷ୍ଟକର ହୋଇପଡୁଛି। ତୁରନ୍ତ ଗ୍ୟାସ୍ ଅଭାବ ସମସ୍ୟାର ସମାଧାନ କରାଯିବା ଆବଶ୍ୟକ।

**–ଅଶୋକ ବେହେରା, ଦହିବରା ବ୍ୟବସାୟୀ**

## ମକୁନ୍ଦପୁରରେ ଓଡ଼ିଶୀ ନାମ ସଂକୀର୍ତ୍ତନ ଉତ୍ସବ

କଳାପଥର, ୧୫।୩(ଗଙ୍ଗାଧର ସାହୁ)

ବାଙ୍କୀ ଡମପଡ଼ା ଶିମିଳିପୁର ପଞ୍ଚାୟତ ମକୁନ୍ଦପୁର ଗ୍ରାମରେ ଓଡ଼ିଶୀ ନାମ ସଂକୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ସକାଳେ କଳସ ଯାତ୍ର ହୋଇଥିଲା। ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ କଳସ ସ୍ଥାପନ କରାଯାଇଥିଲା। ଗୁଣମଣି ନାୟକ ମୁଖ୍ୟ କଳସ ମୁଣ୍ଡରେ ଧରିଥିଲେ। ଗାୟିକା ନର୍ମଦା ସାହୁଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଗାୟକ ପ୍ରହଲ୍ଲାଦ ସାହୁଙ୍କ ନାମ ସଂକୀର୍ତ୍ତନ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ରବିବାର ଗାୟିକା ମନୋରମା ବେହେରାଙ୍କ ନାମ ସଂକୀର୍ତ୍ତନ ବିଶେଷ ଆକର୍ଷଣ ଥିଲା। ଏହି ସମୟରେ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପର୍ଶୁରାମ ନାୟକ, କବିଚନ୍ଦ୍ର ସ୍ୱାଇଁ ଏବଂ ପ୍ରଫୁଲ୍ଲ ରାଉତଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ହୋଇଥିଲା।

# ‘ଉପଭୋକ୍ତା ସଚେତନ, ଜାଗ୍ରତ ହୁଅନ୍ତୁ’

**ବିଶ୍ୱ ଉପଭୋକ୍ତା ଅଧିକାର ଦିବସ**

### ‘ଖାଉଟି ବାର୍ତ୍ତା’ ଉନ୍ମୋଚିତ

ଭୁବନେଶ୍ୱର, ୧୫।୩ (ବନ୍ଦନା ସେଠୀ)



କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ ବିଶିକେଶନ ଦେହୁରୀଙ୍କ ସହ ଅନ୍ୟ ଅତିଥିମାନେ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଅବସରରେ ରବିବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଉପଭୋକ୍ତା ଦିବସର ବିଷୟବସ୍ତୁ ଥିଲା ‘ନିରାପଦ ଉତ୍ପାଦ, ଆତ୍ମବିଶ୍ୱାସୀ ଗ୍ରାହକ’। ମୁଖ୍ୟ ଅତିଥି ଭାବେ ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ବିଶିକେଶନ ଦେହୁରୀ ଯୋଗଦେଇ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପରିବର୍ତ୍ତନଶୀଳ ଡିଜିଟାଲ ଦୁନିଆରେ ଉପଭୋକ୍ତାମାନେ ସଚେତନ ରହିବାର ଆବଶ୍ୟକତା ରହିଛି। ସେମାନେ ଜାଗ୍ରତ ହୋଇ ଆବଶ୍ୟକ ସ୍ଥଳେ ନ୍ୟାୟାଳୟର ଆଶ୍ରୟ ନେବାକୁ ସେ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧାଜିଲା ଖାଉଟି ବିବାଦ ପ୍ରତିକାର ଆୟୋଗର ସଦସ୍ୟା ଶୁଭଲକ୍ଷ୍ମୀ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ତଥା ଜିଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗଗୁଡ଼ିକର କାର୍ଯ୍ୟକାରିତା ବୃଦ୍ଧି ପାଇଁ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଏକ ଜାଗ୍ରତ ଉପଭୋକ୍ତା ସମାଜ ଗଠନ ଦିଗରେ ମଜଭୁତ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ରାଜ୍ୟ ଖାଉଟି ସଚେତନତା ପ୍ରତିଷ୍ଠାନ (ଏସ୍‌ଆଇସିଏ) ପକ୍ଷରୁ ପ୍ରକାଶିତ ‘ଖାଉଟି ବାର୍ତ୍ତା’ ପତ୍ରିକା ଉନ୍ମୋଚିତ ହୋଇଥିଲା। ସେହିପରି ବିଭାଗ ତରଫରୁ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବିଭାଗର କର୍ମଚାରୀଙ୍କ ଦ୍ୱାରା ସଚେତନତା ନାଟକ ‘ସାବଧାନ ସୌଦାଗର’ ମଞ୍ଚସ୍ଥ ହୋଇଥିଲା। ବିଭାଗର ଅନୁଶାସନ ସଚିବ ମନୋଜ କୁମାର ପଟ୍ଟନାୟକ ଉପଭୋକ୍ତା ଅଧିକାର, ଆଇନ ଓ ସଚେତନତା ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ହାତୀ ଆକ୍ରମଣରେ ବନ ବିଭାଗ ଗାଡ଼ି ଭାଙ୍ଗିଲା

ନିରାକାରପୁର, ୧୫।୩ (ମାନସ ଚନ୍ଦ୍ର ପଟ୍ଟନାୟକ)




ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ବଢ଼ିଚାଲିଛି। ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ଏକ ହାତୀ ଆକ୍ରମଣରେ ବନ ବିଭାଗ ଗାଡ଼ିର ସମ୍ମୁଖ ଭାଗ ଭାଙ୍ଗିଥିବା ବେଳେ କର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ହାତୀ ସୁରକ୍ଷା ନେଇ ପେଟ୍ରୋଲିଂ ଚାଲିଥିବା ବେଳେ ଟାଙ୍ଗୀ ବନାଞ୍ଚଳ ଶଗଡ଼ଭଗା ପଞ୍ଚାୟତ ଅନ୍ତର୍ଗତ ବେତରଜଙ୍ଗଠାରେ ଥିବା ଏକ କାକୁଡ଼ି କ୍ଷେତରେ ଏକ ହାତୀ ପଶି ଫସଲ ନଷ୍ଟ କରୁଥିଲା। ଖବରପାଇ ବନ ବିଭାଗର ଏକ ୪ଜଣିଆ ଟିମ୍ ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ବନ ବିଭାଗ କର୍ମଚାରୀମାନେ ହାତୀଟିକୁ ଉକ୍ତ କ୍ଷେତରୁ ଘଉଡ଼ାଇବା ନିମନ୍ତେ ପ୍ରୟାସ ଆରମ୍ଭ ବେଳେ ହଠାତ ହାତୀଟି ବନ କର୍ମଚାରୀଙ୍କୁ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲା। ତେବେ ବନ କର୍ମଚାରୀମାନେ ଆକ୍ରମଣରୁ ବର୍ତ୍ତି ଯାଇଥିଲେ ମଧ୍ୟ ହାତୀଟି ବନ ବିଭାଗ ଦ୍ୱାରା ବ୍ୟବହୃତ ଗାଡିର ସମ୍ମୁଖକୁ ଭାଙ୍ଗି ଦେଇ ନିକଟ ଜଙ୍ଗଲକୁ ପଳାଇଥିଲା। ଘଟଣାସ୍ଥଳରେ ଗାଡ଼ିଟି ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ପରେ ଉକ୍ତ ସ୍ଥାନରୁ ବନ କର୍ମଚାରୀମାନେ ଆସିଥିଲେ ବୋଲି ଜଣାପଡ଼ିଛି।

## ୬ବର୍ଷ ପରେ ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୫।୩ (ତ୍ରିନାଥ ମହାନ୍ତି)

ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ରବୀନ୍ଦ୍ରନାଥ ମିଶ୍ରଙ୍କ ଘରେ ଗତ ୬ବର୍ଷ ତଳେ ଘଟିଥିବା ଡକାୟତି ମାମଲାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଞ୍ଜୟ କୁମାର ଏବଂ ଦେବେନ୍ଦ୍ର ଚୌଧୁରୀ ଓରଫ ଲିପୁ। ଅଭିଯୁକ୍ତ ସଞ୍ଜୟଙ୍କ ନାମରେ ପୂର୍ବରୁ କନ୍ଦରପୁର, ପାଟକୁରା, ରାଇକିଆ ଏବଂ ସୁଲିଆପଡ଼ା ଥାନାରେ ମାମଲା ରହିଥିବା ଜଣାପଡିଛି। ମାମଲାରେ ସମ୍ପୃକ୍ତ ଅନ୍ୟ ସହଯୋଗୀମାନଙ୍କୁ ଗିରଫ ପାଇଁ ଉଦ୍ୟମ ଚାଲିଥିବା ପୋଲିସ କହିଛି।

ପୋଲିସ ସୂଚନାନୁସାରେ, ୨୦୧୯ ନଭେମ୍ବର ୭ ଅପରାହ୍ନରେ ଅଭିଯୁକ୍ତମାନେ ରବୀନ୍ଦ୍ରଙ୍କ ଘରେ ପଶି ତାଙ୍କୁ ଆକ୍ରମଣ କରି ପ୍ରାୟ ୯୦ ଗ୍ରାମ ଓଜନର ସୁନା ଅଳଙ୍କାର, ୨ହଜାର ଟଙ୍କା ନଗଦ ଓ ଗୋଟିଏ ମୋବାଇଲ ଫୋନ୍ ନେଇଯାଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂର୍ବ ବିବାଦରୁ ଏହି ଡକାୟତି ହୋଇଥିବା ଜଣାପଡିଥିଲା। ଗତ କିଛିଦିନ ସ୍ଥାନୀୟ ପୋଲିସ ସହାୟତାରେ ନେମାଳ ଅଞ୍ଚଳରୁ ଦେବେନ୍ଦ୍ରଙ୍କୁ ନୟାପଲ୍ଲୀ ପୋଲିସ ଗିରଫ କରିଥିଲା। ତାଙ୍କୁ ପଚରାଉଚରାବେଳେ ରବୀନ୍ଦ୍ରଙ୍କ ଘରେ ଡକାୟତି ପାଇଁ ସଞ୍ଜୟ କୁମାର ହାତୀ ତାଙ୍କୁ ସୁପାରି ଦେଇଥିଲେ ଏବଂ ନିଜ ଗାଡ଼ିରେ ନେଇ ଘର ଦେଖାଇଥିଲେ। ଯୋଜନାକୁ ସଫଳ କରିବା ପାଇଁ ସେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇର ସନ୍ତୋଷ ମଲ୍ଲିକ ଏବଂ ନେମାଳ ଫତେପୁରର ଦୀପକ ସୂତାରଙ୍କୁ ସହଯୋଗୀ ଭାବେ ନିଯୁକ୍ତ କରିଥିଲେ। ଯୋଜନା ଅନୁସାରେ, ସେମାନେ ଲୁଟ୍ ସମ୍ପତ୍ତିକୁ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ ଏବଂ ଦେବେନ୍ଦ୍ର କମିଶନ ଭାବେ ୪ ହଜରେ ଟଙ୍କା ପାଇଥିଲେ। ପରବର୍ତ୍ତୀ ସମୟରେ ପୋଲିସ ଚଢାଉ କରି ଅଭିଯୁକ୍ତ ସଞ୍ଜୟଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଅଭିଯୁକ୍ତଙ୍କଠାରୁ ହଳେ ସୁନା କାନଫୁଲ ଜବତ କରିଛି ପୋଲିସ।

## ଆଜି ଡାକ୍ତରଖାନାରେ କାର୍ଯ୍ୟ ବନ୍ଦ ରଖିବେ ଆଉଟ୍‌ସୋର୍ସିଂ କର୍ମଚାରୀ



ଭୁବନେଶ୍ୱର, ୧୫।୩ (ସୁଚିସ୍ମିତା ସାହୁ)

**୭ମ ଦିନରେ ଆନ୍ଦୋଳନ**

ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଆଉଟ୍‌ସୋର୍ସିଂ କର୍ମଚାରୀମାନେ ସୋମବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଚାଲିଥିବା ଆନ୍ଦୋଳନରେ ଯୋଗଦେବେ। ଯେଉଁମାନେ ଡାକ୍ତରଖାନାରେ ରହିବେ ସେମାନେ ସକାଳ ୯ଟାରୁ ୧୧ଟା ୩୦ ଯାଏ କାର୍ଯ୍ୟ ବନ୍ଦ ରଖିବେ ବୋଲି ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୋମବାର ଥିବାରୁ ଡାକ୍ତରଖାନାରେ ରୋଗୀ ସଂଖ୍ୟା ଅଧିକ ରହିବ। ଆଉଟ୍‌ସୋର୍ସିଂ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କଲେ ଦେଢ଼ଘଣ୍ଟା ଧରି ଚିକିତ୍ସା ସେବା ବାଧାପ୍ରାପ୍ତ ହେବ। ଟିକେଟ କରିବାଠାରୁ ଆରମ୍ଭ କରି ରିପୋର୍ଟ, ରକ୍ତ ପରୀକ୍ଷା ଆଦି କ୍ଷେତ୍ରରେ ରୋଗୀଙ୍କୁ ହଇରାଣ ହେବାକୁ ପଡିବ ବୋଲି ଆଶଙ୍କା କରାଯାଉଛି।

ମହାସଂଘର ଉପଦେଷ୍ଟା ବିଜୟ ମଲ୍ଲଙ୍କ କହିବାନୁସାରେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ବର୍ଷ ବର୍ଷ ଧରି ଲୋକଙ୍କ ସେବା କରିଆସୁଛନ୍ତି। ଏହି କର୍ମଚାରୀମାନେ ରାଜ୍ୟ ସରକାରଙ୍କୁ ସ୍ଥାୟୀ ନିଯୁକ୍ତି ସହ ୩ ଦଫା ଦାବି ପୂରଣ ପାଇଁ ନିବେଦନ କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ରାଜ୍ୟ ସରକାରଙ୍କ ଏଭଳି ଜନବିରୋଧୀ ଶୋଷଣ ପାଇଁ ସଂଘର କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଛନ୍ତି। ସୋମବାର ଏହି ଆନ୍ଦୋଳନ ସପ୍ତମ ଦିନରେ ପହଞ୍ଚିବ ଓ ଡାକ୍ତରଖାନାରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଦେଢ଼ଘଣ୍ଟା ସେବାକାର୍ଯ୍ୟ ବନ୍ଦ କରିବେ। ତିନି ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ରାଜରାସ୍ତାରୁ ଓହରିବୁ ନାହିଁ ବୋଲି ଓଡିଶାର କୋଣ ଅନୁକୋଣରୁ ଆସିଥିବା ଆନ୍ଦୋଳନକାରୀମାନେ ସଂକଳ୍ପ ନେଇଛନ୍ତି। ଆନ୍ଦୋଳନକୁ ମହାସଂଘ ସଭାପତି ସଞ୍ଜୟ ପଟ୍ଟନାୟକ, ମହାସଚିବ ହେମନ୍ତ ବହିଆ, ଉପସଭାପତି ଗୌତମ ମହାରଣ୍ୟ ଓ ପୂର୍ଣ୍ଣ ମିଶ୍ର, ସାଧାରଣ ସମ୍ପାଦକ ମାନସ ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।

## ଓଡ଼ିଶା ଗଢ଼ିବାକୁ ସାମୂହିକ ସଂକଳ୍ପ ନେବାକୁ ଆହ୍ୱାନ

ଭୁବନେଶ୍ୱର, ୧୫।୩(ସୌମ୍ୟରଞ୍ଜନ ରାଉତ)

ନୂଆଦିଲୀଠାରେ ଆରମ୍ଭ ହୋଇଛି ଓଡ଼ିଶା ପର୍ବ। ରବିବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଓଡ଼ିଶା ୨୦୩୬ ମସିହାରେ ରାଜ୍ୟ ଗଠନର ଶତବାର୍ଷିକ ପୂର୍ତ୍ତି ଉତ୍ସବ ପାଳନ କରିବ। ଏଥିପାଇଁ ସମୃଦ୍ଧ, ସମାବେଶୀ ଓ ଅଗ୍ରଗାମୀ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସାମୂହିକ ସଂକଳ୍ପ ନେବାକୁ ପଡିବ। ୨୦୩୬ ବର୍ଷ କେବଳ ଓଡ଼ିଶାର ଐତିହାସିକ ଯାତ୍ରାର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ନୁହେଁ, ବରଂ ରାଜ୍ୟର ଉପଲବ୍ଧିଗୁଡ଼ିକୁ ସ୍ମରଣ କରି ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖି ଆହୁରି ଶକ୍ତିଶାଳୀ ଓ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାମ କରିବାର ସୁଯୋଗ ମଧ୍ୟ ହେବ। ଏହି ପର୍ବ ନୂଆଦିଲ୍ଲୀରେ ଓଡ଼ିଶାର ଆତ୍ମା, ଚେତନା ଓ ସାଂସ୍କୃତିକ ସମୃଦ୍ଧିକୁ ପ୍ରଦର୍ଶନ କରିବାର ଏକ ପ୍ରକୃଷ୍ଟ ମଞ୍ଚ ଭାବେ ଉଭା ହୋଇଛି। ବର୍ଷ ବର୍ଷ ଧରି ଏହି ଉତ୍ସବ ଏକ ଅନନ୍ୟ ଆୟୋଜନରେ ପରିଣତ ହୋଇଛି, ଯେଉଁଥିରେ କଳା, ସଂସ୍କୃତି, ଐତିହ୍ୟ, ଉଦ୍ୟମିତା ଓ ବିଶ୍ୱବ୍ୟାପୀ ରହୁଥିବା ଓଡ଼ିଆଙ୍କ ସାମୂହିକ ପରିଚୟ ଏକତ୍ର ହୋଇଥାଏ ବୋଲି ରାଜ୍ୟପାଳ କହିଛନ୍ତି। ଓଡ଼ିଶାର ସମୃଦ୍ଧ ସଭ୍ୟତାଗତ ଐତିହ୍ୟକୁ ଉଲ୍ଲେଖ କରି ରାଜ୍ୟପାଳ କହିଲେ, ରାଜ୍ୟର ପରିଚୟ ମହାପ୍ରଭୁ ଜଗନ୍ନାଥଙ୍କଠାରେ ଗଭୀର ଭାବେ ନିହିତ, ଯାହା ସମାନତା, ସମାବେଶୀ ଓ ବିଶ୍ୱଭ୍ରାତୃତ୍ୱର ସନ୍ଦେଶ ଦେଇ ପିଢ଼ୀ ପରେ ପିଢ଼ୀକୁ ପ୍ରେରିତ କରିଆସିଛି। ରାଜ୍ୟର ବୌଦ୍ଧିକ ଓ ସାଂସ୍କୃତିକ ପରିସରକୁ ଗଢ଼ି ତୋଳିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକିର ମୋହନ ସେନାପତି ଓ ଗଙ୍ଗାଧର ମେହେରଙ୍କ ପରି ବରପୁତ୍ରଙ୍କ ଅମୂଲ୍ୟ ଅବଦାନକୁ ରାଜ୍ୟପାଳ ନିଜ ଉଦବୋଧନରେ ଅବତାରଣା କରିଥିଲେ।

## ପାଣି ମୋଟର ଚୋରି ଅଭିଯୋଗ

ବାରଙ୍ଗ, ୧୫।୩(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ପଦ୍ମନାଭନଗର ଅଞ୍ଚଳର ଦୁଇଟି ସ୍ଥାନରୁ ପାଣିମୋଟର ଚୋରି ହୋଇଛି। ବ୍ରାହ୍ମଣୀ ଗାଁର ମଦନ ଦାସ ପଦ୍ମନାଭନଗର ଅଞ୍ଚଳରେ ୫ ଏକର ଜମିରେ ପରିବା ଚାଷକରି ପରିବାର ପୋଷଣ କରିଥାନ୍ତି। ଫସଲ ପାଇଁ ବ୍ୟବହୃତ ପାଣିମୋଟରକୁ କେହି ଚୋରିକରିନେଇଥିବା ରବିବାର ଜଣାପଡ଼ିବା ପରେ ମଦନ ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାର ପଦ୍ମନାଭନଗର ବଜାର ଉପରେ ଥିବା ଏକ ଗାଡ଼ି ସର୍ଭିସିଂ ପଏଣ୍ଟର ଏକ କୂଅ ଭିତରୁ ପାଣିମୋଟର ଚୋରି ହୋଇଛି। ଏ ସଂକ୍ରାନ୍ତରେ ଦୋକାନ ମାଲିକ ରଞ୍ଜିତ ମହାପ୍ରସାଦ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ୧୦୫ ବିଦ୍ୟାଳୟରେ ପରୀକ୍ଷା ଦେଲେ ୨୧୨୩ ଶିକ୍ଷାର୍ଥୀ

ବୋଲଗଡ଼, ୧୫।୩ (ଦେବବ୍ରତ ହୋତା)



ଖୋର୍ଦ୍ଧା ଜିଲା ଶିକ୍ଷାଧିକାରିଣୀ ସୋନାମିକା ରାୟ ଏବଂ ଅତିରିକ୍ତ ଶିକ୍ଷାଧିକାରିଣି ପ୍ରଜ୍ଞା ପାରମିତା ଜେନାଙ୍କ ନିର୍ଦ୍ଦେଶରେ ବୋଲଗଡ଼ ମଣ୍ଡଳରେ ୧୪ ସିଆର୍‌ସିଙ୍କ ତତ୍ତ୍ୱାବଧାନରେ ‘ଉଲ୍ଲାସ’ର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ୧୦୫ଟି ସରକାରୀ ମାଧ୍ୟମିକ, ଉଚ୍ଚ ପ୍ରାଥମିକ, ପ୍ରାଥମିକ ବିଦ୍ୟାଳୟରେ ମୋଟ୍ ୨୧୨୩ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପ୍ରତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସହକାରୀ ସ୍ୱେଚ୍ଛାସେବୀ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ୧୮ବର୍ଷରୁ ଊର୍ଦ୍ଧ୍ୱ ବୟସର ପୌଢ଼ ଶିକ୍ଷାର୍ଥୀଙ୍କୁ ପରୀକ୍ଷା କରାଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ଦ୍ୱାରା ଗଠିତ ୫ଟି ମନିଟରିଂ ଟିମ ବୁଲି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଉକ୍ତ ଟିମ୍‌ରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ନାଥ ସ୍ୱାଇଁ ଓ ଅମିତା ମିଶ୍ର, ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବେହେରା, ସନ୍ତୋଷ ସାହୁ, ପୀତବାସ ଲେଙ୍କା, ଭିକାରୀ ପୃଷ୍ଟି, ମଳୟ ପଣ୍ଡା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ,ଶିକ୍ଷକ ସାମନ୍ତ ମାଝୀ, ବିଶ୍ୱଜିତ ସରୋଜ କୁମାର ଏବଂ ଶାନ୍ତନୁ ତ୍ରିପାଠୀ ପରୀକ୍ଷା କେନ୍ଦ୍ରରୁ ତଥ୍ୟ ସଂଗ୍ରହ କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ଲୋକନାଥ ସାହୁ , ବିପିନ କୁମାର ସ୍ୱାଇଁ , ବିଭୁପ୍ରସାଦ ମହାପାତ୍ର, ପ୍ରଦୀପ ବଳବନ୍ତରାୟ , ପ୍ରକାଶ ଚନ୍ଦ୍ର ସାହୁ , ସନ୍ତୋଷ ସାମଲ, ହୃଷିକେଶ ନାୟକ, ଶେଖ ମୁସ୍ତାକ ଅଲ୍ଲୀ, ରବୀନ୍ଦ୍ର ବେହେରା, ପ୍ରକାଶ ମହାପାତ୍ର, ରବୀନ୍ଦ୍ର ନାୟକ ଓ ଚନ୍ଦ୍ରଶେଖର ନାୟକ ପରୀକ୍ଷା କାର୍ଯକ୍ରମ ପରିଚାଳନା କରିଥିଲେ।

## ଘରେ ପଶି କଳାକନା ବୁଲାଇଲେ ଚୋର

ଭୁବନେଶ୍ୱର, ୧୫।୩ (ତ୍ରିନାଥ ମହାନ୍ତି)

ଘରେ ପଶି କଳାକନା ବୁଲାଇଲେ ଚୋର। ଏଭଳି ଘଟଣା ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସବରସାହିରେ ଘଟିଛି। ନରୋତ୍ତମ ବେହେରାଙ୍କ ଘରୁ ୧୦ ଲକ୍ଷ ଟଙ୍କାର ସୁନା ଗହଣା ଏବଂ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଉଛି। ଅଭିଯୋଗ ଅନୁସାରେ, ଦୁଇଦିନ ତଳେ ନରୋତ୍ତମ ଏବଂ ତାଙ୍କ ସ୍ତ୍ରୀ ମର୍ଣ୍ଣିଂୱାକ୍ ପାଇଁ ବାହାରକୁ ଯାଇଥିଲେ। ଭୋର ୫ଟାରେ ଅଭିଯୁକ୍ତ ଘର ଭିତରେ ପଶି ଏକ କୋଠରିରେ ଶୋଇଥିବା ପୁଅ ଏବଂ ଅନ୍ୟମାନଙ୍କୁ ବାହାରୁ କବାଟ ଦେବା ପରେ ଅନ୍ୟଏକ କୋଠରିରେ ଥିବା ଆଲମାରୀରୁ ସୁନାଗହଣା ନେଇଯାଇଥିଲେ। ଘରକୁ ଫେରିବା ପରେ ଆଲମାରୀ ଖୋଲା ପଡ଼ିବା ସହ ପୁଅ ଶୋଇଥିବା ଘର ବାହାରୁ କବାଟ ଦିଆଯାଇଥିବା ଦେଖି ନରୋତ୍ତମ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେଠାରେ ଛାନ୍‌ଭିନ୍ କରିଥିଲେ।

## ୧୨ଜଣଙ୍କୁ ‘ଅଭିରୁଚି ନାରୀ ପ୍ରତିଭା ସମ୍ମାନ’

ଭୁବନେଶ୍ୱର, ୧୫।୩ (ସୌମ୍ୟରଞ୍ଜନ ରାଉତ)

ସତ୍ୟନଗର ଲେଡ଼ିଜ୍ ଫୋରମ୍ ପକ୍ଷରୁ ରବିବାର ବୁଦ୍ଧ ମନ୍ଦିରଠାରେ ‘ଆନ୍ତର୍ଜାତିକ ମହିଳା ଦିବସ’ ଓ ‘ଅଭିରୁଚି ନାରୀ ପ୍ରତିଭା ସମ୍ମାନ’ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦିକା ଅନୁରାଧା ଦାଶଙ୍କ ତତ୍ତ୍ୱାବଧାନରେ ଅତିଥି ଭାବେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ, ସମ୍ ହସ୍ପିଟାଲର ପ୍ରଫେସର ଡା. ବନାନୀ ଜେନା ଏବଂ ବିଜୁ ଜନତା ଦଳର ରାଜ୍ୟ ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରବକ୍ତା ସୋନାଲି ସାହୁ, ଜାଭିୟର ହାଇସ୍କୁଲ କେଦାରଗୌରୀ ଭୁବନେଶରର ଅଧକ୍ଷା ଅର୍ଚ୍ଚନା ମିଶ୍ରା ଏବଂ ସାମାଜିକ କର୍ମୀ ମୋନାଲିସା ଗନ୍ତାୟତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୨ଜଣ ନାରୀ ପ୍ରତିଭା ଅନୁସୟା ନାୟକ, ଅରୁନ୍ଧତି ମଲ୍ଲିକ, ଡ଼. ମନିଷା ମହାନ୍ତି, ମନ୍ଦାକିନୀ ଜେନା, ଡ. ଅନୁସୟା ନାଥ, ଦେବଯାନୀ ଦେଉରିଆ, ସୁଷମା ନନ୍ଦ, ଅନାମିକା ସ୍ୱାଇଁ ପଟ୍ଟନାୟକ, ଶୀତଳ ବହିଆ, ଗୀତାଞ୍ଜଳି ପ୍ରଧାନ, ଅନ୍ନପୂର୍ଣ୍ଣା ଦେହୁରୀ, ଲିନା ଦାସଙ୍କୁ ‘ଅଭିରୁଚି ନାରୀ ପ୍ରତିଭା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା।

## ଶିରିଡ଼ି ସାଇବାବାଙ୍କ ପାଦୁକା ଦର୍ଶନକଲେ ଶ୍ରଦ୍ଧାଳୁ

ଭୁବନେଶ୍ୱର, ୧୫।୩ (ସୌମ୍ୟରଞ୍ଜନ ରାଉତ)

ଶିରିଡ଼ି ସାଇବାବାଙ୍କ ପବିତ୍ର ଚରଣ ପାଦୁକା ଦର୍ଶନ ସମାରୋହ ରବିବାର ଜନତା ମଇଦାନଠାରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ଟଙ୍କପାଣି ସାଇ ମନ୍ଦିରରୁ ଶିରିଡ଼ିରୁ ଆସିଥିବା ବାବାଙ୍କ ପବିତ୍ର ଚରଣ ପାଦୁକା ଜନତା ମଇଦାନ ଛକ ନିକଟରେ ପହଞ୍ଚିବା ପରେ ଶତାଧିକ ଭକ୍ତଙ୍କ ସମାଗମରେ ଘଣ୍ଟ, ତୁରୀ, ବାଦ୍ୟ ସହ ସଙ୍ଗୀତ ଓ ନୃତ୍ୟର ତାଳେ ତାଳେ ଶିରିଡ଼ି ସାଇ ଗ୍ଲୋବାଲ ଫାଉଣ୍ଡେଶନର ଅଧ୍ୟକ୍ଷ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ପୁଷ୍ପ ମାଲ୍ୟାର୍ପଣକରି ପାଦୁକାକୁ ସ୍ୱାଗତ କରିଥିଲେ। ପରେ ଶୋଭାଯାତ୍ରାରେ ପାଦୁକାକୁ ଜନତା ମଇଦାନସ୍ଥିତ ସମାରୋହ ସ୍ଥଳକୁ ନିଆଯାଇଥିଲା। ଗୁରୁଜୀ ଡ. ଶତପଥୀ ଓ ଶିରିଡି ସାଇବାବା ସଂସ୍ଥାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଆଇଏଏସ୍ ଅଧିକାରୀ ଗୋରକ୍ଷ ଗାଡ଼ିଲକରଙ୍କ ଉପସ୍ଥିତିରେ ପାଦୁକା ସ୍ଥାପନ କରାଯିବା ପରେ ଲଘୁ ଆରତି ଅନୁଷ୍ଠିତ ହୋଇଥିଲା। ପରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ସନ୍ଧ୍ୟାରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ସଙ୍ଗୀତ ପରିବେଷଣ କରିଥିଲେ।

## ମହିଳା କାର୍ ରାଲିରେ କ୍ୟାନ୍‌ସର ସଚେତନତା

**କ୍ୟାନ୍‌ସରର ପ୍ରାରମ୍ଭିକ ଚିହ୍ନଟ ଦ୍ୱାରା ସଫଳ ଚିକିତ୍ସା ସମ୍ଭବ**

ଭୁବନେଶ୍ୱର, ୧୫।୩(ସୌମ୍ୟରଞ୍ଜନ ରାଉତ)




କାର୍ ରାଲିରେ ମହିଳାମାନେ କ୍ୟାନ୍‌ସର ସଚେତନତା ବାର୍ତ୍ତା ଦେଉଛନ୍ତି।

ରୋଟାରି ଡିଷ୍ଟ୍ରିକ୍ଟ ୩୨୬୨ ଓ ଇନର୍ ହୁଇଲ୍ ଡିଷ୍ଟ୍ରିକ୍ଟ ୩୨୬ର ମିଳିତ ସହଯୋଗରେ କ୍ୟାନ୍‌ସର ସଚେତନତା ପାଇଁ ଏକ ମହିଳା କାର୍ ରାଲି ରବିବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ରାଲିକୁ ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ନର ରୋଟେରିଆନ୍ ମନୋଜ କୁମାର ତ୍ରିପାଠୀ, ଇନର ହୁଇଲ୍ ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ ଏବଂ ଇଣ୍ଡିଆନ ଅଏଲ ଓଡ଼ିଶାର ଡିଭିଜନାଲ ମ୍ୟାନେଜର (ରିଟେଲ ହେଡ୍) ଗର୍ଗ ଉଦ୍‌ଘାଟନ କରିଥିଲେ। ରାଲି କ୍ଲବ୍ ପଡିଆ ଗ୍ରାଉଣ୍ଡରୁ ଆରମ୍ଭ ହୋଇ କିଟ୍, ଇନ୍‌ଫୋସିଟି ଛକ, ଉତ୍କଳ ହସ୍ପିଟାଲ, ଜାଭିଅର୍ ଛକ ଓ ଡମଣା ଛକ ଦେଇ ପୁନର୍ବାର କ୍ଲବ୍ ପଡିଆ ଗ୍ରାଉଣ୍ଡରେ ଶେଷ ହୋଇଥିଲା। ଅତିଥି ଭାବେ ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଡା. ରୋଜାଲିନ ପଟ୍ଟଶାଣୀ ମିଶ୍ର ଅଂଶଗ୍ରହଣକାରୀଙ୍କୁ ପାର୍ଟିସିପେଶନ ସାର୍ଟିଫିକେଟ ଏବଂ କ୍ୟାନ୍‌ସର ସଚେତନତା ବାର୍ତ୍ତା ପାଇଁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଡା. ସଞ୍ଜୟ ମିଶ୍ର କ୍ୟାନ୍‌ସର ସମ୍ପର୍କିତ ସଚେତନତାକୁ ଗୁରୁତ୍ୱ ଦେଇଥିଲେ। କ୍ୟାନ୍‌ସରର ପ୍ରାରମ୍ଭିକ ଚିହ୍ନଟରେ ସଫଳ ଚିକିତ୍ସା ସମ୍ଭବ ବୋଲି ସେ ମତ ରଖିଥିଲେ। କାର୍ ରାଲିରେ ପ୍ରାୟ ୧୦୦ଟି କାର୍‌ରେ ମହିଳାମାନେ ଅଂଶଗ୍ରହଣକରି ସଚେତନତାର ବାର୍ତ୍ତା ଦେଇଥିଲେ।

## ଖଣିଜ ସମ୍ପଦ କ୍ଷେତ୍ରରେ ଭାରତ-ଅଷ୍ଟ୍ରେଲିଆ ସହଭାଗିତା ଆହୁରି ସୁଦୃଢ଼ ହେବ

ଭୁବନେଶ୍ୱର, ୧୫।୩ (ସୁଚିସ୍ମିତା ସାହୁ)



ସିଏସ୍‌ଆଇଆର୍‌-ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ବୈଜ୍ଞାନିକ ଓ ଅନ୍ୟ ଅଧିକାରୀଙ୍କ ସହ ଅଷ୍ଟ୍ରେଲୀୟ ମୁଖ୍ୟ ବାଣିଜ୍ୟ ଦୂତ ବର୍ଣ୍ଣାଡ୍ ଲିଞ୍ଚ ଓ ଅଧିକାରୀ ଅନଘା।

**ଅଷ୍ଟ୍ରେଲୀୟ ମୁଖ୍ୟ ବାଣିଜ୍ୟ ଦୂତଙ୍କ ସିଏସ୍‌ଆଇଆର୍‌-ଆଇଏମ୍‌ଏମ୍‌ଟି ପରିଦର୍ଶନ**

କୋଲକାତାରେ ଅବସ୍ଥାପିତ ଅଷ୍ଟ୍ରେଲୀୟ ମୁଖ୍ୟ ବାଣିଜ୍ୟ ଦୂତ (କନ୍‌ସୁଲ୍ ଜେନେରାଲ) ବର୍ନାଡ୍ ଲିଞ୍ଚ ଏବଂ ଅଷ୍ଟ୍ରେଲୀୟ କନ୍‌ସୁଲେଟ-ଜେନେରାଲର ଅର୍ଥନୈତିକ ଅନୁସନ୍ଧାନ ଅଧିକାରୀ ଅନଘା ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍‌-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସ୍‌ଆଇଆର୍‌-ଆଇଏମ୍‌ଏମ୍‌ଟି) ପରିଦର୍ଶନ କରିଛନ୍ତି। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଏବଂ ବୈଜ୍ଞାନିକଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ଓ ଉନ୍ନତ ଖଣିଜ ପ୍ରକ୍ରିୟାକରଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ-ଅଷ୍ଟ୍ରେଲିଆ ସହଯୋଗକୁ ସୁଦୃଢ଼ କରିବା ବିଷୟରେ ଆଲୋଚନା କରିଥିଲେ। ଏଥିସହ ଲିଞ୍ଚ ପ୍ରତିଷ୍ଠାନର ଖଣିଜ ଏବଂ ପଦାର୍ଥ ଗୁଣ ନିର୍ଦ୍ଧାରଣ ବିଭାଗ, ଖଣିଜ ପ୍ରକ୍ରିୟାକରଣ ବିଭାଗ ଏବଂ ହାଇଡ୍ରୋ, ବାୟୋ ଓ ଇଲେକ୍ଟ୍ରୋମେଟାଲର୍ଜି ବିଭାଗ ଆଦି ବୁଲି ଦେଖିଥିଲେ। ଏଥିସହ ସେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଚାଲିଥିବା ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବ୍ୟବସାୟ ବିକାଶ ଏବଂ ସିଏସ୍‌ଆଇଆର୍‌-ଆଇଏମ୍‌ଏମ୍‌ଟିର ସେଣ୍ଟର ଅଫ୍ ଏକ୍ସିଲେନ୍ସର ମୁଖ୍ୟ ଡ. କାଳୀ ସଞ୍ଜୟ ଅଷ୍ଟ୍ରେଲିଆ-ଭାରତ ଷ୍ଟ୍ରାଟେଜିକ୍ ରିସର୍ଚ୍ଚ ଫଣ୍ଡ ମାଧ୍ୟମରେ ଆଡିଲେଡ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରେଲିଆର କମନୱେଲ୍‌ଥ ସାଇଣ୍ଟିଫିକ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ଏଜେନ୍ସି ଭଳି ପ୍ରମୁଖ ଅଷ୍ଟ୍ରେଲୀୟ ଅନୁଷ୍ଠାନଗୁଡ଼ିକ ସହ ଚାଲିଥିବା ସହଯୋଗ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ସେ ସିଏସ୍‌ଆଇଆର୍‌-ଆଇଏମ୍‌ଏମ୍‌ଟିର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଅନ୍ କ୍ରିଟିକାଲ ମିନେରାଲ୍ସ ଅଧୀନରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ମୁଖ୍ୟ ବାଣିଜ୍ୟ ଦୂତଙ୍କୁ ଅବଗତ କରାଇଥିଲେ। ଯୁଗ୍ମ ଗବେଷଣା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ପ୍ରଶିକ୍ଷଣ ଏବଂ ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ ମାଧ୍ୟମରେ ଏହି ୨ ଦେଶର ସମ୍ପର୍କ ଅଧିକ ନିବିଡ଼ ହେବ ବୋଲି ଅଷ୍ଟ୍ରେଲୀୟ ଅଧିକାରୀ ଦ୍ୱୟ କହିଛନ୍ତି।

## ସଂକ୍ଷେପରେ

### ଉଲ୍ଲାସର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା

ପୁରୀ,୧୫।୩(ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୨୦୦୦ରୁ ଉର୍ଦ୍ଧ୍ୱ ଅଣସାକ୍ଷରମାନଙ୍କର 'ଉଲ୍ଲାସ' ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ହୋଇଯାଇଛି। ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ପୁରୀ ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କର ପାରଦର୍ଶିତା ହାସଲ ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଅଣସାକ୍ଷରଙ୍କୁ ସାକ୍ଷର କରାଇବା ଏବଂ ସଂଖ୍ୟାଜ୍ଞାନ ଦକ୍ଷତା ବୃଦ୍ଧି କରିବା, ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ରହିଛି। ଏହାଦ୍ୱାରା ବାଣିଜ୍ୟିକ ଦକ୍ଷତା, ଆର୍ଥିକ କାରବାର ଦକ୍ଷତା, ସ୍ୱାସ୍ଥ୍ୟ ସେବା, ଶିଶୁର ଯତ୍ନନେବାରେ ସେମାନେ ସକ୍ଷମ ହୋଇପାରିବେ। ଉକ୍ତ କାର୍ଯ୍ୟକ୍ରମଟି ପୁରୀ ସଦର ବ୍ଲକ ବିଇଓ, ବିଆର୍‌ସିସି, ଏବିଇଓ, ସିଆର୍‌ସିସି, ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏଲିମେଣ୍ଟାରିର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରେଇ ଏବଂ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ପୁରୀ ସଦର ପୋଲିସ ହାଇସ୍କୁଲ, ଶରଧାବାଲି ୟୁପି ସ୍କୁଲ ଏବଂ ବଡ଼ଶଙ୍ଖ ୟୁପି ସ୍କୁଲ ସମେତ ଅନ୍ୟାନ୍ୟ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

### ରାସ୍ତା ନିର୍ମାଣର ୪ଦିନରେ ଉଠିଗଲା ପିଚୁ



ଯୋଗେଶ୍ୱରପୁର,୧୫।୩(ରଶ୍ମିରଞ୍ଜନ ସାହୁ)

ଓଟର ନିକଟ ମାଳିତୋଟାଠାରେ ରାସ୍ତା କାମର ୪ଦିନ ମଧ୍ୟରେ ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଛି। ଗଡକରମଳାଠାରୁ ଦେଉଳି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୪ଦିନ ତଳେ ପିଚୁ କାର୍ଯ୍ୟ କରାଯାଇଥିଲା। କାର୍ଯ୍ୟ ନିମ୍ନମାନର ଓ ଏଷ୍ଟିମେଣ୍ଟ ଅନୁଯାୟୀ ହୋଇ ନଥିବାରୁ ମାଳିତୋଟା ମେଲଣ ପଡ଼ିଆଠାରେ ରାସ୍ତା ଉପରୁ ପିଚୁ ଉଠିଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

### ଅଣଓଡ଼ିଆ ଯୁବକଙ୍କୁ ମାଡ଼ ଘଟଣା, ଗୋପ ପୋଲିସ ପକ୍ଷରୁ ମକଦ୍ଦମା

ଗୋପ,୧୫।୩(ଭାରତୀ ଭୂଷଣ ଉପାଧ୍ୟାୟ)

ପିଲାଚୋରି ସନ୍ଦେହରେ ଜଣେ ଅଣଓଡ଼ିଆ ଯୁବକଙ୍କୁ ଗତ ୧୩ ତାରିଖ ସନ୍ଧ୍ୟାରେ ଗଛରେ ବାନ୍ଧି ନିର୍ଘୁକ ମାଡ଼ମାରିବା ଘଟଣାରେ ଗୋପ ପୋଲିସ ନିଜଆଡୁ ଏକ ମୋକଦ୍ଦମା ରୁଜୁ କରିଛି। ଏଏସ୍‌ଆଇ ମହନ୍ତ ବିଭୂପ୍ରସାଦ ଦାସଙ୍କ ଏତଲାକୁ ନେଇ ଏ ସମ୍ପର୍କରେ ଗୋପ ଥାନାରେ ୮୩/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଖୁବ୍‌ଶୀଘ୍ର ମାଡ଼ ମାରିଥିବା ବ୍ୟକ୍ତିବିଶେଷଙ୍କୁ ଗିରଫ କରାଯିବ ବୋଲି ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି।

ପ୍ରକାଶ ଯେ, ୧୩ ତାରିଖ ଅପରାହ୍ନରେ ମସ୍ତିଷ୍କ ବିକୃତଥିବା ପଶ୍ଚିମବଙ୍ଗ ଅଞ୍ଚଳର ଜଣେ ଯୁବକ ଗୋପ ଥାନା ଅଞ୍ଚଳ ଅନ୍ତର୍ଗତ ଗୋପ ଶାଖା କେନାଲ ବନ୍ଧ ଉପରେ ବୁଲୁଥିଲେ। ସେହି କେନାଲ ବନ୍ଧ ଉପରେ ସ୍ଥାନୀୟ ଅଞ୍ଚଳର କେତେଜଣ ପିଲା ଯାଉଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଯୁବକ ଉକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରିଥିବା ବେଳେ ଅଣଓଡ଼ିଆ ଯୁବକ ଜଣଙ୍କ ନିରବ ରହିଥିଲେ। ଏହି ସମୟରେ କେତେକ ଯୁବକ ଏହି ଅଣଓଡ଼ିଆ ଯୁବକଙ୍କୁ ପିଲାଚୋର ସନ୍ଦେହରେ ମାଡ଼ ମାରିଥିଲେ। ପରେ ଅଣଓଡ଼ିଆ ଯୁବକ ଜଣଙ୍କୁ ଗଛରେ ବାନ୍ଧି ନିର୍ଘୁକ ମାଡ଼ ମାରିବା ସହ ବିଅର ବୋତଲ ବି ମାଡ଼ ମାରିଥିଲେ। ଖବରପାଇ ପୋଲିସ ପହଞ୍ଚି କେନାଲ ଭିତରୁ ଅଚେତ ଅବସ୍ଥାରେ ଅଣଓଡ଼ିଆ ଯୁବକଙ୍କୁ ଉଦ୍ଧାର କରିଥିଲେ। ପରେ ଗୋପ ଡାକ୍ତରଖାନାରେ ଚିକିତ୍ସିତ ପରେ ଜିଲା ସ୍ୱାଧାର ଗୃହରେ ଛାଡ଼ିଥିବା ଜଣାପଡ଼ିଛି।

# ରନ୍ଧନ ଗ୍ୟାସ୍ ଅଭାବରୁ ଗ୍ରାହକ ହଇରାଣ

ସାକ୍ଷୀଗୋପାଳ,୧୫।୩(ଭରତ ରାଉତ)

ସତ୍ୟବାଦୀ ଅଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସ୍ ଓ କମର୍ସିଆଲ ଗ୍ୟାସ ସଙ୍କଟ ଘନେଇଛି। ଫଳରେ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ୟାସ ସିଲିଣ୍ଡରଟିଏ ପାଇବା ପାଇଁ ସକାଳଠାରୁ ସନ୍ଧ୍ୟା ଯାଏ ଗ୍ୟାସ୍ କାଉଣ୍ଟର ସମ୍ମୁଖରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଘଣ୍ଟା ଘଣ୍ଟା ଧରି ଲମ୍ବାଧାଡ଼ିରେ ଛିଡ଼ା ହୋଇ ଅଧିକାଂଶ ଗ୍ରାହକ ଗ୍ୟାସ୍ ସିଲିଣ୍ଡର ସଂଗ୍ରହ କରୁଛନ୍ତି। କେହି କେହି ଗ୍ୟାସ ସିଲିଣ୍ଡର ନ ପାଇ ନିରାଶରେ ଫେରି ଆସୁଥିବା ମଧ୍ୟ ପରିଲକ୍ଷିତ ହେଉଛି। ଏଜେନ୍ସିଗୁଡ଼ିକ ନିକଟରେ ଆବଶ୍ୟକ ସିଲିଣ୍ଡର ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ପେଟ୍ରୋଲ ଓ ରନ୍ଧନ ଗ୍ୟାସର ଅଭାବ ହେବ ନାହିଁ ବୋଲି ପ୍ରଶାସନ ଡିଣ୍ଡିମ ପିଟୁଥିବା ବେଳେ ସତ୍ୟବାଦୀ ଅଞ୍ଚଳରେ ଗ୍ୟାସ ଉପଭୋକ୍ତାମାନେ ଗ୍ୟାସ୍ ଭର୍ତ୍ତି ସିଲିଣ୍ଡରଟିଏ ପାଇବା ପାଇଁ ନାକେଦମ ହେଉଛନ୍ତି। ଗତ କିଛିଦିନ ଧରି ରନ୍ଧନ ଗ୍ୟାସ୍ ସିଲିଣ୍ଡର ପାଇଁ ଅଲଗୁମ୍, ମଧୁବନ, ନରେନ୍ଦ୍ରପୁର, ଶ୍ରୀରାମଚନ୍ଦ୍ରପୁର, ବିଶ୍ୱନାଥପୁର ଜୟପୁର, ପେଣ୍ଠପଡ଼ା, ବଳପୁର ସମେତ ଆଖପାଖ ଅଞ୍ଚଳର ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ଯୋଗାଣ ଅଧିକାରୀ, ବ୍ଲକ ଯୋଗାଣ ଅଧିକାରୀ, ପୁରୀ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସତ୍ୟବାଦୀ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି କଳାବଜାର ରୋକିବାକୁ ପ୍ରଶାସନ ଦୃଷ୍ଟି ଦେବା ଉଚିତ ବୋଲି ବରିଷ୍ଠ ନାଗରିକ ଦେବତିକ୍ତ ମିଶ୍ର କହିଛନ୍ତି। ତେବେ ଏନେଇ ବ୍ଲକ ଯୋଗାଣ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଚନ୍ଦ୍ରଭାଗାରେ ଭବ୍ୟ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ



ଚନ୍ଦ୍ରଭାଗାରେ ସୂର୍ଯ୍ୟଆଳତି କରାଯାଉଛି ।

କୋଣାର୍କ,୧୫।୩(ଜ୍ୟୋତିରାଜ ମହାନ୍ତି)

ଅର୍କକ୍ଷେତ୍ର କୋଣାର୍କ ନିକଟସ୍ଥ ପବିତ୍ର ଚନ୍ଦ୍ରଭାଗା ତୀର୍ଥରେ ଚୈତ୍ର କୃଷ୍ଣପକ୍ଷ ଏକାଦଶୀ ଅବସରରେ କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ ପକ୍ଷରୁ ସୂର୍ଯ୍ୟ ଆଳତି ଓ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳ ୬ଟା ୪ ମିନିଟ୍ ସମୟରେ ଏକ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଟ୍ରଷ୍ଟ ବୋର୍ଡର ମାର୍ଗଦର୍ଶକ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଓ ସଭାପତି ପ୍ରଫୁଲ୍ଲ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଛି। ଟ୍ରଷ୍ଟ ବୋର୍ଡର ସଦସ୍ୟ, ସଦସ୍ୟାମାନେ ସୂର୍ଯ୍ୟ ନାରାୟଣଙ୍କ ଉଦ୍ଦେଶ୍ୟରେ ଆଳତି କରିବା ସହିତ ମହୋଦଧିରେ ଅର୍ଘ୍ୟ ଅର୍ପଣ କରିଥିଲେ। ଆଜିର ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଲେଙ୍କା ଓ ତାଙ୍କ ସହଧର୍ମିଣୀ କର୍ତ୍ତୀ ଭାବେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟ ବୋର୍ଡର ସଦସ୍ୟ ନଟବର ମହାରଣା, ନିରଞ୍ଜନ ତ୍ରିପାଠୀ, ରମେଶ ନାୟକ ସଂଗଠନ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ବରାଳ, ବାମଦେବ ଆଲୁକ, ପ୍ରସନ୍ନ କୁମାର ତ୍ରିପାଠୀ, ପଞ୍ଚାନନ ବରାଳ, ମନୋରମା ନାୟକ, ସବିତା ରଥ, ପ୍ରଦୀପ୍ତ ଶତପଥି, ଶରତ ଖଟୁଆ, ବଂଶୀଧର ବେହେରା ପ୍ରମୁଖ ଉପସ୍ଥିତ ରହି ଦିବ୍ୟ ସମାରୋହକୁ ପରିଚାଳନା କରିଥିଲେ।

## 'ୱାନ୍ ଆୱାର ଫର୍ ପ୍ଲାନେଟ୍' ଦ୍ୱିତୀୟ ଥର ପାଳିତ

ପୁରୀ,୧୫।୩(ଅଜିତ୍ କୁମାର ମହାନ୍ତି)



ବୃକ୍ଷରୋପଣ କରାଯାଉଛି ।

ଆୟୁଷ ନିର୍ଦ୍ଦେଶିକାଙ୍କ ଉପଦେଶ ଅନୁଯାୟୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ପରିସରରେ ରବିବାର 'ୱାନ୍ ଆୱାର ଫର୍ ପ୍ଲାନେଟ୍' ଦ୍ୱିତୀୟ ଥର ପାଇଁ ପାଳନ କରାଯାଇଛି। ବିଶ୍ୱ ଜଳବାୟୁ ପରିବର୍ତ୍ତନ ମୁକାବିଲା ଓ ପ୍ରକୃତି ସନ୍ତୁଳନ ରକ୍ଷା କରିବା ପାଇଁ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ସମସ୍ତ ସରକାରୀ ଆୟୁର୍ବେଦ ଓ ହୋମିଓପାଥିକ ମହାବିଦ୍ୟାଳୟରେ 'ୱାନ୍ ଆୱାର ଫର ପ୍ଲାନେଟ୍' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରତି ୧୫ ଦିନରେ ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ ରହିଛି, ପ୍ରକୃତି ସହିତ ମାନବ ସ୍ୱାସ୍ଥ୍ୟ ମଧ୍ୟରେ ନିବିଡ଼ ସମ୍ପର୍କ। ଆୟୁର୍ବେଦ ଓ ହୋମିଓପାଥି ଚିକିତ୍ସା ବିଜ୍ଞାନ ମୁଖ୍ୟତଃ ପ୍ରକୃତି ଉପରେ ଆଧାରିତ। ତେଣୁ ପରିବେଶ ପ୍ରଦୂଷଣମୁକ୍ତ ଓ ଶକ୍ତି ସଂରକ୍ଷଣ ପ୍ରତି ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସେଥିପାଇଁ ମହାବିଦ୍ୟାଳୟରେ ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ଆୟୁଷ ନିର୍ଦ୍ଦେଶିକା ଅଞ୍ଜନା ପଣ୍ଡା କହିଛନ୍ତି, ପଞ୍ଚମହାଭୂତରେ ଗଠିତ ଆମ ଶରୀର ପାଇଁ ପ୍ରକୃତି ହେଉଛି ଶ୍ରେଷ୍ଠ ଚିକିତ୍ସକ। 'ୱାନ୍ ଆୱାର ଫର୍ ପ୍ଲାନେଟ୍' କେବଳ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଆମର ଭବିଷ୍ୟତ ପିଢ଼ି ପାଇଁ ଏକ ସୁରକ୍ଷିତ ଧରଣୀ ଗଠନ କରିବାର ସଂକଳ୍ପ। ଆୟୁଷ ପଦ୍ଧତିରେ ଚିକିତ୍ସିତ ହେବା ସହ ପରିବେଶକୁ ଭଲ ପାଇବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ।

## ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

ପୁରୀ,୧୫।୩(ଅଜିତ୍ କୁମାର ମହାନ୍ତି)

ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ସିଟି ରୋଡ୍ ଅଞ୍ଚଳର ଜି. ବାଳକୃଷ୍ଣ(୪୧)। ପୋଲିସ ଏନେଇ କେସ୍ ନଂ.୮୨/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ପେଣ୍ଠକଟା ଅଞ୍ଚଳର ଜଣେ ମହିଳା ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ ଯେ, ୧୦ ତାରିଖରେ ତାଙ୍କ ନାବାଳିକା ଝିଅ ଟ୍ୟୁଶନ ଯାଇଥିଲେ। ମିସ୍‌ଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ଜି. ବାଳକୃଷ୍ଣ ତାଙ୍କୁ ଘରର ଛାତ ଉପରକୁ ଡାକିଥିଲେ। ପରେ ଅସଦାଚରଣ କରିଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିବା ବେଳେ ସୋମବାର କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

## ଭକ୍ତଙ୍କୁ ପାଣି, ଦହି ପାଣି ବାଣ୍ଟିଲେ ପୋଲିସ କର୍ମଚାରୀ

ପୁରୀ,୧୫।୩( ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ଭକ୍ତଙ୍କର ବହୁଳ ସମାଗମ ହୋଇଥିଲା। ଗରମ ଓ ଭିଡ଼କୁ ଦୃଷ୍ଟିରେ ରଖି ଭକ୍ତମାନଙ୍କ ସୁବିଧା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସିଂହଦ୍ୱାର ଥାନା ପୋଲିସ ପକ୍ଷରୁ ଏକ ସେବାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଗ୍ରାଣ୍ଡ ସେଣ୍ଟର ସମ୍ମୁଖରେ ଭକ୍ତମାନଙ୍କୁ ଥଣ୍ଡାପାଣି ବୋତଲ ଓ ଦହିପଣା ବଣ୍ଟନ କରିଥିଲେ। ଦୀର୍ଘ ସମୟ ଧରି ଲାଇନ୍‌ରେ ରହୁଥିବା ଭକ୍ତମାନଙ୍କ ପାଇଁ ଏହି ବ୍ୟବସ୍ଥା ବହୁତ ସହାୟକ ହୋଇଥିଲା । ସିଂହଦ୍ୱାର ପୋଲିସ କର୍ମଚାରୀ ଭକ୍ତମାନଙ୍କୁ ପାଣି ଓ ଦହିପଣା ପ୍ରଦାନ କରି ସେମାନଙ୍କ ଆଧ୍ୟାତ୍ମିକ ଯାତ୍ରାକୁ ଆରାମଦାୟକ ଓ ସୁରକ୍ଷିତ କରିବାରେ ସହଯୋଗ କରିଥିଲେ। ପୁରୀ ପୋଲିସ ପକ୍ଷରୁ ସର୍ବଦା ଭକ୍ତମାନଙ୍କ ସୁରକ୍ଷା, ସୁବିଧା ଓ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଉଛି। ଆଗାମୀ ଦିନରେ ମଧ୍ୟ ଏପରି ସେବାମୂଳକ କାର୍ଯ୍ୟ ଜାରି ରହିବ ବୋଲି ପୋଲିସ ପକ୍ଷରୁ ଜଣାଯାଇଛି। କାର୍ଯ୍ୟକ୍ରମରେ ସିଂହଦ୍ୱାର ଥାନାର ଅନ୍ୟ ପୋଲିସ କର୍ମଚାରୀ ମଧ୍ୟ ସକ୍ରିୟ ଭାବେ ସହଭାଗୀ ହୋଇ ଭକ୍ତମାନଙ୍କୁ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ବିଶ୍ୱ ଖାଉଟି ଅଧିକାର ଦିବସ




ବୈଠକରେ ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇଙ୍କ ସମେତ ଅନ୍ୟମାନେ ।

ପୁରୀ,୧୫।୩(ଅଜିତ୍ କୁମାର ମହାନ୍ତି)

ଜିଲା ପ୍ରଶାସନ, ଜିଲା ଓଜନ ଓ ମାପ ବିଭାଗ ଆନୁକୂଲ୍ୟରେ ବିଶ୍ୱ ଖାଉଟି ଅଧିକାର ଦିବସ ପୁରୀ ଜିଲା ପ୍ରଦକ୍ଷିଣ ଗୃହରେ ରବିବାର ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତଥା ଜିଲା ଉପଭୋକ୍ତା ସୁରକ୍ଷା ଅଧିକାରୀ ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଆଲୋଚନା ସଭାରେ ଖାଉଟି ସୁରକ୍ଷା ଆଇନ ୨୦୧୯ ଏବଂ ଖାଉଟିମାନଙ୍କର ଅଧିକାର ତଥା ସୁରକ୍ଷା 'ନିରାପଦ ଉତ୍ପାଦ ଆଶ୍ୱସ୍ତ ଗ୍ରାହକ' ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯିବା ସହ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ପୁରୀ ନଗର ନିଗମର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପନିୟନ୍ତ୍ରିକା ଓଜନ ଓ ମାପ ବିଭାଗ ପ୍ରଗତି ନାୟକ, ନିରୀକ୍ଷିକା ସ୍ୱପ୍ନେଶ୍ୱରୀ ବେହେରା, ଯୋଗାଣ ଅଧିକାରୀ ଛୋଟରାୟ ମାରାଣ୍ଡି, ବିଶିଷ୍ଟ ସାମାଜିକ କର୍ମୀ ପଦ୍ମଚରଣ ସେଠୀ ପ୍ରମୁଖ ଯୋଗଦେଇ ଖାଉଟି ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। କର୍ମଶାଳାରେ ଆଇନଜୀବୀ ବିଜୟାନନ୍ଦ ମିଶ୍ର ଉପସ୍ଥିତ ସଦସ୍ୟମାନଙ୍କୁ ଖାଉଟି ସୁରକ୍ଷା ଆଇନ ସମ୍ପର୍କରେ ବୁଝାଇବା ସହ ଆଇନର ସୁଫଳ କିପରି ମିଳିପାରିବ ସେ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଜିଲାର ୭୦ରୁ ଅଧିକ ଖାଉଟି ଏହି କର୍ମଶାଳାରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିହିଡ଼ା ଦ୍ୱାରା ଏହି କର୍ମଶାଳା ପରିଚାଳନା କରାଯାଇଥିଲା। ନିହିଡାର ସମ୍ପାଦକ ଭକ୍ତବିହାରୀ ମିଶ୍ର କର୍ମଶାଳାକୁ ପରିଚାଳନା କରିବା ସହ ଖାଉଟିମାନେ କିପରି ଅଧିକ ସଶକ୍ତ ହେବେ ସେ ସମ୍ପର୍କରେ ତାଲିମ୍ ପ୍ରଦାନ କରିଥିଲେ। ଶେଷରେ ଶଶି ଶେଖର ପଣ୍ଡା ଧନ୍ୟବାଦ ଦେଇଥିଲେ।

## କାକଟପୁର ବିଜେଡି ପକ୍ଷରୁ ଇଫ୍‌ତାର ପାର୍ଟି



ଇଫତାର ପାର୍ଟିରେ ବିଜେଡିର କର୍ମୀମାନେ ।

କାକଟପୁର/ଅସ୍ତରଙ୍ଗ,୧୫।୩ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ମୁସଲମାନଙ୍କ ସବୁଠାରୁ ପବିତ୍ର ଓ ଧାର୍ମିକ ମାସ ହେଉଛି ରମଜାନ। ଏହି ମାସରେ ମୁସଲମାନମାନେ ଦିନରେ ଉପବାସ କରି ସୂର୍ଯ୍ୟାସ୍ତ ପରେ ତାହା ଭଙ୍ଗ କରିଥାନ୍ତି। ସନ୍ଧ୍ୟା ସମୟରେ ସାମୂହିକ ଭାବେ ଉପବାସ ଭଙ୍ଗ କରିବାକୁ ଇଫ୍‌ତାର ପାର୍ଟି କୁହାଯାଏ। କାକଟପୁର ବ୍ଲକ ବିଜେଡି ପକ୍ଷରୁ ବ୍ଲକ ସଭାପତି ପ୍ରାଣନାଥ ମଲ୍ଲିକଙ୍କ ସଭାପତିତ୍ୱରେ ଅତିଥି ଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ, ହିମାଂଶୁ ଭୂଷଣ ଦୀକ୍ଷିତ, ଅସରଫ ଫୁଲ୍, ରାଜ୍ୟ ସଂଖ୍ୟା ଲଘୁ ସମ୍ପ୍ରଦାୟ ସଭ୍ୟ ଗୋଲାମ ରସୁଲ, ସରଫରାଜ ଖାନଙ୍କ ସମେତ କାକଟପୁର ବ୍ଲକ ଅଧୀନ କଟକଣା, ଭଣ୍ଡାଘର, ରସୁଲପୁର, ମୂଳାଗଡ଼, ଫକୀରସାହି, ସୁହାଣପୁର ଅଞ୍ଚଳରେ ଶତାଧିକ ସଂଖ୍ୟାରେ ମୁସଲମାନ ଭାଇ ଓ ହିନ୍ଦୁ ଭାଇମାନେ ଏକତ୍ରିତ ବସି ଖାଦ୍ୟ, ପାନୀୟ ସେବନ କରିଥିଲେ। ଏହାଦ୍ୱାରା ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି ହୋଇଥିଲା। ଦୀର୍ଘ ୨୫ବର୍ଷ ହେଲା ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଏହି ଭାଇଚାରା ପର୍ବ ପାଳିତ ହେଉଛି।

## ୫୮ ଗୋରୁ ଉଦ୍ଧାର, କଣ୍ଟେନର ଜବତ

ବୋଲଗଡ଼,୧୫।୩(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଗୋବର୍ଦ୍ଧନପୁର ଫାଣ୍ଡି ଅଧୀନ କଳାଙ୍ଗ ପଞ୍ଚାୟତର ମାଳିସାହି ନିକଟ ଦି ସଉତୁଣୀ ପୋଖରୀ ନିକଟରୁ ଶନିବାର ବିଳମ୍ବିତ ରାତିରେ ପୋଲିସ ଗୋରୁ ବୋଝେଇ କଣ୍ଟେନର ଜବତ କରିଛି। ଏଥିରେ ଥିବା ୫୮ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଏନେଇ ବୋଲଗଡ଼ ଥାନାରେ ଏକ ମାମଲା (ନଂ.୧୧୨/୨୬) ରୁଜୁ ହୋଇଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ ବୋଲି ତଦନ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା କହିଛନ୍ତି। ବେଆଇନ ଭାବେ ପଶ୍ଚିମବଙ୍ଗକୁ ଗୋଚାଲାଣ ହେଉଥିଲା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବୋଲଗଡ଼ ଥାନାଧିକାରୀ ସୁକାନ୍ତ ଦଳେଇ ସଦଳବଳ ଶନିବାର ମଧ୍ୟରାତ୍ରରେ ଏହି ଚଢ଼ାଉ କରି କଣ୍ଟେନରକୁ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଥିଲେ। ପରେ ଉଦ୍ଧାର ଗୋରୁଙ୍କୁ ବୋଲଗଡ଼ ନିକଟ ଧ୍ୟାନ ଫାଉଣ୍ଡେଶନ ଗୋଶାଳାକୁ ପଠାଯାଇଛି।

## ତାର ଛିଡ଼ି ୨ ଏକରରୁ ଉର୍ଦ୍ଧ୍ୱ କାଜୁ ଜଙ୍ଗଲ ପାଉଁଶ

କୋଣାର୍କ,୧୫।୩(ଜ୍ୟୋତିରାଜ ମହାନ୍ତି)

**ଚମ୍ପାହାର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କଲା**

ବିଦ୍ୟୁତ ତାର ଛିଡ଼ି କୋଣାର୍କ–କାକଟପୁର ପୂର୍ତ୍ତବିଭାଗ ରାସ୍ତା ପାର୍ଶ୍ୱରେ ଥିବା ହାତୀମଲା ଛକ ସ୍ଥିତ ଜମରା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗି ୨ଏକରରୁ ଉର୍ଦ୍ଧ୍ୱ କାଜୁ ଗଛ ସମେତ ଅନ୍ୟାନ୍ୟ ଗଛ ଜଳି ପାଉଁଶ ହୋଇଯାଇଛି।

ପ୍ରକାଶ ଯେ, କୋଣାର୍କ–କାକଟପୁର ପୂର୍ତ୍ତ ବିଭାଗ ରାସ୍ତାର ହାତୀମଲା ଛକ ସ୍ଥିତ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର ଜମରା ସଂରକ୍ଷିତ ଜଙ୍ଗଲରେ ବିଦ୍ୟୁତ ତାର ଛିଡ଼ି ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଅଞ୍ଚଳର ଲୋକେମାନେ ଚମ୍ପାହାର ଅଗ୍ନିଶମ ସେବା କେନ୍ଦ୍ରକୁ ଅବଗତ କରାଇଥିଲେ। ଖବରପାଇ ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ବିଚିତ୍ର ଚୌଧୁରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ୨ଏକରରୁ ଉର୍ଦ୍ଧ୍ୱ କାଜୁ ଗଛ ଜଳି ପାଉଁଶ ହୋଇଯାଇଛି। ଏହି ସଂରକ୍ଷିତ ଜଙ୍ଗଲ ଉପରେ ଯାଇଥିବା ବିଦ୍ୟୁତ ତାର ଦୀର୍ଘଦିନ ଧରି ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ଏଭଳି ଅଭାବନୀୟ ଅଗ୍ନିକାଣ୍ଡ ଘଟିଥିଲା ବୋଲି ବୁଦ୍ଧିଜୀବୀ, ପରିବେଶବିତ୍ ଓ ପ୍ରକୃତିପ୍ରେମୀ ମହଲରେ ଆଲୋଚନା ହେଉଛି।



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି ।

# ସେମିରେ ଝାଡ଼ଖଣ୍ଡ କ୍ରିକେଟ କ୍ଲବ

### ତୃତୀୟ ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ ଟ୍ରଫି ଉଦ୍‌ଘାଟିତ

ଗୋପ,୧୫।୩(ଭାରତୀ ଭୂଷଣ ଉପାଧ୍ୟାୟ)



ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ବିଜୟୀ ହୋଇଥିବା ସିକେଟି ଝାଡ଼ଖଣ୍ଡ କ୍ରିକେଟ କ୍ଲବ ସହିତ ଯୋଗ ଦେଇଥିବା ଅତିଥିମାନେ ।

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଗୋପ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ତୃତୀୟ ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ ଟ୍ରଫି ରବିବାର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଶାସନ ସ୍ୱାଇଁ, ନାରୀନେତ୍ରୀ କସ୍ତୁରୀବାଳା ସ୍ୱାଇଁଙ୍କ ସମେତ ଆଉ କେତେକ ବରିଷ୍ଠ ବ୍ୟକ୍ତି ଯୋଗଦେଇ ଏହି ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ପ୍ରଥମ କ୍ୱାର୍ଟର ଫାଇନାଲ୍ ଖେଳରେ କଟକର ରାଇଜିଙ୍ଗ ସ୍ପୋର୍ଟସ କ୍ଲବ ଟସ୍‌ରେ ହାରି ବ୍ୟାଟିଂ କରିଥିଲା। ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ରାଇଜିଙ୍ଗ ସ୍ପୋର୍ଟସ ୧୫.୨ ଓଭରରେ ସମସ୍ତ ଉଇକେଟ ହରାଇ ୭୬ ରନ୍ କରିଥିଲା। କେବଳ ଦଳ ପକ୍ଷରୁ ଅଙ୍କିତ ବେହେରା ୨୧ ଓ ସୋମେଶ ବେହେରା ୩୪ ରନ୍ କରିଥିଲେ। ସିକେଟି ଝାଡ଼ଖଣ୍ଡ କ୍ରିକେଟ କ୍ଲବ୍‌ର ଅମିତ ବେହେରା ୧୪ ରନ୍ ଦେଇ ୫ଟି ଉଇକେଟ ନେଇଥିଲେ। ଏହାର ଜବାବରେ ସିକେଟି ଝାଡ଼ଖଣ୍ଡ କ୍ରିକେଟ କ୍ଲବ ମାତ୍ର ୬ ଓଭର ଖେଳି ଗୋଟିଏ ଉଇକେଟ ହରାଇ ୮୧ ରନ୍ କରି ସେମିଫାଇନାଲରେ ପହଞ୍ଚିଛି। ଦଳ ପକ୍ଷରୁ ସଚିନ ଦୁବେ ୪ଟି ଛକା, ୨ଟି ଚୌକା ମାରି ୪୪ ରନ୍ ଓ ଶ୍ରେଷ୍ଠ ରିଜର୍ଭ ୬ଟି ବଲ ଖେଳି ୨ ଛକା, ଗୋଟିଏ ଚୌକା ମାଧ୍ୟମରେ ୧୭ ରନ୍ କରିଥିଲେ।

ଉଦ୍‌ଘାଟନୀ ସନ୍ଧ୍ୟାରେ ଉପରୋକ୍ତ ଅତିଥିମାନେ ତୃତୀୟ ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ ଟ୍ରଫି ଦ୍ୱାରା ଏକତା ସୃଷ୍ଟି ସହିତ କ୍ରୀଡ଼ା ଦ୍ୱାରା ଅନ୍ୟ କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରିବେ ବୋଲି ମତବ୍ୟକ୍ତ କରିଥିବା ବେଳେ ସିକେଟି ଝାଡ଼ଖଣ୍ଡର ଖେଳାଳି ସଚିନ ଦୁବେଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳକୁ ଜାତୀୟସ୍ତରର ଅମ୍ପାୟାର ନିର୍ମଳ ମିଶ୍ର, ଅୟସକାନ୍ତ ମିଶ୍ର ପରିଚାଳନା କରିଥିଲେ। ସୋମବାର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍ ଉତ୍ତରପ୍ରଦେଶରର ଏକ କ୍ରିକେଟ କ୍ଲବ ସହିତ ଭୁବନେଶ୍ୱର ତମାଣ୍ଡୋ କ୍ରିକେଟ କ୍ଲବ ମଧ୍ୟରେ ଖେଳ ହେବ ବୋଲି ଗୋପ ଆଥ୍‌ଲେଟିକ ଆସୋସିଏଶନର ସଭାପତି କାମାକ୍ଷା ପ୍ରସାଦ ଦଳବେହେରା ଓ ସମ୍ପାଦକ ବୈଲୋଚନ ସାହୁ ସୂଚନା ଦେଇଛନ୍ତି।

# ଓଡ଼ିଶା ଗଢ଼ିବାକୁ ସାମୂହିକ ସଂକଳ୍ପ ନେବାକୁ ଆହ୍ୱାନ

## ନୂଆଦିଲ୍ଲୀରେ ଓଡ଼ିଶା ପର୍ବ

ଭୁବନେଶ୍ୱର,୧୫।୩ (ସୌମ୍ୟରଞ୍ଜନ ରାଉତ)



ଓଡ଼ିଶା ପର୍ବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ସହ ଅନ୍ୟ ଅତିଥିମାନେ।

ନୂଆଦିଲ୍ଲୀଠାରେ ଆରମ୍ଭ ହୋଇଛି ଓଡ଼ିଶା ପର୍ବ। ରବିବାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଓଡ଼ିଶା ୨୦୩୬ ମସିହାରେ ରାଜ୍ୟ ଗଠନର ଶତବାର୍ଷିକୀ ପୂର୍ତ୍ତି ଉତ୍ସବ ପାଳନ କରିବ। ଏଥିପାଇଁ ସମୃଦ୍ଧ, ସମାବେଶୀ ଓ ଅଗ୍ରଗାମୀ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସାମୂହିକ ସଂକଳ୍ପ ନେବାକୁ ପଡ଼ିବ। ୨୦୩୬ ବର୍ଷ କେବଳ ଓଡ଼ିଶାର ଐତିହାସିକ ଯାତ୍ରାର ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ ନୁହେଁ, ବରଂ ରାଜ୍ୟର ଉପଲବ୍ଧିଗୁଡ଼ିକୁ ସ୍ମରଣ କରି ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖି ଆହୁରି ଶକ୍ତିଶାଳୀ ଓ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାମ କରିବାର ସୁଯୋଗ ମଧ୍ୟ ହେବ। ଏହି ପର୍ବ ନୂଆଦିଲ୍ଲୀରେ ଓଡ଼ିଶାର ଆତ୍ମା, ଚେତନା ଓ ସାଂସ୍କୃତିକ ସମୃଦ୍ଧିକୁ ପ୍ରଦର୍ଶନ କରିବାର ଏକ ପ୍ରକୃଷ୍ଟ ମଞ୍ଚ ଭାବେ ଉଭା ହୋଇଛି। ବର୍ଷ ବର୍ଷ ଧରି ଏହି ଉତ୍ସବ ଏକ ଅନନ୍ୟ ଆୟୋଜନରେ ପରିଣତ ହୋଇଛି, ଯେଉଁଥିରେ କଳା, ସଂସ୍କୃତି, ଐତିହ୍ୟ, ଉଦ୍ୟମିତା ଓ ବିଶ୍ୱବ୍ୟାପୀ ରହୁଥିବା ଓଡ଼ିଆଙ୍କ ସାମୂହିକ ପରିଚୟ ଏକତ୍ର ହୋଇଥାଏ ବୋଲି ରାଜ୍ୟପାଳ କହିଛନ୍ତି। ଓଡ଼ିଶାର ସମୃଦ୍ଧ ସଭ୍ୟତାଗତ ଐତିହ୍ୟକୁ ଉଲ୍ଲେଖକରି ରାଜ୍ୟପାଳ କହିଲେ, ରାଜ୍ୟର ପରିଚୟ ମହାପ୍ରଭୁ ଜଗନ୍ନାଥଙ୍କଠାରେ ଗଭୀର ଭାବେ ନିହିତ, ଯାହା ସମାନତା, ସମାବେଶୀ ଓ ବିଶ୍ୱଭ୍ରାତୃତ୍ୱର ସନ୍ଦେଶ ଦେଇ ପିଢ଼ି ପରେ ପିଢ଼ିକୁ ପ୍ରେରିତ କରିଆସିଛି। ରାଜ୍ୟର ବୌଦ୍ଧିକ ଓ ସାଂସ୍କୃତିକ ପରିସରକୁ ଗଢ଼ିତୋଳିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି ଓ ଗଙ୍ଗାଧର ମେହେରଙ୍କ ପରି ବରପୁତ୍ରଙ୍କ ଅମୂଲ୍ୟ ଅବଦାନକୁ ରାଜ୍ୟପାଳ ନିଜ ଉଦ୍‌ବୋଧନରେ ଅବତାରଣା କରିଥିଲେ।

# ‘ସୁନାର ତାରିଖ ମୋର’

## ଅସୀମ ନାଟକ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୫।୩(ସୁଚିସ୍ମିତା ସାହୁ)

ଆମ ସହରରେ ଏବେ ଚାକିରି ଖୋଜି ଖୋଜି ଅଗଣିତ ବେକାର ଯୁବକ ବୁଲୁଛନ୍ତି। ଅନେକ ସ୍ୱପ୍ନମନସ୍କ ଯୁବକ, ଯେଉଁମାନେ ଚିରାଚରିତ ବାଟରେ ନ ଚାଲି, ଧୁ ଧୁ ଖରାରେ ନିଜ ସ୍ୱପ୍ନ ପଛରେ ଧାଉଁଛନ୍ତି। କିଏ ଚାହୁଁଛି ଅଭିନେତାଟିଏ ହବ ତ ପୁଣି କିଏ ହାତରେ ରଙ୍ଗ ତୂଳୀଟିଏ ଧରି କହୁଛି– ନୂଆ ଢଙ୍ଗରେ ଆଙ୍କିବ ଏ ପୃଥିବୀକୁ, ଏ ସମୟକୁ। ଆମ ସହରରେ ମଲ୍ଟିନ୍ୟାଶନାଲ ସଫ୍ଟୱେୟର କମ୍ପାନୀରେ କାମ କରୁଥିବା କିଛି କ୍ଳାନ୍ତ ଇଞ୍ଜିନିୟର, ଯାହାଙ୍କ ଆଗରେ ସୁନ୍ଦର ଭବିଷ୍ୟତର କଳ୍ପନା ସବୁବେଳେ ଲୁହ ଭଳି ଲାଗୁଥାଏ। ଅଲଗା ଅଲଗା ବାଟରେ ଚାଲୁଥିବା ଏ ଯୁବକମାନେ କ’ଣ କେବେ ସାଙ୍ଗ ହୋଇପାରନ୍ତି? ‘ସୁନାର ତାରିଖ ମୋର’ ଏମିତିହିଁ ଚାରିଜଣ ସାଙ୍ଗଙ୍କ ଭିତରେ ଏକ ମନଖୋଲା କଥାବାର୍ତ୍ତା– ଯହିଁରେ ପ୍ରେମ ବ୍ୟାକ୍‌ଗ୍ରାଉଣ୍ଡରେ ଦୋହଲୁଥିବା ଉପମାଟିଏ ମାତ୍ର, ସମାଜ, ଦେଶ, ପରିବେଶ ଓ ରାଜନୀତି ହେଉଛି ମୁଖ୍ୟ ବିଷୟ। ଖୁବ୍ ନିଜମନସ୍କ ଓ ସ୍ୱାର୍ଥପର ଏହି ସମୟରେ ଏମିତି କଥାବାର୍ତ୍ତାଟିଏ ଶେଷଥର କେବେ ଶୁଣିଥିଲେ ଆପଣ? ଆଜିକାଲିର ପିଲାମାନେ ପ୍ରେମ ଓ ନିଜ ବ୍ୟତୀତ ଆଉ କିଛି ବି ଭାବନ୍ତି ବୋଲି କେବେ ଲାଗିଥିଲା ଆପଣଙ୍କୁ? ‘ସୁନାର ତାରିଖ ମୋର’ ମାତ୍ର ଗୋଟିଏ ସନ୍ଧ୍ୟାର ଘଟଣା। ଏଇ ଗୋଟିଏ ସନ୍ଧ୍ୟା ବର୍ଷ ବର୍ଷର ସାଇତା କୋହ, ଦୁଃଖ, ଅବସୋସ ଓ ଗ୍ଲାନିକୁ ଅଣ୍ଟିରେ ତା’ର ସାଉଁଟି ରଖୁଛି। ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ନବମ ଅସୀମ ଉତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ନାଟକ ‘ସୁନାର ତାରିଖ ମୋର’ ପରିବେଷିତ ହୋଇଥିଲା। ଏହି ନାଟକରେ ଦେବଦତ୍ତ, ନିଶିକାନ୍ତ, ଗୌରବ, ସାଇ, ଝୁମୁରୀ ଓ ଇଶୁ ଅଭିନୟ କରିଥିଲେ। ସଙ୍ଗୀତରେ ଶକ୍ତି, ଆଲୋକରେ ପ୍ରଶାନ୍ତ ଏବଂ ନିର୍ଦ୍ଦେଶନାରେ ଦେବଦତ୍ତ ପତି ରହିଥିଲେ।



ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ନବମ ଅସୀମ ଉତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ନାଟକ ‘ସୁନାର ତାରିଖ ମୋର’ର ଏକ ଦୃଶ୍ୟ।

# ନୂଆ ଶ୍ରମ କୋଡ୍‌କୁ ବିରୋଧ, ଏପ୍ରିଲ ୨ରେ କଳାଦିବସ

ଭୁବନେଶ୍ୱର, ୧୫।୩ (ବନ୍ଦନା ସେଠୀ)

ଏଆଇଟିୟୁସିର ୨ଦିନିଆ ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଆଇଟିୟୁସିର ସଭାପତି ରମେନ୍ଦ୍ର କୁମାରଙ୍କ ଅଧ୍ୟକ୍ଷତାରେ ରୋଟାରି ଭବନଠାରେ ଆୟୋଜିତ ଏହି ବୈଠକରେ ବାଣିଜ୍ୟ ଚୁକ୍ତି, କଳା ଶ୍ରମ କୋଡ୍, ଯୁଦ୍ଧ ଓ ଦେଶବ୍ୟାପୀ ଉତ୍ପନ୍ନ ସଙ୍କଟ ଉପରେ ଚର୍ଚ୍ଚା ହୋଇଥିଲା। ଏଆଇଟିୟୁସି ସାଧାରଣ ସମ୍ପାଦକ ଅମରଜିତ୍ କାଉର ଦେଶରେ ସାମ୍ପ୍ରତିକ ସଙ୍କଟ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ବିଭିନ୍ନ ପର୍ଯ୍ୟାୟରେ ଦେଶବ୍ୟାପୀ ହେବାକୁ ଥିବା ଆନ୍ଦୋଳନ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରମ ଶୋଷଣକାରୀ କର୍ପୋରେଟ ଓ ମାଲିକଙ୍କ ସ୍ୱାର୍ଥରେ ପ୍ରଣୟନ କରାଯାଇଥିବା ୪ଟି ଶ୍ରମ କୋଡ୍‌କୁ ବିରୋଧକରି ଏପ୍ରିଲ ୨ରେ କଳାଦିବସ ପାଳନ ହେବ। ସେହିପରି ଏପ୍ରିଲ ୨୧ରେ ଅଙ୍ଗନୱାଡ଼ି କର୍ମୀମାନେ ସଂସଦ ଅଭିଯାନ କରିବେ ବୋଲି ସୂଚନା ଦିଆଯାଇଛି। ବୈଠକରେ ଏଆଇଟିୟୁସିର ଜାତୀୟ ଉପସଭାପତି ବିଦ୍ୟାସାଗର ଗିରି, ସମ୍ପାଦିକା ଉଷା ସାହାଣୀ, ସମ୍ପାଦକ ଆର୍. ପ୍ରସାଦ, ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଓ ସଭାପତି ଅଶୋକ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ରିହାତି ଦରରେ ଗ୍ୟାସ୍ ଯୋଗାଇଦେବାକୁ ଅନୁରୋଧ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଉଠାଦୋକାନୀ ମହାସଂଘ

ଭୁବନେଶ୍ୱର, ୧୫।୩ (ବନ୍ଦନା ସେଠୀ)

ରନ୍ଧନ ଗ୍ୟାସ୍ ସଙ୍କଟ ଏବେ ସମଗ୍ର ବିଶ୍ୱରେ ଦେଖାଦେଇଥିବାବେଳେ ଓଡ଼ିଶାରେ ମଧ୍ୟ ଏହାର ଘୋର ଅଭାବ ପରିଲକ୍ଷିତ ହେଉଛି। ଫଳରେ ରାଜ୍ୟର ରାସ୍ତାକଡ଼ରେ ଛୋଟମୋଟ ଦୋକାନକରି ଖାଦ୍ୟ ବିକୁଥିବା ପ୍ରାୟ ୩୦ ହଜାର ଉଠାଦୋକାନୀ ଏବେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଉଠାଦୋକାନୀଙ୍କୁ ରିହାତି ମୂଲ୍ୟରେ ରନ୍ଧନ ଗ୍ୟାସ୍ ଯୋଗାଇଦେବାକୁ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି। ଗ୍ୟାସ୍ ସଙ୍କଟ ଫଳରେ ଅସାଧୁ ବେପାରୀମାନେ କଳବଜାର କରି ଘରୋଇ ସିଲିଣ୍ଡର ଓ ବାଣିଜ୍ୟିକ ସିଲିଣ୍ଡର ପିଛା ୩୦୦୦ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ସାଧାରଣ ଦୋକାନୀମାନେ ଏତେ ଟଙ୍କା ଦେଇ ଗ୍ୟାସ୍ କିଣି ଗ୍ରାହକମାନଙ୍କୁ ଖାଦ୍ୟ ପରଷିବା ସମ୍ଭବପର ନୁହେଁ। ଶସ୍ତାରେ ଗ୍ରାହକମାନଙ୍କୁ ବିଭିନ୍ନ ଖାଦ୍ୟ ପରଷୁଥିବା ବ୍ୟବସାୟୀମାନେ ଏବେ ଗ୍ୟାସ୍ ନ ଥିବା କାରଣରୁ ଦୋକାନ ବନ୍ଦ କରିବାକୁ ବସିଲେଣି। ଗୋଟେପଟେ ବ୍ୟବସାୟୀମାନେ ରୋଜଗାର ହରାଉଥିବାବେଳେ ଗ୍ରାହକଙ୍କ ପାଇଁ ବଡ଼ ବଡ଼ ହୋଟେଲରେ ଅଧିକ ଦାମ୍ ଦେଇ ଖାଇବା ସମ୍ଭବପର ହେଉନାହିଁ। ତେଣୁ ଫୁଡ୍ ଲାଇସେନ୍ସ ଓ ଟ୍ରେଡ୍ ଲାଇସେନ୍ସ ଥିବା ଉଠାଦୋକାନୀଙ୍କୁ ରିହାତି ମୂଲ୍ୟରେ ରନ୍ଧନ ଗ୍ୟାସ୍ ଯୋଗାଇ ଦିଆଯାଉ। ଏହାବାଦ୍ ପ୍ରତ୍ୟେକ ୱାର୍ଡ, ସହରଗୁଡ଼ିକରେ ସ୍ୱତନ୍ତ୍ର ଭାବରେ ମ୍ୟୁନିସିପାଲିଟି, କର୍ପୋରେଶନ ଓ ଏନ୍‌ଏସିଗୁଡ଼ିକରେ ପାଖାପାଖି ୨୦ଟି ଲେଖାଏ ସୁଲଭ ବିକ୍ରୟ କେନ୍ଦ୍ର ଖୋଲିବା ସହ ଦୋକାନୀମାନଙ୍କୁ ରିହାତି ମୂଲ୍ୟରେ ରନ୍ଧନ ଗ୍ୟାସ୍ ଯୋଗାଇଦେବାକୁ ପ୍ରତାପ ଚିଠିରେ ଉଲ୍ଲେଖ କରିଛନ୍ତି।

# କବିତା ପୁସ୍ତକ ‘ଭୁଲିତ ପାରୁନି’ ଉନ୍ମୋଚିତ

ଭୁବନେଶ୍ୱର,୧୫।୩ (ସୌମ୍ୟରଞ୍ଜନ ରାଉତ)

କବି ସୋମନାଥ ସୁନ୍ଦରରାୟଙ୍କ ନୂତନ କବିତା ପୁସ୍ତକ ‘ଭୁଲିତ ପାରୁନି’ ଓ ଏହାର ଏକ ସଙ୍ଗୀତ ଆଲବମ୍ ତାଙ୍କର ଜନ୍ମଦିନରେ ଅବସରରେ ରବିବାର ସୂଚନା ଭବନଠାରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ. ରବିନାରାୟଣ ସେନାପତି ଯୋଗଦେଇ କହିଥିଲେ କବିତା କେବଳ ଶବ୍ଦର ସମାହାର ନୁହେଁ, ବରଂ ଏହା ମଣିଷର ଅକୁହା ଭାବନାକୁ ରୂପ ଦିଏ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଦାଶରଥୀ ଶତପଥୀ, ଆୟକର ବିଭାଗର ପୂର୍ବତନ ଆୟୁକ୍ତ ଶରତ କୁମାର ଦାଶ, ବିଜେବି ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ରମେଶ ଦାସଙ୍କ ସମେତ ଅନ୍ୟାନ ପ୍ରମୁଖ ଯୋଗଦେଇ କବିଙ୍କୁ ଉତ୍ସାହିତ କରିବା ସହ ଆଧୁନିକ ଯୁଗରେ ଓଡ଼ିଆ କବିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ‘ଭୁଲିତ ପାରୁନି’ ପୁସ୍ତକରେ ଥିବା ୮ଟି କବିତାର ସଙ୍ଗୀତ ଆଲବମ ଶ୍ରୋତାଙ୍କୁ ବେଶ ମନ୍ତ୍ରମୁଗ୍ଧ କରିଥିଲା। ଏଥିସହ ସମାରୋହରେ କଣ୍ଠଦାନ କରିଥିବା ସମସ୍ତ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସୋମନାଥ ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଦିତ୍ୟ



@ ଆଶୁତୋଷ



@ ପିପୁ



@ ଶର୍ମିଷ୍ଠା



@ ଗୀତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ‘ଉପଭୋକ୍ତା ସଚେତନ, ଜାଗ୍ରତ ହୁଅନ୍ତୁ’

## ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

## ‘ଖାଉଟି ବାର୍ତ୍ତା’ ଉନ୍ମୋଚିତ

ଭୁବନେଶ୍ୱର, ୧୫।୩(ବନ୍ଦନା ସେଠୀ)



କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ ବିଶିକେଶନ ଦେହୁରୀଙ୍କ ସହ ଅନ୍ୟ ଅତିଥିମାନେ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଅବସରରେ ରବିବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଉପଭୋକ୍ତା ଦିବସର ବିଷୟବସ୍ତୁ ଥିଲା ‘ନିରାପଦ ଉତ୍ପାଦ, ଆତ୍ମବିଶ୍ୱାସୀ ଗ୍ରାହକ’। ମୁଖ୍ୟ ଅତିଥି ଭାବେ ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ବିଶିକେଶନ ଦେହୁରୀ ଯୋଗଦେଇ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପରିବର୍ତ୍ତନଶୀଳ ଡିଜିଟାଲ ଦୁନିଆରେ ଉପଭୋକ୍ତାମାନେ ସଚେତନ ରହିବାର ଆବଶ୍ୟକତା ରହିଛି। ସେମାନେ ଜାଗ୍ରତ ହୋଇ ଆବଶ୍ୟକ ସ୍ଥଳେ ନ୍ୟାୟାଳୟର ଆଶ୍ରୟ ନେବାକୁ ସେ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧାଜିଲା ଖାଉଟି ବିବାଦ ପ୍ରତିକାର ଆୟୋଗର ସଦସ୍ୟା ଶୁଭଲକ୍ଷ୍ମୀ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ତଥା ଜିଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗଗୁଡ଼ିକର କାର୍ଯ୍ୟକାରିତା ବୃଦ୍ଧି ପାଇଁ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଏକ ଜାଗ୍ରତ ଉପଭୋକ୍ତା ସମାଜ ଗଠନ ଦିଗରେ ମଜଭୁତ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ରାଜ୍ୟ ଖାଉଟି ସଚେତନତା ପ୍ରତିଷ୍ଠାନ (ଏସ୍‌ଆଇସିଏ) ପକ୍ଷରୁ ପ୍ରକାଶିତ ‘ଖାଉଟି ବାର୍ତ୍ତା’ ପତ୍ରିକା ଉନ୍ମୋଚିତ ହୋଇଥିଲା। ସେହିପରି ବିଭାଗ ତରଫରୁ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବିଭାଗର କର୍ମଚାରୀଙ୍କ ଦ୍ୱାରା ସଚେତନତା ନାଟକ ‘ସାବଧାନ ସୌଦାଗର’ ମଞ୍ଚସ୍ଥ ହୋଇଥିଲା। ବିଭାଗର ଅନୁଶାସନ ସଚିବ ମନୋଜ କୁମାର ପଟ୍ଟନାୟକ ଉପଭୋକ୍ତା ଅଧିକାର, ଆଇନ ଓ ସଚେତନତା ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିରିଡ଼ି ସାଇବାବାଙ୍କ ପାଦୁକା ଦର୍ଶନକଲେ ଶ୍ରଦ୍ଧାଳୁ

ଭୁବନେଶ୍ୱର,୧୫।୩ (ସୌମ୍ୟରଞ୍ଜନ ରାଉତ)



ଶ୍ରଦ୍ଧାଳୁମାନେ ଶିରିଡ଼ି ସାଇବାବାଙ୍କ ପାଦୁକା ଦର୍ଶନ କରୁଛନ୍ତି।

ଶିରିଡ଼ି ସାଇବାବାଙ୍କ ପବିତ୍ର ଚରଣ ପାଦୁକା ଦର୍ଶନ ସମାରୋହ ରବିବାର ଜନତା ମଇଦାନଠାରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ଟଙ୍କପାଣି ସାଇ ମନ୍ଦିରରୁ ଶିରିଡ଼ିରୁ ଆସିଥିବା ବାବାଙ୍କ ପବିତ୍ର ଚରଣ ପାଦୁକା ଜନତା ମଇଦାନ ଛକ ନିକଟରେ ପହଞ୍ଚିବା ପରେ ଶତାଧିକ ଭକ୍ତଙ୍କ ସମାଗମରେ ଘଣ୍ଟ, ତୁରୀ, ବାଦ୍ୟ ସହ ସଙ୍ଗୀତ ଓ ନୃତ୍ୟର ତାଳେ ତାଳେ ଶିରିଡ଼ି ସାଇ ଗ୍ଲୋବାଲ ଫାଉଣ୍ଡେଶନର ଅଧ୍ୟକ୍ଷ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ପୁଷ୍ପ ମାଲ୍ୟାର୍ପଣକରି ପାଦୁକାକୁ ସ୍ୱାଗତ କରିଥିଲେ। ପରେ ଶୋଭାଯାତ୍ରାରେ ପାଦୁକାକୁ ଜନତା ମଇଦାନସ୍ଥିତ ସମାରୋହ ସ୍ଥଳକୁ ନିଆଯାଇଥିଲା। ଏହି ଅବସରରେ ଗୁରୁଜୀ ଡ. ଶତପଥୀ ଓ ଶିରିଡି ସାଇବାବା ସଂସ୍ଥାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଆଇଏଏସ୍ ଅଧିକାରୀ ଗୋରକ୍ଷ ଗାଡ଼ିଲକରଙ୍କ ଉପସ୍ଥିତିରେ ପାଦୁକା ସ୍ଥାପନ କରାଯିବା ପରେ ଲଘୁ ଆରତି ଅନୁଷ୍ଠିତ ହୋଇଥିଲା। ପରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ମନୋଜ୍ଞ ସଙ୍ଗୀତପରିବେଷଣ କରିଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ଯୁବକ ମୃତ

ବାଲୁଗାଁ/ନିରାକାରପୁର,୧୫।୩

(ସଂଗ୍ରାମ ପାଇକରାୟ/ମାନସ ଚନ୍ଦ୍ର ପଟ୍ଟନାୟକ)

ବାଲୁଗାଁ ଷ୍ଟେଶନର ଅନତିଦୂର ଦକ୍ଷିଣ ପାର୍ଶ୍ୱ ରେଳଧାରଣାରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହକୁ ରେଲୱେ ପୋଲିସ ଜବତ କରିଛି। ପକେଟରୁ ମିଳିଥିବା ଭୋଟର ପରିଚୟପତ୍ର ଅନୁଯାୟୀ ତାଙ୍କ ନାମ ଅନନ୍ତ ରାଉତ, ଘର କେନ୍ଦୁଝର ଜିଲା ନୟାକଟ ଗ୍ରାମରେ ବୋଲି ତଦନ୍ତରୁ ଜଣାପଡିଛି। ସୂଚନା ମୁତାବକ, ରବିବାର ସକାଳ ୯ଟାରେ ବାଲୁଗାଁ ଏବଂ ଚିଲିକା ଷ୍ଟେସନ ମଧ୍ୟସ୍ଥ ସୁବୁଦ୍ଧିପାଟଣା ଗ୍ରାମ ସନ୍ନିକଟ ରେଳ ଧାରଣାରେ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ରେଲୱେ ପୋଲିସକୁ ଖବର ଦେଇଥିଲେ। ନିରାକାରପୁର ଜିଆରପି ଅଧିକାରୀ ଦିଲୀପ କୁମାର ସାହୁ ସଦଳବଳ ପହଞ୍ଚି ମୃତଦେହ ଜବତ କରିଥିଲେ। ତଦନ୍ତ ବେଳେ ମିଳିଥିବା ଠିକଣା ଅନୁଯାୟୀ ତାଙ୍କ ପରିବାରକୁ ଯୋଗାଯାଗ କରାଯାଇଥିଲା। ମୃତ ଯୁବକ ଚେନ୍ନାଇରୁ ଘରକୁ ଫେରୁଥିବା ବେଳେ ରବିବାର ଭୋରରୁ କୌଣସି ଟ୍ରେନରୁ ଖସିପଡିଥିବା ଜଣାପଡିଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଜିଆର୍‌ପି ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୬) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

### ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

ବୋଲଗଡ଼,୧୫।୩(ଦେବବ୍ରତ ହୋତା)

ବଲାଙ୍ଗୀର–ଖୋର୍ଦ୍ଧା ଜାତୀୟ ରାଜପଥର ବୋଲଗଡ଼ ଉପକଣ୍ଠ ମଙ୍ଗଳା ମନ୍ଦିର ନିକଟରେ ରବିବାର ପ୍ରାତଃରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ସ୍ଥାନୀୟ ବନ୍ଧସାହିର ବାସନ୍ତୀ ବେହେରା(୫୫)। ସେ ଭୋର ୪ଟାରେ ନିତ୍ୟକର୍ମ ପାଇଁ ରେଲୱେ ଓଭରବ୍ରିଜ ନିକଟ ବନ୍ଧ ପୋଖରୀକୁ ଯିବାକୁ ରାସ୍ତା ପାର ହେଉଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କାଦେଇ ପଳାଇଥିଲା। ପରେ ସେଠାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ଆମ୍ବୁଲାନ୍ସରେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତାଙ୍କ ସ୍ୱାମୀ ମେଲଛ ବେହେରାଙ୍କ ଅଭିଯୋଗକ୍ରମେ ବୋଲଗଡ଼ ଥାନାରେ ଏକ ମାମଲା (ନଂ.୧୧୧/୨୬) ରୁଜୁ ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ଏଏସ୍‌ଆଇ ଯଶୋଦା ଦେଈ କହିଛନ୍ତି।

### ଉଲ୍ଲାସ କାର୍ଯ୍ୟକ୍ରମ

ଟାଙ୍ଗୀ,୧୫।୩(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ବର୍ଷରୁ ଊର୍ଦ୍ଧ୍ୱ ୧୦ଜଣ ମହିଳା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର ସ୍ୱାଗତ କରି ପରୀକ୍ଷା ପ୍ରକୋଷ୍ଠରେ ବସାଇଥିଲେ। ସୂଚନାଥାଉ କି, ପରୀକ୍ଷାର୍ଥୀଙ୍କ ନାମ ପଞ୍ଜୀକରଣ ପୂର୍ବରୁ କରାଯାଇ ପରୀକ୍ଷା ପାଇଁ ସୂଚନା ଦେବା ସହିତ ପରୀକ୍ଷା ପ୍ରସ୍ତୁତି ନିମନ୍ତେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଉଲ୍ଲାସ ପୁସ୍ତକ ବିତରଣ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ମନୋରମା ସାହୁ, ରୁପାଲି ପାତ୍ର ଏବଂ ଧନଞ୍ଜୟ ମଣ୍ଡଳ ପରୀକ୍ଷା ପରିଚାଳନା କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ।

### ରମ୍‌ଜାନରେ ଶୁଖିଲା ଖାଦ୍ୟ, ବସ୍ତ୍ର ବଣ୍ଟନ

ଖୋର୍ଦ୍ଧା,୧୫।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ଗ୍ରାମସ୍ଥିତ ଅକିକ୍ ୱେଲ୍‌ଫେୟାର ଫାଉଣ୍ଡେଶନ ପକ୍ଷରୁ ରାମ୍‌ଜାନ ମାସ ଅବସରରେ ମୁସ୍‌ଲିମ ଭଉଣୀ ଭାଇଙ୍କୁ ଶୁଖିଲା ଖାଦ୍ୟ ଏବଂ ବସ୍ତ୍ର ବଣ୍ଟନ କରାଯାଇଛି। ଅନୁଷ୍ଠାନ ସମ୍ପାଦକ ମହମ୍ମଦ ରଫିକ୍ ଜରାରଙ୍କ ନେତୃତ୍ୱରେ ଶରଧାପୁର, ତରତୁଆ, ଅଟ୍ରି, ବେଣାପଞ୍ଜୁରୀ, ଘୋରଡ଼ିଆ, ତରବୋଇ, ରଥିପୁର, ଅଣ୍ଡା ବାଜପୁର ଅଞ୍ଚଳରେ ଶୁଖିଲା ଖାଦ୍ୟ ଏବଂ ବସ୍ତ୍ର ବଣ୍ଟନ କରାଯାଇଛି। ଶରଧାପୁର ଓ କବାରି ସାହିରେ ମଧ ବସ୍ତ୍ର ଏବଂ ଖାଦ୍ୟ ବଣ୍ଟନ କରାଯାଇଛି। ଏଥିସହ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଏକତ୍ର ବସି ଇଫ୍‌ତାର ପାର୍ଟିରେ ଆୟୋଜନ କରିଥିଲେ। ଏହି କାର୍ଯ୍ୟରେ ମହମ୍ମଦ ହାଜି, ମହମ୍ମଦ ସାଦାତ ଅଲ୍ଲୀ, ମହମ୍ମଦ ସଲିମ, ଓହିଦ ଖାଁ, ସୟଦ ଅଫ୍‌ସର ଅଲ୍ଲୀ, ମହମ୍ମଦ ଇଲିଆସ୍, ଜାଫର ଖାନ୍, ମହମ୍ମଦ ସାଇଫୁର ରହମାନ୍, ମହମ୍ମଦ ସବୀର, ମହମ୍ମଦ ଓବେଦୁର, ମହମ୍ମଦ ସଫିଉଲ୍ଲା, ମୌଲାନା ସ୍ୱାଲେହୁଷ୍ ଜମାହା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଇଚାରା ସୃଷ୍ଟିକରେ ଚାନ୍ଦପୁର ଦଶଦୋଳ ଯାତ୍ରା

ଟାଙ୍ଗୀ,୧୫।୩(ରଘୁନାଥ ସାହୁ)



ଉତ୍କଳୀୟ କଳା ସଂସ୍କୃତି, ପରମ୍ପରାର ସ୍ୱତନ୍ତ୍ରତା ରହିଛି। ଫାଲ୍‌ଗୁନ ମାସ ଫଗୁଦଶମୀଠାରୁ ଦୋଳଉତ୍ସବ ପୁରପଲ୍ଲୀରେ ଆଡ଼ମ୍ବରରେ ପାଳନ କରାଯାଏ। ଚାନ୍ଦପୁର ଦଶଦୋଳ ଯାତ୍ରା ପ୍ରସିଦ୍ଧି ଲାଭ କରିଛି। ଏହି ଯାତ୍ରା ଦ୍ୱାରା ଆଖପାଖ ଗ୍ରାମର ଜନସାଧାରଣଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ହୋଇଥାଏ। ଚୈତ୍ରମାସ କୃଷ୍ଣପକ୍ଷ ଦଶମୀ ତିଥି ମଧ୍ୟରାତ୍ରରେ ନୀତିନିର୍ଘଣ୍ଟ ଅନୁଯାୟୀ ଚାନ୍ଦପୁର ଗ୍ରାମର ଅଧିଷ୍ଠାତ୍ରୀ ମା' ରାମଚଣ୍ଡୀ ଏବଂ କନ୍ଧନୟାଗଡ଼ସ୍ଥିତ ଐଶାନେଶ୍ୱର ଦେବ ସୁସଜ୍ଜିତ ଦୋଳବିମାନରେ ପାଟପଟୁଆରରେ ଆସି ନିର୍ଦ୍ଧାରିତ ମଣ୍ଡପରେ ବିରାଜମାନ କରିଥାନ୍ତି। ମା' ରାମଚଣ୍ଡୀଙ୍କ ଆଗମନରେ ହରିବୋଲ ହୁଳହୁଳିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠେ। ଚଇତିଘୋଡ଼ା ନାଚ, ନାଗା ନୃତ୍ୟ, ବାଘ ନୃତ୍ୟ, ପରୀ ନୃତ୍ୟ, କଳଘୋଡ଼ା ନୃତ୍ୟ ସହ ଆଧୁନିକ ବାଦ୍ୟଯନ୍ତ୍ରର ତାଳେ ତାଳେ ଜେମାଦେଇପୁର, ଭଜାଗଡ଼, ଚମ୍ପାଗଡ଼, ଜଙ୍କିଆ, ପଟିଆ, ବେଷ୍ଟ, ଏକତାଳ, ନୂଆପଡ଼ା, ଓସ୍ତପଡ଼ା, ନାକିଠଣା, ଚମ୍ପାପେଡ଼ି ଗ୍ରାମର ଦେବଦେବୀଙ୍କ ଦୋଳବିମାନ ଶୋଭାଯାତ୍ରାରେ ଆସିଥାନ୍ତି। ଏହି ଦଶଦୋଳ ଯାତ୍ରାରେ ବିଭିନ୍ନ ପ୍ରକାର ମନୋହରି, ଘରକରଣା ଓ ଚଟ୍‌ପଟି ଖାଦ୍ୟର ଦୋକାନ ବଜାର ଖୋଲିଥାଏ। ଏହି ଦଶଦୋଳ ଯାତ୍ରା କମିଟି କର୍ମକର୍ତ୍ତା ଏବଂ ଗ୍ରାମବାସୀଙ୍କ ସହଯୋଗରେ ହୋଇଥାଏ। ଏଥିସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ଆଇନଶୃଙ୍ଖଳା ରକ୍ଷା ପାଇଁ ଚାନ୍ଦପୁର ଥାନା ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ଚିଲିକା ନୂଆପଡ଼ାରେ ଦଶଦୋଳ



କୃଷ୍ଣପ୍ରସାଦ,୧୫।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକା ନୂଆପଡ଼ା ଦଶଦୋଳ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ମୁଖ୍ୟ ପୀଠାଧିଶ ଗୁପ୍ତେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ବିଭିନ୍ନ ସ୍ଥାନରୁ ୧୬ ଠାକୁର ସୁସଜ୍ଜିତ ବିମାନ ସହ ପାଟପଟୁଆରରେ ଆସି ପୂଜାମଣ୍ଡପରେ ବିରାଜମାନ ହୋଇଥିଲେ। ପ୍ରତି ସନ୍ଧ୍ୟାରେ ପାରମ୍ପରିକ ଲୋକନୃତ୍ୟ ଭାରତଲୀଳା, ପାଇକଆଖଡ଼ା ପ୍ରଦର୍ଶନ ସହିତ ରାତିରେ ଅପେରା ପାର୍ଟି ନାଟକ ପରିବେଷଣ କରୁଛନ୍ତି। ଚଳିତ ବର୍ଷ କଟକଣା ଯୋଗୁ ଆତସବାଜି ପ୍ରଦର୍ଶନକୁ ବାରଣ କରାଯାଇଛି। ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା, ସମ୍ପାଦକ ସୁକାନ୍ତ କୁମାର ପ୍ରଧାନଙ୍କ ସମେତ ୩୫ ଜଣିଆ କମିଟି ଏବଂ ଚିଲିକା ନୂଆପଡ଼ା ଗ୍ରାମବାସୀ ଯାତ୍ରା ପରିଚାଳନାରେ ସହଯୋଗ କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ମଙ୍ଗଳବାର ପ୍ରତ୍ୟୁଷରୁ ମେଳଣ ପର୍ବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଯୋଗଦେଲେନି କମଳେଶ୍ୱର ଦେବ

ଚିଲିକା ନୂଆପଡ଼ା ଗ୍ରାମରେ ଅନୁଷ୍ଠିତ ଦଶଦୋଳ ଯାତ୍ରାରେ କମଳେଶ୍ୱର ଦେବ ଯୋଗଦେଇ ନ ଥିବା ଜଣାପଡ଼ିଛି। ପଞ୍ଚୁପଡ଼ା ଏବଂ ୩୫ ମୌଜା ମଧ୍ୟରେ ଅସନ୍ତୋଷ ଘନେଇଛି। ଏନେଇ ଉଭୟ ପକ୍ଷ ପାରିକୁଦ ରାଜା ଏବଂ ୩୫ ମୌଜା ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ପୃଥକ୍‌ଭାବେ ଅପିଲ ହୋଇଛି। ତେବେ ପରମ୍ପରା ଅନୁଯାୟୀ ଠାକୁରଙ୍କୁ ବିଜେ କରିବା ପାଇଁ ପ୍ରଶାସନକୁ ଦାୟିତ୍ୱ ଦିଆଯାଇଥିବା ବେଳେ କମଳେଶ୍ୱରଙ୍କ ମନ୍ଦିରରେ ତାଲା ଝୁଲୁଛି। ଠାକୁରଙ୍କୁ ନ ଛାଡ଼ିବା ପାଇଁ ମହିଳାମାନେ ରାସ୍ତା ଅବରୋଧ କରି ବସିଥିବା ଦେଖିବାକୁ ମିଳିଛି। ଠାକୁରଙ୍କୁ ଦଶଦୋଳ ପଡ଼ିଆକୁ ନେବା ପାଇଁ ପ୍ରଶାସନ ଚେଷ୍ଟା କରି ମଧ ବିଫଳ ହୋଇଛି। ଘଟଣାସ୍ଥଳରେ ତହସିଲଦାର, ଆଇଆଇସି, ଏସ୍‌ଡିପିଓ ସଦଳବଳ ଉପସ୍ଥିତ ରହି ଜନସାଧାରଣଙ୍କୁ ବୁଝାଶୁଝା କରୁଛନ୍ତି। ଶନିବାରରୁ ରବିବାର ହେଲା, ହେଲେ ଠାକୁରଙ୍କୁ ମନ୍ଦିର ବାହାରକୁ ଆଣିପାରିଲେନାହିଁ। ପ୍ରକାଶ ଯେ, ନିକଟ ଗ୍ରାମ ଚିଲିକା ନୂଆପଡ଼ାରେ ପ୍ରସିଦ୍ଧ ଦଶଦୋଳ ଯାତ୍ରା ହୋଇଥାଏ। ଉକ୍ତ ଯାତ୍ରାରେ ବିଭିନ୍ନ ସ୍ଥାନରୁ ୧୮ ଠାକୁର ଆସି ଉକ୍ତ ପଡ଼ିଆରେ ଏକତ୍ରିତ ହୋଇଥାନ୍ତି। ଚଳିତବର୍ଷ ଏହି ବିବାଦ ଯୋଗୁ କମଳେଶ୍ୱର ଦେବଙ୍କ ବ୍ୟତୀତ ୧୭ ଠାକୁରଙ୍କୁ ନେଇ ଦଶଦୋଳ ଯାତ୍ରା ଆରମ୍ଭ ହୋଇଛି।



ମନ୍ଦିର ସାମ୍ନାରେ ମହିଳାମାନେ ଠାକୁରଙ୍କୁ ନ ଛାଡ଼ିବା ପାଇଁ ବସିଛନ୍ତି।

### ୫୮ ଗୋରୁ ଉଦ୍ଧାର, କଣ୍ଟେନର ଜବତ

ବୋଲଗଡ଼,୧୫।୩(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଗୋବର୍ଦ୍ଧନପୁର ଫାଣ୍ଡି ଅଧୀନ କଳାଙ୍ଗ ପଞ୍ଚାୟତର ମାଳିସାହି ନିକଟ ଦି ସଉତୁଣୀ ପୋଖରୀ ନିକଟରୁ ଶନିବାର ବିଳମ୍ବିତ ରାତିରେ ପୋଲିସ ଗୋରୁ ବୋଝେଇ କଣ୍ଟେନର ଜବତ କରିଛି। ଏଥିରେ ଥିବା ୫୮ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଏନେଇ ବୋଲଗଡ଼ ଥାନାରେ ଏକ ମାମଲା (ନଂ.୧୧୨/୨୬) ରୁଜୁ ହୋଇଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ ବୋଲି ତଦନ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା କହିଛନ୍ତି। ବେଆଇନ ଭାବେ ପଶ୍ଚିମବଙ୍ଗକୁ ଗୋଚାଲାଣ ହେଉଥିଲା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବୋଲଗଡ଼ ଥାନାଧିକାରୀ ସୁକାନ୍ତ ଦଳେଇ ସଦଳବଳ ଶନିବାର ମଧ୍ୟରାତ୍ରରେ ଏହି ଚଢ଼ାଉ କରି କଣ୍ଟେନରକୁ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଥିଲେ। ପରେ ଉଦ୍ଧାର ଗୋରୁଙ୍କୁ ବୋଲଗଡ଼ ନିକଟ ଧ୍ୟାନ ଫାଉଣ୍ଡେଶନ ଗୋଶାଳାକୁ ପଠାଯାଇଛି।

### ହାତୀ ଉପଦ୍ରବ, ଫସଲ ନଷ୍ଟ

ଟାଙ୍ଗୀ,୧୫।୩(ରଘୁନାଥ ସାହୁ)

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଶନିବାର ରାତିରେ ଏକ ହାତୀ ଏହି ରେଞ୍ଜ୍ ଅନ୍ତର୍ଗତ କୁକୁଡ଼ାଝରି ଅଞ୍ଚଳରେ ପଶି ଚାଷୀଙ୍କ ଧାନ ଏବଂ କାକୁଡ଼ି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଥିବା ଜଣାପଡ଼ିଛି। ଘଟଣା ସଂକ୍ରାନ୍ତରେ ବନ ବିଭାଗକୁ ଜଣାଇଥିଲେ ମଧ କୌଣସି ନିଆଯାଇ ନାହିଁ ବୋଲି ଚାଷୀମାନେ ଅଭିଯୋଗ ଆଣିଛନ୍ତି।

# ବିଜୟା ରଥଯାତ୍ରା ପୂର୍ବରୁ ରାସ୍ତା ମରାମତି ଦାବି

ନିରାକାରପୁର,୧୫।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଆସନ୍ତା ୨୬ ତାରିଖରେ କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା। ଏନେଇ ପ୍ରସ୍ତୁତି ଆଗେଇଚାଲିଛି। ଏହି ରଥଯାତ୍ରାରେ ଜିଲା ତଥା ଜିଲା ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ହେଲେ ଠାକୁରଙ୍କ ପୀଠକୁ ଯିବା ପାଇଁ ଥିବା ରାସ୍ତାର ଅନେକ ସ୍ଥାନ ଫାଟିଥିବା ଦେଖିବାକୁ ମିଳିଛି। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା



ଅନାବନା ଗୁଳ୍ମଲତା ରାସ୍ତା ଉପରକୁ ମାଡ଼ି ଆସିଥିବାରୁ ରାସ୍ତାଟି କ୍ରମଶଃ ସଂକୀର୍ଣ୍ଣ ହେବାରେ ଲାଗିଛି। ବିଶେଷକରି ସ୍ଥାନୀୟ ଡିଆ ସ୍କୁଲ ଖେଳପଡ଼ିଆ ପ୍ରାରମ୍ଭରୁ ମା' ସିଦ୍ଧେଶ୍ୱରୀଙ୍କ ପୀଠ ପର୍ଯ୍ୟନ୍ତ ରାସ୍ତାର ଅନେକ ସ୍ଥାନର କଂକ୍ରିଟ ଢଳେଇରେ ଫାଟ ହୋଇଥିବାରୁ ଯାତାୟାତରେ ବାଧକ ସୃଷ୍ଟି ହୋଇଛି। ସେହିପରି ନୂଆ ଜଗନ୍ନାଥ ସଡ଼କ ସହ ଏହି ରାସ୍ତାକୁ ସଂଯୋଗ କରୁଥିବା କେନାଲ ରାସ୍ତା ମଧ୍ୟ ଅନୁପଯୋଗୀ ହୋଇପଡ଼ିଛି। ଏହାର ସ୍ଥାୟୀ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି ସତ୍ତ୍ୱେ ଏଥିପ୍ରତି ଦୃଷ୍ଟି ନ ଦେବା ବିଡ଼ମ୍ବନାର ବିଷୟ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ରଥଯାତ୍ରା ପାଖେଇ ଆସୁଥିବାରୁ ତୁରନ୍ତ ରାସ୍ତାର ମରାମତି କରାଯାଉ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଛି। ଏନେଇ ନିରାକାରପୁରସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଚକ୍ରଧର ବେହେରା କହିଛନ୍ତି, ରାସ୍ତା ମରାମତି ନେଇ ଟେଣ୍ଡର ହେବାର ଅଛି। ଖୁବ୍‌ଶୀଘ୍ର ଏହାର ସ୍ଥାୟୀ ସମାଧାନ ହେବ।

### ଦେଉଳଟାଙ୍ଗୀ କ୍ରିକେଟ ଟୁର୍ନାମେଣ୍ଟ

# ଦେଉଳଟାଙ୍ଗୀ, ସାରୁଅ ବିଜୟୀ

ଖୋର୍ଦ୍ଧା,୧୫।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ୍ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀ ମା' ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ରବିବାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଦେଉଳଟାଙ୍ଗୀ ଏବଂ ପାଇକ ତିଗିରିଆ ଟିମ୍ ମଧ୍ୟରେ ହୋଇଥିଲା। ଦେଉଳଟାଙ୍ଗୀ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୬୩ ରନ୍ ସଂଗ୍ରହ କରିଥିଲା। ଜବାବରେ ପାଇକ ତିଗିରିଆ ୧୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୯୯ ରନ୍ ସଂଗ୍ରହ କରିଥିଲା। ଫଳରେ ଦେଉଳଟାଙ୍ଗୀ ଟିମ୍ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିକାଶ ଦଳାଇ ୪୩ ବଲ୍‌ରୁ ୮୧ ରନ୍ ଏବଂ ୩ ଓଭର ବୋଲିଂ କରି ୧୬ ରନ୍ ଦେଇ ୩ଟି ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଗୁଡୁମ୍ ଏବଂ ସାରୁଅ ମଧ୍ୟରେ ହୋଇଥିଲା। ଗୁଡୁମ୍ ଟିମ୍ ପ୍ରଥମେ ବ୍ୟାଟିଂକରି ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ୍ ସଂଗ୍ରହ କରିଥିଲା। ଜବାବରେ ସାରୁଅ ଟିମ୍ ୧୩.୫ ଓଭରରେ ୭ ଉଇକେଟ ବିନିମୟରେ ୧୨୩ ରନ ସଂଗ୍ରହ କରିଥିଲା। ଫଳରେ ସାରୁଅ ଟିମ୍ ବିଜୟଲାଭ କରିଥିଲା। ଦଳ ପକ୍ଷରୁ ସୌମ୍ୟସୌରଭ ମହାଭୋଇ ୩୧ ବଲ୍‌ରେ ୪୧ ରନ୍ ଏବଂ ୩ ଓଭର ବୋଲିଂ କରି ୨ଟି ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଆକାଶ ପରିଡ଼ା ଏବଂ ଝଜ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ସୁଶାନ୍ତ ସୁନ୍ଦରାୟ, ଭାଷ୍ୟକାର ଭାବେ ଆଶୁତୋଷ ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ, ସାମାଜିକ କର୍ମୀ ମଦନ ମୋହନ ସ୍ୱାଇଁ, ମହେଶ୍ୱର ମହାପାତ୍ର, ଶିବ ପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କଠାରୁ ୨ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ଆଶୁତୋଷ



@ ପିପୁ



@ ଶର୍ମିଷ୍ଠା



@ ଗୀତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସତ୍ୟସାଇ ସଙ୍ଗଠନର ଜିଲା ସମ୍ମିଳନୀ

ଟାଙ୍ଗୀ,୧୫।୩(ରଘୁନାଥ ସାହୁ)

ସତ୍ୟସାଇ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ସତ୍ୟସାଇ ସେବା ସଙ୍ଗଠନର ଖୋର୍ଦ୍ଧା ଜିଲା ସମ୍ମିଳନୀ ରବିବାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ସେବା ସମିତିଠାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରାତଃରେ ସମିତି ଗୃହରେ ସାଇ ଆଶ୍ରିତମାନଙ୍କ ଦ୍ୱାରା ଓଁକାରମ୍, ସୁପ୍ରଭାତମ୍ କରାଯିବା ପରେ ନଗର ସଂକୀର୍ତ୍ତନ ହୋଇଥିଲା। ଏହାପରେ ସଙ୍ଗଠନର ଜିଲା ସଭାପତି ବ୍ରଜସୁନ୍ଦର ମିଶ୍ର ସାଇ ସଙ୍ଗଠନର ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିଲେ। ସତ୍ୟସାଇ ବାବାଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ପରେ ସମ୍ମିଳନୀରେ ଯୋଗଦେଇଥିବା ସମସ୍ତ ଅପାଭାଇଙ୍କ ନାମ ପଞ୍ଜୀକୃତ ହୋଇଥିଲା। ଦିବ୍ୟଜ୍ୟୋତି ଆବାହନ ପରେ ଜିଲା ଭଜନ ଗ୍ରୁପ୍ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଜିଲା ସଭାପତି ବ୍ରଜସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ଆଧ୍ୟାତ୍ମିକ ସଂଯୋଜକ ରମାବଲ୍ଲଭ ମହାପାତ୍ର ଅତିଥିଭାବେ ଯୋଗଦେଇ 'ଆଦର୍ଶ ସାଇସେବକ ଓ ଆଦର୍ଶ ସାଇକେନ୍ଦ୍ର' ଉପରେ କହିଥିଲେ। ଜିଲା ସଙ୍ଗଠନ ପକ୍ଷରୁ ସଭାପତିଙ୍କ ସମେତ ସମସ୍ତ ବିଭାଗର ଜିଲା ସଂଯୋଜକ, ସମିତି ଆବାହକ ଓ ସଂଯୋଜକ, ଭଜନ ମଣ୍ଡଳୀର ଆବାହକ ଏବଂ ସଂଯୋଜକମାନଙ୍କୁ ନେଇ ଆଗାମୀ ତିନିବର୍ଷ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହୋଇଥିଲା। ଜିଲା, ସମିତି ଓ ଭଜନ ମଣ୍ଡଳୀସ୍ତରରେ ଏହା କାର୍ଯ୍ୟକାରୀ କରିବା ପାଇଁ ସ୍ଥିର ହୋଇଛି। ରତନପୁର ସମିତିର ଆବାହକ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସତ୍ୟସାଇ ବାବାଙ୍କ ନିକଟରେ ମଙ୍ଗଳ ଆଳତି କରାଯିବା ପରେ ପ୍ରଶାନ୍ତି ପତାକାକୁ ଜିଲା ସେବାଦଳ ସଂଯୋଜକ ରାଜ କିଶୋର ଭୋପା ଅବତରଣ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୩।୨୦୨୬

| | |
|---|---|
| ୬,୮୦,୫୬୨ ଟଙ୍କା | |
| ସୁନା | ୧.୮୩୦ ଗ୍ରାମ୍ |
| ରୁପା | ୨୮.୬୦୦ ଗ୍ରାମ୍ |

# ମହାପ୍ରଭୁଙ୍କୁ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଭିଡ଼

**ଅସ୍ଥାୟୀ ସେଡ୍ ସହ ପାଣି, ଫ୍ୟାନ୍‌ର ବ୍ୟବସ୍ଥା କରିବାକୁ ଦାବି**

ପୁରୀ,୧୫।୩(ଅଜିତ୍ କୁମାର ମହାନ୍ତି)

ସଂକ୍ରାନ୍ତି ଓ ପାପମୋଚନ ଏକାଦଶୀ ଅବସରରେ ରବିବାର ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ରହିଥିଲେ। ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାରେ ପ୍ରଶାସନ ଫେଲ୍ ମାରିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ପ୍ରବଳ ଗହଳି କାରଣରୁ କିଛି ଭକ୍ତ ଅଚେତ ହୋଇଥିବା ସୂଚନା ମିଳିଛି। ପ୍ରବଳ ଗହଳି କାରଣରୁ ଭକ୍ତମାନେ ଅନେକ ସମୟ ଧରି ବ୍ୟାରିକେଡ୍ ମଧ୍ୟରେ ଠିଆ ହୋଇ ରହିଥିଲେ। ଏପରିକି ଶ୍ରୀମନ୍ଦିର ଭିତରେ ମଧ୍ୟ ଭକ୍ତଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା।

ଅନ୍ୟପକ୍ଷରେ ଦ୍ୱିତୀୟ ଶନିବାର ହୋଇଥିବାରୁ ସରକାରୀ ଛୁଟି ରହିଥିବା ବେଳେ ରବିବାର ସଂକ୍ରାନ୍ତି ଓ ଏକାଦଶୀ ଥିବାରୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ତେବେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ରବିବାର ଭକ୍ତଙ୍କ ଅସମ୍ଭାଳ ଭିଡ଼ ସିଂହଦ୍ୱାର ବ୍ୟାରିକେଡ୍ ପୂର୍ଣ୍ଣ ହୋଇଯିବା ପରେ ବଡ଼ଦାଣ୍ଡର ମରିଚିକୋଟ ଛକ ପର୍ଯ୍ୟନ୍ତ ଭକ୍ତଙ୍କ ଲାଇନ୍ ଲାଗି ରହିଥିଲା। ଖରା ପ୍ରବଳ ହେଉଥିବାରୁ ବଡ଼ଦାଣ୍ଡରେ ତାତିରୁ ରକ୍ଷା ପାଇଁ କୌଣସି ସେଡ୍ ବ୍ୟବସ୍ଥା ନ ଥିବାରୁ ଭକ୍ତମାନେ ପ୍ରଚଣ୍ଡ ଖରାରେ ଘଣ୍ଟା ଘଣ୍ଟା ଧରି ଖାଲି ପାଦରେ ପିଚୁ ଉପରେ ଛିଡ଼ା ହୋଇଥିଲେ। ଫଳରେ ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ମଧ୍ୟ କେତେକ ଭକ୍ତ ଅଣନିଃଶ୍ୱାସୀ ହୋଇ ଅଚେତ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ବରିଷ୍ଠ ନାଗରିକ, ମହିଳା, ଛୋଟ ପିଲା ବଡ଼ଦାଣ୍ଡରେ ଖରାରେ ଠିଆହୋଇ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବଡ଼ଦାଣ୍ଡରେ ଅସ୍ଥାୟୀ ସେଡ୍ ବ୍ୟବସ୍ଥା, ଫାନ୍ ସହିତ ପାନୀୟ ଜଳ ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି। ସେହିପରି ଶ୍ରୀମନ୍ଦିର ଭିତରେ ଗହଳି ହେଉଥିବାରୁ ନାଟମଣ୍ଡପ ଭିତରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରିବାକୁ ପ୍ରଶାସନ ଯୋଜନା କରୁଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ଟେଣ୍ଡର ବାରମ୍ବାର ଡକାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନି, ତେଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ଏସି ବ୍ୟବସ୍ଥା କରାଯାଉ ବୋଲି ଭକ୍ତ ଦାବି କରିଛନ୍ତି।

ଏ ନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଶାନ୍ତି ଶୃଙ୍ଖଳା ପାଇଁ ଅଧିକ ପୋଲିସ ମୁତୟନ, ଭକ୍ତଙ୍କ ପାଇଁ ଅଧିକ ପାନୀୟ ଜଳ ବ୍ୟବସ୍ଥା, ଅଗ୍ନିଶମ ବିଭାଗ ପକ୍ଷରୁ ଭକ୍ତଙ୍କ ଉପରେ ଜଳସିଞ୍ଚନ ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରୁଛନ୍ତି। ଶ୍ରୀମନ୍ଦିର ନାଟମଣ୍ଡପ ଭିତରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ପାଇଁ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି। ଏହି କାର୍ଯ୍ୟ ଶେଷ ପରେ ନାଟମଣ୍ଡପରେ ଏସି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ପଦ୍ମଶ୍ରୀ ମାଗୁଣି ଦାସଙ୍କ ଗୁରୁକୁଳରେ ଗୋଟିପୁଅ ପ୍ରଶିକ୍ଷଣ

ପୁରୀ,୧୫।୩(ଅଜିତ୍ କୁମାର ମହାନ୍ତି)

୮୫ ବର୍ଷରେ ପହଞ୍ଚିଛି ପଦ୍ମଶ୍ରୀ ଗୁରୁ ମାଗୁଣି ଦାସଙ୍କ ଗୋଟିପୁଅ ଗୁରୁକୁଳ। ୧୯୪୧ରେ ନାବାଳକ ଶିଶୁ-କିଶୋରଙ୍କୁ ନେଇ ଆରମ୍ଭ ହୋଇଥିବା ଗୁରୁକୁଳରୁ ଏଯାବତ ପାଖାପାଖି ୧୨୫ରୁ ଊର୍ଦ୍ଧ୍ୱ ଶିଷ୍ୟ କେବଳ ସମଗ୍ର ଭାରତବର୍ଷର ବିଭିନ୍ନ ରାଜ୍ୟରେ ନୁହେଁ, ୧୪ରୁ ଊର୍ଦ୍ଧ୍ୱ ବିଦେଶ ରାଷ୍ଟ୍ରରେ ଶ୍ରୀଜଗନ୍ନାଥ ସଂସ୍କୃତିର ଏହି ନୃତ୍ୟ ପ୍ରଦର୍ଶନ କରିସାରିଛନ୍ତି। ଏବେ କେବଳ ପୁରୀ, ନୟାଗଡ଼, ଯାଜପୁର କି ଢେଙ୍କାନାଳ ନୁହେଁ ଏଥିରେ ଯୋଗଦେଲେଣି ଗଜପତି ଓ ରାୟଗଡ଼ା ଜିଲାର ପିଲାମାନେ। ଐତିହ୍ୟ ଗ୍ରାମ ରଘୁରାଜପୁରରେ ଅନେକ ବର୍ଷ ତଳୁ ଗଢ଼ିଉଠିଛି ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ। ଗୁରୁ ମାଗୁଣି ଦାସଙ୍କ ପୁତ୍ର ତଥା ସମ୍ପାଦକ ଦେବେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିରରେ ଅନୁଷ୍ଠାନର ସଭାପତି ବଦ୍ରି ମିଶ୍ର, ପ୍ରାକ୍ତନ ଜିଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପୁରୀ ଜିଲା କଳାସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ଓ ଗୁରୁ ବଟକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଭାପତି ମିଶ୍ର କହିଛନ୍ତି, ଏକହଜାର ବର୍ଷ ତଳେ ଶ୍ରୀଜଗନ୍ନାଥ ମନ୍ଦିର ଗମ୍ଭୀରାରେ ଗୋଟିପୁଅ ନୃତ୍ୟ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ତାହା ମାହାରୀ ଓ ଓଡ଼ିଶୀର ରୂପ ନେଲା। ଶ୍ରୀଜଗନ୍ନାଥ ସଂସ୍କୃତିକୁ ଶହଶହ ବର୍ଷ ଧରି ବଞ୍ଚାଇ ରଖିଥିବା, ଏହି ନୃତ୍ୟଶିଳ୍ପୀ ସାବାଳକ ହେବା ପରେ ସେମାନେ କିପରି ବଞ୍ଚିବେ, ସେ ନେଇ ଚିନ୍ତା କରିବାର ସମୟ ଆସିଛି। ଖୁବ୍‌ଶୀଘ୍ର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯିବ ଓ ସରକାର ଏହା ଉପରେ ସକରାତ୍ମକ ଘୋଷଣା କରିବେ ବୋଲି ମିଶ୍ର କହିଛନ୍ତି।

### ଯୁବତୀଙ୍କୁ ଅସଦାଚରଣ

ବଳଙ୍ଗା,୧୫।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ସ୍ନାନ କରୁଥିବା ସମୟରେ ଜଣେ ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଥାନାରେ ୮୭/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ଯୁବତୀ ଜଣଙ୍କ ଗାଁ ଦାଣ୍ଡରେ ଥିବା ନଳକୂପରେ ସ୍ନାନ କରୁଥିବା ବେଳେ ବନ୍ଧପଡ଼ା ଗ୍ରାମର ଆଲୋକ ସ୍ୱାଇଁ ନାମକ ଜଣେ ଯୁବକ ପଛପଟୁ ଆସି ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଯୁବତୀ ଜଣଙ୍କ ପାଟି କରିବାରୁ ଆଲୋକ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ ବୋଲି ଯୁବତୀ ଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

### କଲେଜକୁ ପରୀକ୍ଷା ଦେବାକୁ ଆସି ଛାତ୍ରୀ ନିଖୋଜ

ନିମାପଡ଼ା,୧୫।୩(ବିଚିତ୍ରାନନ୍ଦ ସାହୁ)

ବଳଙ୍ଗା ଥାନା ଅଞ୍ଚଳର ଜଣେ ଛାତ୍ରୀ ଗତ ୧୪ରେ ନିମାପଡ଼ା ଅଞ୍ଚଳର ଏକ କଲେଜକୁ ପରୀକ୍ଷାଦେବାକୁ ଆସି କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ୧୪ ତାରିଖ ସନ୍ଧ୍ୟାସୁଦ୍ଧା ଛାତ୍ରୀ ଜଣଙ୍କ ଘରକୁ ନ ଫେରିବାରୁ ପରିବାରବର୍ଗ ଅନେକ ଖୋଜାଖୋଜି କରି ନିଖୋଜ ଛାତ୍ରୀଙ୍କର କୌଣସି ସନ୍ଧାନ ପାଇ ନ ପାରି ନିରାଶ ହୋଇ ଛାତ୍ରୀଙ୍କ ମା' ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏ ସମ୍ପର୍କରେ କେସ୍ ନମ୍ବର ୨୦/୨୬ରେ ଏକ ନିଖୋଜ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛନ୍ତି। ତୁରନ୍ତ ନିଖୋଜ କଲେଜ ଛାତ୍ରୀଙ୍କୁ ଉଦ୍ଧାର କରାଯିବାକୁ ଛାତ୍ରୀଙ୍କ ପରିବାରବର୍ଗ ପୋଲିସ ନିକଟରେ ଆକୁଳ ନିବେଦନ କରିଛନ୍ତି।

# ରଥଯାତ୍ରା ସମୀକ୍ଷାକଲେ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ



ରଥଯାତ୍ରା ପାଇଁ ରବିବାର ପୁରୀ ଆସି ସମୀକ୍ଷା କରୁଛନ୍ତି ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ।

ପୁରୀ,୧୫।୩(ଅଜିତ୍ କୁମାର ମହାନ୍ତି)

ଆଗାମୀ ରଥଯାତ୍ରା ଶୃଙ୍ଖଳିତ ଭାବେ ସମାପନ କରିବା ନେଇ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱ ମିଳିବା ପରେ ଏଡିଜି ପ୍ରିୟଦର୍ଶୀଙ୍କୁ ପୁରୀ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏଥିସହ ରବିବାର ଭକ୍ତଙ୍କ ଭିଡ଼କୁ ଦେଖିବା ସହ ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ ନେଇ କି ପ୍ରକାର ପଦକ୍ଷେପ ନିଆଯିବ ତା' ଉପରେ ସମୀକ୍ଷା କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ବାଗେଡ଼ିଆ ଧର୍ମଶାଳା ଠାରେ ଅତିରିକ୍ତ ଡିଜି ସିସିଟିଭି କଣ୍ଟ୍ରୋଲ ରୁମ୍ ବୁଲି ଦେଖିବା ସହ ସମୀକ୍ଷା କରିଛନ୍ତି। ରଥଯାତ୍ରାରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ଉପରେ କିଭଳି କାର୍ଯ୍ୟ କରାଯିବ ସେ ସବୁକୁ ଅତିରିକ୍ତ ଡିଜି ଅନୁଧ୍ୟାନ କରିଥିଲେ। ଏଥିସହ ଜଗନ୍ନାଥବଲ୍ଲଭ ଠାରେ ଥିବା ଜେବିପିସି ଯାଇ ସେଠାରେ ହୋଇଥିବା ବ୍ୟବସ୍ଥାଗୁଡ଼ିକର ମଧ୍ୟ ଅନୁଧ୍ୟାନ କରିଥିଲେ। ପରେ ଟାଉନ୍ ଥାନାରେ ପହଞ୍ଚି ପୋଲିସ କଣ୍ଟ୍ରୋଲ ରୁମ୍ ଯାଇ ସମସ୍ତ ବ୍ୟବସ୍ଥା ବୁଲି ଦେଖିଛନ୍ତି। ରଥଯାତ୍ରା ସମୟରେ ଯେପରି ଶ୍ରୀମନ୍ଦିର ବାହାରେ ଓ ଭିତରେ ଶୃଙ୍ଖଳିତ ଭାବେ ସବୁ କାର୍ଯ୍ୟ ଶେଷ ହେବ ସେ ନେଇ ଆଲୋଚନା କରିଛନ୍ତି।

ଅପରପକ୍ଷରେ ପର୍ଯ୍ୟାପ୍ତ ପରିମାଣର ସିସିଟିଭି, ଟ୍ରାଫିକ ବ୍ୟବସ୍ଥା, ଆଇନଶୃଙ୍ଖଳା ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ପାର୍କିଂ, ଭକ୍ତଙ୍କ ଶୃଙ୍ଖଳିତ ଯାତାୟାତ, ଦର୍ଶନ ଆଦି ଉପରେ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ଏହି ସମୟରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିବା ନଜରକୁ ଆସିଥିଲା।

## ଶ୍ରୀକଳା ନିକେତନର ମହିଳା ଦିବସ

ପୁରୀ,୧୫।୩(ଅଜିତ୍ କୁମାର ମହାନ୍ତି)

ଗୁଣ୍ଡିଚାବିହାର ସ୍ଥିତ ସୁଷମା ଗାର୍ଡେନ ସମ୍ମୁଖରେ ଥିବା ଶ୍ରୀକଳା ନିକେତନ ଅନୁଷ୍ଠାନ ଠାରେ ବିଶ୍ୱ ମହିଳା ଦିବସ ମହାସମାରୋହରେ ଶୁକ୍ରବାର ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସୋନି ଟିଭିର ମାଷ୍ଟର ସେଫ୍ ବିଜୟିନୀ ମଞ୍ଜୁ ପ୍ରଧାନ ଓ ଅନୁଷ୍ଠାନର ମୁଖ୍ୟ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡ଼ିଶୀ ଶିଳ୍ପୀ ରୋଜାଲିନ ମହାନ୍ତି ଯୋଗଦେଇ ମହିଳାଙ୍କ ଉନ୍ନତି ଓ ସ୍ୱାବଲମ୍ବୀ ହେବା ପାଇଁ ଅତିଥିମାନେ ମତପ୍ରକାଶ କରିଥିଲେ। ପୁରୀ, ଓଡ଼ିଶା ଓ ଜାତୀୟସ୍ତରରେ କୃତିତ୍ୱ ହାସଲ କରିଥିବା ମଞ୍ଜୁ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଅବନ୍ତିକା ଦାଶ, ସ୍ନେହାସ୍ନିଗ୍ଧା ମହାନ୍ତି, ବିଶ୍ୱରୂପା ଦାଶ, ସ୍ନେହଲତା ପାଢ଼ୀ, ଆରାଧ୍ୟା ମିଶ୍ର, ଦିବ୍ୟଜ୍ୟାତି ନାୟକ, ସିଦ୍ଧିସ୍ୱରୂପା ସ୍ୱାଇଁଙ୍କ ସମେତ ଅନୁଷ୍ଠାନର ସଦସ୍ୟାମାନେ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ନୃତ୍ୟଶିଳ୍ପୀ ବିଶ୍ୱରୂପା ଦାଶ ଧନ୍ୟବାଦ ଦେଇଥିଲେ।

## ଯୁଦ୍ଧ ପରିସମାପ୍ତି, ବିଶ୍ୱଶାନ୍ତି ପାଇଁ ସିଂହଦ୍ୱାରରେ ପ୍ରାର୍ଥନା

ପୁରୀ,୧୫।୩(ଅଜିତ୍ କୁମାର ମହାନ୍ତି)

ବୌଦ୍ଧ ଜିଲାର ଏକ ସାମାଜିକ ବୌଦ୍ଧିକ ସେବା ଅନୁଷ୍ଠାନ 'ଜ୍ଞାନ ପ୍ରକାଶ'ର ୧୦ମ ପ୍ରତିଷ୍ଠା ଦିବସ ରବିବାର ପୁରୀରେ ପାଳିତ ହୋଇଯାଇଛି। ଏହି ଅବସରରେ ସିଂହଦ୍ୱାର ସମ୍ମୁଖରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧର ଶୀଘ୍ର ପରିସମାପ୍ତି ସହ ବିଶ୍ୱଶାନ୍ତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ସଂଗଠନର ପୁରୀ ଜିଲା ପ୍ରମୁଖ ଶିକ୍ଷାବିତ୍ ଅଜୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦୀପଦାନ କରାଯାଇଥିଲା। ପରେ ଭଗବତୀ ବିଦ୍ୟା ନିକେତନ ସମ୍ମିଳନୀ କକ୍ଷରେ 'ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ ଶୀର୍ଷକରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ, ମହେନ୍ଦ୍ର ବିଶୋଇ, ମନୋରଞ୍ଜନ ତ୍ରିପାଠୀ, ଶିବ ନାରାୟଣ ଭଞ୍ଜ, ସାମାଜିକ କର୍ମୀ ରମେଶ ଚନ୍ଦ୍ର ଦାସ, ଦୀପ୍ତି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ବିଶ୍ୱ ଶାନ୍ତି ପାଇଁ କାମନା କରିଥିଲେ। ଶେଷରେ ଅଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।



ବୌଦ୍ଧିକ ସେବା ଅନୁଷ୍ଠାନ ପକ୍ଷରୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ସମାପ୍ତି ଓ ବିଶ୍ୱଶାନ୍ତି ପାଇଁ ସିଂହଦ୍ୱାର ସମ୍ମୁଖରେ ପ୍ରାର୍ଥନା କରୁଛନ୍ତି।

## ପୂର୍ବ ଶତ୍ରୁତାରୁ ଦମ୍ପତିଙ୍କୁ ଆକ୍ରମଣ

ବଳଙ୍ଗା,୧୫।୩(କେଦାରେଶ୍ୱର ନନ୍ଦ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ବାଲିଆ ଗ୍ରାମରେ ଜଣେ ଦମ୍ପତିଙ୍କୁ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ବାଲିଆ ଗ୍ରାମର ଜଟାଧାରୀ ବାରିକଙ୍କ ସ୍ତ୍ରୀ ଝୁନା ବାରିକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଉମାକାନ୍ତ ବାରିକ, ଚନ୍ଦନ ବାରିକ, ଦେବରାଜ ବାରିକ, ପ୍ରମୋଦ ବାରିକ ପ୍ରମୁଖ ଝୁନାଙ୍କ ସ୍ୱାମୀ ଜଟାଧାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ପ୍ରବଳ ମାଡ଼ ମାରିଥିଲେ। ପାଟିଶୁଣି ଝୁନା ସ୍ୱାମୀଙ୍କୁ ଉଦ୍ଧାର କରିବା ସମୟରେ ଅଭିଯୁକ୍ତମାନେ ତାଙ୍କ ପିନ୍ଧା ଲୁଗାକୁ ଚିରି ଅସଦାଚରଣ କରି ମାଡ଼ ମାରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ବାଳକୃଷ୍ଣ, ନୃସିଂହଙ୍କୁ 'ଭକ୍ତକବି ବନମାଳୀ ଦାସ ସ୍ମୃତି ସମ୍ମାନ'

**ରତିଯୁଗୀୟ ଭକ୍ତକବି ବନମାଳୀ ଦାସଙ୍କ ଜୟନ୍ତୀ**

ପୁରୀ,୧୫।୩(ଅଜିତ୍ କୁମାର ମହାନ୍ତି)

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଠାରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ଏବଂ ଲିଙ୍ଗରାଜ କଳାନିକେତନର ମିଳିତ ଆନୁକୂଲ୍ୟରେ ରତିଯୁଗୀୟ ଭକ୍ତକବି ବନମାଳୀ ଦାସଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଉତ୍ସବରେ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଭଗବାନ ସୁଆର, ପୁରୀ ଏମ୍‌ପିଙ୍କ ପ୍ରତିନିଧି ରବିନାରାୟଣ ଦାଶ, ବିଶିଷ୍ଟ ଶିଳ୍ପପତି ନିରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷିକା, ଆଧ୍ୟାପିକା ଡ. କଲ୍ୟାଣୀ ନନ୍ଦି, ବିଶିଷ୍ଟ ସାହିତ୍ୟିକ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଶୁକଦେବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ବିଶିଷ୍ଟ ସାମାଜିକ କର୍ମୀ ତଥା ସାଂସ୍କୃତିକ ସଂଗଠକ ଚକ୍ରଧର ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଜଗନ୍ନାଥ ମିଶ୍ର କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଏବଂ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ ଓଡ଼ିଶୀ ସଙ୍ଗୀତ ଗୁରୁ ତଥା କଣ୍ଠଶିଳ୍ପୀ ବାଳକୃଷ୍ଣ ବାରିକ ଏବଂ ମହାପ୍ରଭୁଙ୍କ ଚୂନରା ସେବକ ନୃସିଂହ ମହାପାତ୍ରଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ଭକ୍ତକବି ବନମାଳୀ ଦାସଙ୍କ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଗୁରୁ ପ୍ରକାଶ କୁମାର ରଥ, ଗୁରୁ ତାପସ ନାୟକ ଏବଂ ନୃତ୍ୟଗୁରୁ ମନୋଜ କୁମାର ପ୍ରଧାନଙ୍କ ନିର୍ଦ୍ଦେଶନାରେ ସାଇଶ୍ରୀ କଳା ପରିଷଦ ପୁରୀର କଳାକାର ଯଥା ସିପ୍ରା ମିଶ୍ର, ମମତା ଭୋଇ, ଅର୍ଚ୍ଚନା ସାହୁ, ଭାଗ୍ୟଲକ୍ଷ୍ମୀ ଜେନା, ଶୁଭସ୍ମିତା ବଳ, କାଳୁଚରଣ ବରାଳ, ବଳରାମ ସେଠୀ ପ୍ରମୁଖ ଭକ୍ତକବି ବନମାଳୀ ଦାସଙ୍କ ରଚିତ ଓଡ଼ିଶୀ, ପାରମ୍ପାରିକ ଭଳି ସଙ୍ଗୀତ, ଚନ୍ଦନ, ଝୁଲଣ, ଭଜନ, ଜଣାଣ ପରିବେଷଣ କରି ଶ୍ରୋତା, ଦର୍ଶକଙ୍କ ମନ୍ତ୍ରମୁଗ୍ଧ କରିପାରିଥିଲେ।



ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଭକ୍ତକବି ବନମାଳୀ ଦାସଙ୍କ ଜୟନ୍ତୀରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ଆଶୁତୋଷ



@ ପିପୁ



@ ଶର୍ମିଷ୍ଠା



@ ଗୀତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶିକ୍ଷା ବିକାଶ ସମିତି ପକ୍ଷରୁ ପୂର୍ବ ସମ୍ଭାଗ ବୈଠକ

ପୁରୀ,୧୫।୩(ଅଜିତ୍ କୁମାର ମହାନ୍ତି)

ପୁରୀ ବିଦ୍ୟାଭାରତୀ ଅଧୀନସ୍ଥ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ପକ୍ଷରୁ ପୂର୍ବ ସମ୍ଭାଗ ବୈଠକ ଚନ୍ଦନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ନୟାଗଡ଼ର ଜିଲା ପ୍ରମୁଖ, ସଙ୍କୁଳ ପ୍ରମୁଖ ଓ ସଙ୍କୁଳ ସଂଯୋଜକମାନେ ଯୋଗଦେଇ ଥିବାବେଳେ ଶିକ୍ଷା ବିକାଶ ସମିତିର ୬ଜଣ ପ୍ରମୁଖ କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ଅଖିଳ ଭାରତୀୟ ମନ୍ତ୍ରୀ ଡ. କମଳ କିଶୋର ସିହ୍ନା, ସଂଗଠନ ମନ୍ତ୍ରୀ ତାରକ ଦାସ ସରକାର, ଶିକ୍ଷାବିକାଶ ସମିତି ସଭାପତି କିଶୋର ଚନ୍ଦ୍ର ମହାନ୍ତି, ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର, ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସମ୍ପାଦକ ପଙ୍କଜ କୁମାର କର, ଶିକ୍ଷା ବିକାଶ ସମିତି କୋଷାଧ୍ୟକ୍ଷ ରବିନାରାୟଣ ସାହୁ, ସଦସ୍ୟା କମଳା କୁମାରୀ ମିଶ୍ର, ବାସବଦତ୍ତା ରଥ, ପୁରୀ ବିଭାଗ ନିରୀକ୍ଷକ ନୃସିଂହ ଚରଣ ମିଶ୍ର, ସହ ବିଭାଗ ପ୍ରମୁଖ ଶିରିଶ କୁମାର ହାତୀଙ୍କ ଯୋଗଦାନ ବୈଠକର ଗୁରୁତ୍ୱ ବୃଦ୍ଧି କରିଥିଲା। ବୈଠକରେ ୨୦୨୫-୨୬ ଶିକ୍ଷାବର୍ଷରେ ବିଦ୍ୟାଳୟସ୍ତରରେ ଲାଗୁ ହୋଇଥିବା ସମସ୍ତ ଶୈକ୍ଷିକ ଗତିବିଧିର ସମୀକ୍ଷା ହେବା ସହ ଆଗାମୀ ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ଶୈକ୍ଷିକ କାର୍ଯ୍ୟ ଯୋଜନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ନୂତନ ଶିକ୍ଷାନୀତି ଆଧାରରେ ବିଦ୍ୟାଳୟସ୍ତରରେ ଶିକ୍ଷାଦାନ ବ୍ୟବସ୍ଥା କିଭଳି ଉନ୍ନତମାନର ହେବ ସେ ବିଷୟରେ ମଧ୍ୟ ବିଷଦ ଆଲୋଚନା ହୋଇଥିଲା। ବୈଠକର ସମସ୍ତ ଆୟୋଜନକୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଚନ୍ଦନପୁରର ପ୍ରଧାନ ଆଚାର୍ଯ୍ୟ, ଗୁରୁଜୀ, ଗୁରୁମା ଓ ପରିଚାଳନା ସମିତିର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସଦସ୍ୟ, ସଦସ୍ୟାମାନେ ପରିଚାଳନା କରିଥିଲେ।

## ସିଏମ୍‌ସି ୨୭ ନଂ. ୱାର୍ଡସ୍ତରୀୟ ମହିଳା ସମ୍ମିଳନୀ

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): ସିଏମ୍‌ସି ୱାର୍ଡ ନଂ. ୨୭ସ୍ଥିତ ଏକ ଲଜ୍‌ରେ ସ୍ଥାନୀୟ କର୍ପୋରେଟର ଇତିଶ୍ରୀ ଦାସଙ୍କ ସଭାପତିତ୍ୱରେ ୱାର୍ଡସ୍ତରୀୟ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମେୟର ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ ଯୋଗଦେଇ ୱାର୍ଡର ମହିଳାମାନେ କିପରି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ସ୍ୱାବଲମ୍ବୀ, ଆତ୍ମନିର୍ଭରତା ଏବଂ ଆର୍ଥିକ ରୂପେ ସଶକ୍ତ କରାଯିବ ସେନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୁଷ୍ପିତା ମହାନ୍ତି, ବନଲତା ପ୍ରଧାନ, ଅରୁନ୍ଧତୀ କର, ମିନା ବିଶ୍ୱାଳ, ସରିତା ନାୟକ, ରଞ୍ଜିତା ଦାସ, ନାମିତ ଦାସ, ମୌସମୀ ନନ୍ଦୀ, ସୁପ୍ରୀତି ପଟ୍ଟନାୟକ ଏବଂ ଆଇନଜୀବୀ ସ୍ୱଦେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

### ଏସ୍‌ସିବିରେ ଉତ୍ତେଜନା

କଟକ,୧୫।୩(ଶିକ୍ଷା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କଟକ ପଟାପୋଲ ଅଞ୍ଚଳର ଆରତି ଦାସ(୨୮)। ଡାହାଣ ହାତ କହୁଣି ଉପରୁ କଟାଯିବା (ଆମ୍ପୁଟେଶନ)ର ୨୪ ଘଣ୍ଟା ମଧ୍ୟରେ ଆରତିଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ଚିକିତ୍ସାରେ ଅବହେଳା ହୋଇଥିବା ସ୍ୱାମୀ ବିକ୍ରମ ଦାସ ଅଭିଯୋଗ ଆଣି ମଙ୍ଗଳବାଗ ଥାନାରେ ଏତଲା ଦେଇଥିବାବେଳେ ଏହି ଘଟଣାକୁ ନେଇ ମେଡିକାଲ ସର୍ଜରି ବିଭାଗ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ମଙ୍ଗଳାବାଗ ଥାନା ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ବିକ୍ରମଙ୍କ ଅଭିଯୋଗ ମୁତାବକ, ଆରତିଙ୍କ ଡାହାଣ ହାତରେ ଯନ୍ତ୍ରଣା ହେବାରୁ ସେ ଫେବୃଆରୀ ୨୬ରେ ଏସ୍‌ସିବି ମେଡିକାଲର ସର୍ଜରି ଓପିଡିରେ ଡାକ୍ତର ଦେଖାଇଥିଲେ। ତାଙ୍କ ହାତର ଶିର ଦବିଯାଇଥିବା କୁହାଯାଇଥିଲା ଓ ପରୀକ୍ଷା ପରେ ଡାକ୍ତର ସିଟିଭିଏସ୍ ବିଭାଗକୁ ପଠାଇଥିଲେ। ସେଠାରେ ତାଙ୍କର ଅସ୍ତ୍ରୋପଚାର ପରେ ତାଙ୍କୁ ସର୍ଜରି ବିଭାଗ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା।



ଉତ୍ୟକ୍ତ ପରିବାରଲୋକ ଓ ସମ୍ପର୍କୀୟଙ୍କୁ ପୋଲିସ ବୁଝାଶୁଝା କରୁଛି।

ତେବେ ଅସ୍ତ୍ରୋପଚାର ପରେ ହାତ ଯନ୍ତ୍ରଣା କମିବା ପରିବର୍ତ୍ତେ ବଢ଼ିବାକୁ ଲାଗିଥିଲା। ଆରତିଙ୍କ ହାତ ଧୀରେ ଧୀରେ ପଚିବା ସହ ଯନ୍ତ୍ରଣା ହେଉଥିବା ପରିବାର ଲୋକେ ଡାକ୍ତରଙ୍କୁ କହିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ସ୍ଥିତି ବିଗିଡ଼ିବା ଦେଖି ଶନିବାର ଉକ୍ତ ବିଭାଗର ଡାକ୍ତର ହାତ ଆମ୍ପୁଟେଶନ(କଟାଯିବା) ଆବଶ୍ୟକ ଥିବା କହିଥିଲେ। ପରିବାର ଲୋକଙ୍କ ଦସ୍ତଖତ ନେବା ପରେ ହାତ କହୁଣୀ ଉପରକୁ କଟାଯାଇଥିଲା। ରବିବାର ମଧ୍ୟାହ୍ନରେ ହାତ ଡ୍ରେସିଂ କରାଯିବା ସହ ଇଞ୍ଜେକଶନ ଦିଆଯାଇଥିଲା ଏବଂ ଏହାର କିଛି ସମୟ ପରେ ଆରତିଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସା ଅବହେଳା ଯୋଗୁ ଆରତିଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ସେଠାରେ ହୋହଲ୍ଲା କରିଥିଲେ। ତେବେ ଘଟଣା ସମ୍ପର୍କରେ ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଅନ୍ୟପଟେ ବିକ୍ରମ ଲିଖିତ ଅଭିଯୋଗ କ୍ରମେ ପୋଲିସ ମଙ୍ଗଳାବାଗ ଥାନାରେ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଶବଗୃହକୁ ପଠାଇଛି। ସୋମବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ କହିଛନ୍ତି।

## ତୁଳସୀପୁର ବାର୍ଷିକ ସତ୍‌ସଙ୍ଗ ଉତ୍ସବ

କଟକ,୧୫।୩(କାର୍ତ୍ତିକ ସାହୁ)

ତୁଳସୀପୁରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ସତ୍‌ସଙ୍ଗ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସହପ୍ରତିଋତ୍ୱିକ ଅମରନାଥ ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ପରିଚାଳିତ ସତ୍‌ସଙ୍ଗରେ ମୁଖ୍ୟ ବକ୍ତା ଦୀପକ ପରିଡ଼ା କହିଲେ, ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୀବନାଦର୍ଶ ମଣିଷର ଚରିତ୍ରରେ ଫୁଟିବା ଆବଶ୍ୟକ। ମଣିଷ ସପରିବେଶ ବଢ଼ିଚାଲିଲେ ସମାଜର ମଙ୍ଗଳ ସାଧିତ ହୋଇଥାଏ। ନିତ୍ୟ ସୁନ୍ଦର ସାହୁ, ଜୟନ୍ତୀ ବସାକ, ଅଜୟ ସୁତାର, ଗଙ୍ଗାଧର ନାୟକ ଭଜନ ଓ ସ୍ୱରୂପ ଦାସ କୀର୍ତ୍ତନ ପରିବେଷଣ କରିଥିଲେ। ରମଣୀ ରଜନ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମାଧବାନନ୍ଦ ବେଉରା, ବିଷ୍ଣୁ ଚରଣ ଦାସ, ବ୍ରଜ କିଶୋର ସିହ୍ନା, ମନୋଜ ବାରିକ, ସନ୍ତୋଷ ପାଢ଼ୀ ଓ କୃଷ୍ଣଚନ୍ଦ୍ର ମନ୍ତ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ଚକ୍ଷୁ ପରୀକ୍ଷା ଶିବିରରେ ଶ୍ରଦ୍ଧାଳୁମାନେ ଚକ୍ଷୁ ପରୀକ୍ଷା କରାଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଦିତ୍ୟ



@ ଆଶୁତୋଷ



@ ପିପୁ



@ ଶର୍ମିଷ୍ଠା



@ ଗୀତିକା

ସେଲଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାବ-ବିଚାର-ଅଭିବ୍ୟକ୍ତିର ସମ୍ମିଶ୍ରଣ ନୃତ୍ୟ



**ସ୍ୱଭାବ ହିଁ ସୌଭାଗ୍ୟର ଜନ୍ମଦାତା। ଆଧୁନିକତାର ବିକାଶ ଘଟିବା ସହ ମଣିଷର ଚିନ୍ତା ଆଉ ଚେତନା ବ୍ୟାପକ ହୋଇଛି। ତେବେ ଆମ ପରିଚୟ ହିଁ ଆମ ସଂସ୍କୃତି। ନିଜ ସଂସ୍କୃତିକୁ ପାସୋରିବା ଅର୍ଥ ଅବେଳରେ ନିଜର ସର୍ବନାଶ କରିବା ସହ ସମାନ। ନୃତ୍ୟର ପରିପାଟୀ ଏବଂ ପରିଭାଷା ବଦଳିଛି ସତ, ହେଲେ ଭାବ-ବିଚାର-ଅଭିବ୍ୟକ୍ତିର ସମ୍ମିଶ୍ରଣ ହିଁ ନୃତ୍ୟ; ଯାହା ଚିରନ୍ତନ ସତ୍ୟ। ରବିବାର କଟକ କଳାବିକାଶ କେନ୍ଦ୍ର ମହୋତ୍ସବରେ ଯୋଗଦେଇଥିବା ବିଶିଷ୍ଟ କଥକ ନୃତ୍ୟଶିଳ୍ପୀ ନଳିନୀ ଆସ୍ଥାନା ଏବଂ କମଳିନୀ ଆସ୍ଥାନା ସାକ୍ଷାତ୍‌କାରରେ ଏହା କହିଛନ୍ତି। ନଳିନୀ-କମଳିନୀ ହେଉଛନ୍ତି କଥକ ନୃତ୍ୟର ଦୁଇ ଚର୍ଚ୍ଚିତ ଭଗିନୀ।**

### କଟକରେ ବିଶିଷ୍ଟ କଥକ ନୃତ୍ୟଶିଳ୍ପୀ ନଳିନୀ ଓ କମଳିନୀ

***● ଧୀରେ ଧୀରେ ନୃତ୍ୟର ଧାରା ବଦଳୁଛି। ଏ ସମ୍ପର୍କରେ କ'ଣ କହିବେ?***

▶ କ୍ଷୀରରେ ପାଣି ମିଶାଇଲେ ରଙ୍ଗ ବଦଳି ନ ପାରେ, ହେଲେ କ୍ଷୀରର ପ୍ରକୃତ ତତ୍ତ୍ୱ ଆଉ ମିଳେନାହିଁ। ପାରମ୍ପରିକ ନୃତ୍ୟକୁ ନେଇ ଫ୍ୟୁଜନ କରାଯିବା ଅନୁଚିତ। ନୃତ୍ୟର ଧାରା ବଦଳୁଥିଲେ ମଧ୍ୟ ପାରମ୍ପରିକ ନୃତ୍ୟର ପରିଭାଷା ଏବେବି ଜୀବିତ ରହିଛି ବୋଲି ଆମେ ଆଶା କରୁଛୁ।

***● ଏକ ପ୍ରତିଷ୍ଠିତ ପରିବାରରୁ କଥକ ନୃତ୍ୟର ଯାତ୍ରା କିପରି ଥିଲା?***

▶ ଜେଜେ ପୋଲିସ କମିଶନର ଏବଂ ବାପା ଏୟାରଫୋର୍ସରେ ଚାକିରି କରୁଥିଲେ ମଧ୍ୟ ମା' ସଙ୍ଗୀତକାର ଥିଲେ। ଏଣୁ ଆମକୁ ନୃତ୍ୟ ଦିଗରେ ମା'ଙ୍କ ଠାରୁ ଅଧିକ ପ୍ରୋତ୍ସାହନ ଓ ପ୍ରେରଣା ମିଳିଥିଲା। ସମୟକ୍ରମେ ଗୁରୁଜୀ ଜିତେନ୍ଦ୍ର ମହାରାଜଙ୍କ ସହ ଭେଟ ହୋଇଥିଲା। ଆତ୍ମିକ ଏବଂ ଆଧ୍ୟାତ୍ମିକ ଶିକ୍ଷା ଗ୍ରହଣ କରି କଥକ ନୃତ୍ୟରେ ୫୦ବର୍ଷ ଅତିବାହିତ ହେଲାଣି।

***● ବନାରସ ଘରାନା ଶୈଳୀର ସ୍ୱତନ୍ତ୍ରତା କ'ଣ?***

▶ ମଧ୍ୟଯୁଗରେ ଭକ୍ତି ନୃତ୍ୟର ପ୍ରଥା ବଦଳିଥିଲା। ରାଜ ଦରବାରରେ ଭକ୍ତି ନୃତ୍ୟ ପରିବେଷିତ ହେବାକୁ ଲାଗିଥିଲା। ତେବେ ମୋଗଲ ଶାସନ ପୂର୍ବରୁ ବନାରସ ଘରାନା ନୃତ୍ୟର ଇତିହାସ ରହିଛି। ଏହି ନୃତ୍ୟରେ ଶୁଦ୍ଧତା ଓ ପୋଷାକ ପରିଧାନର ସ୍ୱତନ୍ତ୍ରତା ସ୍ପଷ୍ଟ ଭାବେ ଜଣାପଡ଼େ। ବନାରସ ଘରାନା ନୃତ୍ୟ ଶିକ୍ଷା ଗ୍ରହଣ କରିଥିବା ନୃତ୍ୟଶିଳ୍ପୀଙ୍କ ସଂଖ୍ୟା ଅନ୍ୟଠାରୁ କମ୍ ରହିଛି।

***● ଆଗାମୀ ପିଢ଼ିର ନୃତ୍ୟଶିଳ୍ପୀଙ୍କ ଉଦ୍ଦେଶ୍ୟରେ କ'ଣ ବାର୍ତ୍ତା ଦେବେ?***

▶ ନିଜର ସ୍ୱତନ୍ତ୍ରତା ବଜାୟ ରଖିବା ଆବଶ୍ୟକ। କାହାଠାରୁ ପ୍ରୋତ୍ସାହିତ ହୋଇ ନିଜ କଳାକୁ କ୍ଷୁଣ୍ଣ କରିବାକୁ ଦିଅନାହିଁ। ହୋଲିରେ ଦୀପ ଜଳେନି କି ଦିୱାଲିରେ ରଙ୍ଗ ବୋଳା ହୁଏନି। ରଙ୍ଗର ବି ନିଜସ୍ୱ ପରିଚୟ ରହିଛି। କଳାର ବି ନିଜସ୍ୱ ପରିଚୟ ଅଛି। ଏଣୁ ଶୃଙ୍ଖଳା ରକ୍ଷାକରି ନିଜ କଳାକୁ ସମ୍ମାନ ଜଣାନ୍ତୁ।

▶ (ସାକ୍ଷାତ୍‌କାର-କୁମାରଶ୍ରୀ)

# ଶେଷ ପର୍ଯ୍ୟାୟରେ ବ୍ରହ୍ମପୁର ଗାଁ ବାରୁଣୀ ଯାତ୍ରା ପ୍ରସ୍ତୁତି

ଖୁଣ୍ଟୁଣୀ,୧୫।୩(ସଚ୍ଚିଦାନନ୍ଦ ପଣ୍ଡା)

### ଯାତ୍ରା ବନ୍ଦ ଚକ୍ରାନ୍ତ ହେଲା ପଣ୍ଡ

ଆଠଗଡ଼ ବ୍ଲକ ତଥା ଖୁଣ୍ଟୁଣୀ ଥାନା ଅଧୀନ ବ୍ରହ୍ମପୁର ଗ୍ରାମର ରାଜରାଜୁଡ଼ା ଅମଳରୁ ହୋଇଆସୁଥିବା ଐତିହାସିକ ବାରୁଣୀଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୭ ତାରିଖରେ ବାରୁଣୀଯାତ୍ରା ଓ ବୁଡ଼। ଏହି ଯାତ୍ରା ଆଠଗଡ଼ ସବ୍‌ଡିଭିଜନର ସବୁଠାରୁ ବଡ଼ ଯାତ୍ରା। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ ୫ଦିନ ଧରି ଖୋଲିବ। ମହାନଦୀର ବ୍ରହ୍ମପୁରଠାରେ ମଙ୍ଗଳବାର ସକାଳ ୯ଟା ୪୧ରେ ମାହେନ୍ଦ୍ର ବେଳାରେ ମହାବାରୁଣୀ ବୁଡ଼ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଅନ୍ୟପକ୍ଷରେ ଏକ କୁଚକ୍ରୀ ଗୋଷ୍ଠୀ ଏହି ଯାତ୍ରା ବନ୍ଦ କରିଦେବାକୁ ଚଳାଇଥିବା ଚକ୍ରାନ୍ତକୁ ଆଠଗଡ଼ ଭାଜପା ନେତା ଅଭୟ କୁମାର ବାରିକ ପଣ୍ଡ କରିଛନ୍ତି। ଏନେଇ ବ୍ରହ୍ମପୁର ଗ୍ରାମବାସୀଙ୍କ ପକ୍ଷରୁ ଅଭୟଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଆସି ଏଠାରେ ବୁଡ଼ ପକାଇବେ। ସୋମବାର ସନ୍ଧ୍ୟାରୁ ବୁଡ଼ ପକାଇବାକୁ ୨୨ଟି ଗ୍ରାମରୁ ଶ୍ରୀଧବଳେଶ୍ୱର, ସପନେଶ୍ୱର, ରାମେଶ୍ୱର, ବୃନ୍ଦାବନଚନ୍ଦ୍ର ଦେବ, ଗୋପାଳଜୀଉ ଆଦି ଠାକୁର ବିମାନରୂଢ଼ା ହୋଇ ଶୋଭାଯାତ୍ରାରେ ଆସି କଖଡ଼ି ପାଲାତୋଟା ପଡିଆରେ ଏକତ୍ରିତ ହେବେ। ସେଠାରେ ହରିହର ଭେଟ ହୋଇ ସାରା ରାତି ରହିବା ପରେ ବ୍ରହ୍ମପୁରରୁ ବଡ଼ଭାଇ ବାବା ସର୍ପେଶ୍ୱର ମଙ୍ଗଳବାର ଭୋରରେ ବିରାଟ ରୋଶଣିରେ ଆସି ପାଲାତୋଟାରୁ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରି ପୁଣି ବ୍ରହ୍ମପୁର ବାରୁଣୀ ପଡ଼ିଆକୁ ଫେରିଆସିବେ ବୋଲି ବ୍ରହ୍ମପୁର ଗ୍ରାମ କମିଟି ସଭାପତି ଲକ୍ଷ୍ମୀଧର ସାମନ୍ତରାୟ ଓ ସମ୍ପାଦକ କୈଳାସ ଚନ୍ଦ୍ର ସାହୁ କହିଛନ୍ତି। ସକାଳ ୯ଟା ୪୧ରେ ପୂଜା ମଣ୍ଡପରେ ପୂଜାର୍ଚ୍ଚନା ସାରି ସମସ୍ତ ଠାକୁରଙ୍କୁ ପୂଜକମାନେ ମହାନଦୀ ଗର୍ଭକୁ ନେଇ ବୁଡ଼ ପକାଇବା ପରେ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବେ ବୋଲି କାର୍ଯ୍ୟସୂଚୀ ସ୍ଥିର କରାଯାଇଛି। ଖୁଣ୍ଟୁଣୀ ଆଇଆଇସି ଜହର ଆବେଦିନ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଆଠଗଡ଼ ପ୍ରଶାସନ ସମେତ ସମସ୍ତ ଅଞ୍ଚଳବାସୀ ସହଯୋଗ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ଗ୍ରାମ କମିଟି ମୁରବି ଉମାକାନ୍ତ ସ୍ୱାଇଁ, ଧୋବି ବିଶ୍ୱାଳ ଏବଂ ବଂଶୀଧର ସ୍ୱାଇଁ ପ୍ରମୁଖ ସୂଚନା ଦେଇଛନ୍ତି।



ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଓଡ଼ିଆ ଗବେଷଣା ପରିଷଦର ୪୬ତମ ବାର୍ଷିକ ଉତ୍ସବରେ ନିଖିଳ ମୋହନ ପଟ୍ଟନାୟକଙ୍କୁ କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ସମ୍ମାନ ଏବଂ ଦୁର୍ଯ୍ୟୋଧନ ଦାସଙ୍କୁ କୃଷ୍ଣଚନ୍ଦ୍ର କାବ୍ୟ ପୁରୁଷ ସମ୍ମାନରେ ସମ୍ମାନିତ କରାଯାଉଛି। (ଫଟୋ- ରାଜକିଶୋର ମହାନ୍ତି)

# ୨୮ରୁ ଦୁଇଦିନିଆ ବିରାଟ ମହୋତ୍ସବ

ଚୌଦ୍ୱାର,୧୫।୩(ଆଶୁତୋଷ ଦାସ)

ଚୌଦ୍ୱାରରେ ଏକ ମହୋତ୍ସବ ଆୟୋଜନ ପାଇଁ ମୁଣ୍ଡମାଳ ଛକସ୍ଥିତ ତାରିଣୀ ମଣ୍ଡପରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀକାନ୍ତ ପାକଳ ଅଧ୍ୟକ୍ଷତା କରିଥିବାବେଳେ ବହୁ ବ୍ୟକ୍ତିବିଶେଷ ଓ ଯୁବବର୍ଗ ଯୋଗଦେଇ ଆୟୋଜିତ ହେବାକୁଥିବା ମହୋତ୍ସବକୁ 'ବିରାଟ ମହୋତ୍ସବ' ନାମରେ ନାମିତ କରିବା ପାଇଁ ସ୍ଥିର କରିଥିଲେ। ମାର୍ଚ୍ଚ ୨୮ ଓ ୨୯ ତାରିଖ ଦୁଇଦିନ ଧରି ସ୍ଥାନୀୟ କପାଳେଶ୍ୱର ପଡ଼ିଆରେ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଏକ ମହୋତ୍ସବ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇ ସଦସ୍ୟ ଚୟନ କରାଯାଇଥିଲା। କମିଟିରେ ସୁବାସ ଚନ୍ଦ୍ର ଦଳାଇ, ସୁରେଶ ରାଉତରାୟ ଓ ମାନସ ଖୁଣ୍ଟିଆଙ୍କୁ ଯଥାକ୍ରମେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ଚୟନ କରାଯିବା ସହ କମିଟିର ଅନ୍ୟ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ଉପଦେଷ୍ଟା କମିଟି, ଅର୍ଥ ସଂଗ୍ରହ କମିଟି ଏବଂ ଅଭ୍ୟର୍ଥନା କମିଟି ପାଇଁ ମଧ୍ୟ ସଦସ୍ୟ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ଶରତ ଖୁଣ୍ଟିଆ, ଦିଲୀପ ଛତାର, ନାରାୟଣ ସ୍ୱାଇଁ, ବିଶ୍ୱକଲ୍ୟାଣ ଦାସ, ବିଶ୍ୱରଞ୍ଜନ କର, ମନୋରଞ୍ଜନ ସାହୁ, ସୁରେଶ ପୃଷ୍ଟି, ଅଶୋକ ମହାନ୍ତି, ଅଂଶୁମାନ ମହାପାତ୍ର, ଜୟ ସିଂ, ପ୍ରତାପ ଜେନା, ଲକ୍ଷ୍ମୀଧର ଖୁଣ୍ଟିଆ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ମହୋତ୍ସବକୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯିବା ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଶିକ୍ଷାନୁଷ୍ଠାନରେ ରାଷ୍ଟ୍ରୀୟ ନବବର୍ଷ ପାଳନ ପାଇଁ ସରକାର ନିର୍ଦ୍ଦେଶ ଦିଅନ୍ତୁ

କଟକ,୧୫।୩(କାର୍ତ୍ତିକ ସାହୁ)

### ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରିବା ପାଇଁ ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ଦାବି କରାଯାଇଛି। ମହାସଂଘର ଜାତୀୟ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡ. ନାରାୟଣ ମହାନ୍ତି ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଖକୁ ଏକ ପତ୍ର ଲେଖି ଦାବି ଉପସ୍ଥାପନ କରିଛନ୍ତି। ଉକ୍ତ ପତ୍ରରେ ସେ ଲେଖିଛନ୍ତି ଯେ, ଜାନୁଆରୀ ୧ ଆମର ନିଜସ୍ୱ ନୂଆବର୍ଷ ନୁହେଁ। ଇଂରେଜମାନେ ଏହି ଦିନକୁ ନବବର୍ଷ ଭାବେ ଆମ ଉପରେ ଲଦିଦେଇଛନ୍ତି। ଚୈତ୍ର ଶୁକ୍ଳ ପ୍ରତିପଦା ବା ବର୍ଷ ପ୍ରତିପଦା ହିଁ ଆମ ନିଜର ନୂଆବର୍ଷ ଅଟେ। ଆମର ପରମ୍ପରା ଅନୁସାରେ, ଚୈତ୍ର ଶୁକ୍ଳ ପ୍ରତିପଦା ସୃଷ୍ଟିର ପ୍ରଥମ ଦିବସ ହୋଇଥିବାରୁ ଆମେ ଏହାକୁ ନବବର୍ଷର ମାନ୍ୟତା ଦେଇଥାଉ। ଆମ ପାଇଁ ଏହି ଦିନର ପ୍ରାକୃତିକ, ଐତିହାସିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ରହିଛି। ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଚୈତ୍ରମାସ ଶୁକ୍ଳପକ୍ଷର ପ୍ରଥମ ଦିନକୁ ରାଷ୍ଟ୍ରୀୟ ନବବର୍ଷ ରୂପେ ପାଳନ କରାଗଲେ ଛାତ୍ରୀଛାତ୍ରମାନେ ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧରେ ଜ୍ଞାତ ହେବା ସଙ୍ଗେସଙ୍ଗେ ସେମାନଙ୍କ ମନରେ ରାଷ୍ଟ୍ରପ୍ରେମ ଜାଗ୍ରତ ହୋଇପାରିବ ବୋଲି ଡ. ମହାନ୍ତି ଚିଠିରେ ଉଲ୍ଲେଖ କରିଛନ୍ତି।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ 'ଆପ୍‌ମ୍ରୋ'ର ୩ୟ ରାଜ୍ୟ ସମ୍ମିଳନୀ

କଟକ,୧୫।୩(କାର୍ତ୍ତିକ ସାହୁ)

'ଆସୋସିଏଶନ ଅଫ୍ ଫିଜିକାଲ ମେଡିସନ ଆଣ୍ଡ ରିହାବିଲିଟେଶନ ଅଫ ଓଡ଼ିଶା' (ଆପ୍‌ମ୍ରୋ)ର ତୃତୀୟ ବାର୍ଷିକ ସମ୍ମିଳନୀ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ତଥା ଦେଶର ବିଭିନ୍ନ ମେଡିକାଲ କଲେଜର ବିଶେଷଜ୍ଞ ଡାକ୍ତର, ଶିକ୍ଷାବିତ୍, ଗବେଷକ ଏବଂ ଛାତ୍ରୀଛାତ୍ର ଯୋଗଦେଇ ଶାରୀରିକ ଚିକିତ୍ସା ଓ ପୁନର୍ବାସ କ୍ଷେତ୍ରରେ ହୋଇଥିବା ଅଧୁନାତନ ସଫଳତା ଓ ଗବେଷଣାର ଅଗ୍ରଗତି ପ୍ରସଙ୍ଗରେ ମତ ବିନିମୟ କରିଥିଲେ। ବିଶେଷକରି ପ୍ରଯୁକ୍ତି ବିଦ୍ୟା, ସୁଲଭତା ଓ ଶ୍ରେଷ୍ଠତା ମଧ୍ୟରେ ସମନ୍ୱୟ, କମ୍ପ୍ୟୁଟର ବ୍ୟବହାରଜନିତ ସମସ୍ୟା ଓ ଏହାର ନିରାକରଣ, ପ୍ରେସର ଅଲ୍‌ସର, ଚିକିତ୍ସା, ବୟସ୍କଙ୍କ କଟି ଯନ୍ତ୍ରଣା, ଏବଂ ମଧୁମେହ ରୋଗୀଙ୍କ ସ୍ନାୟୁ ସମସ୍ୟା, ନୂତନ କୃତ୍ରିମ ଅଙ୍ଗ ଉଦ୍‌ଭାବନ ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମ୍ମିଳନୀକୁ ଉଦ୍‌ଘାଟନ କରି ସମ୍ମିଳନୀର ନିଷ୍କର୍ଷ ଡାକ୍ତରୀ ଛାତ୍ରୀଛାତ୍ର ଓ ଗବେଷକଙ୍କୁ ମାର୍ଗଦର୍ଶନରେ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ରାଜ୍ୟ ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଡା. ଅନୀଲ କୁମାର ସାହୁ, ଏମ୍ସ ପାଟ୍‌ନାର ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସଞ୍ଜୟ ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶାରୀରିକ ଚିକିତ୍ସା କ୍ଷେତ୍ରରେ ନବସୃଜନ, ଏକତ୍ରୀକରଣ, ଏବଂ ପୁନର୍ବାସ ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରଫେସର ଡା. ସଞ୍ଜୟ କୁମାର ଦାସ, ପ୍ରଫେସର ଡା. ପବିତ୍ର କୁମାର ସାହୁ, ପ୍ରଫେସର ଡା. ଜଗନ୍ନାଥ ସାହୁ, ଡା. ଅଭିଷେକ ସାନ୍ୟାଲ, ଡା. ପ୍ରମୋଦ କୁମାର ପରିଡ଼ ଡା. ପାମ୍ପା ଦେ, ଡା. ଦୁର୍ଗା ପ୍ରସାଦ ମିଶ୍ର, ଜ୍ୟୋତି ରଞ୍ଜନ ସାହୁ ପ୍ରମୁଖ ଆଲୋଚନା କରିଥିଲେ। ଡା.ସୁସ୍ମିତା ଚକ୍ରବର୍ତ୍ତୀ ଏବଂ ଡା. ଶ୍ରୁତି ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାଙ୍ଗଠନିକ ସମ୍ପାଦକ ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ଡ୍ରିମ୍‌ସ ସ୍କୁଲ ଅଫ୍ ଆଲାଏଡ୍ ଓ ହେଲ୍‌ଥ କେୟାର ସାଇନ୍ସ ସହଯୋଗରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା।




ସମ୍ମିଳନୀରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

ବାହାନଗା, ୧୫।୩(ଅରୂପ କୁମାର ଦାସ )

ବାଲେଶ୍ୱର ଜିଲା ବାହାନଗା ବ୍ଲକ୍ ବରିପଦା ଗ୍ରାମପଞ୍ଚାୟତର ୫ନଂ. ୱାର୍ଡ ମହାରୁଦ୍ରପୁର ଗ୍ରାମରେ ସନ୍ଦେହ ଯୋଗୁ ଏକ ଖୁସିର ସଂସାର ଉଜୁଡ଼ିଯାଇଛି। ନୃଶଂସ ସ୍ୱାମୀ ତଣ୍ଟି ଚିପି ସ୍ତ୍ରୀଙ୍କୁ ହତ୍ୟାକରିବା ପରେ ନିଜେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଉକ୍ତ ଦମ୍ପତିଙ୍କର ଏକ ୨ ବର୍ଷର କନ୍ୟା ସନ୍ତାନ ଅନାଥ ହୋଇଯାଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ମହାରୁଦ୍ରପୁର ଗ୍ରାମର ଦିବାକର ମାଝୀଙ୍କ ପୁଅ ପରେଶ(୨୨) ୪ବର୍ଷତଳେ ବାସୁଦେବପୁର ଥାନା ନୂଆଗାଁ ଗ୍ରାମର ଗୟାଧର ପରିଡ଼ାଙ୍କ ସାନ ଝିଅ ରଶ୍ମିରେଖା(୨୧)ଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କର ୨ ବର୍ଷର କନ୍ୟାସନ୍ତାନ ରହିଛି। ମାତ୍ର ରଶ୍ମିରେଖାଙ୍କ ଚରିତ୍ରକୁ ପରେଶ ସନ୍ଦେହକରି ଆସୁଥିବାରୁ


ପରେଶ ମାଝୀ ଓ ତାଙ୍କ ସ୍ତ୍ରୀ ରଶ୍ମିରେଖା।

ଅଧିକାଂଶ ସମୟ ଉଭୟଙ୍କ ମଧ୍ୟରେ କଳହ ଲାଗୁଥିବା ପାଖ ପଡ଼ୋଶୀ କହିଛନ୍ତି। ଏନେଇ ଭଦ୍ରଲୋକଙ୍କ ଦ୍ୱାରା ଅନେକ ଥର ସମସ୍ୟାର ସମାଧାନ ମଧ୍ୟ ହୋଇଥିଲା। ଶନିବାର ରାତିରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ପରେଶ ତଣ୍ଟି ଚିପି ରଶ୍ମିରେଖାଙ୍କୁ ହତ୍ୟାକରିବା ପରେ ଘର ପଛପଟେ ଥିବା ଏକ ଆମ୍ବଗଛ ଡାଳରେ ବେକରେ ରଶି ଲଗାଇ ଝୁଲିପଡ଼ିଥିଲେ। ପରେଶଙ୍କ ବାପା ଦିବାକର ରାତିରେ ସମୁଦ୍ରରୁ ମାଛ ମାରି ଘରକୁ ଫେରିଥିଲେ। ଛୋଟ ଝିଅଟି କାନ୍ଦିଥିବାରୁ ସେ ଘର ଭିତରକୁ ଯାଇ ତାଙ୍କ ବୋହୂ ତଳେ ମରି ପଡ଼ିଥିବା ଦେଖିଥିଲେ। ପରେ ପୁଅକୁ ଖୋଜାଖୋଜି କରିବାରୁ ଘର ପଛ ପଟେ ତାଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ଖବରପାଇ ଗୋପାଳପୁର ପୋଲିସ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

# ମେ’ ଫେୟାର ହୋଟେଲ ଆଗରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର, ୧୫।୩(ତ୍ରିନାଥ ମହାନ୍ତି)

**ମ୍ୟାନେଜରଙ୍କ ନାଁରେ ନିର୍ଯାତନା ମାମଲା, ଚୁପ୍ ବସିଥିଲା ପୋଲିସ**

- ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି
- ହୋଟେଲ ଆଗରେ ଅହୋରାତ୍ର ଧାରଣାରେ ମହିଳା ସଙ୍ଗଠନ

ମେ’ ଫେୟାର ହୋଟେଲରେ କାମ କରୁଥିବା ଆସାମର ଜଣେ ମହିଳା ସୁଚିତ୍ରା ରାୟ ମ୍ୟାନେଜରଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଥିଲେ। ମୈତ୍ରୀବିହାର ପୋଲିସ ହୋଟେଲ ମ୍ୟାନେଜର ସଞ୍ଜୀବ ପଟ୍ଟନାୟକଙ୍କ ନାମରେ ମାମଲା ରୁଜୁ କରି ଚୁପ୍ ବସିବାରୁ ନ୍ୟାୟ ନ ପାଇ ପୀଡିତା ଜଣକ ହୋଟେଲ ଆଗରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ସେ ରବିବାର ସନ୍ଧ୍ୟାରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ସେ ହୁତୁହୁତୁ ହୋଇ ଜଳୁଥିବାବେଳେ ସେଠାରେ ଥିବା ସୁରକ୍ଷା କର୍ମୀ ନିଆଁ ଲିଭାଇବା ସହ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ଶରୀରର ୪୦ ପ୍ରତିଶତ ପୋଡ଼ି ଯାଇଥିବା ଡାକ୍ତର କହିଛନ୍ତି। ସେପଟେ ମହିଳାଙ୍କୁ ନ୍ୟାୟ ଦେବା ପାଇଁ ମହିଳା ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛି। ସାମାଜିକ କର୍ମୀମାନେ ହୋଟେଲ ଆଗରେ ଅହୋରାତ୍ର ଧାରଣାରେ ବସିଛନ୍ତି। ପୋଲିସ ସେମାନଙ୍କୁ ଜବରଦସ୍ତ ଉଠାଇବା ପାଇଁ ଚାପ ପକାଉଥିବା ମହିଳା ସଂଗଠନର କର୍ମକର୍ତ୍ତା କହିଛନ୍ତି। ଅଭିଯୋଗ ଅନୁସାରେ, ମେ’ ଫେୟାର ହୋଟେଲରେ ୪ବର୍ଷ ହେବ ସୁଚିତ୍ରା ରିସେପ୍ସନିଷ୍ଟ ଭାବେ କାମ କରୁଥିଲେ। ହୋଟେଲର ମ୍ୟାନେଜର ସଞ୍ଜୀବ ତାଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନା ଦେଉଥିଲେ। ଏପରିକି ତାଙ୍କ ସହ ଓୟୋ ଯିବାକୁ କହିବା ସହ ନିଜ କାମ କରିବାକୁ ବାଧ୍ୟ କରୁଥିଲେ। ସେ ଏହାକୁ ବିରୋଧ କରୁଥିବାରୁ ବିଭିନ୍ନ ବାହାନାରେ ବାରମ୍ବାର ଗାଳିଗୁଲଜ ଓ ଦୁର୍ବ୍ୟବହାର କରୁଥିଲେ। ଛୁଟି ଦେଉ ନ ଥିଲେ। ଶେଷରେ ବରିଷ୍ଠ କର୍ମଚାରୀଙ୍କ ନାମରେ ଗପିବା ବାହାନାରେ ତାଙ୍କୁ ଚାକିରିରୁ ବାହାର କରି ଦେଇଥିଲେ। ଫଳରେ ସେ ଏକପ୍ରକାର ମାନସିକ ଭାରସାମ୍ୟ ହରାଇ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୋଲିସର ଆଭିମୁଖ୍ୟ ତାଙ୍କୁ ଆତ୍ମାହୁତି ପାଇଁ ବାଧ୍ୟ କରିଥିଲା ବୋଲି ଧାରଣାରେ ବସିଥିବା ମହିଳା ସାମାଜିକ କର୍ମୀମାନେ କହିଛନ୍ତି।

# ଗୋଟିଏ ମଦ ପାଉଚ୍ ପାଇଁ ନେଇଗଲେ ସାଙ୍ଗଙ୍କ ଜୀବନ

**ରିନବଚନ ହତ୍ୟାକାଣ୍ଡର ପର୍ଦ୍ଦାଫାଶ**

- ଅଭିଯୁକ୍ତ ଦୁର୍ଗାପ୍ରସାଦ ଗିରଫ
- ହତ୍ୟାରେ ବ୍ୟବହୃତ କାଠଫାଳିଆ ଜବତ


ଦୀପକ ନାଏକ


ଅଭିଯୁକ୍ତ ଦୁର୍ଗାପ୍ରସାଦ ବେହେରା

ବଲାଙ୍ଗୀର, ୧୫।୩
(ବୀରେନ୍ଦ୍ର କୁମାର ଝାଙ୍କର)

ନିଶା କେତେ ମାରାତ୍ମକ ହୋଇପାରେ ତାହା ପୁଣି ପ୍ରମାଣିତ ହୋଇଛି। ଗୋଟିଏ ମାତ୍ର ମଦ ପାଉଚ୍ ପାଇଁ ନିଜ ସାଙ୍ଗଙ୍କୁ ପିଟି ହତ୍ୟା କରିଛନ୍ତି ଅନ୍ୟ ଜଣେ ସାଙ୍ଗ। ବଲାଙ୍ଗୀର ସଦର ଥାନା ଅଧୀନ ରିନବଚନ ଗାଁର ଦୀପକ ନାଏକ (୨୫) ହତ୍ୟା ଘଟଣାର ପର୍ଦ୍ଦାଫାଶକରି ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ଏହି ସୂଚନା ଦେଇଛନ୍ତି। ରବିବାର ସଦର ଥାନାରେ ଖବରଦାତା ସମ୍ମିଳନୀକରି ଏହି ହତ୍ୟାକାଣ୍ଡ ପଛରେ ମଦ ନିଶା ଓ ଗଣ୍ଡଗୋଳ ଦାୟୀ ବୋଲି ସେ କହିଛନ୍ତି। ଏହି ମାମଲାରେ ପୋଲିସ ରିନବଚନ ଗାଁର ଇଲୁ ଓରଫ ଦୁର୍ଗା ପ୍ରସାଦ ବେହେରା (୩୪)ଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।

ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଉପାଧ୍ୟାୟ କହିଛନ୍ତି, ଦୀପକ ଏବଂ ଅଭିଯୁକ୍ତ ଦୁର୍ଗାପ୍ରସାଦ ଉଭୟେ ରିନବଚନ ଗାଁର ହୋଇଥିବା ବେଳେ ୨ଜଣ ଯାକ ସାଙ୍ଗ। ଦୁହେଁ ନିକଟସ୍ଥ ଏକ ଏଫ୍‌ସିଆଇ ଗୋଦାମରେ କାମ କରୁଥିଲେ। ଗତ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଦୁର୍ଗାପ୍ରସାଦ ଘରକୁ ଆସି ଦୀପକଙ୍କୁ କୁଆଡ଼େ ଡାକି ନେଇଥିଲେ। ରାତି ୯ଟା ପର୍ଯ୍ୟନ୍ତ ନ ଫେରିବାରୁ ସାନଭାଇ ହେମସାଗର ଓ ପରିବାର ଲୋକେ ଦୀପକଙ୍କୁ ଖୋଜାଖୋଜି କରିଥିଲେ। ଏତିକି ବେଳେ ଗାଁ ଉପକଣ୍ଠ ମନ୍ଦିର ପାଖ ଏକ ଚାଷଜମିରେ ଦୀପକଙ୍କୁ ଦୁର୍ଗାପ୍ରସାଦ ଏକ କାଠଫାଳିଆରେ ପିଟୁଥିବା ଦେଖି ସେମାନେ ଚିତ୍କାର କରିଥିଲେ। ଫଳରେ ସେଠାରୁ ଦୁର୍ଗାପ୍ରସାଦ ଫେରାର ହୋଇଯାଇଥିଲେ। ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୀପକଙ୍କୁ ଉଦ୍ଧାରକରି ପରିବାର ଲୋକେ ବଲାଙ୍ଗୀର ସ୍ଥିତ ଭୀମ ଭୋଇ ମେଡିକାଲ ହସ୍ପିଟାଲ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଦୀପକଙ୍କ ଭାଇ ହେମସାଗର ସଦର ଥାନାରେ ଅଭିଯୋଗ କରିଥିଲେ। ସଦର ଥାନା ପୋଲିସ ଏକ ମାମଲା (ନଂ. ୯୫/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପ୍ରଥମେ ଗାଁର ୫ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ତଦନ୍ତ ବେଳେ ସେଦିନ ସନ୍ଧ୍ୟାରେ ଦୀପକ, ଦୁର୍ଗାପ୍ରସାଦ ଏବଂ ଅନ୍ୟ ଜଣେ ଯୁବକ ଗାଁ ମନ୍ଦିର ପାଖ ଜମିରେ ବସି ମଦ ପିଉଥିଲେ। ସେହି ୩ ସାଙ୍ଗ କୁଆଡ଼େ ୪ଟି ମଦ ପାଉଚ ନେଇଥିଲେ। ୩ ବନ୍ଧୁ ଗୋଟିଏ ଲେଖାଏ ମଦ ପାଉଚ୍ ପିଇବା ପରେ ଗୋଟିଏ ପାଉଚ୍ ବଳି ପଡ଼ିଥିଲା। ବଳକା ମଦ ପାଉଚ୍‌କୁ ୩ ସାଙ୍ଗ ମିଶିକରି ପିଇବା ବୋଲି ଦୁର୍ଗାପ୍ରସାଦ କହିଥିଲେ। ତେବେ ଏହାକୁ ଦୀପକ ବିରୋଧ କରିଥିଲେ। ଏପରି କି ବଳକା ମଦ ପାଉଚ୍‌କୁ ଦୀପକ ଘରକୁ ନେବାକୁ କୁଆଡ଼େ ଜିଦ୍ ଧରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ମାରପିଟ ଆରମ୍ଭ ହୋଇଥିଲା। ଦୀପକ କୁଆଡ଼େ ପ୍ରଥମେ ଦୁର୍ଗାଙ୍କୁ ପିଟି ଥିଲେ। ମାଡ଼ ଖାଇବା ପରେ ଦୁର୍ଗାପ୍ରସାଦ ସେଠାରୁ ଘରକୁ ଯାଇ କିଛି ସମୟ ପରେ ଏକ କାଠଫାଳିଆ ଧରି ଫେରିଥିଲେ। ଏତିକି ବେଳେ ଦୀପକ ଚାଷଜମିରେ ମଦ ନିଶାରେ ଚିତ୍ ହୋଇ ଶୋଇପଡ଼ିଥିଲେ। ଉତ୍ତ୍ୟକ୍ତ ଦୁର୍ଗାପ୍ରସାଦ କାଠଫାଳିଆରେ ଦୀପକଙ୍କୁ ବାରମ୍ବାର ପିଟି ଚାଲିଥିଲେ। ଫଳରେ ତାଙ୍କ ମୁହଁ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆକୁ ପୋଲିସ ଜବତ କରିଛି। ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ବେଳେ ସଦର ଥାନା ଆଇଆଇସି ରାଜକୁମାର ବିଶ୍ୱାଳ ଉକ୍ତ ଘଟଣାର ତଦନ୍ତ କରୁଛନ୍ତି।

# ୬ଷ୍ଠଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ: ଶିକ୍ଷକ ଗିରଫ

କଣ୍ଟାପଡ଼ା, ୧୫।୩(ସୁରନାରାୟଣ ସାହୁ)

କଟକ ଜିଲା କଣ୍ଟାପଡ଼ା ବ୍ଲକ୍ ଅଞ୍ଚଳର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ୬ଷ୍ଠଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ରବିବାର ଗିରଫକରି କୋର୍ଟଚାଲାଣ କରିଛି। ଗିରଫ ଶିକ୍ଷକ ହେଲେ ଜ୍ୟୋତିରଞ୍ଜନ ଭୋଇ(୫୧)। ପୋଲିସ ପୋକ୍ସୋ ଆକ୍ଟ ଅନୁଯାୟୀ ଏକ କେସ୍ (ନଂ. ୬୫/୨୬) ରୁଜୁକରି ଘଟଣା ସମ୍ପର୍କରେ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଶନିବାର ସକାଳୁଆ ସ୍କୁଲ ଥିଲା। ଖାଇବା ଛୁଟି ସମୟରେ ଶିକ୍ଷକ ଜଣଙ୍କ ସମ୍ପୃକ୍ତା ଛାତ୍ରୀଙ୍କୁ ଏକୁଟିଆ ଡାକି ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଚତୁରତାର ସହ ସମ୍ପୃକ୍ତ ଶିକ୍ଷକଙ୍କ ମୋବାଇଲରୁ ତାଙ୍କ ପରିବାର ଲୋକଙ୍କୁ ଫୋନକରି ଘଟଣା ବିଷୟରେ ଜଣାଇଥିଲେ। ପରିବାର ଲୋକ ଓ ଗ୍ରାମବାସୀ ସ୍କୁଲରେ ପହଞ୍ଚି ଅଭିଯୁକ୍ତ ଶିକ୍ଷକଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଗୋବିନ୍ଦପୁର ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଥାନାକୁ ଆଣି ପଚରାଉଚରା କରିବାପରେ ଘଟଣାଟି ସତ ବୋଲି ତଦନ୍ତବେଳେ ଜଣାପଡ଼ିଥିଲା।

# ୪୦ ଲକ୍ଷ ଟଙ୍କାର ସୁନାରୁପା ଅଳଙ୍କାର, ନଗଦ ୩ ଲକ୍ଷ ଚୋରି

ରାଜନଗର, ୧୫।୩
(ଭାସ୍କର ରାଉତରାୟ)

ରାଜନଗର ଥାନା ଅଞ୍ଚଳରେ ଏକ ଘରେ କେହି ନ ଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଶନିବାର କବାଟ ତାଡ଼ି, ଗଡ୍‌ରେଜ ଭାଙ୍ଗି ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଅଳଙ୍କାର ସହିତ ନଗଦ ୩ ଲକ୍ଷ ଟଙ୍କା ଚୋରି କରି ନେଇଛନ୍ତି। ରାଜନଗର ଥାନା ଅନ୍ତର୍ଗତ ଘଡ଼ିଆମାଳ ପଞ୍ଚାୟତ ପଞ୍ଚୁପଲ୍ଲୀ ଗାଁରେ ଶନିବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ଗାଁର ନୀଳମଣି ବାରିକ ଚିଙ୍ଗୁଡିଘେରିରେ ଥିବା ବେଳେ ତାଙ୍କ ପୁଅ ବନ୍ଧୁଘରକୁ ଯାଇଥିଲେ। ସ୍ତ୍ରୀ ସସ୍ମିତା ବାରିକ ଘରେ ତାଲା ପକାଇ ସନ୍ଧ୍ୟା ୬ଟା ବେଳେ ଗାଁ ଛକରେ ଥିବା ଗ୍ରୋସରି ଦୋକାନରେ ଥିଲେ। ରାତି ୮ଟା ୧୦ରେ ଘରେ ପହଞ୍ଚିବା ବେଳକୁ ଘର କବାଟ ତଡ଼ା ହୋଇଥିବା ଦେଖିଥିଲେ। ଘରେ ୨ଟି କବାଟ ତଡ଼ା ହେବା ସହ ୨ଟି ଗଡ୍‌ରେଜ, ବାକ୍ସ ତାଡ଼ି ନଗଦ ୩ ଲକ୍ଷ ଟଙ୍କା ସହ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର, ସୁନା ବିସ୍କୁଟ ଆଦି କେହି ନେଇଯାଇଛନ୍ତି। ସସ୍ମିତାଙ୍କ ଅଭିଯୋଗ ଅନୁଯାୟୀ ଚିଙ୍ଗୁଡିଘେରି ପାଇଁ ଡିଜେଲ କିଣିବାକୁ ତାଙ୍କ ସ୍ୱାମୀ ବ୍ୟାଙ୍କରୁ ଉଠାଇ ରଖିଥିବା ନଗଦ ୩ ଲକ୍ଷ ଟଙ୍କା ସହିତ ତାଙ୍କର ସୁନା ହାର ୨ଟି, ଚେନ୍ ଗୋଟିଏ, ମୁଦି ୮ଟି, କାନଫୁଲ ଦୁଇହଳ, ସୁନା ବିସ୍କୁଟ ଗୋଟିଏ, ସୁନା ନୋଳି ୨ ହଳ, ସୁନା ରିଙ୍ଗ ଗୋଟିଏ ହଳ, ରୁପା ୧ କିଲୋ, ତାଙ୍କ ଯାଆଙ୍କର ସୁନାଚେନ ୩ଟି, କାନଫୁଲ ୫ ହଳ, ମୁଦି ୬ଟା, ହାର ଗୋଟିଏ, ସୁନା ବିସ୍କୁଟ ଗୋଟିଏ, ରୁପା ପାଉଁଜି ୨ ହଳ, ତାଙ୍କ ଶାଶୁଙ୍କର ସୁନା କାନଫୁଲ ୨ ହଳକୁ ଲୁଟି ନେଇଛନ୍ତି। ସେହି ଗାଁର ଜଣେ ଯୁବକଙ୍କ ସହିତ ଜୁନଗଡ଼ିର ଜଣେ ଯୁବକ, ଅଜଗରପାଟିଆ ଗାଁର ଜଣେ ଯୁବକ ଓ ବଳଭଦ୍ରପୁର ଗାଁର ୨ଜଣ ଯୁବକ ଏହି ଚୋରି କରିଥିବା ଅଭିଯୋଗକାରୀ ଏତଲାରେ ଦର୍ଶାଇଛନ୍ତି। ଖବରପାଇ ପୋଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯିବ ବୋଲି ଜଣାପଡିଛି। ରିପୋର୍ଟ ଲେଖାହେବା ଯାଏ ସନ୍ଧାନୀ କୁକୁର ପହଞ୍ଚି ନାହିଁ। ପୋଲିସ ଏହି ଘଟଣାରେ ବଳଭଦ୍ରପୁର ଗାଁର ଜଣେ ଯୁବକଙ୍କୁ ଉଠାଇ ଆଣି ପଚରାଉଚରା କରୁଛି।

# ପ୍ରେମରେ ବିଫଳହେବାରୁ ପ୍ରେମିକାଙ୍କୁ ହତ୍ୟା ଉଦ୍ୟମ

ଭୁବନେଶ୍ୱର, ୧୫।୩(ତ୍ରିନାଥ ମହାନ୍ତି)

**ପ୍ରେମିକ ଗିରଫ**

ପ୍ରେମରେ ବିଫଳ ହେବା ଓ ପ୍ରେମିକାଙ୍କୁ ସନ୍ଦେହ କରି ହତ୍ୟା ଉଦ୍ୟମ ହୋଇଛି। ଏହି ଘଟଣାରେ କ୍ୟାପିଟାଲ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରିଛି। ସେ ହେଲେ ଦୀପକ କୁମାର ସିଂହସାମନ୍ତ। ଅଭିଯୋଗକାରୀ ପୀଡିତା ଯୁବତୀ ଜଣକ ଅଶୋକନଗରସ୍ଥିତ ଏକ କପଡ଼ା ଷ୍ଟୋର୍‌ରେ ସେଲ୍‌ସ୍‌ମ୍ୟାନ ଭାବେ କାମ କରୁଛନ୍ତି। ଅଭିଯୁକ୍ତ ଦୀପକ କୁମାରଙ୍କ ସହିତ ତାଙ୍କର ପୂର୍ବରୁ ନିବିଡ ସମ୍ପର୍କ ଥିଲା। ପରେ ଦୁହିଁଙ୍କ ମଧ୍ୟରେ ବିବାଦ ତିକ୍ତତା ବଢ଼ିବାରୁ ଅଭିଯୁକ୍ତ ତାଙ୍କୁ ଧମକ ଦେଉଥିଲେ। ରବିବାର ଯୁବତୀ ଦୋକାନରେ ମଧ୍ୟାହ୍ନଭୋଜନ କରୁଥିବାବେଳେ ଅଭିଯୁକ୍ତ ହଠାତ୍ ସେଠାରେ ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର କରିବା ସହ ଜୋରଜବରଦସ୍ତ ବାହାରକୁ ଟାଣି ନେଉଥିଲେ। ଯୁବତୀ ପ୍ରତିରୋଧ କରିବାରୁ ଅଭିଯୁକ୍ତ ଏକ ତାରରେ ତାଙ୍କ ବେକକୁ ଚିପି ହତ୍ୟା ଉଦ୍ୟମ କରିଥିଲେ। ଫଳରେ ତଣ୍ଟି କଟିଯିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଚିତ୍କାର ଶୁଣି ନିକଟସ୍ଥ ଦୋକାନ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବା ସହ ପୀଡିତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ବେକରେ ପ୍ରାୟ ୩୫ରୁ ଅଧିକ ଷ୍ଟିଚ୍ ପଡ଼ିଥିବା ଜଣାପଡ଼ିଛି। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ପୀଡିତା ଓ ଅଭିଯୁକ୍ତଙ୍କ ରକ୍ତଲଗା ପୋଷାକ ଓ ଅପରାଧରେ ବ୍ୟବହୃତ ତାର ଜବତ କରିଛି। ଅଧିକ ତଦନ୍ତ ସମୟରେ ପୀଡିତାଙ୍କ ରକ୍ତ ଲାଗିଥିବା ପୋଷାକ, ଅପରାଧରେ ବ୍ୟବହୃତ ତାର ସହିତ ଅଭିଯୁକ୍ତଙ୍କ ରକ୍ତ ଲାଗିଥିବା ପୋଷାକ ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ବିଫଳ ପ୍ରେମ ସମ୍ପର୍କ ଏବଂ ସନ୍ଦେହ ଯୋଗୁଁ ଅଭିଯୁକ୍ତ ପୂର୍ବ ପ୍ରସ୍ତୁତି ସହିତ ଦୋକାନକୁ ଆସି ପୀଡିତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ଅଭିଯୁକ୍ତଙ୍କୁ ପ୍ରଥମେ ସ୍ଥାନୀୟ ଲୋକମାନେ କାବୁ କରି ମାଡ଼ ମାରିଥିଲେ ଏବଂ ପରେ ତାଙ୍କୁ ଡାକ୍ତରୀ ଚିକିତ୍ସା ପାଇଁ ନିଆଯାଇଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ଅପରାଧରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ।

# ବିଷ ପିଇ ଅଭିଯୁକ୍ତ ମୃତ

ଦେବଗଡ଼, ୧୫।୩ (ଶଶାଙ୍କ ଶେଖର ଝାଙ୍କର)

**ଗରିଆପାଲି ଟ୍ରିପଲ ମର୍ଡର ଘଟଣା**


ରମେଶ ଗରିଆ

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅଧୀନ ଗରିଆପାଲି ଗ୍ରାମରେ ଘଟିଥିବା ଟ୍ରିପଲ ମର୍ଡର ଘଟଣାର ଅଭିଯୁକ୍ତ ରମେଶ ଗରିଆ(୫୫)ଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଶନିବାର ସକାଳେ ସେ ନିଜ ଗ୍ରାମରେ ଥିବା ଓଭରହେଡ୍ ପାଣିଟାଙ୍କି ଉପରେ ଥିବା ଗ୍ରାମବାସୀ ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରମେଶଙ୍କୁ ତଳକୁ ଓହ୍ଲାଇ ଆସିବାକୁ କହିଥିଲା। ହେଲେ ସେ ପାଣିଟାଙ୍କିଉପରେ ଛିଡ଼ା ହୋଇଥିବାବେଳେ ଉପରକୁ କେହି ଆସିଲେ ଡେଇଁ ପଡିବାର ଭୟ ଦେଖାଇଥିଲେ। ଏହା ପୂର୍ବରୁ ସେ ବିଷ ପିଇ ଦେଇଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ପୋଲିସ ଅଗ୍ନିଶମ ବାହିନୀର ସହାୟତା ନେଇଥିଲା। କିଛି ସମୟ ପାଇଁ ରମେଶ ପାଣିଟାଙ୍କି ଉପରେ ଶୋଇ ପଡିବାରୁ କୌଶଳକ୍ରମେ ତାଙ୍କୁ କାବୁ କରାଯାଇଥିଲା। ତୁରନ୍ତ ଚିକିତ୍ସା ପାଇଁ ତାଙ୍କୁ କୁଣ୍ଢେଇଗୋଳା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ପଟାସ ପାଣି ପିଆଇ ବିଷ ବାହାର କରିବାକୁ ଚେଷ୍ଟା କରାଯାଇଥିବାବେଳେ ଚିକିତ୍ସାରେ ସେ ସହଯୋଗ କରି ନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଦେବଗଡ଼ ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଥିବା ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ପୂର୍ବାହ୍ନରେ ରମେଶଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କର ଦୁଇ ପୁଅଙ୍କୁ ହସ୍ତାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ବଡ଼ପୁଅ ଧୀରେନ ମୃତଦେହ ନେବା ପାଇଁ ମନା କରିଥିଲେ। ପରେ ପୋଲିସ ପକ୍ଷରୁ ସାନପୁଅଙ୍କୁ ବୁଝାଶୁଝା କରାଯିବା ପରେ ରମେଶଙ୍କ ମୃତଦେହ ନେବାପାଇଁ ସେ ରାଜି ହୋଇଥିଲେ। ଏହାକୁ ସେ ଗ୍ରହଣ କରିବା ପରେ ସମ୍ବଲପୁରରେ ମୃତଦେହ ସତ୍କାର କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବୁଧବାର ବିଳମ୍ବିତ ରାତିରେ ଅଭିଯୁକ୍ତ ରମେଶ ଗରିଆପାଲି ଗ୍ରାମରେ ସ୍ତ୍ରୀ ଗୁଲ ଗରିଆ, ବୋହୂ ଲିପି ଗରିଆ ଏବଂ ୫ ବର୍ଷର ନାତୁଣୀ ଈଶାନୀଙ୍କୁ ହାତୁଡ଼ିରେ ପିଟି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ଏନେଇ ରମେଶଙ୍କ ପୁଅ ଧୀରେନ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୮୮/୨୬) ରୁଜୁକରି ତଦନ୍ତ ଚଳାଇଥିଲା।


## Classified Everyday
0674-2580101, 9692975378


REAL ESTATE
SALE

Plotsale AIIMS Hospital, Bhubaneswar, Duplex near Retang Station. 9777433701. D-24

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23




All types of physiotherapy and massage contact 9556924059 / 7656969134. D-3591

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before Notary Public, Bhadrak, dtd.- 20.01.2026, I, Bharatilata Behera, At- Naami, P.O.- Naami, P.S.- Bhandaripokhari, Dist.- Bhadrak, Odisha, PIN- 756121 declare that I have changed my name from Bharati Parida to Bharatilata Behera. Henceforth, I shall be known as Bharatilata Behera for all purposes.
Bharatilata Behera
D-3652

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Manisha Agrawala, D/o.- Kishor Lal Agrawala, resident of Flat 2A, Ashta Vinayak Appartment, Buddheswari Colony, Bhubaneswar, Odisha- 751006 declare by this affidavit No. V071898 dtd.- 11.03.2026 that now onwards I shall be known as MANISHA AGRAWAL for all future purposes. D-3651

I, Hitherto known as Gandu Gouda, S/o.- Upendra Gouda, R/o.- At- Shihala Baghalati, Vtc- Baghalati, P.O.- Sahala, Sub District- Golanthara, Ganjam, Odisha- 761008, have changed my name and shall hereafter be known as Roshan Gouda for all future purposes. D-3650

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ପଦ୍ମନାଭ ବେହେରା
(ପିତା : ✓ ଦୈତ୍ୟାରୀ ବେହେରା)
ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଞ୍ଚନା ଏରିଆ, ଭୁବନେଶ୍ୱର
ଆବିର୍ଭାବ : ୧୩.୦୮.୧୯୫୫
ତିରୋଧାନ : ୦୭.୦୩.୨୦୨୬
ଆପଣଙ୍କର ଅମର ଆତ୍ମା ର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୩୬୫୩

# ନରମ ପଦାର୍ଥ ବିଜ୍ଞାନ ଓ ଦୈନନ୍ଦିନ ଜୀବନ



ଡ. ଶୁଭେନ୍ଦୁ କୁମାର ପଣ୍ଡା

''ନରମ ପଦାର୍ଥ ବିଜ୍ଞାନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ମାଇକ୍ରୋ ଓ ନାନୋ ସ୍ତରରେ ପଦାର୍ଥଗୁଡ଼ିକ ଆଚରଣକୁ ବୁଝାଏ। ଏହି ସ୍ତରର ସୂକ୍ଷ୍ମ କଣାମାନେ ତରଳ ପଦାର୍ଥରେ ଭାସିଥାଏ, ଯାହାକୁ କଲୋଇଡ୍ କୁହାଯାଏ ଏବଂ ସେମାନଙ୍କୁ ମାଇକ୍ରୋସ୍କୋପ ସାହାଯ୍ୟରେ ଅଧ୍ୟୟନ କରାଯାଏ। କଲୋଇଡ୍ କଣାମାନେ ତରଳର ସାମାନ୍ୟ ତାପଜ ଶକ୍ତିରେ ମଧ ନିରନ୍ତର ଗତିଶୀଳ ରହନ୍ତି, କିନ୍ତୁ ନିଜ ଇଚ୍ଛାନୁସାରେ ଏକ ନିର୍ଦ୍ଦିଷ୍ଟ ଦିଗରେ ଗତି କରିପାରନ୍ତି ନାହିଁ। ଏହି ଅନିୟମିତ ଗତିକୁ ବ୍ରାଉନିଆନ ଗତି (ରବର୍ଟ ବ୍ରାଉନ୍‌ଙ୍କ ନାମାନୁସାରେ) କୁହାଯାଏ। କଲୋଇଡ୍ କଣାମାନଙ୍କୁ ଦିଗଗାମୀ ଓ ସ୍ୱୟଂଚାଳିତ କରିବା ପାଇଁ ଗବେଷକମାନେ ମେଟେରିଆଲ ଇଞ୍ଜିନିୟରିଂ ମାଧମରେ ସେମାନଙ୍କ ଉପରେ ବିଶେଷ ପରଦା ବା ଆବରଣ ଦେଇଥାନ୍ତି।''




ପାରମ୍ପରିକ ବିଜ୍ଞାନୀୟ ଧାରଣା ଅନୁସାରେ, ପଦାର୍ଥକୁ ସାଧାରଣତଃ ତିନୋଟି ଅବସ୍ଥାରେ ବିଭାଜନ କରାଯାଏ– ଘନ (କଠିନ), ତରଳ ଓ ଗ୍ୟାସ୍। ଯଥା: ଲୁହା ଏକ ଘନ ପଦାର୍ଥ, ପାଣି ତରଳ ଏବଂ ବାୟୁ ଗ୍ୟାସୀୟ ଅବସ୍ଥାରେ ଥାଏ। ଏହି ବିଭାଜନ ଲୁହା, ପାଣି ଓ ବାୟୁ ପରି ସରଳ ପଦାର୍ଥଗୁଡ଼ିକ ପାଇଁ ଯଥେଷ୍ଟ ହେଲେ ମଧ ଦହି, ଜେଲି, ପେଷ୍ଟ, ଫୋମ, ରକ୍ତ, କୋଷ ଓ ପଲିମର୍ (ରବର୍, ପ୍ଲାଷ୍ଟିକ ଇତ୍ୟାଦି) ପରି ଅନେକ ପଦାର୍ଥକୁ ଏହି ଶ୍ରେଣୀରେ ସଠିକ ଭାବରେ ରଖିବା ସହଜ ନୁହେଁ। ଏହି ପଦାର୍ଥଗୁଡ଼ିକ ଘନ ଓ ତରଳ ଉଭୟର ଗୁଣ ପ୍ରଦର୍ଶନ କରନ୍ତି। ଏମାନଙ୍କର ଗଠନ, ଆଚରଣ ଓ ଗତିବିଧିକୁ ବୁଝିବା ପାଇଁ ବିଜ୍ଞାନର ଯେଉଁ ଏକ ଆଧୁନିକ ଶାଖାର ଉଦ୍ଭବ ହୋଇଛି, ତାହାକୁ ନରମ ପଦାର୍ଥ ବିଜ୍ଞାନ (ସଫ୍ଟ ମ୍ୟାଟର୍ ସାଇନ୍ସ) କୁହାଯାଏ। ଏହି କ୍ଷେତ୍ରର ପ୍ରତିଷ୍ଠାତା ବା ବାପା ଭାବେ ଫ୍ରାନ୍ସର ପ୍ରସିଦ୍ଧ ପଦାର୍ଥ ବିଜ୍ଞାନୀ ପିଆର–ଗିଲ୍ସ ଡି ଜେନେସ୍ୱରିଚିତ, ଯିଏ ୧୯୯୧ ମସିହାରେ ନୋବେଲ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

ନରମ ପଦାର୍ଥଗୁଡ଼ିକର ମୁଖ୍ୟ ବିଶେଷତା ହେଉଛି, ସେମାନେ ଅତ୍ୟନ୍ତ ସୂକ୍ଷ୍ମ ଶକ୍ତି, ଯଥା ହାଲୁକା ଚାପ, ଆଲୋକ, ବିଦ୍ୟୁତ୍, ଚୁମ୍ବକୀୟ କିମ୍ବା ରାସାୟନିକ ପ୍ରଭାବରେ ନିଜର ଆକାର, ଗଠନ ଓ ଗୁଣରେ ପରିବର୍ତ୍ତନ କରିପାରନ୍ତି। ଏହି କାରଣରୁ ସେମାନଙ୍କୁ ନରମ କୁହାଯାଏ– ଏହା ଶକ୍ତିହୀନ ଅର୍ଥରେ ନୁହେଁ, ବରଂ ଅତ୍ୟଧିକ ସମ୍ବେଦନଶୀଳ ଅର୍ଥରେ।

ଆମ ଦୈନନ୍ଦିନ ଜୀବନରେ ଏହାର ଉଦାହରଣ ପ୍ରଚୁର ମାତ୍ରାରେ ମିଳେ। ସକାଳେ ଦାନ୍ତ ସଫା କରିବା ସମୟରେ ଟୁଥ୍‌ପେଷ୍ଟ ଟ୍ୟୁବ୍‌କୁ ଟିକିଏ ଚାପ ଦେଲେ ତାହା ବହି ଆସେ, କିନ୍ତୁ ଚାପ ନ ଥିଲେ ସେ ଅଟକି ରହେ। ସେଭିଂ ଫୋମ, ରବର୍ ଓ ଘରେ ବ୍ୟବହୃତ ପେଣ୍ଟ ମଧ ଏହିପରି ନରମ ପଦାର୍ଥର ଉଦାହରଣ। ଓଡ଼ିଶାର ଘରେ ଘରେ ପର୍ବପର୍ବାଣି ସମୟରେ ପ୍ରସ୍ତୁତ ହେଉଥିବା ମଣ୍ଡାପିଠା କିମ୍ବା ଆମେ ପିଲାବେଳେ ଖେଳୁଥିବା କାଦୁଅ ମାଟି– ଏସବୁ ଚାପ ଅନୁସାରେ ଘନ ଓ ତରଳ ଭଳି ଆଚରଣ କରନ୍ତି। ଏହାମାନେ ନରମ ପଦାର୍ଥର ସରଳ, କିନ୍ତୁ ସୁନ୍ଦର ଉଦାହରଣ। ଏତଦ୍‌ବ୍ୟତୀତ, ଆମେ ବ୍ୟବହାର କରୁଥିବା ମୋବାଇଲ, ଟିଭି ଓ ସ୍ମାର୍ଟ ଘଣ୍ଟାର ଏଲ୍‌ସିଡି ପରଦା ମଧ ନରମ ପଦାର୍ଥରେ ଗଠିତ। ସେଥିରେ ଥିବା ତରଳ ସ୍ଫଟିକ ଅଣୁ (ଲିକ୍ୟୁଇଡ କ୍ରିଷ୍ଟାଲ ମଲିକ୍ୟୁଲ)ଗୁଡ଼ିକ ଅଳ୍ପ ବିଦ୍ୟୁତ୍ ପ୍ରଭାବରେ ନିଜର ସ୍ଥିତି ବଦଳାଇ ବିଭିନ୍ନ ରଙ୍ଗ ଓ ଛବି ସୃଷ୍ଟି କରନ୍ତି।

ନରମ ପଦାର୍ଥ ବିଜ୍ଞାନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ମାଇକ୍ରୋ ଓ ନାନୋ ସ୍ତରରେ ପଦାର୍ଥଗୁଡ଼ିକ ଆଚରଣକୁ ବୁଝାଏ। ଏହି ସ୍ତରର ସୂକ୍ଷ୍ମ କଣାମାନେ ତରଳ ପଦାର୍ଥରେ ଭାସିଥାଏ, ଯାହାକୁ କଲୋଇଡ୍ କୁହାଯାଏ ଏବଂ ସେମାନଙ୍କୁ ମାଇକ୍ରୋସ୍କୋପ ସାହାଯ୍ୟରେ ଅଧ୍ୟୟନ କରାଯାଏ। କଲୋଇଡ୍ କଣାମାନେ ତରଳର ସାମାନ୍ୟ ତାପଜ ଶକ୍ତିରେ ମଧ ନିରନ୍ତର ଗତିଶୀଳ ରହନ୍ତି, କିନ୍ତୁ ନିଜ ଇଚ୍ଛା ଅନୁସାରେ ଏକ ନିର୍ଦ୍ଦିଷ୍ଟ ଦିଗରେ ଗତି କରିପାରନ୍ତି ନାହିଁ। ଏହି ଅନିୟମିତ ଗତିକୁ ବ୍ରାଉନିଆନ ଗତି (ରବର୍ଟ ବ୍ରାଉନ୍‌ଙ୍କ ନାମାନୁସାରେ) କୁହାଯାଏ। କଲୋଇଡ୍ କଣାମାନଙ୍କୁ ଦିଗଗାମୀ ଓ ସ୍ୱୟଂଚାଳିତ କରିବା ପାଇଁ ଗବେଷକମାନେ ମ୍ୟାଟେରିଆଲ ଇଞ୍ଜିନିୟରିଂ ମାଧମରେ ସେମାନଙ୍କ ଉପରେ ବିଶେଷ ପରଦା ବା ଆବରଣ ଦେଇଥାନ୍ତି। ଏହା ଫଳରେ ସେମାନେ ଆଲୋକ, ବିଦ୍ୟୁତ୍ କିମ୍ବା ରାସାୟନିକ ପ୍ରଭାବ ପ୍ରତି ସମ୍ବେଦନଶୀଳ ହୋଇ ନିଜର ଗତିପଥ ନିଜେ ନିର୍ଦ୍ଧାରଣ କରନ୍ତି। ଏମାନଙ୍କୁ ବୈଜ୍ଞାନିକ ଭାଷାରେ ଜାନୁସ୍ କଲୋଇଡ୍ (ରୋମାନ ଭଗବାନ ଜାନୁସ୍‌ଙ୍କ ନାମାନୁସାରେ) କୁହାଯାଏ ଏବଂ ଏହିକ୍ଷେତ୍ରକୁ ସକ୍ରିୟ ନରମ ପଦାର୍ଥ (ଆକ୍ଟିଭ ସଫ୍ଟ ମ୍ୟାଟର୍) ବୋଲି ଅଭିହିତ କରାଯାଏ।

ଆଧୁନିକ ଗବେଷଣାରେ ଏହି ସକ୍ରିୟ ସୂକ୍ଷ୍ମ କଣାମାନେ କେବଳ ପଦାର୍ଥ ବିଜ୍ଞାନର ସୀମାରେ ସୀମିତ ନୁହେଁ, ବରଂ ଭବିଷ୍ୟତର ଚିକିତ୍ସା ବ୍ୟବସ୍ଥାରେ ଏକ ନୂତନ ଦିଗ ଖୋଲୁଛନ୍ତି। ବୈଜ୍ଞାନିକମାନେ ଏମାନଙ୍କୁ ମାଇକ୍ରୋ–ରୋବୋଟ୍ ବୋଲି ଅଭିହିତ କରୁଛନ୍ତି, ଯେଉଁମାନେ ଆଗାମୀ ଦିନରେ ମାନବ ଶରୀରର ନିର୍ଦ୍ଦିଷ୍ଟ ସ୍ଥାନକୁ ଔଷଧ ପହଞ୍ଚାଇବା, ଅସୁସ୍ଥ କୋଷକୁ ଚିହ୍ନଟ କରିବା କିମ୍ବା କ୍ୟାନ୍‌ସର ପରି ଜଟିଳ ରୋଗର ଚିକିତ୍ସାରେ ସହାୟକ ହୋଇପାରନ୍ତି ବୋଲି ଆଶା କରାଯାଉଛି।

ଅଧିକନ୍ତୁ, ଏହି ବିଜ୍ଞାନ ଥ୍ରୀ–ଡି (୩D) ପ୍ରିଣ୍ଟିଂ କ୍ଷେତ୍ରରେ ମଧ ଏକ ନୂତନ ଦିଗ ତିଆରି କରୁଛି, ଯେଉଁଠାରେ ପଲିମର୍, ଜେଲି ଭଳି ନରମ ପଦାର୍ଥ ବ୍ୟବହାର କରି ବିଭିନ୍ନ ଆକାର, ଗଠନ ଓ ଉଦ୍ଦେଶ୍ୟର ବସ୍ତୁ ତିଆରି କରାଯାଉଛି। ଆଜି ବିଶ୍ୱର ଅନେକ ସ୍ଥାନରେ ୩D ପ୍ରିଣ୍ଟିଂ ଦ୍ୱାରା ଆଧୁନିକ ଘର, ଆସବାବପତ୍ର, ଗବେଷଣାଗାରୀୟ ମଡେଲ୍ ପ୍ରସ୍ତୁତ କରାଯାଉଛି। ଚିକିତ୍ସା କ୍ଷେତ୍ରରେ ମଧ କୃତ୍ରିମ ଅସ୍ଥି, ରକ୍ତନାଳୀ ଓ କିଛି ଅଙ୍ଗର ନମୁନା ତିଆରି ଏହାର ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ।

ଏହିଥିରୁ ଜଣାଯାଏ ଯେ, ଦେଖିବାକୁ ନରମ ପଦାର୍ଥ ଯେତେ ସରଳ ଲାଗୁଥାଉ, ତାହାର ଗୁଣ ଓ ସମ୍ଭାବନା ସେତେ ଅସୀମ। ନରମ ପଦାର୍ଥ ବିଜ୍ଞାନ ଭୌତିକ, ରସାୟନ, ଜୀବବିଜ୍ଞାନ ଓ ମ୍ୟାଟେରିଆଲ ବିଜ୍ଞାନ– ସମସ୍ତଙ୍କୁ ଏକ ସୂତାରେ ବାନ୍ଧିଥିବା ଏକ ମଲ୍ଟିଡିସିପ୍ଲିନାରି କ୍ଷେତ୍ର। ଏହା କେବଳ ଅଣୁ, ଜେଲ ଓ କଲୋଇଡ୍ ଜଗତ ପର୍ଯ୍ୟନ୍ତ ସୀମିତ ନ ହୋଇ ରୋବୋଟିକ୍ସ, ଅଗ୍ରଗାମୀ ପ୍ରଯୁକ୍ତି ଓ ଆମ ଚାରିପାଖରେ ବ୍ୟବହୃତ ବିଭିନ୍ନ ସାଧାରଣ ଏବଂ ଦୁର୍ଲଭ ପଦାର୍ଥଯାଏ ବ୍ୟାପିଅଛି। ଏହା ଆମକୁ ଶିଖାଏ ଯେ ଦୈନନ୍ଦିନ ଜୀବନରେ ସାଧାରଣ ଦେଖାଯାଉଥିବା ପଦାର୍ଥଗୁଡ଼ିକ ମଧ ଗଭୀର ବୈଜ୍ଞାନିକ ନୀତି ଅନୁସରଣ କରନ୍ତି ଏବଂ ସେହି ନୀତିର ଅଧ୍ୟୟନ ଭବିଷ୍ୟତର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ନୂତନ ଉଚ୍ଚତାକୁ ନେଇଯିବ।

– ଗବେଷକ, ଟାମ୍ପରେ ବିଶ୍ୱବିଦ୍ୟାଳୟ, ଫିନ୍‌ଲାଣ୍ଡ, ୟୁରୋପ
ମୋ: ୭୮୫୨୯୦୯୬୯୭

## ବୁଦ୍ଧିମତ୍ତା ବିକାଶ ଓ ଜୀବନଶୈଳୀ

ବୁଦ୍ଧିମତ୍ତାର ବିକାଶ ଲାଗି ଏକ ସହଜ ତଥା ସରଳ ଉପାୟ ରହିଛି। ଏଭଳି ବିଷୟବସ୍ତୁ ଉପରେ ଏକ ସର୍ଭେ କରି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି। ଯଦି ଜଣେ ବ୍ୟକ୍ତି ନିଜ ଜୀବନଶୈଳୀ ପ୍ରତି ସତର୍କତା ଅବଲମ୍ବନ କରେ, ତେବେ ତାଙ୍କର ବୁଦ୍ଧିମତ୍ତାର ବିକାଶ କେତେକାଂଶରେ ହୋଇପାରିବ। ପ୍ରାୟ ସବୁବେଳେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରୁଥିବା କେତେକ ବ୍ୟକ୍ତିଙ୍କ ବୁଦ୍ଧିମତ୍ତାର ପରୀକ୍ଷା କରି ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏଭଳି ସିଦ୍ଧାନ୍ତରେ ପହଞ୍ଚିବାରେ ସକ୍ଷମ ହୋଇଛନ୍ତି। ତା'ସହ ନିଜକୁ ଟେନ୍‌ସନଠାରୁ ଯେତେ ଦୂରେଇ ରଖିବେ ସେତେ ଭଲ। ଏହାବ୍ୟତୀତ ନିଜର ଖାଦ୍ୟପେୟ ପ୍ରତି ମଧ ସଚେତନ ରହିବା ନିହାତି ଦରକାର।



## ସ୍କିଜୋଫ୍ରେନିୟାର ଲକ୍ଷଣ



ସ୍କିଜୋଫ୍ରେନିୟା ରୋଗ ମୁଖ୍ୟତଃ ୧୫–୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ଏହି ରୋଗ ଦ୍ୱାରା ବ୍ୟକ୍ତିର ବ୍ୟବହାର, ଭାବନା, ଆବେଗ ଓ କାର୍ଯ୍ୟଦକ୍ଷତା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ଭାବେ କରିପାରେ ନାହିଁ ଏବଂ ନିଦ କମିଯାଏ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅନ୍ୟମାନଙ୍କ ଉପରେ ସନ୍ଦେହ କରିଥାଏ। ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ। ରୋଗୀ କିଛି କାରଣ ନ ଥାଇ କଥା ଶୁଣାଯାଉଛି ଓ ଶୂନ୍ୟବାଣୀ ହେଉଛି ବୋଲି କହିଥାଏ। କେତେକ ରୋଗୀ ନ ଥିବା ବସ୍ତୁ ବା ବ୍ୟକ୍ତିମାନଙ୍କୁ ଦେଖିପାରୁଛନ୍ତି ବୋଲି ମଧ କହିଥାନ୍ତି। ରୋଗୀମାନେ ବେଳେବେଳେ ଏସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। ଏହି ପ୍ରତିକ୍ରିୟାରେ ସେମାନେ ନିଜେ ମନେମନେ କଥା ହୁଅନ୍ତି। ଅନେକ ରୋଗୀ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ସେବନ ମଧ କରିଥାନ୍ତି। ମସ୍ତିଷ୍କରେ ମୁଖ୍ୟତଃ ଡୋପାମିନ ନାମକ ରାସାୟନିକ ପଦାର୍ଥ (ନିଉରୋଟ୍ରାନ୍ସମିଟର)ର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତିକ ହୋଇଥାଏ। ଅନୁସନ୍ଧାନରୁ ଜଣାପଡ଼ିଛି, ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିୟା ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୧୦ ପ୍ରତିଶତ ସମ୍ଭାବନା ଥାଏ।

## ଆଜି ଜାତୀୟ ଟିକାକରଣ ଦିବସ

### ସମସ୍ତଙ୍କୁ ଟିକାକରଣ କରାଯିବା ଦରକାର



ନବଜାତ ଶିଶୁଟିଏ ଭୂମିଷ୍ଠ ହେବା ପରେ ଟିକାକରଣର ଆବଶ୍ୟକତା ରହିଛି। ତେଣୁ ଜନ୍ମ ପରେ ଏବଂ ଏହାର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଶିଶୁଟିକୁ ଟିକା ଦିଆଯାଇଥାଏ। ସରକାରୀ ହେଉ ଅବା ବେସରକାରୀ ହସ୍ପିଟାଲ–ସବୁଠାରେ ଶିଶୁମାନଙ୍କ ପାଇଁ ଟିକାକରଣର ସୁବିଧା ଉପଲବ୍ଧ। ଏହାର ଏକ ତାଲିକା ମଧ ରହିଛି, ଯାହାକୁ ଅନୁସରଣ କରି ଟିକା ଦିଆଯାଏ। ଏ ନେଇ ଶିଶୁରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ପ୍ରତିବର୍ଷ ମାର୍ଚ୍ଚ ୧୬ ତାରିଖକୁ ଆମ ଦେଶରେ 'ଜାତୀୟ ଟିକାକରଣ ଦିବସ' ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି– 'ସମସ୍ତଙ୍କୁ ଯଥାସମ୍ଭବ ଟିକା ଦିଆଯିବା ଦରକାର'। ଏହି ଦିବସରେ ବିଭିନ୍ନ ହସ୍ପିଟାଲ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଦିନ ଥିଲା ପିଲାମାନଙ୍କ ପାଇଁ ପୋଲିଓ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା। ବର୍ତ୍ତମାନ ଏହାକୁ ପ୍ରାୟ ମୂଳୋତ୍ପାଟନ କରାଯାଇପାରିଛି। ବିଶେଷଭାବରେ ସଂକ୍ରାମକ ରୋଗକୁ ପ୍ରତିରୋଧ କରିବାରେ ଟିକା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଯଦି ଜଣେ ଶିଶୁକୁ ଠିକ୍ ସମୟରେ ଟିକା ଦିଆଯାଏ, ତେବେ ତାହା ତା' ପାଇଁ ସୁରକ୍ଷା କବଚ ଭାବେ କାମ କରିଥାଏ। ତେଣୁ ଟିକାଦାନର ମହତ୍ତ୍ୱ ସମସ୍ତେ ବୁଝିବା ନିହାତି ଆବଶ୍ୟକ।

## ଜାଣିରଖନ୍ତୁ...



ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ହାଲୁକା ଖାଦ୍ୟକୁ ବ୍ରେକ୍‌ଫାଷ୍ଟ ତାଲିକାରେ ସାମିଲ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଜୁସ୍ ପିଅନ୍ତୁ, କାରଣ ଏଥିରେ କ୍ୟାଲୋରି ଭରି ରହିଛି। ସକାଳେ ଏପରି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ, ଯେପରି ଆପଣଙ୍କୁ ଦିନତମାମ ଭାରି ଭାରି ଲାଗିବ। ସକାଳୁ ଖାଲି ପେଟରେ ତେଲଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ। ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ ଓ ସକାରାତ୍ମକ ଭାବନା ସୃଷ୍ଟି କରିବ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି, ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ। ଏହି ତାଲିକାରେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ବ୍ୟତୀତ ବ୍ରେଡ, ବିସ୍କୁଟ ବି ଖାଇପାରିବେ।

## ଚା' ପିଉଥିଲେ...

ଚା' ଓ କଫି ଅମ୍ଳୀୟ। ତେଣୁ ଖାଲି ପେଟରେ ଏହାକୁ ପିଇଲେ ଅମ୍ଳ ବୃଦ୍ଧି ପାଇଥାଏ। ସକାଳେ ପାକସ୍ଥଳୀ ଭିତରେ କୌଣସି ଖାଦ୍ୟ ନ ଥାଏ। ବିଶେଷକରି ଖାଲି ପେଟରେ ଚା' ପିଇଲେ ପାକସ୍ଥଳୀରୁ ଅମ୍ଳ କ୍ଷରଣ ବଢ଼ିଯାଏ। ଚା'ରେ ରହିଥାଏ ସାମାନ୍ୟ ପରିମାଣର ନିକୋଟିନ୍, ଯାହା ଆସକ୍ତି ସୃଷ୍ଟିର କାରଣ ହୋଇପାରେ। ଏହାବ୍ୟତୀତ ଖାଲି ପେଟରେ ଗ୍ରୀନ୍ ଚା' ପିଇଲେ ସେଥିରେ ଥିବା କାଟେଚିନ୍ ତତ୍ତ୍ୱ ଯୋଗୁଁ ଯକୃତ ଉପରେ କୁପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ସକାଳେ ଖାଲିପେଟରେ ଚା' କି କଫି ପିଇବା ଆଦୌ ନିରାପଦ ନୁହେଁ। ବରଂ ସକାଳୁ ଉଠି ଗିଲାସେ ପାଣି ପିଇ ସାରି ଫଳଟିଏ ଖାଇନେବା ପରେ ୧୫ ରୁ ୨୦ ମିନିଟ୍ ପରେ ଚା' ପିଇହେବ। ଚା' ସହ ବିସ୍କୁଟ୍ କି ସାମାନ୍ୟ ଜଳଖିଆ ଖାଇଲେ ତାହା ଅପେକ୍ଷାକୃତ ନିରାପଦ। ଖାଇସାରିବାର ଘଣ୍ଟାଏ ଦୁଇଘଣ୍ଟା ପରେ ଚା' କିମ୍ବା କଫି ନିରାପଦରେ ପିଆଯାଇପାରେ।



## ସ୍ୱାସ୍ଥ୍ୟ ସୂଚନା

➤ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ। ଏ ନେଇ ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ବ୍ୟାୟାମ କରିବା ସମୟରେ ମନକୁ ଟେନସନ୍‌ଠାରୁ ଦୂରେଇ ରଖନ୍ତୁ। ଶାନ୍ତ ମନରେ ବ୍ୟାୟାମ କରନ୍ତୁ।



➤ସବୁବେଳେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ।

➤କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ।

➤ବୟସ ୫୦ ଟପିଥିଲେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➤ସବୁବେଳେ ଏଣୁତେଣୁ ଚିନ୍ତା କଲେ ତାହା ମନକୁ ଚିନ୍ତାଗ୍ରସ୍ତ କରାଇବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ମନକୁ ଖୁସିର ମାହୋଲ ଭିତରେ ରଖିବାକୁ ଚେଷ୍ଟା କରନ୍ତୁ।

➤ଖାଇବାର ଠିକ୍ ପୂର୍ବରୁ ଏବଂ ଖାଇବା ପରେ ପରେ ପାଣି ପିଅନ୍ତୁ ନାହିଁ। କାରଣ ଏଥିଯୋଗୁଁ ମେଦବହୁଳତା ସମସ୍ୟା ଦେଖାଯିବାର ଆଶଙ୍କା ରହିଛି।

## ବାତ ମାରିବା : କିଛି କଥା

ବାତ ମାରିବାକୁ 'ଫିଟ୍ସ' କହନ୍ତି। ଡାକ୍ତରୀ ଭାଷାରେ 'ସିଜର୍' କିମ୍ବା 'କନ୍‌ଭଲ୍‌ସନ୍'। ସାଧାରଣ ଭାବରେ ଦେଖିଲେ ମସ୍ତିଷ୍କର ସ୍ନାୟୁକୋଷମାନ ସଦାସର୍ବଦା ସକ୍ରିୟ। ସେମାନେ ସେକେଣ୍ଡକୁ ଅନ୍ତତଃ ୮୦ ଥର ସ୍ନାୟୁସଙ୍କେତ ପ୍ରେରଣ କରିଥାନ୍ତି। କିନ୍ତୁ ଯେଉଁମାନଙ୍କଠାରେ ଏପିଲେପ୍‌ସି ଥାଏ, ସେମାନଙ୍କ କ୍ଷେତ୍ରରେ ଏହି ସଙ୍କେତ ପ୍ରେରଣ ସେକେଣ୍ଡ ପ୍ରତି ୮୦ ଥର ସୀମିତ ନ ରହି ହଠାତ୍ ୫୦୦ କିମ୍ବା ତତୋଽଧିକ ସ୍ତରକୁ ଉଠିଯାଏ। ସଙ୍କେତ ପ୍ରେରଣରେ ଅତି ସକ୍ରିୟତାର ଏପରି ସ୍ଥିତି ଉପୁଜିଲେ ବାତ ମାରିବା ଲକ୍ଷଣ ପ୍ରକାଶ ପାଇଥାଏ। ଅଧାଅଧି ରୋଗୀଙ୍କ କ୍ଷେତ୍ରରେ ରୋଗର କୌଣସି କାରଣ ଠଉରେଇ ହୁଏ ନାହିଁ। ଅବଶିଷ୍ଟ କ୍ଷେତ୍ରରେ ମସ୍ତିଷ୍କର କୋମଳ ବିଦ୍ୟୁତ୍ ରାସାୟନିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼େ। ଯେପରିକି ମୁଣ୍ଡରେ ଜୋର୍‌ରେ ମାଡ଼ ବାଜିଲେ, ଶିଶୁ ଜନ୍ମ ସମୟରେ ତା' ପାଇଁ ଅମ୍ଳଜାନର ଅଭାବ ହେଲେ, ମସ୍ତିଷ୍କରେ ପ୍ରଦାହ ହେଲେ କି ମସ୍ତିଷ୍କରେ ଟ୍ୟୁମର୍ ହୋଇଥିଲେ ଏପିଲେପ୍‌ସିର ଲକ୍ଷଣମାନ ପ୍ରକାଶ ପାଇଥାଏ। ଏପିଲେପ୍‌ସିର ବଂଶଗତ ପ୍ରଭାବ ମଧ ରହିଛି। ଏପିଲେପ୍‌ସିର ଏକାଧିକ ପ୍ରକାର। ପ୍ରକାରକୁ ଚାହିଁ ଲକ୍ଷଣ ଭିନ୍ନ ଭିନ୍ନ ହେବା ସ୍ୱାଭାବିକ।

ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁସବୁ ସୂଚନା ପ୍ରକାଶ ପାଇପାରେ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ କରିବା, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି 'ଅରା'ର କେତୋଟି ଉଦାହରଣ। ଅତ୍ୟଧିକ ମାନସିକ ଚାପ, କ୍ରୋଧ, ନୈରାଶ୍ୟ, ବିରକ୍ତି ଏବଂ ଟେଲିଭିଜନ୍ ପରଦାରେ ଦୃଶ୍ୟ ପରିବର୍ତ୍ତନ ଭଳି କାରଣ ମସ୍ତିଷ୍କସ୍ଥ ସ୍ନାୟୁକୋଷଗୁଡ଼ିକରେ କିପରି ମାତ୍ରାଧିକ ବିଦ୍ୟୁତ୍ ଆବେଗ ଜାତ କରିଥାଏ, ତାହା ଏଯାବତ୍ ଜଣା ନାହିଁ। ଏପିଲେପ୍‌ସି ଚିକିତ୍ସା ପାଇଁ ଏକାଧିକ ଔଷଧ ଉପଲବ୍ଧ। ତେଣୁ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସିତ ହେବା ବିଜ୍ଞତାର କାର୍ଯ୍ୟ।



ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୬/୨୦୨୬ Bhubaneswar, Monday, March 16/ 2026

# ଟିଲୋ କପ୍: ସିଏଜି ଦିଲ୍ଲୀ ଚାମ୍ପିୟନ



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ସିଏଜି ଦିଲ୍ଲୀ ଦଳର ଖେଳାଳି।

**ବନ୍ତ,୧୫।୩ (ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକ୍‌ର ଟିଲୋସ୍ଥିତ ହନୁମାନ ଜୀଉ ଷ୍ଟାଡିୟମ୍‌ରେ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍‌ର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ସିଏଜି ଦିଲ୍ଲୀ ଓ ନିମପୁର ଓଡ଼ିଶା ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ସିଏଜି ଦିଲ୍ଲୀ ଚଳିତବର୍ଷର ଚାମ୍ପିୟନ ହୋଇଛି। ନିମପୁର ୧୯.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୯୭ ରନ୍ କରିଥିଲା। ଦଳ ପକ୍ଷରୁ ସୁଶୀଲ କୁମାର ବାରିକ ୩୬ ଓ ବିକ୍ରମ ସାମଲ ୩୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଦେବବ୍ରତ ପ୍ରଧାନ ୩, ଆରାଫତ ଖାନ୍ ୨ ଓ ପ୍ରୟାସ ରାଏ ୨ ଉଇକେଟ ନେଇଥିଲେ। ଜବାବରେ ସିଏଜି ଦିଲ୍ଲୀ ୧୩.୩ ଓଭରରେ ୩ ଉଇକେଟ ହରାଇ ୯୯ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୁମିତ ମାଥୁର ୨୪, କାର୍ତ୍ତିକ ବିଶ୍ୱାଳ ୨୪ ଓ ଗୁରିନ୍ଦର ସିଂହ ୨୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସୁଶୀଲ, ତାରିଣୀ ସା ଓ ଜମାଲ ମହାପାତ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅମ୍ପାୟର ଲଲାଟ କେଶରୀ ନନ୍ଦ, ରଞ୍ଜନ ମହାନ୍ତି, ଭାଷ୍ୟକାର ସୁକାନ୍ତ ବେହେରା, ରସିଦ୍‌ଉଲ ଓହିଦ୍ ଓ ସ୍କୋରର ଭାବେ ସୌରଜିତ୍ ସାହୁ ଦାୟିତ୍ୱ ତୁଲାଇଥିଲେ। ଦେବବ୍ରତ ପ୍ରଧାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବେଷ୍ଟ କ୍ୟାଚର, ସୁମିତ ମାଥୁରଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସ ମ୍ୟାନ୍, ଆରାଫତ ଖାନ୍‌ଙ୍କୁ ବେଷ୍ଟ ବୋଲର, କାର୍ତ୍ତିକ ବିଶ୍ୱାଳଙ୍କୁ ବେଷ୍ଟ ଉଇକେଟକିପର ପୁରସ୍କାର ପ୍ରଦାନ କରାଯାଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ପୂର୍ବତନ ରଣଜୀ ଖେଳାଳି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଗୀତା ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଡ.ମନ୍ମଥ କୁମାର ରାଉଳ, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ପୂର୍ବତନ ସରପଞ୍ଚ ନୀହାରିକା ରାଉତ, ପଙ୍କଜିନୀ ଲେଙ୍କା ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଓ ରନରଅପ୍ ଟ୍ରଫି ସହ ଅନ୍ୟ ପୁରସ୍କାର ପ୍ରଦାନ କରିଥିଲେ। ସମ୍ରାଟ ମାର୍ବଲର ପ୍ରୋପ୍ରାଇଟର ରମାକାନ୍ତ ଜେନା, ପୂର୍ବତନ ସରପଞ୍ଚ କିଶୋର କିଙ୍କର ପଢିଆରୀ, ସନ୍ତୋଷ କୁମାର ନାୟକ, ଉପଦେଷ୍ଟା ମନମୋହନ ସାହୁ, ରମେଶ ଚନ୍ଦ୍ର ବେହୁରା ପ୍ରମୁଖ ଉପସ୍ଥିତ ଥିଲେ। ଆଥ୍‌ଲେଟିକ୍ ଆସୋସିଏଶନର ସଭାପତି ଇଂ.ଲକି ମାଷ୍ଟର ସ୍ୱାଇଁ, ସମ୍ପାଦକ ଅସିତ୍ କର, ଏଲ୍.ଅମରଜିତ୍ ସ୍ୱାଇଁଙ୍କ ସମେତ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ୫ ଜୋନ୍‌ରେ ପ୍ରତିଷ୍ଠା ହେବ ଗ୍ରାସରୁଟ୍ ଏକାଡେମୀ


ବୈଠକରେ ଉପସ୍ଥିତ ଫାଓ କର୍ମକର୍ତ୍ତା।

**କଟକ,୧୫।୩(କୁମାରଶ୍ରୀ)**

**ଫାଓ କାଉନସିଲ ବୈଠକ**

ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ)ର କାଉନସିଲ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଅଲିମ୍ପିକ ସଂଘ ସଭାଗୃହରେ ଆୟୋଜିତ ବୈଠକରେ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ। ୨୦୨୬-୨୭ ବର୍ଷର ବଜେଟ୍ ଉପସ୍ଥାପନ କରାଯିବା ସହିତ ଚିଫ୍ ମିନିଷ୍ଟର ଟ୍ରଫିର ଦ୍ୱିତୀୟ ସଂସ୍କରଣ, ଫାଓ ଲିଗ୍ ଆୟୋଜନ ବାବଦରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫି ନିମନ୍ତେ ବଛା ଯାଇଥିବା ଖେଳାଳି ଟ୍ରାଏଲରେ ଭାଗ ନେବା ବାଧ୍ୟତାମୂଳକ ବୋଲି ବୈଠକରେ ଘୋଷଣା କରାଯାଇଥିଲା। ଏହାଛଡ଼ା ରେଫରୀମାନଙ୍କ ଉପରେ କଟକଣା ଲଗାଯାଇଥିଲା। ଅଣସ୍ୱିକୃତୀ ପ୍ରାପ୍ତ ଫୁଟବଲ ଟୁର୍ଣ୍ଣାମେଣ୍ଟ ପରିଚାଳନା ପୂର୍ବରୁ ରେଫରୀମାନେ ଜିଲା କିମ୍ବା ରାଜ୍ୟ ସଂଘରୁ ଅନୁମତି ନେବା ଅନିବାର୍ଯ୍ୟ ବୋଲି କୁହାଯାଇଥିଲା। ନଚେତ୍ ରେଫରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଫାଓ ଲିଗ୍ ଆସନ୍ତା ଜୁନ ୧୫ରୁ ଆରମ୍ଭ ହେବ। ଏହାଛଡ଼ା ତୃଣମୂଳସ୍ତରରୁ ଫୁଟବଲର ବିକାଶ ନିମନ୍ତେ ରାଜ୍ୟର ୫ଟି ଜୋନରେ ଗ୍ରାସରୁଟ ଏକାଡେମୀ ପ୍ରତିଷ୍ଠା ବାବଦରେ ଆଲୋଚନା ହୋଇଥିଲା। ଚୟନକର୍ତ୍ତାଙ୍କ ଦ୍ୱାରା ବିଭିନ୍ନ ଜିଲାରୁ ଖେଳାଳି ଚୟନ କରାଯିବ। ବଛାଯାଇଥିବା ଖେଳାଳି ୧୫ଦିନିଆ ପ୍ରଶିକ୍ଷଣ ଶିବିରରେ ଭାଗ ନେବେ। ସେମାନଙ୍କ ମଧ୍ୟରୁ ଜୁନିୟର ଏବଂ ସବଜୁନିୟର ବର୍ଗର ୫୦ଜଣ ଖେଳାଳିଙ୍କୁ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିବ ବୋଲି କୁହାଯାଇଥିଲା। ବୈଠକରେ ଫାଓ ଉପସଭାପତି ବିଜୟ ଦାସ, ଦିଲ୍ଲୀପ କୁମାର ସାହୁ, ରବିନାରାୟଣ ପଣ୍ଡା, ସହଦେବ ରାଉତ, ବୀରେନ୍ଦ୍ର କୁମାର ବେହେରା, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ବିଶ୍ୱରଞ୍ଜନ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଗିଲ୍, ମନ୍ଧାନା ବର୍ଷର ଶ୍ରେଷ୍ଠ କ୍ରିକେଟର


ବିସିସିଆଇ ପ୍ଲେୟର୍ ଅଫ୍ ଦି ଇୟର ପୁରସ୍କାର ଗ୍ରହଣ କରୁଛନ୍ତି ଶୁବମନ ଗିଲ୍।

**ନୂଆଦିଲ୍ଲୀ,୧୫।୩(ପି.ଟି.)**

ଭାରତୀୟ ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ ଓ ମହିଳା ଦଳର ଉପ ଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ରବିବାର ଅନୁଷ୍ଠିତ ବିସିସିଆଇ ନମନ ପୁରସ୍କାର ବିତରଣ ଉତ୍ସବରେ ୨୦୨୪-୨୫ ସିଜନ ପାଇଁ ଶ୍ରେଷ୍ଠ ଅନ୍ତର୍ଜାତୀୟ କ୍ରିକେଟର ଭାବେ ପୁରସ୍କୃତ କରାଯାଇଛି। ଗିଲ ସମ୍ମାନଜନକ ପଲି ଉମ୍ରିଗର ପୁରସ୍କାର ଜିତିଥିବା ବେଳେ ମନ୍ଧାନା ପଞ୍ଚମ ଥର ପାଇଁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଗିଲ ଦ୍ୱିତୀୟ ଥର ପାଇଁ ବର୍ଷର ଶ୍ରେଷ୍ଠ କ୍ରିକେଟର ହେବାର ସଫଳତା ପାଇଛନ୍ତି। ସେ ୨୦୨୩ରେ ପ୍ରଥମ ଥର ପାଇଁ ପଲି ଉମ୍ରିଗର ପୁରସ୍କାର ହାତେଇଥିଲେ।

ପୂର୍ବତନ ଖେଳାଳି ରୋଜର ବିନି, ରାହୁଲ ଦ୍ରାବିଡ୍ ଓ ମିଥାଲି ରାଜଙ୍କୁ କଲୋନେଲ ସି କେ ନାୟୁଡୁ ଲାଇଫଟାଇମ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି, ଯାହାକି ବିସିସିଆଇର ସର୍ବୋଚ୍ଚ ସମ୍ମାନ। ଗିଲ୍ ୨୦୨୫ରେ ଜବରଦସ୍ତ ପ୍ରଦର୍ଶନ ବଳରେ ନିଜକୁ ଟେଷ୍ଟ ଫର୍ମାଟରେ ଭାରତ ପାଇଁ ନିର୍ଭର ଯୋଗ୍ୟ ବ୍ୟାଟର ଭାବେ ପ୍ରତିଷ୍ଠିତ କରାଇଥିଲେ। ଇଂଲଣ୍ଡ ଟୁରରେ ସେ ୧୦ ଇନିଂସରେ ୭୫୪ ରନ କରିଥିଲେ। ଗତ ବର୍ଷ ଭାରତୀୟ ଦଳର ଚାମ୍ପିୟନ୍ସ ଟ୍ରଫି ସଫଳତାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଅନ୍ୟପକ୍ଷରେ ମନ୍ଧାନା ଗତ ବର୍ଷ ଦିନିକିଆରେ ୧,୩୬୨ ସହିତ ଅନ୍ତର୍ଜାତୀୟ କ୍ରିକେଟରେ ୧,୭୦୩ ରନ କରିଥିଲେ, ଯାହାକି ଗୋଟିଏ କ୍ୟାଲେଣ୍ଡର ବର୍ଷରେ ମହିଳାଙ୍କ ଲାଗି ସର୍ବାଧିକ। ଏଥିସହିତ ସେ ମହିଳା ଦିନିକିଆ କ୍ରିକେଟ ଇତିହାସର ପ୍ରଥମ ବ୍ୟାଟର ଭାବେ ଏକ ବର୍ଷରେ ୧୦୦୦ ରନ ପୂରଣ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ଦିନିକିଆ ବିଶ୍ୱକପ୍ ଜିତିଥିଲା। ଏହି ଟୁର୍ନାମେଣ୍ଟରେ ସେ ୪୩୪ ରନ କରିଥିଲେ, ଯାହାକି ଦ୍ୱିତୀୟ ସର୍ବାଧିକ ଥିଲା।

# ଏଲ୍‌ଏଲ୍‌ସିସି କପ୍ କ୍ରିକେଟ୍: କ୍ୱାର୍ଟରରେ ଏମ୍‌ସିଏ

**ଭୁବନେଶ୍ୱର,୧୫।୩ (ଅନାଦି କର)**

ଏଲ୍‌ଏଲ୍‌ସିସି ଆନୁକୂଲ୍ୟରେ ଏଲ୍‌ଏଲ୍‌ସିସି ଗ୍ରାଉଣ୍ଡରେ ରବିବାର ପଞ୍ଚମ ଏଲ୍‌ଏଲ୍‌ସିସି କପ୍ ୧୪ ବର୍ଷରୁ କମ୍ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟର ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲରେ ଏମ୍‌ସିଏ ୨୦୩ ରନର ବଡ଼ ବ୍ୟବଧାନରେ ଏଲ୍‌ଏଲ୍‌ସିସି-ବି'କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଏମ୍‌ସିଏ ୩୫ ଓଭରରେ ୩ ଉଇକେଟ ହରାଇ ୩୧୨ ରନ କରିଥିଲା। ଦଳ ପାଇଁ କୌଶିକ କୁମାର ଅପରାଜିତ ୧୧୩ ରନ କରିଥିବା ବେଳେ ସାଇ ପ୍ରଜ୍ୟୋତି ଶତପଥୀ ୮୪ ଓ ବିନାୟମ ମିଶ୍ର ୪୩ ରନ କରିଥିଲେ। ଜବାବରେ ଏଲ୍‌ଏଲ୍‌ସିସି-ବି' ୨୬.୫ ଓଭରରେ ୧୦୯ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଦିବ୍ୟାଂଶୁ ଶେଖର ୩୨ ଓ ଲାଡୋ ୨୮ ରନ କରିଥିଲେ। ବିଜୟୀ ଦଳ ପାଇଁ ସାଇ ପ୍ରଜ୍ୟୋତି ଶତପଥୀ ଓ ସହସ୍ରାଂଶୁ ମହାନ୍ତି ୩ ଉଇକେଟ ନେଇଥିଲେ। ମ୍ୟାଚ୍‌ରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ସାଇ ପ୍ରଜ୍ୟୋତି ଶତପଥୀଙ୍କୁ ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟର ବିବେଚିତ କରାଯାଇଛି।

# ନ୍ୟାଶନାଲ ୟୁଥ୍ ଭଲିବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୫।୩ (ବିଜୟ ରଣା)**

କିଟ୍ ମଲ୍ଟି ପରପୋଜ୍ ଷ୍ଟାଡୟମରେ ରବିବାର ନ୍ୟାଶନାଲ ୟୁଥ୍ ଭଲିବଲ୍ ଚାମ୍ପିୟନଶିପ୍ ରବିବାରଠାରୁ ଆରମ୍ଭ ହୋଇଛି। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ ଅଧୀନରେ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭା) ଓ କିଟ୍‌ର ମିଳିତ ଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ତଥା ଭାରତ ଭଲିବଲ ମହାସଂଘର ଚିଫ୍ ପାଟ୍ରନ ପ୍ରଫେସର ଅଚ୍ୟୁତ ସାମନ୍ତ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଭାରତ ଭଲିବଲ ମହାସଂଘ ସଭାପତି ବିରେନ୍ଦର କନୱାର, ମହାସଂଘର ସେକ୍ରେଟାରୀ ଜେନେରାଲ ରାମାନନ୍ଦ ଚୌଧାରୀ, ଓଡ଼ିଶା ଭଲିବଲ ଆସୋସିଏଶନର ଜେନେରାଲ ସେକ୍ରେମଟାରୀ ଡ. ଗଗନେନ୍ଦୁ ଦାଶ ଏବଂ କିଟ୍ ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନଶିପ୍‌ରେ ୨୬ ବାଳକ ଏବଂ ୨୪ ବାଳିକା ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଅବସରରେ ପ୍ରଫେସର ସାମନ୍ତ ଭାରତରେ ଭଲିବଲ ଖେଳର ପ୍ରସାର ଓ ପ୍ରଚାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦରନ ରଖିଥିବା ବିରେନ୍ଦର କନୱାର ଓ ରାମାନନ୍ଦ ଚୌଧାରୀଙ୍କୁ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ଜାତୀୟ ହାଫ୍ ମାରାଥନ ରେକର୍ଡ ଭାଙ୍ଗିଲେ ଗୁଲ୍‌ବୀର

**ନୂଆଦିଲ୍ଲୀ, ୧୫।୩ (ପି.ଟି.):** ଭାରତର ଷ୍ଟାର ଧାବକ ଗୁଲ୍‌ବୀର ସିଂ ବିଶ୍ୱ ପ୍ରସିଦ୍ଧ ନ୍ୟୁୟର୍କ ହାଫ୍ ମାରାଥନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହାଛଡ଼ା ସେ ପୁରୁଷ ୨୧.୧ କିମି ବିଶିଷ୍ଟ ରେସ୍‌ରେ ଏକ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଆର୍ମିର ଏହି ୨୭ ବର୍ଷୀୟ ଧାବକ ୫୯ମିନିଟ ଓ ୪୨ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ଦକ୍ଷିଣ ଆଫ୍ରିକାର ଆଡ୍ରିଆନ୍ ୱାଇଲ୍‌ଡ୍‌ସ୍କଟ (୫୯:୩୦) ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମରକ୍କୋରେ ଜନ୍ମିତ ଆମେରିକା ଲଙ୍ଗ-ଡିଷ୍ଟାନ୍ସ ଧାବକ ଜୋହରେ ତାଲ୍‌ବି (୫୯:୪୧) ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

# ସର୍ଫରାଜଙ୍କ ଅବସର

**କରାଚୀ, ୧୫।୩(ପି.ଟି.)**

ପାକିସ୍ତାନର ପୂର୍ବତନ ଅଧିନାୟକ ସର୍ଫରାଜ ଅହମଦ ରବିବାର କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ସେ ଅନ୍ତିମ ଥର ୨୦୨୩ ଡିସେମ୍ବରରେ ପାକିସ୍ତାନ ପାଇଁ ଏକ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ତାଙ୍କ ନେତୃତ୍ୱରେ ପାକିସ୍ତାନ ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତକୁ ହରାଇଥିଲା।

# ଆଣ୍ଟୋନେଲିଙ୍କୁ ପ୍ରଥମ ଫର୍ମୁଲା-ୱାନ୍ ଟାଇଟଲ

**ସାଂଘାଇ, ୧୫।୩(ଏପି)**



ଟ୍ରଫି ସହ କିମି ଆଣ୍ଟୋନେଲି।

ମର୍ସିଡିଜ୍‌କିମିଆଣ୍ଟୋନେଲିଚାଇନାରେ ତାଙ୍କର ପ୍ରଥମ ଫର୍ମୁଲା ୱାନ୍ ରେସ୍ ଜିତିଛନ୍ତି। ଏବେ ଲୋକେ ତାଙ୍କୁ ଲୁଇସ୍ ହାମିଲଟନ୍‌ଙ୍କ ଉତ୍ତରାଧିକାରୀ ଏବଂ ଜର୍ଜ ରସେଲ୍‌ଙ୍କ ଟିମ୍‌ମେଟ୍ ବୋଲି କହୁଛନ୍ତି। ଫର୍ମୁଲା ୱାନ୍ ଇତିହାସରେ ଏକ ରେସ୍ ଜିତିବାରେ ସେ ଦ୍ୱିତୀୟ ସର୍ବକନିଷ୍ଠ ଡ୍ରାଇଭର ବିବେଚିତ ହୋଇଛନ୍ତି। ଦିନକ ପୂର୍ବରୁ ସେ ସର୍ବକନିଷ୍ଠ ଡ୍ରାଇଭର ଭାବେ ପୋଲ୍ ପୋଜିଶନ ହାସଲ କରିଥିଲେ। ଆଣ୍ଟୋନେଲିଙ୍କଠାରୁ କମ୍ ବୟସରେ କେବଳ ମାକ୍ସ ଭର୍ଷ୍ଟାପେନ୍ ମାତ୍ର ୧୮ ବର୍ଷରେ ୨୦୧୬ ସ୍ପାନିଶ୍ ଗ୍ରାଁ ପ୍ରି ଜିତିଥିଲେ। ରବିବାର ଅନୁଷ୍ଠିତ ଚାଇନିଜ୍ ଗ୍ରାଁ ପ୍ରିରେ ଆଣ୍ଟୋନେଲିଙ୍କୁ ତାଙ୍କ ଟିମ୍‌ମେଟ୍ ରସେଲ ଏବଂ ଫେରାରିର ଦୁଇ ଡ୍ରାଇଭର ଲୁଇସ୍ ହାମିଲଟନ ଓ ଚାର୍ଲ୍ସ ଲେକ୍‌ରେକ୍‌ଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ରସେଲ ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ହାମିଲଟନ ଓ ଲେକ୍‌ରେକ୍ ଯଥାକ୍ରମେ ୩ୟ ଓ ୪ର୍ଥ ହୋଇଥିଲେ। ରସେଲ ଦ୍ୱିତୀୟ ସ୍ଥାନ ଅଧିକାର କରିବା ଦ୍ୱାରା ଚାମ୍ପିୟନଶିପ୍ ତାଲିକାରେ ସେ ମାତ୍ର ୪ ପଏଣ୍ଟ ବ୍ୟବଧାନରେ ପ୍ରଥମ ସ୍ଥାନରେ ରହିଛନ୍ତି। ରେସ୍ ଆରମ୍ଭର କିଛି ମିନିଟ୍ ପୂର୍ବରୁ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଫର୍ମୁଲା-୧ ଚାମ୍ପିୟନ ଲାଣ୍ଡୋ ନୋରିସ ଓ ତାଙ୍କ ମ୍ୟାକ୍‌ଲରେନ ଟିମ୍‌ମେଟ୍ ଓସ୍କାର ପିଆଷ୍ଟ୍ରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରି ନ ଥିଲେ।

# ଦେବେନ୍ଦ୍ର ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଆଜିଠାରୁ



ଲୋଗୋ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର,୧୫।୩(ଅନାଦି କର)**

ସିଟି କ୍ଲବ୍, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ (ବିଏଏ) ଓ ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସୋମବାରଠାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ପୋଲିସ, କଟକର ରାଧାରମଣ କ୍ଲବ୍, ବିଡ଼ାନାସୀ କ୍ଲବ୍, ମଙ୍ଗଳା କ୍ଲବ୍, ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ, କିଶୋର କ୍ଲବ୍, ଅନୁଗୋଳର ଅଷ୍ଟକୀଳା କ୍ଲବ୍, ସମ୍ବଲପୁରର ସମଲେଶ୍ୱରୀ ସ୍ପୋର୍ଟିଂ ଆଦି ୮ ଦଳ ଭାଗନେବେ। ଏହି ଟୁର୍ନାମେଣ୍ଟର ଫାଇନାଲ ଆସନ୍ତା ୨୨ ତାରିଖରେ ହେବାକୁ ଥିବାବେଳେ ପ୍ରତ୍ୟେକ ମ୍ୟାଚ୍ ସନ୍ଧ୍ୟା ୭ଟାରେ ଖେଳାଯିବ। ଚାମ୍ପିୟନ ଓ ଉପବିଜେତା ଦଳକୁ ଯଥାକ୍ରମେ ୨ ଓ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ। ସେହିଭଳି ସେମିଫାଇନାଲରେ ପରାଜିତ ହୋଇଥିବା ଉଭୟ ଦଳକୁ ୨୫ ହଜାର ଲେଖାଏ ଟଙ୍କା ପ୍ରଦାନ କରାଯିବ। ଏ ନେଇ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଏଏର ଡ. ସୌର୍ଯ୍ୟରଞ୍ଜନ ପରିଜା, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ଦିଲୀପ ଦାସ, ଅରୁଣ ସାହୁ, ମହେନ୍ଦ୍ର ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭାରତର ପୂର୍ବତନ ଫୁଟ୍‌ବଲ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂଙ୍କୁ ଏହି ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି।

# ଓସିଏ ପକ୍ଷରୁ ଅମ୍ପାୟର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**କଟକ,୧୫।୩(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ ଅମ୍ପାୟର ପ୍ରଶିକ୍ଷଣ ଏବଂ ପରିଚୟ ମୂଳକ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୫ଜଣ ଅମ୍ପାୟର ଅଂଶଗ୍ରହଣ କରିଥିଲେ। ପରୀକ୍ଷା କରାଯାଇ ସେମାନଙ୍କ ପ୍ରଦର୍ଶନ ଆଧାରରେ ମୂଲ୍ୟାଙ୍କନ କରାଯିବା ସହିତ ଭବିଷ୍ୟତରେ କ୍ରିକେଟ ମ୍ୟାଚ୍ ପରିଚାଳନା କରିବା ପାଇଁ ଆବଶ୍ୟକ ନୀତି ଓ ଦାୟିତ୍ୱ ସମ୍ବନ୍ଧରେ ମାର୍ଗଦର୍ଶନ କରାଯାଇଥିଲା। ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ବିସିସିଆଇ ବରିଷ୍ଠ ଅମ୍ପାୟର ସୁବ୍ରତ ଦାସ, ଅରୁଣ କୁମାର ବାସା, ଧୀରଜ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସେମିରେ ପାରାମାଉଣ୍ଟ ସ୍ପୋର୍ଟିଂ

**ଭୁବନେଶ୍ୱର,୧୫।୩(ଅନାଦି କର)**



ଅତିଥି ପ୍ଲେୟର୍ ଅଫ୍ ଦି ମ୍ୟାଚ୍‌ଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ମୁକ୍ତେଶ୍ୱର କ୍ଲବ ସିନିୟର କ୍ରିକେଟ୍**

ମୁକ୍ତେଶ୍ୱର କ୍ଲବ୍ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ ଖିମ୍‌ଜୀ କପ୍ ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ପ୍ରଥମ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାମାଉଣ୍ଟ ସ୍ପୋର୍ଟିଂ ୧୪ ରନ୍‌ରେ କିଶୋର ସ୍ପୋର୍ଟିଂକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ୨୧.୨ ଓଭର ସୁଦ୍ଧା ୧୧୦ ରନ୍‌ରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ହେଲେ ଅଂଶୁମାନ ସାହୁ ଓ ମିଲନ ପରିଡ଼ା ସପ୍ତମ ଉଇକେଟରେ ୭୯ ରନ୍ ଯୋଡ଼ି ଦଳକୁ ଉଦ୍ଧାର କରିଥିଲେ। ଫଳରେ ପାରାମାଉଣ୍ଟ ଦଳ ୪୦ ଓଭରରେ ୮ ଉଇକେଟ ହରାଇ ୨୩୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ଅଂଶୁମାନ ଅପରାଜିତ ୭୨ ଓ ମିଲନ ୩୭ ରନ୍ କରିଥିବା ବେଳେ କିଶୋର ସ୍ପୋର୍ଟିଂ ପକ୍ଷରୁ ଆଶୁତୋଷ ଦାସ ୩ ଉଇକେଟ ନେଇଥିଲେ। ଜବାବରେ କିଶୋର ସ୍ପୋର୍ଟିଂ ୧୯ ଓଭର ସୁଦ୍ଧା ୯୩ ରନ୍‌ରେ ୨ ଉଇକେଟ ହରାଇ ସୁବିଧାଜନକ ସ୍ଥିତିରେ ଥିଲା। ମାତ୍ର ମିନଲ ପରିଡ଼ା କ୍ରମାଗତ ଦୁଇ ଓଭରରେ ୨ ସେଟ୍ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ୩୯.୧ ଓଭରରେ ୨୨୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ଲାଗି ଦେବବ୍ରତ ପ୍ରଧାନ ୪୨ ରନ କରିଥିବା ବେଳେ ବିଜୟୀ ଦଳର ମିନଲ ପରିଡା ୩ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ମିନଲ ପରିଡ଼ା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା, ମୁକ୍ତେଶ୍ୱର କ୍ଲବ ସଦସ୍ୟ ଶଶାଙ୍କ ମହାନ୍ତି, ଉପ ସଭାପତି ଅଜିତ୍ କୁମାର ବିଶ୍ୱାଳ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ପୁରୀର ପାୟୋନିୟର ଓ ପ୍ରଗତି ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ